# ଧରିତ୍ରୀ
DHARITRI

ବାଲେଶ୍ୱର, ଗୁରୁବାର, ଫେବୃୟାରୀ ୧୪ /୨୦୧୯ (୧୬ ପୃଷ୍ଠା) | Balasore, Thursday, February 14/ 2019 | ★★★★

୪୫ଶ ଭାଗ ୮୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## ଅଡୁଆରେ କ୍ୟାଟ୍ରିନା
ଏକ ବେଡ୍‌ରୁମ୍ ସିନ୍ ପାଇଁ ବଲିଉଡ୍ ଅଭିନେତ୍ରୀ କ୍ୟାଟ୍ରିନା ଅଫର ପାଇଥିବା ଫିଲ୍ମକୁ ଗ୍ରହଣ କରିବେ କି ନାହିଁ ଅଡୁଆରେ ପଡ଼ିଛନ୍ତି।

୧୨

୧୫

## ପେରିରାଙ୍କୁ କୋଚ୍ ପଦବୀରେ ନିଯୁକ୍ତି
୨୩ ବର୍ଷରୁ କମ୍ ଏସିଆନ୍ ଫୁଟ୍‌ବଲ କନଫେଡେରେଶନ କ୍ୱାଲିଫାୟର୍ସ ଟୁର୍ନାମେଣ୍ଟ ପାଇଁ ଡେରିକ୍ ପେରିରା ଭାରତୀୟ ଫୁଟ୍‌ବଲ ଦଳର କୋଚ୍ ଭାବେ ନିଯୁକ୍ତି ପାଇଛନ୍ତି।



## ବନ୍ଦ ହୋଇପାରେ ବିଏସ୍‌ଏନ୍‌ଏଲ

ନୂଆଦିଲ୍ଲୀ, ୧୩।୨

କେନ୍ଦ୍ର ସରକାର କ୍ରମାଗତ କ୍ଷତିରେ ଚାଲୁଥିବା ରାଷ୍ଟ୍ରାୟତ୍ତ ଟେଲିକମ୍ କମ୍ପାନୀ ବିଏସ୍‌ଏନ୍‌ଏଲ୍‌କୁ ବିକ୍ରି କରିଦେବା ଲାଗି ବିଚାର କରୁଛନ୍ତି। କମ୍ପାନୀରୁ ପୁଞ୍ଜି ପ୍ରତ୍ୟାହାର ବ୍ୟତୀତ ଏହାକୁ ବନ୍ଦ କରିଦେବା ନେଇ ବିକଳ୍ପ ଚିନ୍ତା କରିବାକୁ ସରକାରଙ୍କ ପକ୍ଷରୁ କମ୍ପାନୀର ଶୀର୍ଷ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଥାଉ କି, ଆର୍ଥିକ ବର୍ଷ ୨୦୧୭-୧୮ ଶେଷ ସୁଦ୍ଧା କମ୍ପାନୀର କ୍ଷତିର ପରିମାଣ ୩୧,୨୮୭ କୋଟି ଟଙ୍କାରେ ପହଞ୍ଚିବା ପରେ ଶୀର୍ଷ ଅଧିକାରୀମାନେ କେନ୍ଦ୍ର ଟେଲିକମ୍ ସଚିବ ଅରୁଣା ସୁନ୍ଦରରାଜନଙ୍କୁ ଭେଟିଥିଲେ। ଏହି ଆଲୋଚନା ସମୟରେ ସଚିବଙ୍କ ପକ୍ଷରୁ ସ୍ପଷ୍ଟ ବାଣୀ ଶୁଣାଇ ଦିଆଯାଇଛି। ଏହି ଆଲୋଚନା ସମୟରେ ବିଏସ୍‌ଏନ୍‌ଏଲ୍ ଅଧ୍ୟକ୍ଷ ଅନୁପମ ଶ୍ରୀବାସ୍ତବ ☞ ପୃଷ୍ଠା-୪

## ଏମ୍‌କେସିଜିରେ ୨୫୦ ଏମ୍‌ବିବିଏସ୍ ସିଟ୍ କାଏମ

ବ୍ରହ୍ମପୁର ଅଫିସ୍, ୧୩।୨

ମେଡିକାଲ କାଉନସିଲ୍ ଅଫ୍ ଇଣ୍ଡିଆ (ଏମ୍‌ସିଆଇ)ର ଅନୁମୋଦନ ପରେ ବ୍ରହ୍ମପୁର ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ଭେଷଜ ମହାବିଦ୍ୟାଳୟରେ ବର୍ଦ୍ଧିତ ୨୫୦ ଏମ୍‌ବିବିଏସ୍ ସିଟ୍ କାଏମ ରହିଥିବା ଜଣାପଡିଛି । ୨୦୧୯-୨୦ ଶିକ୍ଷା ବର୍ଷ ପାଇଁ ବର୍ଦ୍ଧିତ ସିଟ୍‌ରେ ନାମଲେଖା ପାଇଁ କେନ୍ଦ୍ର ସରକାର ଅନୁମତି ଦେଇଥିବା ନେଇ ଅଧକ୍ଷ ପ୍ରଫେସର ଡାକ୍ତର ରାଧାମାଧବ ତ୍ରିପାଠୀ ସୂଚନା ଦେଇଛନ୍ତି । ଆସନ୍ତା ନୂତନ ଶିକ୍ଷା ବର୍ଷ ପାଇଁ ନାମଲେଖା ପ୍ରକ୍ରିୟା ଆରମ୍ଭ ହେବ ବୋଲି ଜଣାପଡିଛି। ପ୍ରକାଶଯେ, ଏମ୍‌କେସିଜି ମେଡିକାଲ କଲେଜର ଏମ୍‌ବିବିଏସ ସିଟ୍ ସଂଖ୍ୟା ପୂର୍ବରୁ ୧୫୦ ଥିଲା । କଲେଜରେ ୧୦୦ ଅଧିକ ସିଟ୍ ବୃଦ୍ଧି କରିବା ପାଇଁ ☞ ପୃଷ୍ଠା-୪

# ଧାନ ପାଇଁ ଗୋଦାମ ନାହିଁ

ନିର୍ମଳ ପଣ୍ଡା

କଟକ ଅଫିସ, ୧୩।୨

କଟକ ଜିଲାରେ ଅଭାବୀ ଧାନ ବିକ୍ରି ଏକ ଧାରାରେ ପରିଣତ ହୋଇଗଲାଣି। ଗତ ୫ବର୍ଷର ତଥ୍ୟକୁ ଅନୁଧ୍ୟାନ କଲେ କୌଣସି ବର୍ଷ ମଧ ଜିଲା ପ୍ରଶାସନ ଧାନ କିଣାର ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିପାରୁ ନାହିଁ। ଏନେଇ ଜିଲା ଯୋଗାଣ ଅଧିକାରୀ ଅମର ମହାପାତ୍ରଙ୍କୁ ପଚାରିଲେ ଆମ ପାଖରେ ଗୋଦାମର ଅଭାବ ରହିଛି ବୋଲି କହୁଛନ୍ତି। ଏପରି କି ସରକାରୀ ଧାର୍ଯ୍ୟ ଅନୁସାରେ ଧାନ କିଣାଗଲେ ତାହା ରଖିବାରେ ପ୍ରଶାସନ ଓ ମିଲର ଉଭୟଙ୍କ ପାଇଁ ଅସୁବିଧା ହେଉଛି ବୋଲି କହିଛନ୍ତି। ଅନ୍ୟପକ୍ଷରେ ସରକାରୀ ମଣ୍ଡିରେ ଚାଷୀ ଧାନ ବିକ୍ରି କରି ନ ପାରି ଖୋଲା ବଜାରରେ ସରକାରୀ ଧାର୍ଯ୍ୟ ମୂଲ୍ୟଠାରୁ କମ୍ ଦରରେ ବିକି ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛି। ଋଣ ପ୍ରଦାନ କ୍ଷେତ୍ରରେ ମଧ ସରକାରୀ ଅବହେଳା ଚାଷୀଙ୍କୁ ଦୁରବସ୍ଥା ମଧ୍ୟକୁ ଠେଲି ଦେଇଛି। ଧାର୍ଯ୍ୟ ମୁତାବକ ଋଣ ମିଳୁ ନ ଥିବାରୁ ଚାଷୀ ଗାଁ ମହାଜନଠାରୁ ଅଧିକ ସୁଧରେ ଋଣ ଆଣି କ୍ଷତିଗ୍ରସ୍ତ ହେଉଛନ୍ତି। ସେହିପରି ଜିଲାରେ ଆବଶ୍ୟକ ସଂଖ୍ୟକ ଶୀତଳଭଣ୍ଡାର ନ ଥିବା ମଧ ଚାଷୀଙ୍କ ପାଇଁ ଆଉ ଏକ ଦୁଃଖର କାରଣ ପାଲଟିଛି।

ଜିଲାରେ ମୋଟ ୧ଲକ୍ଷ ୮୮ହଜାର ୧୫୦ ହେକ୍ଟର ଚାଷଜମି ରହିଛି। ସେଥିରୁ ୪୬ହଜାର ୮୮୪ହେକ୍ଟର ଜମି ଢିପ(ଉଚ୍ଚ) ଥିବା ବେଳେ ୭୪ହଜାର ୭୩୮ହେକ୍ଟର ମଧମ ଓ ୬୬ହଜାର ୫୨୮ ହେକ୍ଟର ଖାଲୁଆ(ନୀଚା) ଜମିଥିବା ଜିଲା କୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଉପରୋକ୍ତ ପରିମାଣର ଜମି ମଧ୍ୟରୁ ଖରିଫ ଋତୁରେ ୧ଲକ୍ଷ ୨୧ହଜାର ୬୨୦ହେକ୍ଟର ଜମି ଜଳସେଚିତ କରାଯାଉଥିବା ବେଳେ ରବି ଋତୁରେ ୭୯ହଜାର ୮୯୦ହେକ୍ଟର ଜମି ଜଳସେଚିତ ହେଉଛି। ଅର୍ଥାତ ଖରିଫରେ ମୋଟ ୬୦ପ୍ରତିଶତ ଓ ରବିରେ ୪୨ପ୍ରତିଶତ ଜମି ଜଳସେଚିତ ହେଉଥିବା କୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ୨୦୧୬-୧୭ ମସିହାରୁ ରାଜ୍ୟରେ ଚାଷୀ ପଞ୍ଜୀକରଣ ଆରମ୍ଭ ହେବା ପରେ ଅଭାବୀ ଧାନ ବିକ୍ରି ସମ୍ବନ୍ଧିତ ସ୍ପଷ୍ଟଚିତ୍ର ଧରାପଡିଛି। କାରଣ ସରକାରୀ ରେକର୍ଡରେ ଚାଷୀ ପଞ୍ଜୀକୃତ ହେବା ସହିତ ସେମାନଙ୍କ ଚାଷ ଜମି ପଞ୍ଜୀକୃତ ହୋଇଥାଏ। ତେଣୁ ଜଳସେଚିତ ଜମିରୁ ଏକର ପିଛା ୧୬କୁଇଣ୍ଟାଲ ଓ ଅଣଜଳସେଚିତ ଜମିରୁ ଏକର ପିଛା ୧୨କୁଇଣ୍ଟାଲ ଧାନ ଅମଳର ଲକ୍ଷ୍ୟ ରଖି ସରକାର ଧାନ କିଣିବାକୁ ବିଭିନ୍ନ ଜିଲା ପ୍ରଶାସନକୁ କହିଥାନ୍ତି। ଏ କ୍ଷେତ୍ରରେ ଜିଲା ଯୋଗାଣ ବିଭାଗ କ୍ରମାଗତଭାବେ

### କଟକ ଜିଲା



ଲକ୍ଷ୍ୟଧାର୍ଯ୍ୟ ପୂରଣ କରିପାରୁ ନାହିଁ। ୨୦୧୬-୧୭ ମସିହାରେ ଜିଲାରେ ମୋଟ ୪୨୩୨୦ଜଣ ଚାଷୀ ସେମାନଙ୍କ ନାମ ପଞ୍ଜୀକୃତ କରିଥିଲେ। ଏହି ଚାଷୀଙ୍କଠାରୁ ୧୫ଲକ୍ଷ ୪୮ହଜାର ୯୯୩ କୁଇଣ୍ଟାଲ ୭୮କେଜି ଧାନ କିଣିବା ପାଇଁ ଲକ୍ଷ୍ୟଧାର୍ଯ୍ୟ ରଖାଯାଇଥିଲା। ହେଲେ ଖରିଫ ମାର୍କେଟିଂ ଋତୁଶେଷ ହେବା ବେଳକୁ ଯୋଗାଣ ବିଭାଗ ମାତ୍ର ୮ଲକ୍ଷ ୪୦ହଜାର କୁଇଣ୍ଟାଲ ଅର୍ଥାତ ୫୪ପ୍ରତିଶତ ଧାନ କିଣିବାରେ ସକ୍ଷମ ହୋଇଥିଲା। ସେହିପରି ୨୦୧୭-୧୮ରେ ପଞ୍ଜୀକୃତ ୪୯,୯୧୦ଜଣ ଚାଷୀଙ୍କଠାରୁ ୨୦ଲକ୍ଷ ୧୪ହଜାର ୬୨୮କୁଇଣ୍ଟାଲ ଧାନ ସଂଗ୍ରହର ଲକ୍ଷ୍ୟଧାର୍ଯ୍ୟ ରଖାଯାଇଥିବାବେଳେ ୧୦ଲକ୍ଷ ୩୨ହଜାର କୁଇଣ୍ଟାଲ(୫୧ପ୍ରତିଶତ) ସଂଗ୍ରହ ହୋଇଥିଲା। ୨୦୧୮-୧୯ ପାଇଁ ୫୪,୭୩୦ ଚାଷୀ ନାମ ପଞ୍ଜୀକୃତ କରିଛନ୍ତି। ଏମାନଙ୍କଠାରୁ ୨୭ଲକ୍ଷ ୮୪ହଜାର ୮୬୮କୁଇଣ୍ଟାଲ ୨୬ କେଜି ଧାନ ସଂଗ୍ରହର ଲକ୍ଷ୍ୟ ରଖାଯାଇଛି। ଜାନୁୟାରୀ ସୁଦ୍ଧା ଜିଲାରେ ମାତ୍ର ୩ଲକ୍ଷ କୁଇଣ୍ଟାଲ ଧାନ ସଂଗୃହୀତ ହୋଇଛି। ଅତିବେଶିରେ ଏହି ପରିମାଣ ୧୦ରୁ ୧୨ଲକ୍ଷ କୁଇଣ୍ଟାଲ ମଧ୍ୟରେ ସୀମିତ ରହିବ ବୋଲି ଧାନ ସଂଗ୍ରହ ଦାୟିତ୍ୱରେ ଥିବା ଯୋଗାଣ ବିଭାଗର ଅଧିକାରୀ ଜ୍ଞାନେନ୍ଦ୍ରିୟ ମିଶ୍ର କହିଛନ୍ତି। ଚାଷୀ ସମସ୍ତ ବିକ୍ରି ଯୋଗ୍ୟ ଧାନକୁ ଯୋଗାଣ ବିଭାଗ କିଣିବାରେ ଅସମର୍ଥ ହେବା ପରେ ଚାଷୀ ଏହାକୁ ଖୋଲା ବଜାରରେ କମ୍ ଦାମରେ ବିକ୍ରି କରିବାକୁ ବାଧ ହେଉଛି। ଚଳିତବର୍ଷ ଜିଲାରେ ୨୦୪ଟି ପ୍ରାଥମିକ କୃଷି ସମବାୟ ସମିତି ଜରିଆରେ ୨୧୯ଟି ମଣ୍ଡି ଖୋଲାଯାଇଛି। ହେଲେ ଧାନ କିଣାକୁ ନେଇ ଜିଲାବ୍ୟାପୀ ଚାଷୀ ଅଶାନ୍ତି ଲାଗି ରହିଛି। ଜିଲାରେ ମିଲରଙ୍କ ସହିତ ଆବଶ୍ୟକ ଗୋଦାମ ଗୃହର ଅଭାବ ରହିଛି। ଏବେ ଜିଲାରେ ୧୧ଟା ଗୋଦାମ ରହିଥିବାବେଳେ ସେଥିରୁ ୯ଟି କାର୍ଯ୍ୟକ୍ଷମ ରହିଛି। ଏହି ଗୋଦାମରେ ୧ଲକ୍ଷ ୬ହଜାର କୁଇଣ୍ଟାଲ ଧାନ/ ଚାଉଳ ସଂରକ୍ଷଣ କରିବାର କ୍ଷମତା ରହିଛି। ଯାହାକି ଧାର୍ଯ୍ୟ ଲକ୍ଷ୍ୟର ମାତ୍ର ୫ପ୍ରତିଶତ ଅଟେ। ଏନେଇ ବିଭାଗୀୟ ଅଧିକାରୀଙ୍କୁ ପଚାରିଲେ ସେ ସରକାରୀ ଘରୋଇ ଭାଗୀଦାରି(ପିପିପି) ଜରିଆରେ ଅଧିକ ଗୋଦାମ ନିର୍ମାଣ କରାଯିବାକୁ ଯୋଜନା କରାଯାଇଥିବା କହୁଛନ୍ତି। ମିଲର ଓ ପ୍ରଶାସନ ମଧ୍ୟରେ ଅସାଧୁ ମେଣ୍ଟ ଚାଷୀଙ୍କ ସ୍ୱାର୍ଥରେ ହାନି ପହଞ୍ଚାଉଛି ବୋଲି ଚାଷୀ ମହଲରେ ଅଭିଯୋଗ ହେଉଛି।

ଜିଲାରେ ୧୪ ବ୍ଲକ ମଧ୍ୟରୁ ମାତ୍ର ୪ ବ୍ଲକରେ ୫ଟି ଶୀତଳ ଭଣ୍ଡାର ରହିଛି। ସେଥିରୁ ୩ଟି କାର୍ଯ୍ୟ କରୁଥିବାବେଳେ ଗୋଟିଏ ବନ୍ଦ ହୋଇପଡ଼ିଛି ଓ ଅନ୍ୟ ଗୋଟିଏ ଆଂଶିକ ଭାବେ କାର୍ଯ୍ୟକ୍ଷମ ରହିଛି। ଜଗତପୁରସ୍ଥିତ ଜୟଗୁରୁ ଶୀତଳ ଭଣ୍ଡାର, ନିଶ୍ଚିନ୍ତକୋଇଲିସ୍ଥିତ ଜଗନ୍ନାଥ ଶୀତଳ ଭଣ୍ଡାର ଓ ଜଗତପୁର ସମବାୟ ଶୀତଳଭଣ୍ଡାର କାର୍ଯ୍ୟକ୍ଷମ ରହିଥିବାବେଳେ କଟକ ତ୍ରିଶୂଳିଆସ୍ଥିତ ସୁରେନ୍ଦ୍ର ଆଗ୍ରୋଟେକ ବନ୍ଦ ହୋଇପଡ଼ିଛି। ସେହିପରି କିଶନନଗର ହୋଲିପୁରସ୍ଥିତ ମଣ୍ଟେସୋରି ଶୀତଳଭଣ୍ଡାର ଆଂଶିକ କାର୍ଯ୍ୟକ୍ଷମ ରହିଛି। ଜିଲାର ଅନ୍ୟ ବ୍ଲକଗୁଡ଼ିକରେ ଶୀତଳ ଭଣ୍ଡାର ନ ଥିବା କାରଣରୁ ଚାଷୀମାନେ ସେମାନଙ୍କ ଉତ୍ପାଦିତ ସାମଗ୍ରୀ ମହଜୁଦ ରଖିବାରେ ବିଫଳ ହେବା ସହ ଅଭାବୀ ବିକ୍ରିର ଶିକାର ହେଉଛନ୍ତି।

ଗତ ୫ବର୍ଷ ମଧ୍ୟରେ ଜିଲାରେ କୌଣସି ଚାଷୀ ଆତ୍ମହତ୍ୟା କରି ନ ଥିବା ଗ୍ରାମାଞ୍ଚଳ ଏସ୍‌ପିଙ୍କ ଠାରୁ ମିଳିଥିବା ଆର୍‌ଟିଆଇ ତଥ୍ୟରୁ ଜଣାପଡ଼ିଛି। ☞ ପୃଷ୍ଠା-୭

## ଋଣ ଚିନ୍ତା: ଜୀବନ ହାରିଲେ ଚାଷୀ

ବନ୍ତ, ୧୩।୨ (ସ୍ୱ.ପ୍ର.)

ଋଣ ଶୁଝି ନ ପାରି ଜଣେ ଚାଷୀ ବୁଧବାର ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସେ ହେଲେ ଭଦ୍ରକ ଜିଲା ଆଗରପଡ଼ା ଥାନା ଅଧୀନ ପନ୍ଦାଡ଼ୋ ଗ୍ରାମର ଗୟାଧର ଦାସ(୪୫)। ଅପରାହ୍ନରେ ସ୍ଥାନୀୟ ପନ୍ଦାଡ଼ୋ ଉଚ୍ଚ ବିଦ୍ୟାଳୟ ନିକଟସ୍ଥ ପଡ଼ିଆରେ ଏକ ଗଛରେ ତାଙ୍କ ମୃତଦେହ ଝୁଲୁଥିବାର ଗାଁ ଲୋକେ ଦେଖିଥିଲେ। ଖବର ପାଇ ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ଲାଗିଥିଲା। ଆଗରପଡ଼ା ଥାନା ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି। ଗୟାଧର ଗାଁର ୨/୩ ଜଣ ଚାଷୀଙ୍କ ୧୦ ଏକର ଜମିରେ ଚଳିତବର୍ଷ ଭାଗଚାଷ କରିଥିଲେ। ସେ ସ୍ଥାନୀୟ ପୁରୁଷଣ୍ଡ ସମବାୟ ସମିତିରୁ ଋଣ ଆଣି ଚାଷ କରିଥିଲେ। ଟଙ୍କା ପରିଶୋଧ କରି ନ ପାରି ଏଭଳି ଚରମ ପଦକ୍ଷେପ ନେଇଥିବା ତାଙ୍କ ସ୍ତ୍ରୀ ଅନୁପମା ଦାସ ପ୍ରକାଶ କରିଛନ୍ତି। ତଦନ୍ତ ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ଆଗରପଡ଼ା ଥାନାଧିକାରୀ ମାନସ କୁମାର ଦେଓ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଘରେ ଗୟାଧରଙ୍କ ସ୍ତ୍ରୀ ଓ ୩ ଝିଅ ଅଛନ୍ତି। ତାଙ୍କ ମୃତ୍ୟୁ ପରେ ସେମାନେ ବେସାହାରା ହୋଇଯାଇଛନ୍ତି।



ଗୟାଧର ଦାସ





ମଞ୍ଚରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, ଭାଜପା ନେତା ଶତ୍ରୁଘ୍ନ ସିହ୍ନା, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁ, ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ, ଏନ୍‌ସିପି ମୁଖ୍ୟ ଶରଦ ପାୱାର, ନ୍ୟାଶନାଲ କନ୍‌ଫରେନ୍ସ ଅଧକ୍ଷ ଫାରୁକ୍ ଅବ୍‌ଦୁଲ୍ଲା ଏବଂ ଅନ୍ୟ ବିରୋଧୀ ନେତାମାନେ ।

'ଏକଛତ୍ରବାଦ ହଟାଅ, ଗଣତନ୍ତ୍ର ବଞ୍ଚାଅ' ରାଲିରେ ରଣହୁଙ୍କାର

## କେନ୍ଦ୍ର ବିରୋଧରେ ଏକାଠି

ନୂଆଦିଲ୍ଲୀ, ୧୩।୨ (ପି.ଟି.)

କୋଲକାତାରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବିରୋଧୀ ମେଳିକୁ ମାସେ ନ ପୂରୁଣୁ ନୂଆଦିଲ୍ଲୀରେ ପୁଣି ଏକାଠି ହୋଇଛନ୍ତି ବିପକ୍ଷ ନେତା। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଆବାହକତ୍ୱରେ ଆୟୋଜିତ 'ଏକଛତ୍ରବାଦ ହଟାଅ, ଗଣତନ୍ତ୍ର ବଞ୍ଚାଅ' ରାଲିରେ ଅନେକ ବିରୋଧୀ ନେତା ଯୋଗଦେଇ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସାଧାରଣ ନିର୍ବାଚନକୁ ପ୍ରାୟ ଦୁଇମାସ ବାକି ଥିବାବେଳେ ଦିଲ୍ଲୀର ଯନ୍ତରମନ୍ତରରେ ବିରୋଧୀ ଦଳଗୁଡ଼ିକ କେନ୍ଦ୍ର ବିରୋଧରେ ରଣହୁଙ୍କାର ଦେଇଛନ୍ତି। ଏଏପି ଆବାହକ କେଜ୍‌ରିୱାଲ କହିଛନ୍ତି, ମୋଦି ସମ୍ବିଧାନକୁ ଚିରି ଗଣତନ୍ତ୍ରକୁ ନଷ୍ଟ କରିବାକୁ ଉଦ୍ୟମ କରୁଛନ୍ତି। ସେ ପ୍ରଧାନମନ୍ତ୍ରୀ ଭାବେ ଦେଶ ପ୍ରତି ଉତ୍ତରଦାୟୀ। ତେଣୁ ଭାରତ ଓ ଫ୍ରାନ୍ସ ସହ ହୋଇଥିବା ରାଫାଲ ଚୁକ୍ତିର ସତ ପ୍ରକାଶ କରନ୍ତୁ। ☞ ପୃଷ୍ଠା-୪

### ଆଜିର ସମ୍ପାଦକୀୟ
ବୁଦ୍ଧିଆ ପ୍ରାଣୀ ଛେଳି

### ଆଜିର ମନ୍ତବ୍ୟ
" ଡେମୋକ୍ରାସି (ଗଣତନ୍ତ୍ର) ନମୋକ୍ରାସିରେ ପରିଣତ ହେବା ପରେ ଦେଶରେ ଜରୁରିକାଳୀନ ପରିସ୍ଥିତିଠାରୁ ଖରାପ ସ୍ଥିତି ସୃଷ୍ଟି ହୋଇଛି।

**-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**

### କିଛି ତଥ୍ୟ
୨୦୧୭-୧୮ରେ ଏଫଡ଼ିଆଇ ଅଭିବୃଦ୍ଧି ୫ ବର୍ଷର ସର୍ବନିମ୍ନ ସ୍ତର ୩% ବୃଦ୍ଧି ଘଟି ୪୪.୮୫ ବିଲିୟନ ଡଲାର ରହିଛି। **- ବାଣିଜ୍ୟ ମନ୍ତ୍ରଣାଳୟ**

## ସୁବର୍ଣ୍ଣରେଖା ବନ୍ଦର ପ୍ରକଳ୍ପ ଶିଳାନ୍ୟାସ

ବାଲେଶ୍ୱର ଅଫିସ/ ଭୋଗରାଇ, ୧୩।୨(ଡି.ଏନ.ଏ.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ବାଲେଶ୍ୱର ଗସ୍ତରେ ଆସି ସୁବର୍ଣ୍ଣରେଖା ବନ୍ଦର ନିର୍ମାଣ ଲାଗି ଶିଳାନ୍ୟାସ କରିଛନ୍ତି। ଏହି ବୃହତ୍ ପ୍ରକଳ୍ପ ଲାଗି ଖର୍ଚ୍ଚ ହେବ ୫ ହଜାର କୋଟି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ହଜାର ହଜାର ସଂଖ୍ୟାରେ ଯୁବତୀଯୁବକଙ୍କୁ ନିଯୁକ୍ତି ମିଳିବ। ଏହାସହ ବାଲେଶ୍ୱର ଓଡ଼ିଶାର ବାଣିଜ୍ୟିକ ରାଜଧାନୀରେ ପରିଣତ ହେବ ବୋଲି ମୁଖ୍ୟମନ୍ତ୍ରୀ ବାଲେଶ୍ୱର ପୋଲିସ ପଡ଼ିଆରେ ରାଜ୍ୟ ଯୁବ କଲ୍ୟାଣ ପରିଷଦ ପକ୍ଷରୁ ଆୟୋଜିତ ଆଞ୍ଚଳିକ ଯୁବ ସମାବେଶରେ ଯୋଗ ଦେଇ ଉଦ୍‌ବୋଧନ ଦେଇଛନ୍ତି। ଏହାବ୍ୟତୀତ ମୁଖ୍ୟମନ୍ତ୍ରୀ ଜିଲା ପାଇଁ ୮୫୮.୩୮ କୋଟି ଟଙ୍କାର ୬୩ ପ୍ରକଳ୍ପର ଶିଳାନ୍ୟାସ ଓ ୩୮୭.୦୧ କୋଟି ଟଙ୍କାର ୪୫ଟିପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି।

ମୁଖ୍ୟମନ୍ତ୍ରୀ ପ୍ରଥମେ ମଧ୍ୟାହ୍ନ ୧୨ଟା ୨୦ମିନିଟ୍‌ରେ ଭୋଗରାଇ ବ୍ଲକ ତାଳସାରି ବେଳାଭୂମିରେ ଅସ୍ଥାୟୀ ହେଲିପ୍ୟାଡ୍‌ରେ ହେଲିକପ୍ଟରରୁ ଅବତରଣ କରି ସେଠାରେ ଆୟୋଜିତ ବେଳାଭୂମି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହାସହ ୧୫୦ କୋଟି ଟଙ୍କାର ୩୩ଟି ପ୍ରକଳ୍ପକୁ ଉଦ୍‌ଘାଟନ ଓ ଶିଳାନ୍ୟାସ କରି ମୁଖ୍ୟମନ୍ତ୍ରୀ କହିଥିଲେ, କେନ୍ଦ୍ର ସରକାର ସହାୟତା ଦେଉ ନ ଥିବା ବେଳେ ଓଡ଼ିଶାର ନିଜସ୍ୱ ପାଣ୍ଠିରୁ ଲୋକଙ୍କ ଆର୍ଥିକ ଓ ସାମାଜିକ ବିକାଶ ପାଇଁ ସଂକଳ୍ପ ନିଆଯାଇଛି। ଦୀଘା-ଜଳେଶ୍ୱର ରେଳପଥ ଖୁବ୍‌ଶୀଘ୍ର ନିର୍ମାଣ ପାଇଁ କେନ୍ଦ୍ରକୁ ଅନୁରୋଧ କରି ଚିଠି ଲେଖାଯାଇଛି ବୋଲି ସେ କହିଥିଲେ। ଭୋଗରାଇ ବିଧାୟକ ତଥା ମନ୍ତ୍ରୀ ଅନନ୍ତ ଦାସ ଏହି ଉତ୍ସବରେ ପୌରୋହିତ୍ୟ କରିଥିଲେ। ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଅଶୋକ କୁମାର ପଣ୍ଡା ତାଳସାରୀ ବେଳାଭୂମିର ଉନ୍ନତି ପାଇଁ ବିଭିନ୍ନ ପ୍ରକଳ୍ପ ☞ ପୃଷ୍ଠା-୪



- ଖର୍ଚ୍ଚ ହେବ ୫ ହଜାର କୋଟି
- ବାଲେଶ୍ୱର ହେବ ଓଡ଼ିଶାର ବାଣିଜ୍ୟିକ ରାଜଧାନୀ
- ଆଞ୍ଚଳିକ ଯୁବ ସମାବେଶରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ
- ତାଳସାରି ବେଳାଭୂମି ମହୋତ୍ସବ ଉଦ୍‌ଘାଟିତ

■ ସିଏଜି ରିପୋର୍ଟ ପାର୍ଲାମେଣ୍ଟରେ ଉପସ୍ଥାପିତ

## ଏନ୍‌ଡିଏର ରାଫାଲ ଡିଲ୍ ୨.୮୬% ଶସ୍ତା

ନୂଆଦିଲ୍ଲୀ, ୧୩।୨ (ପି.ଟି.)

ବାୟୁସେନା ପାଇଁ ଫ୍ରାନ୍ସରୁ ରାଫାଲ ଯୁଦ୍ଧବିମାନ କିଣା ସମ୍ପର୍କିତ ବହୁ ପ୍ରତୀକ୍ଷିତ ସିଏଜି (ନିୟନ୍ତ୍ରକ ଓ ମହାଲେଖା ନିରୀକ୍ଷକ)ଙ୍କ ରିପୋର୍ଟ ବୁଧବାର ପାର୍ଲାମେଣ୍ଟରେ ଉପସ୍ଥାପନ କରାଯାଇଛି। ୩୬ଟି ଯୁଦ୍ଧବିମାନ କିଣିବା ଲାଗି ନରେନ୍ଦ୍ର ମୋଦି ସରକାର ଡାସଲ୍ଟ କମ୍ପାନୀ ସହ ଚୁକ୍ତିନାମା କରିଥିଲେ, ଯାହାକୁ ନେଇ ବିବାଦ ଦେଖାଦେଇଛି। ତେବେ ପୂର୍ବର ଉପା ସରକାର ୨୦୦୭ରେ କରିଥିବା ବୁଝାମଣା ତୁଳନାରେ ଏନଡିଏ ସରକାରଙ୍କ ୨୦୧୬ର ଚୁକ୍ତିନାମାରେ ଯୁଦ୍ଧବିମାନ ଦର ୨.୮୬ ପ୍ରତିଶତ ଶସ୍ତା ଥିବା ସିଏଜି ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି। ଏଥିସହିତ ନୂଆ ଚୁକ୍ତି ଅନୁଯାୟୀ ବାୟୁସେନାକୁ ୫ ମାସ ପୂର୍ବରୁ ପ୍ରଥମ ୧୮ଟି ଯୁଦ୍ଧବିମାନ ମିଳିପାରିବ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି।

ସିଏଜି ତାଙ୍କର ୧୫୭ ପୃଷ୍ଠାର ରିପୋର୍ଟରେ ଯୁଦ୍ଧବିମାନର ପ୍ରକୃତ ମୂଲ୍ୟ ସମ୍ପର୍କରେ ସବିଶେଷ ଉଲ୍ଲେଖ କରି ନ ଥିଲେ ମଧ ୩୬ଟି ରାଫାଲ ବିମାନ କିଣା ଚୁକ୍ତିନାମାରୁ ସରକାରଙ୍କର ୧୭.୦୮ ପ୍ରତିଶତ ଅର୍ଥ ସଞ୍ଚୟ ହୋଇପାରିବ ବୋଲି କୁହାଯାଇଛି। ଡିଲ୍‌ରେ ଭାରତୀୟ ବାୟୁସେନା ପାଇଁ ଇଞ୍ଜିନିୟରିଂ ସହାୟତା ପ୍ୟାକେଜ ଏବଂ ପ୍ରଦର୍ଶନ ଭିତ୍ତିକ ଲଜିଷ୍ଟିକ୍ ଖର୍ଚ୍ଚ ପୂର୍ବାପେକ୍ଷା ୬.୫୬ ପ୍ରତିଶତ ଅଧିକ ଏବଂ ପ୍ରଶିକ୍ଷଣ ଖର୍ଚ୍ଚ ୨.୬୮ ପ୍ରତିଶତ ଅଧିକ ଥିବା ରିପୋର୍ଟରେ ଉଲ୍ଲେଖ ଅଛି। ତେବେ ନୂଆ ଚୁକ୍ତିନାମାରେ ଫ୍ରାନ୍ସ ସରକାର ସୋଭରେନ୍ ଗ୍ୟାରେଣ୍ଟି (ସାର୍ବଭୌମ ଚୁକ୍ତି) ବଦଳରେ ଲେଟର ଅଫ କମ୍‌ଫର୍ଟ (ଆଶ୍ୱସ୍ତି ପତ୍ର )ଦେଇଥିବାରୁ ଏହା ଦ୍ୱାରା ଡାସଲ୍ଟ ☞ ପୃଷ୍ଠା-୪

### ଯଦି ଦୁର୍ନୀତି ହୋଇନି ସରକାର ଜେପିସି ତଦନ୍ତକୁ ଡରୁଛନ୍ତି କାହିଁକି: ରାହୁଲ

■ ଓଡ଼ିଶାରେ ଅନ୍ତର୍ଜାତୀୟ ମୂର୍ତ୍ତି ଚୋରି ର୍‍ୟାକେଟ୍

## ଅଢ଼େଇ କୋଟିର ୨ ଅଷ୍ଟଧାତୁ ମୂର୍ତ୍ତି ଜବତ

### ଅଭିଯୁକ୍ତ ଗିରଫ, କ୍ରାଇମବ୍ରାଞ୍ଚର ଖୋଳତାଡ଼ ଆରମ୍ଭ

ଭୁବନେଶ୍ୱର, ୧୩।୨ (ବ୍ୟୁରୋ)

ଓଡ଼ିଶାକୁ ଲମ୍ବିଛି ଅନ୍ତର୍ଜାତୀୟ ମୂର୍ତ୍ତି ଚୋରି ର୍‍ୟାକେଟର ଚେର। ବୁଧବାର କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ଭୁବନେଶ୍ୱରରୁ ଚାଲାଣ ପାଇଁ ଥିବା ଦୁଇଟି ଦୁର୍ଲଭ ଅଷ୍ଟଧାତୁ ମୂର୍ତ୍ତିକୁ ଖଣ୍ଡଗିରି ଅଞ୍ଚଳରୁ ଜବତ କରିବା ପରେ ଏହି ର୍‍ୟାକେଟର ପର୍ଦ୍ଦାଫାଶ ହୋଇଛି। ଏହି ଘଟଣାରେ କ୍ରାଇମବ୍ରାଞ୍ଚ ଜଣଙ୍କୁ ଗିରଫ କରିଛି। ସେ ହେଲେ ଖଣ୍ଡଗିରି ଥାନା ଅନ୍ତର୍ଗତ ଯଦୁପୁର ଅଞ୍ଚଳର ସୟଦ ଜିଲ୍‌ନୁର୍ ଓରଫ୍ କଟା।

କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଆଇଜି ଯତୀନ୍ଦ୍ର କୋଏଲଙ୍କ ସୂଚନାନୁସାରେ, ଦୁଇ ମୂର୍ତ୍ତି ମଧ୍ୟରୁ ଗୋଟିଏ କୃଷ୍ଣ ଓ ଅନ୍ୟଟି ରାଧା ଆକୃତିର। କୃଷ୍ଣ ମୂର୍ତ୍ତିର ଓଜନ ୧୨ କେଜି ୬୦ ଗ୍ରାମ ଓ ରାଧା ମୂର୍ତ୍ତିଟି ୧୮ କେଜି ୪୪୦ ଗ୍ରାମ। ମୂର୍ତ୍ତି ଦୁଇଟିର ଅନ୍ତର୍ଜାତୀୟ ବଜାର ମୂଲ୍ୟ ୨.୫ କୋଟିରୁ ଊର୍ଦ୍ଧ୍ୱ ହେବ। ଏହାକୁ କୌଣସି ଏକ ପୁରାତନ ମନ୍ଦିରରୁ ଚୋରି କରାଯାଇଥିବା ଅନୁମାନ କରାଯାଉଛି। ଏ ସଂକ୍ରାନ୍ତରେ ପ୍ରତ୍ନତତ୍ତ୍ୱ ବିଭାଗ ଆବଶ୍ୟକ ଯାଞ୍ଚ କରିବା ପରେ ମୂର୍ତ୍ତିଟି କେତେବର୍ଷ ତଳର ଓ କେଉଁ ମନ୍ଦିରରେ ରହିଥିଲା ତାହା ଜଣାପଡ଼ିବ। ତେବେ ଏହାକୁ ବିଦେଶକୁ ଚାଲାଣ ପାଇଁ ଖଣ୍ଡଗିରି ଯଦୁପୁରର ଏକ ଘରେ ଲୁଚାଇ ରଖାଯାଇଥିବା ☞ ପୃଷ୍ଠା-୪




**SUDHAKAR**
PIPES AND FITTINGS
PIONEER IN PIPING SOLUTIONS
WANTED DEALERS
CONTACT US
94370 38192
94370 17191
sales@sudhakarpipes.com

NECC NATIONAL EGG CO-ORDINATION COMMITTEE | 13.02.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 73 | 123 | 133 |
| CTC | 74 | 124 | 134 |
| DKL | 74 | 124 | 134 |
| BDK | 77 | 128 | 138 |
| BLS | 79 | 131 | 141 |
| ANG | 75 | 126 | 136 |

*Conditions Apply

Eggs Retail Price- 52/-Dozen
Issued in the Interest of Consumers



ଇଭିଏମ୍‌କୁ ନେଇ କେତେକ ରାଜନୈତିକ ଦଳ ସନ୍ଦେହ ବ୍ୟକ୍ତ କରିଛନ୍ତି। ତେବେ କିଛି ଅଭିଯୋଗ ପ୍ରମାଣିତ ହୋଇ ନ ଥିବାରୁ ଇଭିଏମ୍ ନିଜ ବିଶ୍ୱସନୀୟତା ବଜାୟ ରଖିଛି।

-ସୁନିଲ ଆରୋରା, ମୁଖ୍ୟ ନିର୍ବାଚନ କମିଶନର



# ଷୋଡ଼ଶ ଲୋକ ସଭାର ଅଧିବେଶନ ଶେଷ

ନୂଆଦିଲ୍ଲୀ,୧୩।୨(ପି.ଟି.)

ଷୋଡ଼ଶ ଲୋକ ସଭାର ଶେଷ ଅଧିବେଶନ ବୁଧବାର ସମାପ୍ତ ହୋଇଛି। ଏହି ଅବସରରେ ନିମ୍ନ ସଦନରେ ଆବେଗପୂର୍ଣ୍ଣ ପରିବେଶ ଦେଖିବାକୁ ମିଳିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଅଧିବେଶନରେ ଶେଷ ବକ୍ତବ୍ୟ ରଖିଥିଲେ। ବାଚସ୍ପତି ସୁମିତ୍ରା ମହାଜନ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଦେଇଥିଲେ। ଲୋକ ସଭାରେ ମୋଟ ୨୧୯ଟି ବିଲ୍ ଆଗତ କରାଯାଇଥିବାବେଳେ ତନ୍ମଧ୍ୟରୁ ୨୦୩ ବିଧେୟକ ଗୃହୀତ ହୋଇଛି।

ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ପାର୍ଲାମେଣ୍ଟର ଅନ୍ତରୀଣ ବଜେଟ ଅଧିବେଶନ ଜାନୁୟାରୀ ୩୧ରେ ଆରମ୍ଭ ହୋଇଥିଲା। ଏହି ଅଧିବେଶନରେ କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କ ଶେଷ ବଜେଟ ଉପସ୍ଥାପନ କରାଯାଇଥିଲା। ଅଧିବେଶନର ଶେଷ ଦିନରେ ମଧ୍ୟ ବିରୋଧୀ ଦଳଗୁଡ଼ିକ କେନ୍ଦ୍ରକୁ ଟାର୍ଗେଟ କରିଥିଲେ। ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କୁ ମଙ୍ଗଳବାର ଲକ୍ଷ୍ନୌ ବିମାନବନ୍ଦରରେ ଅଟକାଯିବା ଘଟଣାକୁ ନେଇ ଦଳର ସଦସ୍ୟମାନେ ଗୃହରେ ହଟ୍ଟଗୋଳ କରିଥିଲେ। ପ୍ରଶ୍ନକାଳରେ ଏସ୍‌ପିର ଧର୍ମେନ୍ଦ୍ର ଯାଦବ ଓ ଅନ୍ୟମାନେ ପ୍ଲାକାର୍ଡ ଧରି ସରକାର ବିରୋଧୀ ସ୍ଲୋଗାନ ଦେଇଥିଲେ। ତେବେ ଏଥିରେ କେନ୍ଦ୍ରର କିଛି ଭୂମିକା ନାହିଁ ବୋଲି ସରକାରଙ୍କ ପକ୍ଷରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ସଫେଇ ଦେଇଥିଲେ। କଂଗ୍ରେସ ସଦସ୍ୟମାନେ ରାଫାଲ ଚୁକ୍ତି ପ୍ରସଙ୍ଗ ଉଠାଇଥିଲେ। ପଶ୍ଚିମବଙ୍ଗରେ ଚିଟ୍‌ଫଣ୍ଡ ଦୁର୍ନୀତି ପ୍ରସଙ୍ଗରେ ଟିଏମ୍‌ସି ସହ ବାମପନ୍ଥୀ ଓ କଂଗ୍ରେସ ସଦସ୍ୟଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ହୋଇଥିଲା। ଏନ୍‌ଡିଏକୁ ସବୁବେଳେ ସମାଲୋଚନା କରୁଥିବା ସହଯୋଗୀ ଶିବସେନା ଶେଷରେ ମେଣ୍ଟକୁ ପ୍ରଶଂସା କରିଥିଲା। ଏନ୍‌ଡିଏ ଦେଶର ସ୍ୱାର୍ଥ ପାଇଁ ଅନେକ କାମ କରିଛି। ତେଣୁ ଏହି ମେଣ୍ଟ ପୁଣି କ୍ଷମତାସୀନ ହେବ ବୋଲି ଶିବସେନା ଏମ୍‌ପି ଆନନ୍ଦରାଓ ଅଡ୍‌ସୁଲ କହିଥିଲେ।




ପାର୍ଲାମେଣ୍ଟ ପରିସରସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଆଗରେ ବୁଧବାର କେନ୍ଦ୍ରର ଏନ୍‌ଡିଏ ସରକାରଙ୍କ ବିରୋଧରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପିଙ୍କ ବିକ୍ଷୋଭ।

- ମୋଦି ପୁଣି ପ୍ରଧାନମନ୍ତ୍ରୀ ହୋଇ ଫେରିବେ: ମୁଲାୟମ୍
- ଶେଷରେ ଶିବସେନା ବି ଏନ୍‌ଡିଏକୁ ପ୍ରଶଂସା କଲା
- ଲୋକ ସଭାରେ ୨୧୯ ବିଲ୍‌ରୁ ୨୦୩ ଗୃହୀତ
- ଉଭୟ ଗୃହ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ

ସେପଟେ ପୁଅ ଅଖିଳେଶ ମୋଦିଙ୍କ ବିରୋଧରେ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ସୁପ୍ରିମୋ ମାୟାବତୀଙ୍କ ସହ ହାତ ମିଳାଇଥିବାବେଳେ ଏସ୍‌ପି ପ୍ରତିଷ୍ଠାତା ମୁଲାୟମ୍ ସିଂ ଯାଦବ ପ୍ରଧାନମନ୍ତ୍ରୀଙ୍କୁ ପ୍ରଶଂସା କରିଥିଲେ। ମୋଦି ପୁଣିଥରେ ପ୍ରଧାନମନ୍ତ୍ରୀ ହୋଇ ଏଠାକୁ ଆସନ୍ତୁ ବୋଲି ମୁଲାୟମ୍ ତାଙ୍କୁ ଆଶୀର୍ବାଦ ଦେଇଥିଲେ। ଗୃହରେଏହି ମଜାଦାର ଦୃଶ୍ୟ ଦେଖିବାକୁ ମିଳିଥିବାବେଳେ ଶାସକ ଦଳର ସଦସ୍ୟମାନେ 'ଜୟ ଶ୍ରୀରାମ' କହି ମୁଲାୟମ୍‌ଙ୍କୁ ଉତ୍ସାହିତ କରିଥିଲେ। ପ୍ରଧାନମନ୍ତ୍ରୀ ତାଙ୍କ ଶେଷ ଭାଷଣରେ ମୁଲାୟମ୍‌ଙ୍କୁ ଧନ୍ୟବାଦ ଦେଇ କୃତଜ୍ଞତା ଜ୍ଞାପନ କରିଥିଲେ। ଅଧିବେଶନ ଶେଷରେ ବାଚସ୍ପତି ଲୋକ ସଭାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ଘୋଷଣା କରିଛନ୍ତି।

ସେହିପରି ରାଜ୍ୟ ସଭାରେ ବିନା ବିତର୍କରେ ଅନ୍ତରୀଣ ବଜେଟ ବିଲ୍ ସମେତ କେତେକ ବିଧେୟକ ଗୃହୀତ ହେବା ପରେ ବୁଧବାର ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ କରାଯାଇଛି। ଏହା ପୂର୍ବରୁ ଉଚ୍ଚ ସଦନରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ପାଇଁ ଧନ୍ୟବାଦ ପ୍ରସ୍ତାବ ଗୃହୀତ ହୋଇଥିଲା। ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ ଶେଷ ଅଧିବେଶନର ପାରମ୍ପରିକ ଅଭିଭାଷଣ ଦେଇଥିଲେ। ବିକ୍ଷୋଭ ଓ ଅଚଳାବସ୍ଥା ଯୋଗୁ ଗୃହର ମୂଲ୍ୟବାନ ସମୟ ବେକାର ଯାଇଛି ବୋଲି ସେ ଅସନ୍ତୋଷ ବ୍ୟକ୍ତ କରିଥିଲେ।

> ଖଣ୍ଡିତ ଜନାଦେଶ ଯୋଗୁ ବିଶ୍ୱ ଦରବାରରେ ଭାରତକୁ ଦୀର୍ଘ ସମୟ ଧରି କ୍ଷତି ସହିବାକୁ ପଡ଼ିଥିଲା। କିନ୍ତୁ ଏବେ ସଂଖ୍ୟାଗରିଷ୍ଠ ସରକାର ପାଇଁ ଦେଶକୁ ବିଶ୍ୱ ସମୁଦାୟ ଗମ୍ଭୀରତାର ସହ ବିଚାର କରୁଛି। ଏହାର ଶ୍ରେୟ ଦେଶର ଜନସାଧାରଣଙ୍କର।
>
> –ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



> ଗୃହରେ ୫ ବର୍ଷ ଧରି ଦେଶବାସୀଙ୍କ ପ୍ରତିନିଧିତ୍ୱ କରିଥିବା ସଦସ୍ୟମାନେ ଲୋକଙ୍କ ଆଶା ଆକାଂକ୍ଷା ପୂରଣ କରିବାରେ କେତେ ସଫଳ ହୋଇଛନ୍ତି, ସେନେଇ ଆତ୍ମସମୀକ୍ଷା କରନ୍ତୁ। ଆମେ କେତେ ସଫଳତା ପାଇଛେ ଓ ଆଉ କ'ଣ କରିବା ଦରକାର, ତାହାର ନିରପେକ୍ଷ ବିଶ୍ଳେଷଣ କରାଯାଉ।
>
> –ସୁମିତ୍ରା ମହାଜନ, ଲୋକ ସଭା ବାଚସ୍ପତି



## ସଂକ୍ଷେପରେ

### ୨ ଆତଙ୍କବାଦୀ ନିହତ

**ଶ୍ରୀନଗର,୧୩।୨(ପି.ଟି.):** ଜମ୍ମୁ-କଶ୍ମୀରର ବଡ଼ଗାମ୍ ଜିଲାରେ ବୁଧବାର ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ୨ ହିଜ୍‌ବୁଲ ଆତଙ୍କବାଦୀ ନିହତ ହୋଇଛନ୍ତି। ଚଦୁରାର ଗୋପାଲପୁରା ଅଞ୍ଚଳରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ଗୋଇନ୍ଦା ସୂଚନା ମିଳିବା ପରେ ମଙ୍ଗଳବାର ରାତିରେ ଯବାନମାନେ ତଲାସି ଅଭିଯାନ ଚଳାଇଥିଲେ। ଅପରେଶନ ବେଳେ ଆତଙ୍କବାଦୀମାନେ ସୁରକ୍ଷା ବଳକୁ ଟାର୍ଗେଟ କରିଥିଲେ। ଯବାନଙ୍କ ଜବାବୀ କାର୍ଯ୍ୟାନୁଷ୍ଠାନରେ ହିଜ୍‌ବୁଲ ମୁଜାହିଦ୍ଦିନର ୨ ଆତଙ୍କବାଦୀ ହିଲାଲ ଅହମ୍ମଦ ୱାନି ଓ ଶୋଏବ୍ ମହମ୍ମଦ ଲୋନ୍ ଓରଫ ମୁର୍ସି ନିହତ ହୋଇଥିଲେ। ଉଭୟେ ଏକାଧିକ ଆକ୍ରମଣରେ ସମ୍ପୃକ୍ତ ଥିଲେ। ସେମାନଙ୍କ ମୃତଦେହ ନିକଟରୁ ଅସ୍ତ୍ରଶସ୍ତ୍ର ସହ କେତେକ ଆପରାଧିକ ସାମଗ୍ରୀ ଜବତ ହୋଇଛି।

### ଖସିପଡ଼ିଲା ବିମାନ: ୫ ମୃତ

**ନାଇରୋବି,୧୩।୨(ଏ.ଏଫ୍.ପି.):** କେନିଆର ଏକ ଛୋଟ ବିମାନ ବୁଧବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ପାଇଲଟ (କେନିଆ ନାଗରିକ)ଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ଘଟିଛି। ସେସ୍‌ନା ବିମାନ କେନିଆର ମାସାଇ ମାରା ନେଚର ରିଜର୍ଭରୁ ପାଇଲଟ ଓ ୪ ବିଦେଶୀଙ୍କୁ ନେଇ ଦେଶର ପଶ୍ଚିମ ଭାଗରେ ଥିବା ତୁର୍କାନା ହ୍ରଦ ନିକଟସ୍ଥ ଲୋଡ୍‌ୱର ଅଭିମୁଖେ ଉଡାଣ ଆରମ୍ଭ କରିଥିଲା। ହେଲେ ଗନ୍ତବ୍ୟ ସ୍ଥାନରେ ପହଞ୍ଚିବା ପୂର୍ବରୁ ଏହା ଖସିପଡ଼ିଥିଲା। ଦୁର୍ଘଟଣାସ୍ଥଳକୁ ଜରୁରୀ ସେବା ପଠାଯାଇଛି ବୋଲି ରିଫ୍ଟ ଭ୍ୟାଲିର ପୋଲିସ ମୁଖ୍ୟ ଏଡ୍‌ୱାର୍ଡ ଏମ୍‌ୱାମ୍ବୁରି ସୂଚନା ଦେଇଛନ୍ତି।

### ରାହୁଲଙ୍କୁ ପ୍ରଶଂସା କଲେ ସୋନିଆ



**ନୂଆଦିଲ୍ଲୀ,୧୩।୨(ଆଇଏଏନ୍‌ଏସ୍):** ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ ବୁଧବାର ନିଜ ପୁଅ ତଥା କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ପ୍ରଶଂସା କରିଛନ୍ତି। କଂଗ୍ରେସ ସଂସଦୀୟ ଦଳ (ସିପିପି) ସାଧାରଣ ବୈଠକକୁ ସମ୍ବୋଧିତ କରି ସୋନିଆ କହିଛନ୍ତି, ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ ବିଧାନସଭା ନିର୍ବାଚନରେ କଂଗ୍ରେସର ବିଜୟ ଦଳ ପାଇଁ ନୂଆ ଆଶା ସଞ୍ଚାର କରିଛି। ଆସନ୍ତା ଲୋକ ସଭା ନିର୍ବାଚନରେ କଂଗ୍ରେସ ନୂଆ ଆତ୍ମବିଶ୍ୱାସ ନେଇ ମଇଦାନକୁ ଓହ୍ଲାଇବ। ଆମ ବିରୋଧୀମାନେ ପୂର୍ବରୁ ନିଜକୁ ଅପରାଜେୟ ବୋଲି ଘୋଷଣା କରିଥିଲେ। ହେଲେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଦଳର ଲକ୍ଷ ଲକ୍ଷ କର୍ମୀଙ୍କୁ ଉତ୍ସାହିତ କରି ସେମାନଙ୍କ ମୁକାବିଲା କରିବାରେ ସଫଳ ହୋଇଛନ୍ତି। ଏହା କଂଗ୍ରେସର ଶକ୍ତିବୃଦ୍ଧିରେ ସହାୟକ ହୋଇଛି। ଦେଶର ବିଜ୍ଞ ଲୋକମାନେ ଜୁମ୍‌ଲାବାଜୀ ସରକାରଙ୍କୁ ପ୍ରତ୍ୟାଖ୍ୟାନ କରିବେ ବୋଲି ସୋନିଆ କେନ୍ଦ୍ରର ଏନ୍‌ଡିଏ ସରକାରଙ୍କୁ ଟାର୍ଗେଟ କରିଛନ୍ତି।



ପ୍ରୟାଗରାଜରେ କୁମ୍ଭମେଳା ଚାଲିଥିବାବେଳେ ବୁଧବାର ସଙ୍ଗମରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ବୁଡ଼ ପକାଉଛନ୍ତି।

## ରାଜସ୍ଥାନ ବିଧାନସଭାରେ ଗୁଜର ସଂରକ୍ଷଣ ବିଲ୍ ଗୃହୀତ

ଜୟପୁର,୧୩।୨(ପି.ଟି.)

ସଂରକ୍ଷଣ ଦାବିରେ ଗୁଜର ସମ୍ପ୍ରଦାୟ ରାଜରାସ୍ତାକୁ ଓହ୍ଲାଇଥିବାବେଳେ ରାଜସ୍ଥାନ ବିଧାନସଭାରେ ବୁଧବାର ସେମାନଙ୍କ କୋଟା ବିଲ୍ ଗୃହୀତ ହୋଇଛି। ସରକାରୀ ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ଗୁଜର ସମ୍ପ୍ରଦାୟକୁ ୫% ଓ ଅନ୍ୟ ସମ୍ପ୍ରଦାୟଗୁଡ଼ିକୁ ୪% ସଂରକ୍ଷଣ ଦେବା ପାଇଁ ଉଦ୍ଦିଷ୍ଟ ଏହି ବିଲ୍‌କୁ ରାଜ୍ୟର କଂଗ୍ରେସ ସରକାର ଆଗତ କରିଥିଲେ। ଏହି ବିଲ୍ ଗୃହୀତ ହେବା ପରେ ଗୁଜର, ବଞ୍ଜାରା, ଗଡ଼ିଆ ଲୋହାର, ରାଇକା ଓ ଗଡ଼ାରିଆ ସମ୍ପ୍ରଦାୟର ଲୋକଙ୍କୁ ବର୍ତ୍ତମାନର ୨୧% ସ୍ଥାନରେ ୨୬% ସଂରକ୍ଷଣ ମିଳିବ। ପ୍ରକାଶ ଯେ, ଗୁଜର ନେତା କିରୋଡି ସିଂ ବୈଁସାଲାଙ୍କ ସମର୍ଥକମାନେ ସଂରକ୍ଷଣ ଦାବିରେ ସୱାଇ-ମାଧୋପୁର ଜିଲାରେ ଶୁକ୍ରବାରଠାରୁ ଦିଲ୍ଲୀ-ମୁମ୍ବାଇ ରେଳପଥ ଓ ଅନ୍ୟ ରାଜପଥଗୁଡ଼ିକୁ ଅବରୋଧ କରି ଆନ୍ଦୋଳନ ଚଳାଇଛନ୍ତି।

## ସ୍କୁଲରେ ବିସ୍ଫୋରଣ: ୨୮ ଛାତ୍ରୀଛାତ୍ର ଆହତ

ଶ୍ରୀନଗର,୧୩।୨(ପି.ଟି.)



ଦକ୍ଷିଣ କଶ୍ମୀରର ପୁଲୱାମା ଜିଲାସ୍ଥିତ ଏକ ସ୍କୁଲରେ ବୁଧବାର ବିସ୍ଫୋରଣ ଘଟିଛି। ଏଥିରେ ଅନ୍ୟୂନ ୨୮ ଛାତ୍ରୀଛାତ୍ର ଆହତ ହୋଇଛନ୍ତି। କାକାପୋରା ଅଞ୍ଚଳର ନରବାଲ୍ ଗ୍ରାମସ୍ଥିତ ଏକ ଘରୋଇ ସ୍କୁଲ(ଫଲାଇ-ଇ-ମିଲ୍ଲତ୍)ରେ ଅପରାହ୍ନରେ ଟ୍ୟୁଶନ ପଢ଼ା ଚାଲିଥିବାବେଳେ ହଠାତ୍ ଏହି ବିସ୍ଫୋରଣ ହୋଇଥିଲା। ଆହତ ଛାତ୍ରୀଛାତ୍ରଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ କେତେଜଣ ଗୁରୁତର ଛାତ୍ରୀଛାତ୍ରଙ୍କୁ ଶ୍ରୀନଗରକୁ ଚିକିତ୍ସା ପାଇଁ ପଠାଯାଇଛି। ବିସ୍ଫୋରଣର କାରଣ ଜଣାପଡ଼ି ନ ଥିବାବେଳେ ପୋଲିସ ଏହାକୁ ରହସ୍ୟଜନକ ବୋଲି କହିଛି। ଏହା ପଛରେ କାହାର ହାତ ରହିଛି ତାହା ଜାଣିବା ପାଇଁ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ବିସ୍ଫୋରଣକୁ ନେଇ ସୁରକ୍ଷା ବଳ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସଂଘର୍ଷ ହୋଇଛି।

## ରଦ୍ଦ ହେବ ନାଗରିକତ୍ୱ, ତିନି ତଲାକ୍ ବିଲ୍

ନୂଆଦିଲ୍ଲୀ,୧୩।୨(ପି.ଟି.)

ବିବାଦୀୟ ନାଗରିକତ୍ୱ ସଂଶୋଧନ ବିଲ୍ ଏବଂ ତିନି ତଲାକ୍ ବିଲ୍ ଗୃହୀତ ନ ହୋଇ ରାଜ୍ୟ ସଭାକୁ ବୁଧବାର ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଛି। ଚଳିତ ଲୋକ ସଭା କାର୍ଯ୍ୟକାଳ ଆସନ୍ତା ଜୁନ ୩ରେ ଶେଷ ହେଉଥିବାରୁ ଉପରୋକ୍ତ ଦୁଇ ବିଲ୍ ରଦ୍ଦ ହେବାକୁ ଯାଉଛି। ବଜେଟ ଅଧିବେଶନ ଥିଲା ବର୍ତ୍ତମାନ ସରକାରଙ୍କର ଶେଷ ଅଧିବେଶନ। ଜୁନ୍ ୩ ପୂର୍ବରୁ ସପ୍ତଦଶ ଲୋକ ସଭା ଗଠନ ହେବ। ବିଲ୍ ରାଜ୍ୟ ସଭାରେ ଆଗତ ହେବା ପରେ ସେଠାରେ ଗୃହୀତ ନ ହୋଇ ଲୋକ ସଭା ଭଙ୍ଗ ହେଲେ ତାହା ରଦ୍ଦ ହୋଇ ନ ଥାଏ। କିନ୍ତୁ ଏହା ଲୋକ ସଭାରେ ଗୃହୀତ ହୋଇ ରାଜ୍ୟ ସଭାରେ ପଡିରହିଥିଲେ ରଦ୍ଦ ହୋଇଯାଏ। ଗତ ଶୀତ ଅଧିବେଶନରେ ଲୋକ ସଭାରେ ଗୃହୀତ ହୋଇଥିବା ନାଗରିକତ୍ୱ ସଂଶୋଧନ ବିଲ୍ ବିରୋଧୀ ସଦସ୍ୟମାନଙ୍କ ପ୍ରବଳ ବିରୋଧ ଯୋଗୁ ରାଜ୍ୟ ସଭାରେ ଗୃହୀତ ହୋଇପାରିନାହିଁ। ଆସାମ ଏବଂ ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡିକ ଉକ୍ତ ବିଲ୍‌କୁ ବିରୋଧ କରିଆସୁଛନ୍ତି। ସେହିପରି ତିନି ତଲାକ୍ ବିଲ୍‌ରେ ମୁସଲମାନ ସ୍ୱାମୀଙ୍କୁ ୩ ବର୍ଷ ଜେଲ୍‌ଦଣ୍ଡ ବ୍ୟବସ୍ଥାକୁ ବିରୋଧୀ ଦଳଗୁଡିକ ବିରୋଧ କରୁଛନ୍ତି। ସରକାର ତିନି ତଲାକ ଉପରେ ଦୁଇଥର ଅଧ୍ୟାଦେଶ ଆଣିସାରିଲେଣି। ଏହାକୁ ଆଇନରେ ପରିଣତ କରିବା ଲାଗି ସରକାର ଆଣିଥିବା ବିଲ୍ ଗତ ଡିସେମ୍ବରରେ ଲୋକ ସଭାରେ ଗୃହୀତ ହୋଇଥିବାବେଳେ ରାଜ୍ୟ ସଭାରେ ପଡିରହିଛି।

## ରାଫାଲ ବିରୋଧରେ କଂଗ୍ରେସର ବିକ୍ଷୋଭ

ନୂଆଦିଲ୍ଲୀ,୧୩।୨(ପି.ଟି.):ରାଫାଲ ଚୁକ୍ତିନାମାକୁ ବିରୋଧ କରି କଂଗ୍ରେସ ଏମ୍‌ପିମାନେ ବୁଧବାର ପାର୍ଲାମେଣ୍ଟ ଭବନ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ନରେନ୍ଦ୍ର ମୋଦି ସରକାର ବିରୋଧରେ ସ୍ଲୋଗାନମାନ ଦେଇଥିଲେ। ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଦଳ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ପ୍ରମୁଖ ଯୋଗ ଦେଇଥିଲେ। ଏମ୍‌ପିମାନେ ହାତରେ କାଗଜ ତିଆରି ରାଫାଲ ବିମାନ ଏବଂ ପୋଷ୍ଟର ଧରି ବହୁକୋଟି ଟଙ୍କା ଯୁଦ୍ଧବିମାନ କିଣାରେ ଦୁର୍ନୀତି ହୋଇଥିବା ଅଭିଯୋଗ କରିଥିଲେ। ଏନ୍‌ଡିଏ ଡିଲ୍ ଉପା ସରକାର ସମୟର ଚୁକ୍ତିନାମାଠାରୁ ଭଲ ନୁହେଁ ବୋଲି ଏକ ଇଂଲିଶ ଖବରକାଗଜରେ ପ୍ରକାଶ ପାଇବା ପରେ ରାହୁଲ କେନ୍ଦ୍ର ସରକାରଙ୍କୁ ଜୋରଦାର ଆକ୍ରମଣ କରିଛନ୍ତି। ସିଏଜିଙ୍କ ରିପୋର୍ଟକୁ ରାହୁଲ ଚୌକିଦାର ଅଡିଟର ଜେନେରାଲ ରିପୋର୍ଟ ବୋଲି କହିଛନ୍ତି।




## ମିଶେଲଙ୍କ ଜାମିନ ରାୟ ସଂରକ୍ଷିତ

ନୂଆଦିଲ୍ଲୀ,୧୩।୨(ପି.ଟି.)

**ଅଗୁଷ୍ଟା ମାମଲା**

୩୬୦୦ କୋଟି ଟଙ୍କା ଅଗୁଷ୍ଟା ୱେଷ୍ଟଲ୍ୟାଣ୍ଡ ଭିଭିଆଇପି ହେଲିକପ୍ଟର କିଣା ଦୁର୍ନୀତି ମାମଲାରେ ଗିରଫ ମଧ୍ୟସ୍ଥ ଖ୍ରୀଷ୍ଟିଆନ ମିଶେଲଙ୍କ ଜାମିନ ଆବେଦନ ରାୟକୁ ଦିଲ୍ଲୀର ଏକ ଅଦାଲତ ଆସନ୍ତା ୧୬ ତାରିଖକୁ ସଂରକ୍ଷିତ ରଖିଛନ୍ତି। ଶୁଣାଣି ବେଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଏବଂ ସିବିଆଇ ମିଶେଲଙ୍କ ଜାମିନକୁ ବିରୋଧ କରିଥିଲେ। ଉଭୟ ପକ୍ଷ ୧୫ ସୁଦ୍ଧା ଲିଖିତ ଯୁକ୍ତି ଉପସ୍ଥାପନ କରିବା ଲାଗି ସ୍ୱତନ୍ତ୍ର ଜଜ୍ ଅରବିନ୍ଦ କୁମାର ନିର୍ଦ୍ଦେଶ ଦେଇଛନ୍ତି। ଦୁବାଇରୁ ପ୍ରତ୍ୟର୍ପିତ ମିଶେଲଙ୍କୁ ଗତ ଡିସେମ୍ବର ୨୨ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଗିରଫ କରିଥିଲା। ତାଙ୍କୁ ଇଡି ଓ ସିବିଆଇ ହାଜତକୁ ପଠାଯାଇଥିଲା। ଅନ୍ୟ ପକ୍ଷରେ ଏହି ମାମଲାର ଅନ୍ୟତମ ଅଭିଯୁକ୍ତ ରାଜୀବ ସାକ୍ସେନାଙ୍କ ଜାମିନ ଆବେଦନର ଶୁଣାଣି ଗୁରୁବାର ହେବ। ସେ ହୃଦଘାତରେ ପୀଡିତ ଦର୍ଶାଇ ଜାମିନ ପାଇଁ ଆବେଦନ କରିଥିଲେ। ଏମ୍ସ ରିପୋର୍ଟ ଯାଞ୍ଚ ପରେ ତାଙ୍କ ଜାମିନର ଶୁଣାଣି କରାଯିବ ବୋଲି ସ୍ୱତନ୍ତ୍ର ଜଜ୍ କହିଛନ୍ତି। ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ତାଙ୍କୁ ଗିରଫ କରିଥିଲା।

## [ଇତିହାସର ଆଇନାରେ]

### ଫେବୃୟାରୀ ୧୪ର ପ୍ରମୁଖ ଘଟଣା

୧୯୪୬ ଫେବୃୟାରୀ ୧୪ରେ ବ୍ରିଟେନର ପାର୍ଲାମେଣ୍ଟରେ ଦି' ବ୍ୟାଙ୍କ ଅଫ୍ ଇଂଲଣ୍ଡ ଆଇନ-୧୯୪୬ କାର୍ଯ୍ୟକାରୀ ହୋଇଥିଲା। । ଏହି ଆଇନ ଅନୁଯାୟୀ ବ୍ୟାଙ୍କ ଅଫ୍ ଇଂଲଣ୍ଡର ସମସ୍ତ ଷ୍ଟକ୍ ସରକାରୀ ଅଧୀନ ହୋଇଥିଲା।



୧୯୯୦ ଫେବୃୟାରୀ ୧୪ରେ ଭିଟି-ଇପିଏନ୍ ପଞ୍ଜୀକୃତ ଏୟାରବସ୍ ଏ୩୨୦-୨୩୧ ବାଙ୍ଗାଲୋର ବିମାନ ବନ୍ଦରରେ ଅବତରଣ କରିବା ସମୟରେ ଗଲ୍ଫ ପଡ଼ିଆରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ବିମାନରେ ୧୪୬ ଯାତ୍ରୀ ରହିଥିବା ବେଳେ ୯୨ଜଣଙ୍କର ମୃତ୍ୟୁ ଘଟିଥିଲା। ଭାରତରେ ଏହା ଅଷ୍ଟମ ବୃହତ୍ତ ବିମାନ ଦୁର୍ଘଟଣା ବୋଲି କୁହାଯାଉଛି। ତଦନ୍ତରୁ ଏହି ଯାନ୍ତ୍ରିକ ତ୍ରୁଟି ଯୋଗୁ ଏହି ବିମାନ ଦୁର୍ଘଟଣା ଘଟିଥିଲା ବୋଲି ଜଣାପଡ଼ିଥିଲା।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ପରିଷ୍କାର ରହିବ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୧୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୮ | ୧୩.୧ |
| ଚାନ୍ଦବାଲି | ୨୯.୬ | ୧୫.୦ |
| କଟକ | ୩୧.୬ | ୧୪.୦ |
| ପାରାଦ୍ୱୀପ | ୨୮.୦ | ୧୬.୦ |
| ଭୁବନେଶ୍ୱର | ୩୨.୬ | ୧୪.୩ |
| ଗୋପାଳପୁର | ୩୦.୭ | ୧୭.୦ |
| ପୁରୀ | ୨୭.୮ | ୧୬.୮ |
| ଅନୁଗୋଳ | ୩୨.୧ | ୧୦.୦ |
| ବାରିପଦା | ୩୦.୨ | ୧୩.୬ |
| ଝାରସୁଗୁଡ଼ା | ୩୧.୪ | ୧୨.୯ |
| କେନ୍ଦୁଝର | ୩୦.୧ | ୧୨.୧ |
| ସମ୍ବଲପୁର | ୩୧.୯ | ୧୩.୦ |
| ସୁନ୍ଦରଗଡ଼ | ୩୦.୦ | ୧୨.୦ |
| ହୀରାକୁଦ | ୩୧.୧ | ୧୪.୧ |
| ତାଳଚେର | ୩୨.୧ | ୧୨.୦ |
| ଭବାନୀପାଟଣା | ୩୧.୦ | ୧୧.୫ |
| ବଲାଙ୍ଗୀର | ୩୨.୦ | ୧୨.୦ |
| କୋରାପୁଟ | ୩୧.୦ | ୧୧.୦ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୧୧.୦ |
| ମାଲକାନଗିରି | ୩୬.୨ | ୧୨.୨ |
| ସୋନପୁର | ୩୧.୮ | ୧୧.୬ |
| ଦାରିଙ୍ଗିବାଡ଼ି | ୨୮.୦ | ୧୧.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

**ଫୁରସତ**

## 'ସିଂ'ରେ ଗୁରଇନ୍ଦରଙ୍କ କାହାଣୀ

**ୱାଶିଂଟନ:** ଜଣେ ଉଦାରବାଦୀ ଭାରତୀୟ-ଆମେରିକୀୟ ଶିଖ୍ ଗୁର୍‌ଇନ୍ଦର ସିଂ ଖାଲ୍‌ସାଙ୍କ ଜୀବନ କାହାଣୀ ଉପରେ ଆଧାରିତ ଏକ ଚଳଚ୍ଚିତ୍ର 'ସିଂ' ପ୍ରସ୍ତୁତ ହୋଇଛି। ଆମେରିକାର ଇଣ୍ଡିଆନାରେ ରହୁଥିବା ୧୮ ବର୍ଷର ଛାତ୍ର ତଥା ଅଭିନେତା ଜେନ୍ନା ରୁଇଜ୍ ଏହାକୁ ନିର୍ଦ୍ଦେଶନା ଦେଇଛନ୍ତି। ଫିଲ୍ମର ପୋଷ୍ଟରରେ ଗୁର୍‌ଇନ୍ଦରଙ୍କୁ ତାଙ୍କ ମା' ସୁରଜିତ୍ କୌର ସାନ୍ଧୁଙ୍କ ସହ ଦେଖିବାକୁ ମିଳିଛି। ଧର୍ମ ଓ ପରମ୍ପରା ଅଭିବ୍ୟକ୍ତିର ସ୍ୱତନ୍ତ୍ରତା ବଜାୟ ରଖିବାକୁ ଯାଇ ଆମେରିକାରେ ଶିଖ୍‌ଙ୍କ ପଗଡ଼ି ପିନ୍ଧା ଉପରେ ରହିଥିବା କଟକଣା ବିରୋଧରେ ଶିଖ୍ ଏଣ୍ଟରପ୍ରିନିୟର ଗୁର୍‌ଇନ୍ଦରଙ୍କ ଆଇନଗତ ଲଢ଼ାଇ ଓ ସଫଳ ଅଭିଯାନ 'ସିଂ' ଫିଲ୍ମର ବିଷୟବସ୍ତୁ। ୨୦୦୭ରେ ଗୁର୍‌ଇନ୍ଦରଙ୍କ ଜୀବନରେ ଘଟିଥିଲା ଏକ ଅବିସ୍ମରଣୀୟ ଘଟଣା। ସେ ଶିଖ୍ ପରମ୍ପରା ଅନୁଯାୟୀ ମୁଣ୍ଡରେ ପଗଡ଼ି ପିନ୍ଧି ଥିବାରୁ ତାଙ୍କୁ ନ୍ୟୁୟର୍କ ବିମାନବନ୍ଦରରେ ସୁରକ୍ଷା କର୍ମୀ ଅଟକାଇ ଥିଲେ। ପଗଡ଼ି ଓହ୍ଲାଇବାକୁ ବାଧ୍ୟ କରିଥିଲେ। ଏଥିରେ ଅପମାନିତ ହୋଇ ଗୁର୍‌ଇନ୍ଦର ପରବର୍ତ୍ତୀ ସମୟରେ ଆମେରିକା କଂଗ୍ରେସରେ ଏହି ପ୍ରସଙ୍ଗ ଉଠାଇଥିଲେ। ଧର୍ମୀୟ ପରମ୍ପରାର ଅଧିକାର ନେଇ ଅଭିଯାନ ଜୋର୍‌ଦାର କରିଥିଲେ। ଶେଷରେ ତାଙ୍କୁ ଏହି ଲଢ଼ାଇରେ ବିଜୟ ମିଳିଥିଲା। ଆମେରିକା କଂଗ୍ରେସ ଶିଖ୍‌ଙ୍କ ପଗଡ଼ି ପରିଧାନ ଉପରେ ରହିଥିବା ପ୍ରତିବନ୍ଧକ ଉଠାଇବା ପାଇଁ ଆଇନରେ ପରିବର୍ତ୍ତନ ଆଣିଥିଲେ। ଆମେରିକାର ଟ୍ରାନ୍ସପୋର୍ଟେଶନ ସିକ୍ୟୁରିଟି ଆଡ୍‌ମିନିଷ୍ଟ୍ରେଶନ (ଟିଏସ୍‌ଏ)ରେ ହେଡ୍ ଗିୟର (ପଗଡ଼ି) ପରିଧାନ ଉପରୁ ସୁବଦିନ ପାଇଁ କଟକଣା ହଟାଯାଇଥିଲା। ଏହାପରେ ଗୁର୍‌ଇନ୍ଦିର ଆମେରିକାର ଜଣେ ଚର୍ଚ୍ଚିତ ବ୍ୟକ୍ତିତ୍ୱ ପାଲଟି ଯାଇଥିଲେ। ଇଣ୍ଡିଆନା ୟୁନିର୍ଭସିଟିରେ ନ୍ୟୁକ୍ଲିୟର ମେଡିଶିନ ଟେକ୍ନୋଲୋଜିରେ ସ୍ନାତକ ଡିଗ୍ରୀ ଅଧ୍ୟୟନରତ ଜେନ୍ନା ରୁଇଜ୍ ଗୁର୍‌ଇନ୍ଦରଙ୍କ ସେହି ଅବିସ୍ମରଣୀୟ ଘଟଣା ଓ ଐତିହାସିକ ସଫଳତାରେ ପ୍ରେରିତ ହୋଇ 'ସିଂ' ଫିଲ୍ମ ନିର୍ମାଣ କରିଥିବା କହିଛନ୍ତି।




**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.








## ■ କୋଷ୍ଟାଲ ହାଇୱେ ନିର୍ମାଣ ପ୍ରସଙ୍ଗ

# ପୁନର୍ବାର ରୂପରେଖ ପାଇଁ ଏନ୍‌ଏଚ୍‌ଏଆଇକୁ ପ୍ରସ୍ତାବ

**ଭୁବନେଶ୍ୱର, ୧୩।୨(ବ୍ୟୁରୋ):** କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ କୋଷ୍ଟାଲ ହାଇୱେ ନିର୍ମାଣକୁ ନେଇ ବୁଧବାର ସଚିବାଳୟଠାରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଏନ୍‌ଏଚ୍‌ଏଆଇ ଅଧିକାରୀ ଉପସ୍ଥିତ ରହି କୋଷ୍ଟାଲ ହାଇୱେ ନିର୍ମାଣ ନେଇ ରାଜ୍ୟ ସରକାର ବିସ୍ତୃତ ଆଲୋଚନା କରିଛନ୍ତି। ବୈଠକ ଶେଷରେ ପୂର୍ତ୍ତ ସଚିବ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଚିଲିକା ଉପରେ ଦୁଇଟି ସିଗ୍‌ନେଚର ହାଇୱେ ନିର୍ମାଣ ହେବ। ଏନ୍‌ଏଚ୍‌ଏଆଇ ଦେଇଥିବା ପ୍ରସ୍ତାବକୁ ରାଜ୍ୟ ସରକାର ଗ୍ରହଣ କରିପାରି ନାହାନ୍ତି। ଏନ୍‌ଏଚ୍‌ଏଆଇ ସାତପଡାଠାରୁ ପୁରୀ ମଧ୍ୟରେ ଥିବା ଏକ୍‌ଜିଷ୍ଟିଂ ରୋଡରେ ହାଇୱେ ନିର୍ମାଣ ପାଇଁ ଚାହୁଁଛି। ହେଲେ ପ୍ରସ୍ତାବିତ କୋଣାର୍କ-ଅସ୍ତରଙ୍ଗ କୋଷ୍ଟାଲ ହାଇୱେ ୧୦କିମି ଦୂର ହେଉଛି। ତେଣୁ ରାଜ୍ୟ ସରକାର ଏହି ପ୍ରସ୍ତାବକୁ ଗ୍ରହଣ କରିପାରୁ ନାହାନ୍ତି। ତେଣୁ ଏନ୍‌ଏଚ୍‌ଏଆଇକୁ ପୁନର୍ବାର କୋଷ୍ଟାଲ ହାଇୱେ ରୂପରେଖ ପ୍ରସ୍ତୁତ କରିବାକୁ ପ୍ରସ୍ତାବ ଦିଆଯାଇଥିବା ନଳିନୀ ପ୍ରଧାନ ସୂଚନା ଦେଇଛନ୍ତି। ରାଜ୍ୟ ସରକାରଙ୍କ ଏଭଳି ବିବୃତି ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପାଲଟା ଆକ୍ରମଣ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏଥିପାଇଁ ଦୋଷୀ କରିଛନ୍ତି।

ଧର୍ମେନ୍ଦ୍ର କହିଛନ୍ତି ଯେ, କୋଷ୍ଟାଲ୍ ହାଇୱେ କରାଇ ନ ଦେବା ଘଟଣାରେ ମୁଖ୍ୟମନ୍ତ୍ରୀ ହେଉଛନ୍ତି ମୂଳ ଦୋଷୀ। ଯଦି

### କରାଇ ନ ଦେବାକୁ ଯୋଜନା : ଧର୍ମେନ୍ଦ୍ର

କିଛି ଅଞ୍ଚଳରେ ସମୁଦ୍ର ପାଖ ଦେଇ ରାସ୍ତା ହେବ। ଏଥିରେ କାହାର ଦ୍ୱିମତ ନାହିଁ। ରାଜ୍ୟ ସରକାର ଜାଗା ଉପଲବ୍ଧତା କଲେ ଏନ୍‌ଏଚ୍‌ଏଆଇ ତା'କାମ କରିବ। ମାତ୍ର ଚିଲିକା ଉପରେ ଯେଉଁ ବ୍ରିଜ୍ ଦୁଇଟି ହେବ, ଯେଉଁଥିରେ ଜମି ଅଧିଗ୍ରହଣର ଆବଶ୍ୟକତା ନାହିଁ। ୨୦୧୫-୧୬ରେ ଯେଉଁ କଥା ରାଜ୍ୟ ସରକାର କହିଥିଲେ ୨୦୧୮ରେ ମଧ୍ୟ ସେହି କଥାକୁ ଦୋହରାଇଥିଲେ। ୨୦୧୯ରେ ମଧ୍ୟ ସେହି କଥା କହୁଛନ୍ତି। କୋଷ୍ଟାଲ ଜୋନ୍ ମ୍ୟାନେଜମେଣ୍ଟ କର୍ତ୍ତୃପକ୍ଷ କେବଳ ସୁପାରିସ କରି ସିଆର୍‌ଜେଡ୍ ଅନୁମତି ପାଇଁ ସୁପାରିସ କରିବାରେ ରାଜ୍ୟ ସରକାର କାହିଁକି ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି। ପ୍ରକଳ୍ପକୁ ନ କରେଇ ଦେବାର ମୂଳ ଦୋଷୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏବଂ ପୂର୍ତ୍ତ ସଚିବ ନଳିନୀକାନ୍ତ ପ୍ରଧାନ ବୋଲି ଧର୍ମେନ୍ଦ୍ର ଅଭିଯୋଗ କରିଛନ୍ତି। କେତେଥର ପୁରୁଣା କଥାକୁ ଦୋହରାଇବେ ରାଜ୍ୟ ସରକାର। ନଳିନୀ ପ୍ରଧାନ ପୂର୍ତ୍ତ ସଚିବ ନୁହନ୍ତି, ରାଜନୀତି କାମରେ ମାତିଲେଣି। ଏପ୍ରିଲ ମାସରୁ ମୁଖ୍ୟ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ଆଗରେ ଏକ ପ୍ରେଜେଣ୍ଟେଶନ ହୋଇଥିଲା, ଯେଉଁଟା ଜୁଲାଇ, ଅଗଷ୍ଟ ସୁଦ୍ଧା ରାଜ୍ୟ ସରକାରଙ୍କୁ ଜଣାଇ ଦିଆଯାଇଥିଲା। ତାକୁ ଦେଖିବାପରେ ଫେରାଇବା ଲାଗି ଫେବୃଆରୀ ପର୍ଯ୍ୟନ୍ତ କାହିଁକି ବିଳମ୍ବିତ ହେଲା ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି।

# ସ୍ୱୟଂଚାଳିତ ହେବ ହୀରାକୁଦ ଡ୍ୟାମ୍

**ଭୁବନେଶ୍ୱର, ୧୩।୨(ବ୍ୟୁରୋ)**

ରାଜ୍ୟରେ ୧୦ଟି ବୃହତ୍ ଡ୍ୟାମ୍ ରହିଥିବା ବେଳେ ୫୫ଟି ମଧ୍ୟମ ଓ ୧ ହଜାରରୁ ଊର୍ଦ୍ଧ୍ୱ କ୍ଷୁଦ୍ର ଜଳସେଚନ ଡ୍ୟାମ୍ ରହିଛି। ସେଗୁଡିକ ମଧ୍ୟରୁ ଅଧିକାଂଶ ୨୫ରୁ ୭୦ ବର୍ଷର ପୁରୁଣା। ଯଦି ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା କରା ନ ଯିବ, ଆଗାମୀ ଦିନରେ ଭୟାନକ ପରିସ୍ଥିତି ସୃଷ୍ଟି ହେବ ବୋଲି ଡ୍ୟାମ୍ ସୁରକ୍ଷା ବିଶେଷଜ୍ଞମାନେ ସତର୍କ କରାଇଛନ୍ତି। ଡ୍ୟାମ୍‌ଗୁଡିକର ସୁରକ୍ଷା ପାଇଁ ପ୍ରଥମଥର ଲାଗି କେନ୍ଦ୍ର ସରକାର ଏକ ବିଲ୍ ଆଣିବାକୁ ଯାଉଛନ୍ତି। କ୍ୟାବିନେଟ ଅନୁମୋଦନ ପରେ ୨୦୧୮ ଡିସେମ୍ବରରେ ଡ୍ୟାମ୍ ସେଫ୍ଟି ବିଲ୍‌କୁ ପାର୍ଲାମେଣ୍ଟର ଅନୁମୋଦନ ପାଇଁ ଉପସ୍ଥାପନ କରାଯାଇଛି। ଏହି ବିଲ୍‌ରେ ଡ୍ୟାମ୍ ତଦାରଖ, ଯାଞ୍ଚ, ପରିଚାଳନା, ରକ୍ଷଣାବେକ୍ଷଣା ଆଦି ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିସହିତ ଡ୍ୟାମ୍ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନେ ଯଦି ଗାଇଡଲାଇନ ଅନୁଯାୟୀ ଠିକ ଢଙ୍ଗରେ ନିଜର ଦାୟିତ୍ୱ ନିର୍ବାହ କରି ନ ଥିବେ, ସେମାନଙ୍କ ବିରୋଧରେ ଫୌଜଦାରି ମାମଲା ଦାଏର ହେବ। କେନ୍ଦ୍ର ସରକାର ୭୦୦ ଡ୍ୟାମ୍ ସୁରକ୍ଷା ପାଇଁ ଡ୍ୟାମ୍ ରିହାବିଲିଟେଶନ ଆଣ୍ଡ ଇମ୍ପ୍ରୁଭମେଣ୍ଟ ପ୍ରୋଜେକ୍ଟ(ଡିଆରଆଇପି)ର ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ସକାଶେ ୧୦,୧୨୨ କୋଟି ଟଙ୍କା ବଜେଟରେ ବ୍ୟୟ ବରାଦ କରିଛନ୍ତି। ୧୦ବର୍ଷ ପାଇଁ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ।

ରାଜ୍ୟର ସର୍ବପୁରାତନ ହୀରାକୁଦ ଡ୍ୟାମ୍ ସ୍ୱୟଂଚାଳିତ ହେବ। ଗେଟ୍ ଖୋଲିବା ଓ ବନ୍ଦ କରିବା କାର୍ଯ୍ୟ ସ୍ୱୟଂଚାଳିତ ହେବ। ଭୁବନେଶ୍ୱରରେ ବସି ହୀରାକୁଦ ଗେଟ୍‌କୁ ପରିଚାଳନା କରାଯାଇପାରିବ ବୋଲି ସୂଚନା ଦେଇଛନ୍ତି ରାଜ୍ୟ ଜଳ ସମ୍ପଦ ସଚିବ ପ୍ରଦୀପ ଜେନା। ବୁଧବାର ସ୍ଥାନୀୟ କିଟ୍ ପରିସରରେ ଆୟୋଜିତ ୨ଦିନିଆ ଅନ୍ତର୍ଜାତୀୟ ଡ୍ୟାମ୍ ସୁରକ୍ଷା ସମ୍ମିଳନୀରେ ଯୋଗ ଦେଇ ଜେନା କହିଛନ୍ତି ଯେ, ହୀରାକୁଦରେ ୯୮ଟି ସ୍ପିଲ୍‌ୱେ (ଜଳ ନିଷ୍କାସନ ଗେଟ୍ ) ରହିଛି। ସେହିସବୁ ଗେଟ୍‌କୁ ମାନୁଆଲ ପରିଚାଳନା କରାଯାଉଛି। ନୂତନ ଟେକ୍ନୋଲୋଜି


ଡ୍ୟାମ୍ ସେଫ୍ଟି ସୁରକ୍ଷା ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ।

### ଡ୍ୟାମ୍ ସେଫ୍ଟି ସୁରକ୍ଷା ସମ୍ମିଳନୀ ଉଦ୍‌ଘାଟିତ

- ■ ଗାଇଡ୍‌ଲାଇନ ଉଲ୍ଲଂଘନ କଲେ ହେବ ଫୌଜଦାରି ମକଦ୍ଦମା
- ■ ନିର୍ମାଣ ହେବ ଦ୍ୱିତୀୟ ସ୍ପିଲ୍‌ୱେ, ଖର୍ଚ୍ଚ ହେବ ୫୦୦ କୋଟି

ଆସିବା ପରେ ହୀରାକୁଦ ଡ୍ୟାମରେ ବନ୍ୟା ଜଳ ପରିଚାଳନା ସ୍ୱୟଂଚାଳିତ କରିବାକୁ ନିଷ୍ପତ୍ତି ହୋଇଛି। ବିଭିନ୍ନ ଦେଶରୁ ବିଶେଷଜ୍ଞମାନେ ଆସି ଅନୁଧ୍ୟାନ କରିଛନ୍ତି। ଖୁବ୍‌ଶୀଘ୍ର ନୂତନ ପଦ୍ଧତି ଅବଲମ୍ବନ କରାଯିବ ବୋଲି ଜେନା ସୂଚନା ଦେଇଛନ୍ତି। ଏହାଛଡ଼ା ଜଳବାୟୁ ପରିବର୍ତ୍ତନ ଯୋଗୁ ହୀରାକୁଦ ଡ୍ୟାମ୍‌କୁ ଏକା ଥରରେ ଅତିମାତ୍ରାରେ ଜଳ ପ୍ରବେଶ କରୁଛି। ଗତ ବର୍ଷ ହୀରାକୁଦ ଉପରମୁଣ୍ଡରେ ୫୯୨ମିଲିମିଟର ବର୍ଷା ଗୋଟିଏ ଦିନରେ ହୋଇଥିଲା। ଜଳ ନିଷ୍କାସନ ଠିକ୍ ଢଙ୍ଗରେ କରା ନ ଗଲେ ଡ୍ୟାମ୍ ପ୍ରତି ବିପଦ ଦେଖାଦେବ। ଏହାକୁ ଦୃଷ୍ଟିରେ ରଖି ଦୁଇଟି ସ୍ପିଲ୍ ୱେ ନିର୍ମାଣ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ଗୋଟିଏ ସ୍ପିଲ୍ ୱେ ନିର୍ମାଣ କରାଯାଇଛି। ଅନ୍ୟଟି ଖୁବ୍‌ଶୀଘ୍ର ଆରମ୍ଭ କରାଯିବ। ପ୍ରଥମ ସ୍ପିଲ୍ ୱେ ପାଇଁ ୫୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଉକ୍ତ ଦୁଇଟି ସ୍ପିଲ୍ ୱେ କାର୍ଯ୍ୟକ୍ଷମ ହେଲେ ପ୍ରତି ମିନିଟରେ ଡ୍ୟାମ୍‌ରୁ ୯ଲକ୍ଷ କ୍ୟୁସେକ ଜଳ ନିଷ୍କାସନ କରାଯାଇ ପାରିବ। ଡ୍ୟାମ୍‌ରୁ ଏବେ ପ୍ରତି ମିନିଟରେ ୧୫ଲକ୍ଷ କ୍ୟୁସେକ ଜଳ ଛଡ଼ାଯାଉଛି। ନୂତନ ସ୍ପିଲ୍ ୱେ କାର୍ଯ୍ୟକ୍ଷମ ହେବାପରେ ଡ୍ୟାମ୍‌ରୁ ୨୪ଲକ୍ଷ କ୍ୟୁସେକ ଜଳ ନିଷ୍କାସନ ହୋଇପାରିବ। ଡ୍ୟାମ୍‌ଗୁଡିକୁ କିପରି ସୁରକ୍ଷିତ ରଖାଯିବ ସେ ନେଇ ରାଜ୍ୟ ସରକାର ଚଳିତ ବଜେଟରେ ୧୦୦ କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି। ବିଶ୍ୱବ୍ୟାଙ୍କ ପକ୍ଷରୁ ଡିଆରଆଇପି ବାବଦରେ ଓଡିଶାକୁ ୬ବର୍ଷ ପାଇଁ ୭୨୦କୋଟି ଟଙ୍କା ଯୋଗାଇ ଦିଆଯାଇଛି ବୋଲି ସଚିବ ସୂଚନା ଦେଇଛନ୍ତି।

ଏହି ସମ୍ମିଳନୀରେ ଯୋଗ ଦେଇ କେନ୍ଦ୍ର ଜଳ ସମ୍ପଦ ସଚିବ ୟୁ.ପି. ସିଂ କହିଛନ୍ତି ଯେ, ଦେଶରେ ଯେତିକି ଡ୍ୟାମ୍ ରହିଛି ସେଥିରୁ ଅଧିକାଂଶ ୨୫ବର୍ଷରୁ ୧୦୦ ବର୍ଷର ପୁରୁଣା। ଦେଶରେ ୫,୨୬୪ଟି ବୃହତ୍ ଡ୍ୟାମ ରହିଥିବାବେଳେ ୪୩୭ଟି ଡ୍ୟାମ୍‌ର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏହି ସବୁ ଡ୍ୟାମ୍‌ରେ ୨୮୩ ବିଲିୟନ କ୍ୟୁବିକ ମିଟର(ବିଏମ୍‌ସି) ଜଳ ରହିପାରିବ। ସେଥିରୁ ୮୦ ପ୍ରତିଶତ ଡ୍ୟାମ୍ ୨୨୫ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ହୋଇଥିବାବେଳେ ୨୦୯ଟି ୧୦୦ ବର୍ଷରୁ ଊର୍ଦ୍ଧ୍ୱ ଅଟେ। ସେଗୁଡିକର ସୁରକ୍ଷା ଅତ୍ୟନ୍ତ ଜରୁରୀ ହୋଇପଡିଛି। କେନ୍ଦ୍ର ସରକାର ୭ଟି ରାଜ୍ୟର ୧୯୮ ଡ୍ୟାମ୍ ସୁରକ୍ଷା ପାଇଁ ଡିଆରଆଇପି ବାବଦରେ ୨୧୦୦କୋଟିଟଙ୍କା ପ୍ରଦାନ କରିଛନ୍ତି। ଏହି ଅର୍ଥ ରାଶିକୁ ୩,୪୬୬ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି ବୋଲି ସଚିବ ସୂଚନା ନେଇଛନ୍ତି।

ରାଜ୍ୟରେ ଡ୍ୟାମ୍‌ଗୁଡିକୁ କିପରି ସୁରକ୍ଷିତ ରଖାଯାଇପାରିବ ସେନେଇ ଉକ୍ତ ସମ୍ମିଳନୀରେ ବିଶଦ ଭାବେ ଆଲୋଚନା କରାଯିବ। ଏହି ସମ୍ମିଳନୀକୁ ଜଳସମ୍ପଦ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ, ରାଜ୍ୟରେ ଥଇଥାନ, ବିରୋଧ, ପରିବେଶ ଅନୁମତି, ଜମି ଅଧିଗ୍ରହଣ ଆଦି ଅନେକ ସମସ୍ୟା ଯୋଗୁ ନୂତନ ବୃହତ ଡ୍ୟାମ୍ ନିର୍ମାଣ ହୋଇପାରୁ ନାହିଁ। ତେବେ ରାଜ୍ୟରେ ଯେତିକି ଡ୍ୟାମ୍ ଅଛି ତାହାର ସୁରକ୍ଷା ଆମର ପ୍ରଥମ ଦାୟିତ୍ୱ। ଜଳବାୟୁ ପରିବର୍ତ୍ତନ କାରଣରୁ ଜଳସ୍ତର କମୁଛି। ତେଣୁ ଏହାକୁ ସଂରକ୍ଷିତ ରଖିବାକୁ ହେଲେ ଜଳଭଣ୍ଡାରର ଯଥେଷ୍ଟ ଆବଶ୍ୟକତା ରହିଛି। ସେଗୁଡିକ କିପରି ସୁରକ୍ଷା କରାଯାଇ ପାରିବ ସେ ନେଇ ଏହି ସମ୍ମିଳନୀରେ ବିଶେଷଜ୍ଞମାନେ ମତ ଦେବେ ବୋଲି ମନ୍ତ୍ରୀ କହିଛନ୍ତି। ଏଥିରେ ୭୨୫ଜଣ ବିଶେଷଜ୍ଞ ଯୋଗ ଦେଇଥିବା ବେଳେ ୩୦ଟି ଦେଶରୁ ୧୦୦ ଜଣ ଡ୍ୟାମ୍ ଏକ୍ସପର୍ଟ ଯୋଗ ଦେଇଛନ୍ତି। ଏହି ଅବସରରେ ଡିଆରଆଇପି ଦ୍ୱାରା ପ୍ରସ୍ତୁତ ଡ୍ୟାମ୍ ସୁରକ୍ଷା ଗାଇଡ ଲାଇନକୁ ଉନ୍ମୋଚନ କରାଯାଇଥିଲା।

# କେନ୍ଦ୍ର-ରାଜ୍ୟ କଳିରେ ବଳିପଡୁଛି ପ୍ରକଳ୍ପ

**ଭୁବନେଶ୍ୱର, ୧୩।୨(ବ୍ୟୁରୋ)**

ଉତ୍ତର ଓଡ଼ିଶାର ସୀମାନ୍ତବର୍ତ୍ତୀ ଦୀଘାଠାରୁ ଗଞ୍ଜାମ ଜିଲା ଗୋପାଳପୁର ପର୍ଯ୍ୟନ୍ତ ପ୍ରସ୍ତାବିତ କୋଷ୍ଟାଲ ହାଇୱେ କାର୍ଯ୍ୟ ଆରମ୍ଭ ହୋଇପାରୁନାହିଁ। ପ୍ରସ୍ତାବିତ କୋଷ୍ଟାଲ ହାଇୱେକୁ ନେଇ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ବାଦବିବାଦ ଲାଗି ରହିଛି। ମୁଖ୍ୟ ଶାସନ ସଚିବସ୍ତରୀୟ ସମୀକ୍ଷା ପରେ ମଧ୍ୟ ହାଇୱେ କାର୍ଯ୍ୟ ପ୍ରକଳ୍ପ ଅଟକି ରହିଛି। କେଉଁ ବାଟ ଦେଇ ହାଇୱେ ଯିବ, ସେ ନେଇ କେନ୍ଦ୍ର ରାଜ୍ୟ ମଧ୍ୟରେ ସହମତି ଆସିନାହିଁ। କେନ୍ଦ୍ର ସରକାର ପୁରୁଣା ରାସ୍ତାର ଉଭୟ ପାର୍ଶ୍ୱର ବିକାଶ କରିବା ସହ ରାସ୍ତା ଚଉଡା ପାଇଁ ମନ ବଳାଇଛନ୍ତି। ହେଲେ ରାଜ୍ୟ ସରକାର ସମୁଦ୍ରକୂଳ ନିକଟବର୍ତ୍ତୀରେ ହାଇୱେ ନିର୍ମାଣ ପାଇଁ କହୁଛନ୍ତି। ଇତିମଧ୍ୟରେ ଜାତୀୟ ରାଜପଥ ପ୍ରାଧିକରଣ(ଏନ୍‌ଏଚ୍‌ଏଆଇ) ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଆଲାଇନ୍ ମେଣ୍ଟକୁ କେନ୍ଦ୍ର ସରକାର ପ୍ରତ୍ୟାଖ୍ୟାନ କରିଥିବା ବିଜେଡି ଅଭିଯୋଗ କରିଛି। ଭାଜପା ମଧ୍ୟ ପାଲଟା ଆକ୍ରମଣ କରି ପ୍ରକଳ୍ପ ବିଳମ୍ବ ପାଇଁ ରାଜ୍ୟକୁ ଦାୟୀ କରିଛି।

ବିଜେଡି ପକ୍ଷରୁ ଖବରଦାତା ସମ୍ମିଳନୀ କରି ଦଳର ସାଧାରଣ ସମ୍ପାଦକ ସଞ୍ଜୟ ଦାସବର୍ମା କହିଛନ୍ତି ଯେ, ନବକଳେବର ବର୍ଷ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ଆସି କୋଷ୍ଟାଲ ହାଇୱେ ପ୍ରକଳ୍ପ କାର୍ଯ୍ୟ ତୁରନ୍ତ ଆରମ୍ଭ କରାଯିବ ବୋଲି ମତ ରଖିଥିଲେ। ଏଥିପାଇଁ କେନ୍ଦ୍ର ୫୦୦୦ କୋଟି ଟଙ୍କା ବ୍ୟୟବରାଦ କରିଥିବା ମଧ୍ୟ କହିଥିଲେ। ଉକ୍ତ ସଭାରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ସମାନ ମନ୍ତବ୍ୟ ରଖିଥିଲେ। ହେଲେ ଇତିମଧ୍ୟରେ ନବକଳେବର ସହ ୩ଟି ରଥଯାତ୍ରା ସରିଗଲାଣି। କୋଷ୍ଟାଲ ହାଇୱେ ସମେତ ଅନେକ ଅଘୋଷିତ କାର୍ଯ୍ୟ ଏବେ ମଧ୍ୟ ବାକି ରହିଛି। ଘୋଷଣାର ୩ ବର୍ଷ ପରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ପୁନର୍ବାର ୭ ଜୁନ୍, ୨୦୧୮ରେ ରାଜଧାନୀରେ ଏକ ଖବରଦାତା ସମ୍ମିଳନୀ କରି କହିଥିଲେ ଯେ, ସେହିବର୍ଷ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପୂର୍ବରୁ ପ୍ରସ୍ତାବିତ କୋଷ୍ଟାଲ ହାଇୱେ ପ୍ରକଳ୍ପର ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବ। ହେଲେ ତାହା ହୋଇ ନ ଥିଲା, ଓଲଟି ରାଜନୀତି କରାଯାଇଥିଲା। ବହୁ ପ୍ରଚାରିତ ଏହି କୋଷ୍ଟାଲ ହାଇୱେ ସମ୍ପର୍କରେ ବାରମ୍ବାର ରାଜ୍ୟରେ ବିଭିନ୍ନ ସ୍ତରରେ ଦାବି ଉପସ୍ଥାପିତ କରାଗଲା। ଏହାପରେ ୮ ନଭେମ୍ବର, ୨୦୧୮ ଏନ୍‌ଏଚ୍‌ଏଆଇ ପ୍ରକଳ୍ପ ନିର୍ଦ୍ଦେଶକ ଶିଶୁମୋହନ ରାଜ୍ୟର ସଦସ୍ୟ ସଚିବ (ଓଡ଼ିଶା କୋଷ୍ଟାଲ୍ ଜୋନ୍ ମ୍ୟାନେଜ୍‌ମେଣ୍ଟ ଅଥରିଟି)ଙ୍କୁ ତାଙ୍କ ପତ୍ର ନଂ-୨୩୮୦ ମାଧ୍ୟମରେ ସିଆର୍‌ଜେଡ୍ (କୋଷ୍ଟାଲ ରେଗୁଲେଶନ ଜୋନ) ଅନୁମୋଦନ ପାଇଁ ପତ୍ର ପଠାଇଥିବା ସଞ୍ଜୟ ଦାବି କରିବା ସହ ସେ ସମ୍ବନ୍ଧୀୟ ଚିଠି ପ୍ରଦର୍ଶିତ କରିଥିଲେ। ସେ ଆହୁରି କହିଛନ୍ତି, ଏହି ଚିଠିର ୨ ଦିନ ଅର୍ଥାତ ଗତ ନଭେମ୍ବର ୧୦ ରେ ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରି ରାଜ୍ୟକୁ ଟାର୍ଗେଟ କରିଥିଲା। ହେଲେ ରାଜଧାନୀସ୍ଥିତ ଏନ୍‌ଏଚ୍‌ଏଆଇ ଆଞ୍ଚଳିକ ଅଫିସର ତଥ୍ୟ ଅନୁଯାୟୀ ଏହି ପ୍ରକଳ୍ପ ପାଇଁ ଚୈତନ୍ୟ ପ୍ରୋଜେକ୍ଟ କନସଲଟାନ୍ସି ପ୍ରା.ଲି.କୁ ଡିପିଆର ପ୍ରସ୍ତୁତ ଦାୟିତ୍ୱ ଦିଆଯାଇଥିଲା। ପ୍ରସ୍ତାବିତ ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ହେଲା ରାସ୍ତାକୁ ବନ୍ଦର ସହିତ ଯୋଡ଼ିବା, ବାତ୍ୟାପ୍ରବଣ ଅଞ୍ଚଳକୁ ସୁରକ୍ଷିତ ଓ ପର୍ଯ୍ୟଟନର ବିକାଶ କରିବା। ସମୁଦ୍ର ତଟରୁ ୫୦୦ ମିଟର ସିଆରଜେଡ୍ ଲାଇନ୍‌କୁ ବାଦ ଦେଇ ତଟୀୟ ରାଜପଥ ନିର୍ମାଣ କରିବା ପାଇଁ ଆଲାଇନ୍‌ମେଣ୍ଟ ପ୍ରସ୍ତୁତ କରାଯାଇଥିଲା। ହେଲେ କେନ୍ଦ୍ର ଏହି ପ୍ଲାନକୁ ବଦଳାଇ ଦେଇଛି। ଯାହା ଦ୍ୱାରା ଚିଲିକାର ଜୈବବିବିଧତା ଏବଂ ବ୍ରହ୍ମଗିରିବାସୀଙ୍କ ଭିଟାମାଟି ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁରୀ-ସାତପଡ଼ା, କୋଣାର୍କ-ଅସ୍ତରଙ୍ଗ, ଧାମରା-ତଳସାରୀ ରାସ୍ତା ଚମ୍ପାପୁର ପର୍ଯ୍ୟନ୍ତ ପୁରୁଣା ରାସ୍ତାକୁ ପ୍ରଶସ୍ତ କରିବା ରାଜ୍ୟବାସୀଙ୍କ ପ୍ରତି ବଡ ଧୋକା ବୋଲି ସଞ୍ଜୟ କହିଛନ୍ତି। ଉକ୍ତ ଖବରଦାତା ସମ୍ମିଳନୀରେ ବିଜେଡି ପକ୍ଷରୁ କେନ୍ଦ୍ର ଦ୍ୱାରା ପୁରୁଣା ରୋଡ ପ୍ରଶସ୍ତୀକରଣ ଏବଂ ଏନ୍‌ଏଚ୍‌ଏଆଇ ଦ୍ୱାରା ଚୈତନ୍ୟ କନ୍‌ସଲଟାନ୍ସି ଦ୍ୱାରା ପ୍ରସ୍ତୁତ ମାନଚିତ୍ର ପ୍ରଦର୍ଶିତ କରାଯାଇଥିଲା।

ଅପରପକ୍ଷରେ ଭାଜପା ପକ୍ଷରୁ ଗୋଲକ ମହାପାତ୍ର କହିଛନ୍ତି ଯେ, ୯୦୦୦ କୋଟିର ଏହି ପ୍ରକଳ୍ପ ହେଲେ କାଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନାଁ ନେଇଯିବେ ସେଥିପାଇଁ ରାଜ୍ୟ ଏହାକୁ କରାଇ ଦେଉନାହିଁ। ୨୦୧୭ରେ ତୃଣମୂଳସ୍ତରରେ ଏହି କାମ ଚାଲିଲା। ପ୍ରକଳ୍ପ ପାଇଁ ଆବଶ୍ୟକ ଜମି ଅଧିଗ୍ରହଣ, ଜଙ୍ଗଲ କ୍ଲିୟରାନ୍ସ, ସିଆରଜେଡ୍, ୟୁଟିଲିଟି ଶିଫ୍ଟିଙ୍ଗ ୪ଟି ସହାୟତା ରାଜ୍ୟ ସରକାରଙ୍କୁ ମଗାଗଲା। ୧୯୫୬ ଆକ୍ଟ ବଳରେ ସମସ୍ତଙ୍କ ପରାମର୍ଶ ପରେ ଆଲାଇନମେଣ୍ଟ ଫାଇନାଲ କରିବାର ଅଧିକାର ଭାରତ ସରକାରଙ୍କ ପାଖରେ ଅଛି ବୋଲି ଗୋଲକ କହିଛନ୍ତି।




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଶୁଭମ୍
ପରିବାରବର୍ଗ


ରାଣୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଏମ୍‌କେସିଜିରେ ୨୫୦ ...

ସରକାର ନିଷ୍ପତ୍ତି ନେଇଥିଲେ। ୨୦୧୫ ରୁ ପର୍ଯ୍ୟାୟକ୍ରମେ ଏମ୍‌ସିଆଇ ଟିମ୍ ଏମ୍‌କେସିଜି ମେଡିକାଲ କଲେଜକୁ ପରିଦର୍ଶନରେ ଆସି ଭିତ୍ତିଭୂମି ଯାଞ୍ଚ କରି ଫେରିଥିଲେ। କଲେଜର ଭିତ୍ତିଭୂମି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଦେଖି ସିଟ୍ ସଂଖ୍ୟା ୨୫୦କୁ ବୃଦ୍ଧି କରିବା ନେଇ କେନ୍ଦ୍ର ସରକାରଙ୍କୁ ରିପୋର୍ଟ ଦେଇଥିଲେ। ଉକ୍ତ ରିପୋର୍ଟ ମୁତାବକ ୨୦୧୬-୧୭ ଶିକ୍ଷା ବର୍ଷରୁ ଏମ୍‌ବିବିଏସ୍‌ରେ ୨୫୦ ସିଟ୍‌ରେ ନାମଲେଖା

**ପ୍ରଥମ ପୃଷ୍ଠାରୁ...**

ଆରମ୍ଭ ହୋଇଛି। ଏହି ସିଟ୍ ସଂଖ୍ୟାକୁ କାଏମ ରଖିବା ପାଇଁ ପ୍ରତ୍ୟେକ ଶିକ୍ଷା ବର୍ଷ ଏମ୍‌ସିଆଇ ଟିମ୍ ଏମ୍‌କେସିଜି ମେଡିକାଲ କଲେଜ ପରିଦର୍ଶନରେ ଆସି ଭିତ୍ତିଭୂମି ପରଖି କେନ୍ଦ୍ର ସରକାରଙ୍କୁ ରିପୋର୍ଟ ପଠାଉଛନ୍ତି। ୨୦୧୯-୨୦ ଶିକ୍ଷା ବର୍ଷ ପାଇଁ ଗତ ସେପ୍ଟେମ୍ବରରେ ଏମ୍‌ସିଆଇର ୪ ଜଣିଆ ପ୍ରତିନିଧି ଏମ୍‌କେସିଜିକୁ ପରିଦର୍ଶନରେ ଆସି ଦୁଇ ଦିନ ମେଡିକାଲ କଲେଜ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି ଫେରିଥିଲେ।

# classified

real estate

SALE

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-65558

**Readymade Ghari (prawn farm) Gadadharipur, Jagatsinghpur 7 acres land 15,00,000/-. 7809525452.** D-65821

2BHK completed flat fully furnished with modular kitchen, sale at Gudiapokhari near KEC. 9438109040, 8144634252. D-11127

**Plot on lowest bduget Brahmanajharilo, 9km. from BBSR 16km. from Cuttack 250/- sqft. 7809525452.** D-65822

GENERAL

SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-65350

to-let

2BHK house for rent at Behera sahi, Nayapalli, Bhubaneswar. Contact: 7377778777. D-11102

ACCOMMODATION

Required 1200 sqft. hall location Sahid Nagar, Satya Nagar, Ashok Nagar, Patia, Cuttack Road, Delta Square. Contact: 9348916882. D-11125

healthcare

New opening ayurvedic full body massage. 7077444583. D-10885

Newly ayurvedic full body messege relaxed home service: 7609923705, 7438851534. D-38545

AFFIDAVIT

Affidavit before Notary Dhenkanal I Rojaleen Behera, W/o. Abhaya Kumar Behera, Village-Kukuta(Basala), PS-Balimi consequent open my marriage I shall known as Rojaleen Behera instead of Rojaleen Dehury for all purposes. D-62071

**ତୃତୀୟ ଜନ୍ମଦିନ ଶୁଭେଚ୍ଛା**


(ରାଣୀ)
ଲାସ୍ୟାତାପସୀ
NABARD Officer's Colony
C.S.Pur, Bhubaneswar
କୋଟିଏ ଆୟୁଷ ଦିଅନ୍ତୁ ଠାକୁରେ ଓଠେ ଥାଉ ହସ ଜୀବନ ସାରା ଆମର ଆଶିଷ ମଥାପରେ ଥାଉ ସଭିଙ୍କର ଦୁଃଖ ଦୁଃଖ ପାସୋରା। **ଆଶୀର୍ବାଦ ସହ:** ମା-ବାପା, ଦାଦା, ଜେଜେ-ଜେଜେମା, ଅଜା, ଆଇ ଏବଂ ପରିବାରବର୍ଗ। ଧ-୫୮୦୪୧

**ଜନ୍ମଦିନ ଶୁଭେଚ୍ଛା**


ତେଜେଶ୍ୱର
ଜଗନ୍ନାଥଙ୍କ ଅପାର କରୁଣାରୁ ତୋର ଚଲାପଥ କୁସୁମିତ ହେଉ। ଏତିକି ପ୍ରାର୍ଥନା।
**ଶୁଭେଚ୍ଛା ସହ**
ମା, ବାପା, ବଡବାପା, ବଡମା, ଆଈ, ମାଉସୀ, ମଉସା, ମାମୁଁ, ମାଇଁ, କାହ୍ନାଭାଇ, ରାଜାଭାଇ, ଦିଦି, ଦାଦା, ବଡଚୁଇଁ, ସାନଚୁଇଁ। ଧ-୧୧୧୧୦

**ଦ୍ୱିତୀୟ ଜନ୍ମବାର୍ଷିକ ଶୁଭେଚ୍ଛା**


(ଶୁଭମ)
ଶୋଭିତ ପାଢୀ
ବ୍ରହ୍ମପୁର
ଆଜି ତୋର ଦ୍ୱିତୀୟ ଶୁଭ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ଏତିକି ପ୍ରାର୍ଥନା ତୋତେ ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ। ଭଲ ମଣିଷ କରି ଗଢି ତୋଳନ୍ତୁ। ତୋର ଭବିଷ୍ୟତ ଜୀବନ ଉଜ୍ଜ୍ୱଳମୟ ଓ ଚଲାପଥ କୁସୁମିତ ହେଉ। **ଶୁଭେଚ୍ଛା ସହ:** ମାମା, ପାପା, ମା, ବାପା, ଅଜା, ଆଈ, ବନ୍ଧୁ ଓ ପରିବାରବର୍ଗ। ଧ-୧୧୧୨୬

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଏନ୍‌ଡିଏର ରାଫାଲ ...

କମ୍ପାନୀ ଲାଭବାନ ହୋଇଛି। କାରଣ ଉକ୍ତ କମ୍ପାନୀକୁ ବ୍ୟାଙ୍କ ଗ୍ୟାରେଣ୍ଟି ଦେବାକୁ ପଡିନାହିଁ। ୨୦୦୭ ଚୁକ୍ତିନାମାରେ ଅଗ୍ରିମ ପୈଠ ଉପରେ ୧୫ ପ୍ରତିଶତ ବ୍ୟାଙ୍କ ଗ୍ୟାରେଣ୍ଟି ବ୍ୟବସ୍ଥା ରହିଥିଲା। ଅନିଲ ଅମ୍ବାନୀଙ୍କ ରିଲାଏନ୍ସ ଗ୍ରୁପ୍ କମ୍ପାନୀକୁ ରାଫାଲ ଯୁଦ୍ଧବିମାନ ନିର୍ମାଣ ଠିକା ପ୍ରଦାନରେ ଦୁର୍ନୀତି ହୋଇଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଆସୁଥିବାବେଳେ ଅଫ୍‌ସେଟ ପାର୍ଟନରକୁ ନେଇ ରିପୋର୍ଟରେ କିଛି କୁହାଯାଇ ନାହିଁ। ୨୦୦୭ର ଚୁକ୍ତି ଅନୁଯାୟୀ ୧୨୬ଟି ବିମାନ କିଣାରେ ଡାସଲ୍ଟ ଆଭିଏଶନ ସ୍ୱଳ୍ପ ମୂଲ୍ୟରେ ୨୬ ପାଇଲଟ ଏବଂ ୭୬ ଟେକ୍‌ନିସିଆନଙ୍କୁ ମୌଳିକ ପ୍ରଶିକ୍ଷଣ ଦେଇଥାନ୍ତା। ଏନଡିଏ ସରକାରଙ୍କ ଡିଲ୍‌ରେ ୨୭ ପାଇଲଟ, ୧୪୬ ଟେକ୍‌ନିସିଆନ ଏବଂ ୨ ଜଣ ଇଞ୍ଜିନିୟରଙ୍କୁ ତାଲିମ ଦେବାର ସର୍ତ୍ତ ରଖାଯାଇଛି।

ପାର୍ଲାମେଣ୍ଟରେ ରିପୋର୍ଟ ଉପସ୍ଥାପନ ପରେ କଂଗ୍ରେସ ଓ ବିରୋଧୀ ଦଳଗୁଡିକର ମିଛ ଧରାପଡ଼ିଯାଇଛି ଏବଂ ସତ୍ୟର ଜୟ ହୋଇଥିବା କେନ୍ଦ୍ରମନ୍ତ୍ରୀ ଅରୁଣ ଜେଟ୍‌ଲୀ କହିଛନ୍ତି। ଉପା ସମୟରେ ରାଫାଲ ବିମାନ ଦର ୫୨୦ କୋଟି ଟଙ୍କା ରଖାଯାଇଥିବାବେଳେ ମୋଦି ସରକାରଙ୍କ ଦ୍ୱାରା ସ୍ୱାକ୍ଷରିତ ଚୁକ୍ତିନାମାରେ ଏହାକୁ ୧୬୦୦ କୋଟିକୁ ବଢ଼ାଇ ଦିଆଯାଇଥିବା କଂଗ୍ରେସ ଅଭିଯୋଗ କରିଥିଲା। ତେବେ ଏନଡିଏ ସରକାରଙ୍କ ଚୁକ୍ତିନାମାରେ ବିମାନ ଦର ୯ ପ୍ରତିଶତ ଶସ୍ତା ଥିବା ପୂର୍ବରୁ ପ୍ରତିରକ୍ଷାମନ୍ତ୍ରୀ ନିର୍ମଳା ସୀଥାରାମନ୍ ଦାବି କରୁଥିଲେ।

ରିପୋର୍ଟ ପ୍ରକାଶ ପାଇବା ପରେ କଂଗ୍ରେସ ଅଧ୍ୟକ୍ଷ ରହୁଲ ଗାନ୍ଧୀ ଏହାକୁ ଚୌକିଦାର ଅଡିଟର ଜେନେରାଲଙ୍କ ରିପୋର୍ଟ ବୋଲି କହିଛନ୍ତି। ଏଥିରେ ବୁଝାମଣାକାରୀଙ୍କ ଅସହମତି ନୋଟ୍ ସମ୍ପର୍କରେ ଉଲ୍ଲେଖ ନାହିଁ। ତେଣୁ ରିପୋର୍ଟର କୌଣସି ମୂଲ୍ୟ ଥିବା ସେ ଭାବୁନାହାନ୍ତି ବୋଲି ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। କେବଳ ଶିଳ୍ପପତି ଅନିଲ ଅମ୍ବାନୀଙ୍କୁ ୩୦ ହଜାର କୋଟି ଟଙ୍କାର ଠିକା ଦେବା ନୂଆ ଚୁକ୍ତିନାମାର ଏକମାତ୍ର ଉଦ୍ଦେଶ୍ୟ ବୋଲି କଂଗ୍ରେସ ଅଧ୍ୟକ୍ଷ ଅଭିଯୋଗ କରିଛନ୍ତି। ଯଦି ଦୁର୍ନୀତି ହୋଇନାହିଁ ତେବେ ସରକାର ଏହାର ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ ନିର୍ଦ୍ଦେଶ ଦେବାକୁ ଭୟ କରୁଛନ୍ତି କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ବିବାଦୀୟ ରାଫାଲ ରାଜିନାମା ଉପରେ ସିଏଜିଙ୍କ ରିପୋର୍ଟକୁ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ସୁପ୍ରିମୋ ମାୟାବତୀ ପ୍ରତ୍ୟାଖ୍ୟାନ କରିଛନ୍ତି। ଏହା ସମ୍ପୂର୍ଣ୍ଣ ନୁହେଁ କି ପୂରା ଠିକ୍ ନୁହେଁ। ଦେଶର ସାମ୍ବିଧାନିକ ସଂସ୍ଥାଗୁଡିକ ସାଧୁତାର ସହ କାର୍ଯ୍ୟ କରିବାକୁ ସକ୍ଷମ ହେଉ ନ ଥିବା ମାୟାବତୀ ଅଭିଯୋଗ କରିଛନ୍ତି। ଉପା ସରକାରଙ୍କ ଚୁକ୍ତିନାମା ତୁଳନାରେ ଏନଡିଏ ସରକାରଙ୍କ ରାଫାଲ ଡିଲ୍ ଶସ୍ତା ବୋଲି ସିଏଜି ତାଙ୍କ ରିପୋର୍ଟରେ ଦର୍ଶାଇଥିବାବେଳେ ଏହାର ପ୍ରାମାଣିକତାକୁ ନେଇ ଏନ୍‌ସିପି ପ୍ରଶ୍ନ ଉଠାଇଛି। ସିଏଜି ରାଜୀବ ମେହରିଷି ପୂର୍ବରୁ କେନ୍ଦ୍ରରେ ଅର୍ଥ ସଚିବ ଥିବାରୁ ବ୍ୟକ୍ତିଗତ ରୁଚିରେ ପ୍ରଭାବିତ ହୋଇ ନିଷ୍ପତ୍ତି ନେଇଥିବା ଏନ୍‌ସିପି କହିଛି।

## ବନ୍ଦ ହୋଇପାରେ ...

ଏକ ପ୍ରେଜେଣ୍ଟେଶନ ଦେଇଥିଲେ। ଯେଉଁଥିରେ କମ୍ପାନୀର ଆର୍ଥିକ ସ୍ଥିତି, ଏହାର ମୋଟ କ୍ଷତିର ପରିମାଣ, ରିଲାଏନ୍ସ ଜିଓ ଆସିବା ପରେ ଏହାର କାରବାର ଉପରେ ପଡିଥିବା ପ୍ରଭାବ, କର୍ମଚାରୀଙ୍କ ସ୍ୱେଚ୍ଛାକୃତ ଅବସର ଯୋଜନା(ଭିଆର୍‌ଏସ୍) ଏବଂ ସମୟ ପୂର୍ବରୁ ଅବସର ଯୋଜନା ସମ୍ପର୍କରେ ବିସ୍ତୃତ ବିବରଣୀ ଉପସ୍ଥାପନ କରାଯାଇଥିଲା। ମଜାର କଥା ହେଲା, ଗୋଟିଏ ପଟେ ସରକାର କମ୍ପାନୀରୁ ପୁଞ୍ଜି ପ୍ରତ୍ୟାହାର କରିବା ନେଇ ବିଚାର କରିବାକୁ କହୁଛନ୍ତି, ଅନ୍ୟପକ୍ଷରେ ଏହାକୁ ବନ୍ଦ କରିବା ନେଇ ମଧ୍ୟ ବିଶ୍ଳେଷଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ଭିଆର୍‌ଏସ୍ ପାଇଁ କମ୍ପାନୀ ୫୬ରୁ ୬୦ ବର୍ଷର କର୍ମଚାରୀଙ୍କୁ ଟାର୍ଗେଟ କରିବ। ଏହାଦ୍ୱାରା କମ୍ପାନୀର ୬୭ ହଜାର କର୍ମଚାରୀ ସମୟ ପୂର୍ବରୁ ବିଦା ହୋଇଯିବେ। ଏହାଦ୍ୱାରା କମ୍ପାନୀର ପ୍ରାୟ ୩ ହଜାର କୋଟି ଟଙ୍କା ସଞ୍ଚୟ ହେବ। ଅନ୍ୟପକ୍ଷରେ କମ୍ପାନୀ ପକ୍ଷରୁ ପ୍ରାୟ ୧୫ ହଜାର କୋଟି ଟଙ୍କାର ଖାଲି ପଡ଼ିଥିବା ଜମି ଓ ବିଲ୍ଡିଂରୁ ଆୟ କରିବା ଲାଗି ପ୍ରସ୍ତାବ ଦିଆଯାଇଛି। ଏହି କାର୍ଯ୍ୟକୁ ଡିପାର୍ଟମେଣ୍ଟ ଅଫ୍ ଇନଭେଷ୍ଟମେଣ୍ଟ ଆଣ୍ଡ ପବ୍ଲିକ ଆସେଟ୍ ମ୍ୟାନେଜମେଣ୍ଟ ଆସନ୍ତା ୨ରୁ ୩ ବର୍ଷ ଭିତରେ ସାରିବାକୁ କୁହାଯାଇଛି।

## କେନ୍ଦ୍ର ବିରୋଧରେ...

ସେହିପରି ଦିଲ୍ଲୀରୁ ୪୦ ସିବିଆଇ ଅଧିକାରୀଙ୍କୁ କୋଲକାତା ପଠାଇବା ପଶ୍ଚିମବଙ୍ଗର ନିର୍ବାଚିତ ସରକାର ଉପରେ ଆକ୍ରମଣ। ମୋଦି ସରକାର ଗତ ୪ ବର୍ଷରେ ଦୁର୍ନୀତି ନିରୋଧୀ ଶାଖାକୁ କବ୍‌ଜା କରିନେଇଛନ୍ତି ବୋଲି କେଜ୍‌ରିୱାଲ ସମାଲୋଚନା କରିଛନ୍ତି। ଟିଏମ୍‌ସି ସୁପ୍ରିମୋ ମମତା ଭାଜପାକୁ ଗଣତନ୍ତ୍ର ପ୍ରତି ବିପଦ ଭାବେ ଅଭିହିତ କରି ସାଧାରଣ ନିର୍ବାଚନରେ ଏହାର ପରାଜୟ ଜରୁରୀ ବୋଲି ମତ ଦେଇଛନ୍ତି। ଜାନୁୟାରୀ ୧୯ରେ ମମତାଙ୍କ ରାଲିର ୩ ସପ୍ତାହ ପରେ ହେଉଥିବା ଏହି ମେଳିରେ ସିପିଆଇ ନେତା ଡି. ରାଜା କହିଛନ୍ତି, ନରେନ୍ଦ୍ର ମୋଦିଙ୍କ ପ୍ରଧାନମନ୍ତ୍ରିତ୍ୱରେ ସମ୍ବିଧାନ ପ୍ରତି ସଙ୍କଟ ସୃଷ୍ଟି ହୋଇଛି। ପାର୍ଲାମେଣ୍ଟର ଭୂମିକାକୁ ନ୍ୟୂନ କରାଯାଇଛି। ଜର୍ମାନୀରେ ହିଟ୍‌ଲର ଯେଭଳି ସ୍ଥିତି ସୃଷ୍ଟି କରିଥିଲେ, ଏଠାରେ ସେପରି ହେବାକୁ ଦିଆଯିବ ନାହିଁ। ଫାସିବାଦୀ ତତ୍ତ୍ୱ କ୍ଷମତାକୁ ଆସିବା ପରେ ବିଭାଜନକାରୀ ଓ ସାମ୍ପ୍ରଦାୟିକ ବିଚାରଧାରାର ବିସ୍ତାର ହେଉଛି। ତେଣୁ ଏହି ସରକାର କ୍ଷମତାଚ୍ୟୁତ ହେବା ଜରୁରୀ ବୋଲି ରାଜା କହିଛନ୍ତି। ସିପିଆଇ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ଭାଜପା ସରକାରକୁ କୌରବଙ୍କ ଦୁଃଶାସନ ଓ ବିରୋଧୀଙ୍କୁ ପାଣ୍ଡବଙ୍କ ସହ ତୁଳନା କରିବା ସହ ଚୌକିଦାରଙ୍କୁ ହଟାଇବା ପାଇଁ ଆହ୍ୱାନ ଦେଇଛନ୍ତି। ମମତା ସେଠାରେ ପହଞ୍ଚିବା ପରେ ଦୁଇ ବାମପନ୍ଥୀ ନେତା ସଭାସ୍ଥଳରୁ ଚାଲିଯାଇଥିଲେ। ଏଥିରେ କଂଗ୍ରେସ ନେତା ଆନନ୍ଦ ଶର୍ମା, ଭାଜପା ନେତା ଶତ୍ରୁଘ୍ନ ସିହ୍ନା, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁ, ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାରଙ୍କ ସମେତ ଅନେକ ନେତା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲୋକତାନ୍ତ୍ରିକ ଜନତା ଦଳର ଶରଦ ଯାଦବ, ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ୍ ଅବ୍‌ଦୁଲ୍ଲା, ଡିଏମ୍‌କେ ଏମ୍‌ପି କାନିମୋଝି ଓ ସମାଜବାଦୀ ପାର୍ଟି ନେତା ରାମଗୋପାଳ ଯାଦବ ଯୋଗଦେଇଥିଲେ। କେଜ୍‌ରିୱାଲଙ୍କ ସହ ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ, ଏଏପି ନେତା ସଞ୍ଜୟ ସିଂ ଏବଂ ଗୋପାଳ ରାୟ ମଧ୍ୟ ମଞ୍ଚରେ ଉପସ୍ଥିତ ଥିଲେ। ଚନ୍ଦ୍ରାବାବୁଙ୍କ ଅନଶନ ପରେ ଏହା ମୋଦି ସରକାର ବିରୋଧରେ ବିରୋଧୀଙ୍କ ସବୁଠୁ ବଡ଼ ମେଳି।

## ସୁବର୍ଣ୍ଣରେଖା ବନ୍ଦର...

ହାତକୁ ନିଆଯିବା ସହ ଆଖପାଖ ଅଞ୍ଚଳର ଯାତ୍ରୀ ନିବାସ, ପାନ୍ଥଶାଳା, ଗମନାଗମନ ସୁବିଧା ନିମନ୍ତେ ଆବଶ୍ୟକ ଅର୍ଥ ବ୍ୟୟବରାଦ ହୋଇଛି ବୋଲି କହିଥିଲେ। ଜିଲାପାଳ ରମେଶ ଚନ୍ଦ୍ର ରାଉତ, ବ୍ଲକ ଚେୟାରମ୍ୟାନ ମଞ୍ଜୁରାଣୀ ବେହେରା, ବିଜେଡି ସଭାପତି ରମାକାନ୍ତ କରଣ, ସମ୍ପାଦକ ସନ୍ତୋଷ କୁମାର ଦାସ, ଜିଲା ସମ୍ପାଦକ ତପନ କୁମାର ପଣ୍ଡା, ବିଜେଡି ପର୍ଯ୍ୟବେକ୍ଷକ ରାଜକିଶୋର ଆଚାର୍ଯ୍ୟଙ୍କ ସମେତ ବହୁ ବିଜେଡି ନେତା ଉପସ୍ଥିତ ଥିଲେ। ଜିଲା ପରିଷଦ ସଦସ୍ୟ ଦେବାଶିଷ ଚାନ୍ଦ ଧନ୍ୟବାଦ ଦେଇଥିଲେ।

ଏହାପରେ ମୁଖ୍ୟମନ୍ତ୍ରୀ ଅପରାହ୍ନ ୩ଟାରେ ବାଲେଶ୍ୱର ସହର ପୋଲିସ ପଡ଼ିଆରେ ଆଞ୍ଚଳିକ ଯୁବ ସମାବେଶରେ ଯୋଗଦେଇଥିଲେ। ରାଜ୍ୟ ଯୁବ କଲ୍ୟାଣ ପରିଷଦର ଅଧ୍ୟକ୍ଷ ଅରୂପ ପଟ୍ଟନାୟକ ମଞ୍ଚ ସଞ୍ଚାଳନ କରିଥିବା ବେଳେ ପଦ୍ମଶ୍ରୀ ଦିଲୀପ ତିର୍କୀ ଯୋଗଦେଇ ବିଜୁ ଯୁବବାହିନୀ ଦ୍ୱାରା ବିଜୁବାବୁଙ୍କର ସ୍ୱପ୍ନକୁ ମୁଖ୍ୟମନ୍ତ୍ରୀ ପୂରଣ କରିବାକୁ ଲକ୍ଷ୍ୟ ରଖିଥିବା ପ୍ରକାଶ କରିଥିଲେ। ଦକ୍ଷତା ବିକାଶ ପରିଷଦର ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ ଓଡ଼ିଶାର ଯୁବକ ଦେଶବିଦେଶରେ ନିଜର ଦକ୍ଷତା ପ୍ରତିପାଦନ କରି ରାଜ୍ୟକୁ ଗୌରବାନ୍ୱିତ କରିବାକୁ କହିଥିଲେ। ମୟୂରଭଞ୍ଜ ଜିଲା ବଡ଼ସାହି ଅଞ୍ଚଳର ରାକେଶ ମହାପାତ୍ର ୩ ହଜାରରୁ ଊର୍ଦ୍ଧ୍ୱ ଗଛ ଲଗାଇ ନିଜର ତଥା ନିଜ ଗ୍ରୁପ୍‌ର ଦକ୍ଷତାକୁ ରାଜ୍ୟ ସରକାରଙ୍କ ନିକଟରେ ପ୍ରତିପାଦନ କରିବା ସହ ଆଗାମୀ ଦିନରେ ସୁସ୍ଥ ଏବଂ ନିର୍ମଳ ଓଡ଼ିଶା ଗଠନ ଲାଗି ଗଛ ଲଗାଇବାକୁ ଉପସ୍ଥିତ ଯୁବ ବାହିନୀଙ୍କୁ ଆହ୍ୱାନ ଦେଇଥିଲେ। ସେହିପରି ବାଲେଶ୍ୱର ନୀଳଗିରି ବ୍ଲକ ଅଯୋଧ୍ୟା ପଞ୍ଚାୟତର ବାଡ଼ିଆ ଗ୍ରାମର ଯୁବବାହିନୀ କର୍ମୀ ସରିତା ବେହେରା ନିଶା ନିବାରଣ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବାରୁ ମଞ୍ଚ ଉପରେ ତାଙ୍କ ଅନୁଭୂତି ବର୍ଣ୍ଣନା କରିଥିଲେ। ପରେ ମୁଖ୍ୟମନ୍ତ୍ରୀ ୫ଟି ଜିଲାର ଶ୍ରେଷ୍ଠ ଯୁବବାହିନୀ ସ୍ୱେଚ୍ଛାସେବୀ ଏବଂ 'ମୁଁ ହିରୋ'ଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଆଞ୍ଚଳିକ ଯୁବ ସମାବେଶରେ ବିଜୁ ଯୁବ ବାହିନୀ ସ୍ୱେଚ୍ଛାସେବୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ରାଜ୍ୟ ଉଚ୍ଚଶିକ୍ଷା ଓ ଶିଳ୍ପମନ୍ତ୍ରୀ ଅନନ୍ତ ଦାସ, ଏମ୍‌ପି ରବୀନ୍ଦ୍ର କୁମାର ଜେନା, ଜିଲାପାଳ ରମେଶ ଚନ୍ଦ୍ର ରାଉତ, ଜିଲାର ସମସ୍ତ ବିଧାୟକ, ଅଧିକାରୀ ଏବଂ ଯୁବ ବାହିନୀର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଅଢ଼େଇ କୋଟିର ୨ ...

ନେଇ ଖବର ମିଳିଥିଲା। ଏସ୍‌ଟିଏଫ୍ ଡିଏସ୍‌ପି ଆର୍. ଆର୍. ଶତପଥୀଙ୍କ ନେତୃତ୍ୱରେ ଏକ ଟିମ୍ ମଙ୍ଗଳବାର ବିଳମ୍ବିତ ରାତିରେ ସୟଦଙ୍କ ଘରେ ଚଢ଼ାଉ କରି ମୂର୍ତ୍ତି ଦୁଇଟିକୁ ଜବତ କରିଥିଲା। ମୂର୍ତ୍ତି ସଂକ୍ରାନ୍ତରେ ସୟଦ କିଛି କାଗଜପତ୍ର ଦେଖାଇପାରି ନ ଥିଲେ କି କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ତାଙ୍କୁ ଗିରଫ କରାଯାଇଥିଲା। ଏହି ଦୁଇ ମୂର୍ତ୍ତିକୁ ଭାରତରୁ ନେପାଳ ଚାଲାଣ ପରେ ଅନ୍ତର୍ଜାତୀୟ ବଜାରରେ ବିକ୍ରି କରାଯାଇଥାନ୍ତା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଏହି ଘଟଣାରେ କ୍ରାଇମବ୍ରାଞ୍ଚ ଏକ ମାମଲା ନଂ.୨/୧୯ ରୁଜୁ କରିଛି। ଅନ୍ତର୍ଜାତୀୟ ମୂର୍ତ୍ତି ଚୋରି ର୍‍ୟାକେଟ ସଂକ୍ରାନ୍ତରେ ଗିରଫ ଅଭିଯୁକ୍ତଙ୍କଠାରୁ ଅଧିକ ତଥ୍ୟ ପାଇବା ପାଇଁ ପଚରାଉଚରା ଚାଲିଛି। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ଓ ପରେ ରିମାଣ୍ଡରେ ଆଣି ଅଧିକ ଖୋଳତାଡ଼ କରାଯିବ ବୋଲି କୋଏଲ୍ କହିଛନ୍ତି।

## ମନେ ପଡ଼ନ୍ତି

**ତୃତୀୟ ଶ୍ରାଦ୍ଧବାର୍ଷିକୀ**


ସ୍ୱର୍ଗତା ଶ୍ରୀମତୀ ଚମ୍ପକଲତା ମହାନ୍ତି
ନାୟକସାହି, କଟକ
ତିରୋଧାନ: ୫ ଫେବୃୟାରୀ ୨୦୧୬
ଶୁକ୍ଳ ନବମୀ
ତୁମ ସ୍ମୃତି ମନେପଡେ
ତୁମ
ପରିବାରଙ୍କର।
ଧ-୫୮୦୩୯

**ଅଷ୍ଟାଦଶ ଶ୍ରାଦ୍ଧବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳୀ**


ଭବାନୀ ଶଙ୍କର ମହାପାତ୍ର
ଧରାବତରଣ : ୨୯/୦୪/୧୯୨୨ (ସୋରଡ଼ା)
ମହାପ୍ରୟାଣ: ୦୨/୦୨/୨୦୦୧ (ଭୁବନେଶ୍ୱର)
ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟ ପରାୟଣତା ମୋ ପାଇଁ ଚିରସ୍ମରଣୀୟ। ଏହା ଭିତରେ ଅଠର ବର୍ଷ ବିତିଗଲାଣି, ହେଲେ ତୁମର ସ୍ମୃତି ସବୁବେଳେ ମୋ ହୃଦୟରେ ଗୁଞ୍ଜରିତ ହେଉଛି। ଏହି ପବିତ୍ର ଅଷ୍ଟାଦଶ ଶ୍ରାଦ୍ଧବାର୍ଷିକୀ ଅବସରରେ ତୁମର ଆତ୍ମା ଚିରଶାନ୍ତି ଲାଭ କରୁ, ଏହା ମୋର ଜଗତରନାଥ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଦେବୀ ପ୍ରସାଦ ମହାପାତ୍ର
ଧ-୬୪୫୮୧

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅଷ୍ଟମ ଶ୍ରାଦ୍ଧବାର୍ଷିକୀ**


ସ୍ୱର୍ଗତ ବୀରେନ୍ଦ୍ର କୁମାର ରାୟ
ମଙ୍ଗଳପୁର, ଯାଜପୁର
ଆବିର୍ଭାବ: ୦୪।୦୧।୧୯୩୯
ତିରୋଧାନ: ୧୨।୦୨।୨୦୧୧
ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ତ୍ୟାଗ ଆମ ସମସ୍ତଙ୍କ ପାଇଁ ଚିରସ୍ମରଣୀୟ ହୋଇରହିବ। ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା। ଶୋକସନ୍ତପ୍ତ: ପରିବାର ଓ ଆତ୍ମୀୟସ୍ୱଜନବର୍ଗ।
ଧ-୧୧୧୨୪

## ବନ୍ଧୁକ ହାତରେ ସିରିଞ୍ଜ

ମାଲକାନଗିରି, ୧୩।୨(ଡି.ଏନ୍.ଏ.)



ବନ୍ଧୁକ ଧରୁଥିବା ଲାଲବାହିନୀର ହାତରେ ସିରିଞ୍ଜ। ଦୁର୍ଗମ ଗାଁରେ ସେମାନେ ଆଦିବାସୀଙ୍କୁ ବିଭିନ୍ନ ଟିକା ଦେବା ସହ ସ୍ୱାସ୍ଥ୍ୟସେବା ଯୋଗାଉଛନ୍ତି। ଏଭଳି ଦୃଶ୍ୟ ସମ୍ବଳିତ ଏକ ଭିଡିଓ କିଛିଦିନ ହେଲା ଭାଇରାଲ ହେବାରେ ଲାଗିଛି। ତେବେ ଭିଡିଓର ସତ୍ୟତାକୁ ନେଇ ସନ୍ଦେହ ଥିବାବେଳେ ଏହା ଛତିଶଗଡ଼ ଅଞ୍ଚଳର ବୋଲି ଅନୁମାନ କରାଯାଉଛି।

ମାଓବାଦୀ ଅଧ୍ୟୁଷିତ ସୀମାନ୍ତ ମାଲକାନଗିରିରେ ଆଦିବାସୀଙ୍କ ଆସ୍ଥା ଜିଣିବା ପାଇଁ ପୋଲିସ ଓ ବିଏସ୍‌ଏଫ୍ ନିରନ୍ତର ଉଦ୍ୟମ ଚଳାଇଛନ୍ତି। ଏଥିପାଇଁ ସେମାନେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ଶିବିର ଓ ଅନ୍ୟ ସଚେତନତା କାର୍ଯ୍ୟ କରିଆସୁଛନ୍ତି। ଏକଦା ଲାଲବାହିନୀର ଗଡ଼ ଥିବା ସୀମାନ୍ତରେ ସୁରକ୍ଷାବାହିନୀ ମାଓବାଦୀ ଦମନ ଜୋରଦାର କରିବା, ବ୍ୟାପକ କୋମ୍ବିଂ ସହ ଆଦିବାସୀଙ୍କ ସମର୍ଥନ ହରାଇବା ଯୋଗୁଁ ଲାଲ ସଂଗଠନ ଦୁର୍ବଳ ହେବାକୁ ଲାଗିଥିଲା। ଏବେ ନୂଆ ରଣନୀତି କ୍ରମରେ ସେମାନେ ବନ୍ଧୁକ ହାତରେ ସିରିଞ୍ଜ ଧରି ଆଦିବାସୀଙ୍କୁ ସ୍ୱାସ୍ଥ୍ୟସେବା ଦେଉଛନ୍ତି। ଲାଲବାହିନୀକୁ ସୁଦୃଢ଼ କରିବା ସହ ଆଭ୍ୟନ୍ତରୀଣ ଅଞ୍ଚଳରେ ଲୋକଙ୍କୁ ମାଓବାଦୀ ସଂଗଠନରେ ସାମିଲ କରିବା ପାଇଁ ବିଭିନ୍ନ ସ୍ଥାନରେ କ୍ୟାମ୍ପ କରି ନାଚଗୀତ ମାଧ୍ୟମରେ ଲୋକଙ୍କୁ ଆକୃଷ୍ଟ ମଧ୍ୟ କରାଯାଉଛି। ଏହାର ଭିଜୁଆଲ ଭାଇରାଲ ହେବାରେ ଲାଗିଛି ସତ ; କିନ୍ତୁ ଏହାର ସତ୍ୟାସତ୍ୟ ଜଣାପଡ଼ି ନାହିଁ। ମାଓବାଦୀଙ୍କ ସହ ରହୁଥିବା ଚିକିତ୍ସକ ସ୍ଥଳବିଶେଷରେ କେତେକ ଆଦିବାସୀଙ୍କ ଚିକିତ୍ସା କରିବା ବେଳେ ଏଭଳି ଭିଡିଓ କରାଯାଇଥାଇପାରେ ବୋଲି ଅନୁମାନ କରାଯାଉଛି।

## ଆଇଏଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୧୩।୨(ବ୍ୟୁରୋ)-ସାଧାରଣ ନିର୍ବାଚନ ପୂର୍ବରୁ ପ୍ରଶାସନିକ ସ୍ତରରେ ଅଦଳବଦଳ ଜାରି ରହିଛି। ସେହି କ୍ରମରେ ବୁଧବାର ରାଜ୍ୟ ସରକାର କେତେଜଣ ଅଫିସରଙ୍କ ବଦଳି କରିଛନ୍ତି। ୨୦୦୮ ବ୍ୟାଚ୍‌ର ଆଇଏଏସ୍ ଅଫିସର ବି.ପରମେଶ୍ୱରନ ଜମିଜମା ସର୍ବେକ୍ଷଣ ଏବଂ ଚକବନ୍ଦୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିବେ। ୨୦୧୩ ବ୍ୟାଚ୍‌ର ମୋନିସା ବାନାର୍ଜୀଙ୍କୁ ଗୃହ ବିଭାଗର ଉପସଚିବ ପଦରେ ନିଯୁକ୍ତି ଦିଆଯାଇଛି। ମୋନିସା ପୂର୍ବରୁ ରାଉରକେଲାର ଏଡିଏମ୍ ଭାବେ ଦାୟିତ୍ୱ ତୁଲାଉଥିଲେ। ୨୦୧୪ ବ୍ୟାଚ୍‌ର ୟେଦୁଲ୍ଲା ବିଜୟଙ୍କୁ ରାଉରକେଲା ଏଡିଏମ୍ ଭାବେ ଅବସ୍ଥାପିତ କରାଯାଇଛି। ୟେଦୁଲ୍ଲା ପୂର୍ବରୁ ବଣାଇ ଉପଜିଲାପାଳ ଭାବେ ଦାୟିତ୍ୱ ତୁଲାଉଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଦିନଟିରେ ଆପଣଙ୍କ ଆର୍ଥିକ, ମାନସିକ ଏବଂ ସାମାଜିକ ସ୍ଥିତି ଭଲ ରହିବ। ବନ୍ଧୁ ମିଳନରେ କିଛି ସମୟ ଅତିବାହିତ କରିବାକୁ ପଡ଼ିପାରେ। ଦୀର୍ଘଦିନରୁ ଲାଗି ରହିଥିବା ବିବାଦର ସମାଧାନ ରାସ୍ତା ସୁଗମ ହୋଇଯିବ। କଷ୍ଟ ସ୍ୱୀକାର କରି କାମଟିକୁ ପୂର୍ଣ୍ଣାଙ୍ଗ କରିବାକୁ ଚେଷ୍ଟା କରିପାରନ୍ତି।

**ବୃଷ** ପରିସ୍ଥିତି ଆପଣଙ୍କୁ କର୍ମଧାରାରେ ପରିବର୍ତ୍ତନ ଆଣିବାକୁ ବାଧ କରିପାରେ। ପାରିବାରିକ ସମସ୍ୟା ମଧ୍ୟରେ ଅଣନିଃଶ୍ୱାସୀ ହୋଇ ଏକପ୍ରକାର ବ୍ୟତିବ୍ୟସ୍ତ ହୋଇପାରନ୍ତି। ପ୍ରକାଶନ, କଚେରି ମାମଲା ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ପୂର୍ବ ଯୋଜନା ଅନୁଯାୟୀ କାମକରି କିଛିଟା ସଫଳତା ପାଇବେ।

**ମିଥୁନ** ବନ୍ଧୁକିମ୍ବା ସହକର୍ମୀଙ୍କ ଦ୍ୱାରା ଅଟକି ରହିଥିବା କାରଣରୁ ସେହିକଥା ଭାବି ଭାବି ଅନ୍ୟମନସ୍କ ରହିପାରନ୍ତି। ଛୋଟ ଛୋଟ କଥାକୁ କେନ୍ଦ୍ରକରି ପରିବାରରେ ମତାନ୍ତରରୁ ବିତର୍କ ସୃଷ୍ଟିହେବାର ସମ୍ଭାବନା ରହିଛି। ଯାନବାହନ, ଜମିଜମା, ମାଲିମକଦ୍ଦମା ଓ ଆନୁଷ୍ଠାନିକ କର୍ମରେ ସମସ୍ୟା ଲାଗି ରହିବ। ପଡ଼ୋଶୀଙ୍କ ସହ ସାମାନ୍ୟ କାରଣରୁ ସମ୍ପର୍କହାନି ଘଟିପାରେ।

**କର୍କଟ** କର୍ମକ୍ଷେତ୍ରରେ ଅର୍ଥ ଓ ସମ୍ମାନ ପାଇବା ସାଙ୍ଗକୁ ଅଭିଳଷିତ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ପାରିବାରିକ ଶୃଙ୍ଖଳା ରକ୍ଷା କରିବାରେ ନିଜର ଅଭିଜ୍ଞତା ବହୁମାତ୍ରାରେ ସାହାଯ୍ୟ କରିବ। ପ୍ରଶାସନ, ଆଇନ, ଅଦାଲତ, ସଭାସମିତି, ଆନୁଷ୍ଠାନିକ କାମରୁ ଉପକୃତ ହୋଇପାରନ୍ତି। ସାମୟିକ ପ୍ରତିବନ୍ଧକ କାରଣରୁ ଆଜିର କାମଗୁଡିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପାରେ।

**ସିଂହ** ପରିବାରରେ ଭୁଲ୍ ବୁଝାମଣା ବଢ଼ିଚାଲିଥିବାରୁ ସମ୍ପର୍କ ହାନି ଘଟିବାର ଆଶଙ୍କା ରହିଛି। ଅନେକାଂଶରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱର ସମ୍ମୁଖୀନ ହେବାକୁ ପଡ଼ିପାରେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚପ୍ରଶଂସା ମିଳିବ। ସାୟାହ୍ନେ ପରୋକ୍ଷ ଶତ୍ରୁତା କିମ୍ବା କ୍ରନିକ୍ ରୋଗଜନିତ ପୀଡ଼ାନୁଭବ କରିପାରନ୍ତି।

**କନ୍ୟା** ଅତୀତର ବିବାଦକୁ କେନ୍ଦ୍ରକରି ମିତ୍ରମାନେ ପରୋକ୍ଷ ଶତ୍ରୁତା ଆଚରଣ କରିପାରନ୍ତି। କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା କ୍ରମଶଃ ବୃଦ୍ଧି ପାଇବା କାରଣରୁ ମାନସିକ ସ୍ଥିରତା ରହି ନ ପାରେ। କର୍ମକ୍ଷେତ୍ରରେ ଟେନ୍‌ସନ ଦୂର ହେବା ସହ ସହକର୍ମୀଙ୍କ ସାହାଯ୍ୟ, ସହଯୋଗ ଅବଶ୍ୟ ପ୍ରୀତିପଦ ହେବ।

**ତୁଳା** କର୍ମକ୍ଷେତ୍ରରେ ସଫଳତା ହାସଲ କରିବାରେ ନିକଟସ୍ଥ ବନ୍ଧୁ ସାହାଯ୍ୟ କରିବେ। ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ସମସ୍ୟାର କାରଣ ହୋଇଥିବାରୁ ବିଚଳିତ ହୋଇପାରନ୍ତି। ଆଲୋଚନା ପ୍ରସଙ୍ଗରେ ମତଦ୍ୱନ୍ଦ୍ୱ କିମ୍ବା ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**ବିଛା** ପାରିବାରିକ ସମସ୍ୟା ନେଇ ମାନସିକ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। ନିଜ ପରିଜନ କିମ୍ବା ବନ୍ଧୁମାନଙ୍କଠାରୁ ମିଥ୍ୟା ଗୁଜବ ଶୁଣି ଆତଙ୍କିତ ହୁଅନ୍ତୁ ନାହିଁ। ପିଲାମାନଙ୍କ ଲାଗି କିଛିଟା ଅନ୍ତର୍ଦ୍ୱନ୍ଦ୍ୱ ଦେଇ ଗତି କରିପାରନ୍ତି।

**ଧନୁ** କର୍ମକ୍ଷେତ୍ରରେ ଅଟକି ରହିଥିବା କାମ ହାସଲ ପାଇଁ ଚେଷ୍ଟାକରି ସଫଳତା ପାଇବେ। କୌଣସି ବ୍ୟକ୍ତିଠାରୁ କିଛି ଅସମର୍ଥିତ କଥା ଶୁଣି ନିଜ ଲୋକଙ୍କୁ ଭୁଲ୍ ବୁଝିବେ। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ଏଥିଲାଗି ଜଣାଶୁଣା ବ୍ୟକ୍ତିଙ୍କ ପରାମର୍ଶ ମାନିଲେ ଉପକୃତ ହୋଇପାରିବେ। ଆଜିର ଯାତ୍ରା, ଆନୁଷ୍ଠାନିକ କାର୍ଯ୍ୟରେ ଖୁସି ଅନୁଭବ କରିପାରନ୍ତି।

**ମକର** ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇଲେ ମଧ୍ୟ ସାମୟିକ ଅସ୍ଥିରତା ଦେଖାଦେବାର ସମ୍ଭାବନା ରହିଛି। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରଖିବା ପାଇଁ ଚେଷ୍ଟା ବିଫଳ ହେବନାହିଁ। ପରିବାରରେ ପରସ୍ପର ମତପାର୍ଥକ୍ୟ କାରଣରୁ ପାରିବାରିକ ଶାନ୍ତି ପାଇବେ ନାହିଁ। ବନ୍ଧୁମିଳନ, ସ୍ଥଗିତ କାର୍ଯ୍ୟ, ବିକ୍ରୟ ବାଣିଜ୍ୟ କ୍ଷେତ୍ରରେ ଉପକୃତ ହୋଇପାରିବେ।

**କୁମ୍ଭ** ଆଜି କର୍ମକ୍ଷେତ୍ରରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ବନ୍ଧୁ ସହଯୋଗର ଦୃଢ଼ ପ୍ରତିଶ୍ରୁତି ଦେଇ କାମ ହାସଲରେ ସାହାଯ୍ୟ କରିବେ। ପରିବାରରେ ପିଲାଙ୍କ ସଫଳତାରେ ଆନନ୍ଦ ଅନୁଭବ କରିପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ସୁଧୁରି ଯିବାରୁ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

**ମୀନ** କର୍ମକ୍ଷେତ୍ରରେ ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବେ ବିବ୍ରତ ହୋଇପାରନ୍ତି। ସାମାଜିକ ସ୍ତରରେ ନୀଚବର୍ଗ ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ବହୁତ ଖଟଣି ହେତୁ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ପ୍ରତିରୋଧ ଦୂରେଇଯିବ ଓ ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ଅର୍ଜନ କରିବେ।

ଆଜି ମାଘଶୁକ୍ଳ ନବମୀ ଯୁକ୍ତ ଦଶମୀ ଗୁରୁବାର, ଫେବୃୟାରୀ ୧୪ ତାରିଖ, ମାତୃପିତୃ ପୂଜନ ଦିବସ, ଭାଲେଣ୍ଟାଇନ୍ ଦିବସ, ରାଶି ନକ୍ଷତ୍ର-ରୋହିଣୀ/ବୃଷ, ବିଛା ରାଶିର ଘାତଚନ୍ଦ୍ର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଦଶମୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୨।୦୦ମି. ଗତେ ଘ.୧।୨୩ମି. ମଧ୍ୟେ, ଘ.୨।୪୫ମି. ଗତେ ଘ.୪।୧୦ମି. ମଧ୍ୟେ ଅମୃତବେଳା। ସକାଳ ଘ.୭।୫୧ମି. ମଧ୍ୟେ ଘ.୧।୨୩ମି. ଗତେ, ଘ.୨।୪୭ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧।୨୬ମି. ଗତେ ଘ.୨।୫୧ମି. ମଧ୍ୟେ ରାହୁକାଳ।

सत्यमेव जयते

ରେଳ ମନ୍ତ୍ରଣାଳୟ
ପେଟ୍ରୋଲିୟମ୍ ଏବଂ
ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ
ଭାରତ ସରକାର






# ପୂର୍ବୋଦୟ

## ପୂର୍ବ ଭାରତରୁ ହେଉଅଛି ନୂଆ ଭାରତର ଉଦୟ

### ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପଣ

ସମ୍ବଲପୁର ରେଳ ଷ୍ଟେସନର ସମ୍ମୁଖ ଭାଗ ଏବଂ ସଞ୍ଚାର କ୍ଷେତ୍ର

ସମ୍ବଲପୁର ରେଳ ଷ୍ଟେସନଠାରେ ବୈଦ୍ୟୁତିକ ଚଳମାନ ସିଢ଼ି ସହିତ ର୍ୟାମ୍ପ୍

ସମ୍ବଲପୁର ରେଳ ଷ୍ଟେସନଠାରେ ଫୁଡ୍ ପ୍ଲାଜା

ସମ୍ବଲପୁରଠାରେ ଯନ୍ତ୍ରୀକୃତ ବୁଟ୍ ଲଣ୍ଡ୍ରୀ

### ଶୁଭ ଉଦ୍‌ଘାଟନ

ସମ୍ବଲପୁର ଜିଲାର ଚିପିଲିମାସ୍ଥିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ
ସମ୍ମେଳନ ଭବନ, ବାଳିକା ସାଧାରଣ କକ୍ଷ, ଶୌଚାଳୟ ଏବଂ ସାଇକେଲ୍ ଷ୍ଟାଣ୍ଡ୍

### ଭିତ୍ତିପ୍ରସ୍ତର ସ୍ଥାପନ

କୁଣ୍ଡୁରା ମହାବିଦ୍ୟାଳୟଠାରେ ମହିଳା ଛାତ୍ରାବାସ ଭବନ ନିର୍ମାଣ

କୁଚିଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଏବଂ କେସାଇବାହାଲ ମହାବିଦ୍ୟାଳୟର ଛାତ୍ରାବାସ ନିର୍ମାଣ

କୁଚିଣ୍ଡାଠାରେ ବିଦ୍ୟାଳୟ ଭବନ ନିର୍ମାଣ

ଧନୁପାଲିଠାରେ ଉଚ୍ଚ ମାଧ୍ୟମିକ ଖଣ୍ଡର ନୂତନ ବ୍ଲକ୍ ନିର୍ମାଣ

**ଧର୍ମେନ୍ଦ୍ର ପ୍ରଧାନ**

ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ଏବଂ
ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ, ଭାରତ ସରକାରଙ୍କ

କରକମଳରେ

### ଗରିମାମୟ ଉପସ୍ଥିତି

**ନଗେନ୍ଦ୍ର କୁମାର ପ୍ରଧାନ**
ସାଂସଦ, ସମ୍ବଲପୁର

**ଡା. ରାସେଶ୍ୱରୀ ପାଣିଗ୍ରାହୀ**
ବିଧାୟକ, ସମ୍ବଲପୁର

ଗୁରୁବାର, ୧୪ ଫେବୃୟାରୀ ୨୦୧୯, ରେଳ ଷ୍ଟେସନ, ସମ୍ବଲପୁରଠାରେ

> ପ୍ରତ୍ୟେକ ବସ୍ତୁରେ, ପ୍ରତ୍ୟେକ କ୍ଷେତ୍ରରେ, ପ୍ରତିଟି ସଂପର୍କରେ ସତ୍ୟକୁ ପରିପୂର୍ଣ୍ଣ ଛନ୍ଦ ସହ ବିକଶିତ କରିବାକୁ ହେବ। ଏବଂ ଜୀବନର ପ୍ରତିଟି ଗତିବୃତ୍ତି ସୌନ୍ଦର୍ଯ୍ୟ ଓ ସଂଗତିର ପ୍ରକାଶକ ହେବା ଉଚିତ। —ଶ୍ରୀମା





ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

# ବୁଦ୍ଧିଆ ପ୍ରାଣୀ ଛେଳି

ଜଣେ ବ୍ୟକ୍ତି ଏକ କଂସେଇଖାନାରୁ ଗୋଟିଏ ଅଣ୍ଡିରା ଛେଳିକୁ ଉଦ୍ଧାର କରି ସଞ୍ଜୟ ଗାନ୍ଧୀ ଆନିମଲ କେୟାର ସେଣ୍ଟରରେ ଦେଲେ। ଆମେ ତାକୁ ମୁକ୍ତ ଭାବରେ ପରିସରରେ ଦୌଡ଼ିବା ପାଇଁ ଅନୁମତି ଦେଲୁ। ଦେଖାଗଲା ଅଳ୍ପ ସମୟ ଭିତରେ ସେ ଦଳେ କୁକୁରଙ୍କର ଦଳପତି ହୋଇଗଲା ଏବଂ କୁକୁରମାନେ ସମ୍ମାନଜନକ ଦୂରତାରେ ରହି ତାକୁ ଅନୁସରଣ କରିବାକୁ ଲାଗିଲେ। ଏହାର ପ୍ରତିକ୍ରିୟାରେ ସେ ଯେତେବେଳେ ଏକ ଉଚ୍ଚା ଜାଗାରେ – ଏକ ଝରକା ଥାକ ଉପରେ ବସିପଡ଼ିଲା, କୁକୁରମାନେ ବି ତାକୁ ଘେରି ଠିଆହେଲେ। ଓପିଡି ବାହାରେ ଲୋକମାନେ ଯେତେବେଳେ ଠାକୁ ଠାଆ ଠିଆ ହୋଇ କଥା ହେଉଥାନ୍ତି, ସେ ବି ଅନେକ ସମୟରେ ସେମାନଙ୍କ ସହ ଯୋଗ ଦେଉଥାଏ। ସେ ଗୋଟିଏ ଦଳ ମଝିରେ ଠିଆ ହୋଇଥିବା ବେଳେ ମୁଁ ଥରେ ତା' ମୁଣ୍ଡକୁ ଆଉଁଶିବାର ଭୁଲ କଲି। ସେ ବୁଲିପଡ଼ି ମୋ ଆଡ଼କୁ ତା' ଗହୀରିଆ ହଳଦିଆ ଆଖିରେ ଚାହିଁଲା ଏବଂ ମୋ ପିଚାକୁ ମୁଣ୍ଡିଆଏ ମାଇଲା। କର୍ମଚାରୀମାନେ ମୋତେ କହିଲେ ଯେ ସେ ଏହି ସୁଯୋଗକୁ ଅପେକ୍ଷା କରି ବସିଛି, କୁକୁର ଭାବି କିଏ ଜଣେ ତାକୁ ଆଉଁଶିବାର ଭୁଲ କରିବ ଓ ସେ ତାକୁ ମୁଣ୍ଡିଆଏ ମାରିବ।

ଛେଳିମାନେ କ'ଣ କୁକୁର ପରି ଚତୁର? ଏ ପର୍ଯ୍ୟନ୍ତ ବୈଜ୍ଞାନିକମାନେ ଭାବୁଥିଲେ ଯେ, କୁକୁର, ବିରାଡ଼ି, ଘୋଡ଼ା ପ୍ରଭୃତି ପୋଷା ପଶୁମାନେ ଚତୁର ଏବଂ ସେମାନେ ମଣିଷ ସହ ସମ୍ପର୍କ ଯୋଡ଼ିପାରନ୍ତି। ଅନ୍ୟ ସବୁ ପ୍ରାଣୀ ସେତେ ଚତୁର ହୋଇ ନ ଥିବାରୁ ଆମେ ସେମାନଙ୍କୁ ମାରି ଖାଉ ବା ମନୋରଞ୍ଜନ ପାଇଁ ମାରୁ। ମଟନ ବା ଛେଳିମାଂସ ହେଉଛି ଭାରତୀୟ ଖାଦ୍ୟ ତାଲିକାରେ ରହୁଥିବା ଏକ ସାଧାରଣ ଆଇଟମ୍। କିନ୍ତୁ ବୈଜ୍ଞାନିକମାନେ ଏବେ ପ୍ରମାଣ କଲେଣି ଯେ, ଛେଳିମାନେ ବି କୁକୁର ଓ ଘୋଡ଼ାଙ୍କ ପରି ମଣିଷ ସହ ଭାବର ଆଦାନପ୍ରଦାନ କରିବାକୁ ଚେଷ୍ଟା କରନ୍ତି। ବାୟୋଲୋଜି ଲେଟର୍ସରେ ପ୍ରକାଶିତ ଅନେକ ଗବେଷଣା ତଥ୍ୟର ଜଣାପଡ଼ିଛି ଯେ, ଛେଳିମାନେ ନିଜେ ସମାଧାନ କରିପାରୁ ନ ଥିବା କୌଣସି ସମସ୍ୟାରେ ପଡ଼ିଲେ ସାହାଯ୍ୟ ପାଇଁ ମଣିଷ ଆଡ଼କୁ ଚାହାନ୍ତି। ମଣିଷର ବ୍ୟବହାର ଅନୁସାରେ ସେମାନେ ବି ନିଜର ବ୍ୟବହାର ବଦଳାନ୍ତି।

କୁଇନ ମେରୀ ୟୁନିଭର୍ସିଟି ଅଫ୍ ଲଣ୍ଡନର ଗବେଷକମାନଙ୍କ କହିବା ଅନୁସାରେ, ଛେଳିମାନଙ୍କୁ ଆମେ ଯେମିତି ଭାବୁ ସେମାନେ ତା'ଠାରୁ ଢେର ଚତୁର। ଅନ୍ୟ ପୋଷା ପଶୁ ପରି ଲାଳିତପାଳିତ ନ ହେଲେ ମଧ୍ୟ ମଣିଷ ସହ ସେମାନେ କିପରି ଭାବର ଆଦାନପ୍ରଦାନ କରିବାକୁ ଚେଷ୍ଟା କରନ୍ତି, ତାହା ସେମାନଙ୍କ ଗବେଷଣାରୁ ଜଣାପଡ଼ିଛି। ସେମାନଙ୍କ ଭାବର ଆଦାନପ୍ରଦାନ କୌଶଳ ପରୀକ୍ଷା କରିବା ପାଇଁ ସେମାନଙ୍କୁ ଏକ ଡବାର ଘୋଡ଼ଣି ଖୋଲିବା ପାଇଁ ତାଲିମ ଦିଆଗଲା। ଯିଏ ଘୋଡ଼ଣି ଖୋଲିପାରିଲା, ତକୁ ପୁରସ୍କାର ଦିଆଗଲା। ତା'ପରେ ଘୋଡ଼ଣିକୁ କ୍ରମଶଃ ଜୋରରେ ଦାବି କରି ଦିଆଗଲା, ଯେମିତି ସହଜରେ ଖୋଲି ହେବ ନାହିଁ। ଯେଉଁ ଗବେଷକମାନେ ଛେଳିମାନଙ୍କୁ ଲକ୍ଷ୍ୟ କରୁଥିଲେ ବା ସେମାନଙ୍କୁ ପଛ କରି ଠିଆ ହୋଇଥିଲେ, ସେମାନଙ୍କ ପ୍ରତି ଛେଳିମାନଙ୍କର ପ୍ରତିକ୍ରିୟାକୁ ରେକର୍ଡ କରାଗଲା। ଡବା ଖୋଲି ନ ପାରି ଛେଳିମାନେ ସେମାନଙ୍କ ଆଡ଼କୁ ଚାହିଁଥିବା ମଣିଷଙ୍କ ଆଡ଼କୁ ଅଧିକ ସମୟ ଚାହିଁଲେ, ଯେପରି କୁକୁରମାନେ ଖାଦ୍ୟ ପାଇବା ପାଇଁ ଚାହାନ୍ତି। ସେମାନଙ୍କୁ ପଛ କରି ଠିଆ ହୋଇଥିବା ମଣିଷଙ୍କ ଆଡ଼କୁ ସେମାନେ କମ୍ ସମୟ ଚାହିଁଲେ। ଏଥିରୁ ବୁଝାଗଲା ଯେ, କେଉଁ ମଣିଷ ସେମାନଙ୍କୁ ଦେଖୁଛନ୍ତି, ଏଥିପ୍ରତି ଛେଳିମାନେ ସଚେତନ। କେତେକ ଛେଳି ଡବା ପାଖକୁ ଫେରିବା ପୂର୍ବରୁ ସେମାନଙ୍କ ଆଡ଼କୁ ଚାହିଁଥିବା ମଣିଷଙ୍କୁ ଚାହୁଁଥିଲେ। ଅର୍ଥାତ୍ ସେମାନେ ମଣିଷଙ୍କୁ ସାହାଯ୍ୟ ପାଇଁ ପ୍ରାର୍ଥନା କରୁଥିଲେ।

ଛେଳିମାନଙ୍କ ବୁଦ୍ଧିମତ୍ତା ଉପରେ ପରୀକ୍ଷା କରୁଥିବା ଗବେଷକମାନେ କହିଛନ୍ତି ଯେ, ସେମାନେ ହେଉଛନ୍ତି ଖୁରା ଥିବା ପ୍ରାଣୀମାନଙ୍କ ଭିତରେ ଅତ୍ୟନ୍ତ ବୁଦ୍ଧିମାନ୍। ଯେତିକି ବୁଦ୍ଧିଆ ଜଣାପଡ଼ନ୍ତି, ସେମାନେ ତା'ଠୁ ବୁଦ୍ଧିଆ ବୋଲି ସ୍ୱିଜରଲାଣ୍ଡର କୃଷିବିଜ୍ଞାନ ପ୍ରତିଷ୍ଠାନର ବୈଜ୍ଞାନିକମାନେ କହିଛନ୍ତି। ଉଦାହରଣ ସ୍ୱରୂପ ଛେଳିମାନେ ଏକ ଜଟିଳ ସାମାଜିକ ଗୋଷ୍ଠୀ ଭିତରେ ରହନ୍ତି, ଖାଦ୍ୟ ଅନୁସନ୍ଧାନରେ ସହଜରେ ପହଞ୍ଚି ହେଉ ନ ଥିବା ସ୍ଥାନରେ ସେମାନେ ପହଞ୍ଚିଯାଇପାରନ୍ତି। ମରକ୍କୋରେ ସୁଆଦିଆ ତାଳପତ୍ର ଖାଇବା ପାଇଁ ଛେଳିମାନେ ୩୦ ଫୁଟ୍ ଉଚ୍ଚା ଆର୍ଗାନ୍ ଗଛରେ ଚଢ଼ିପାରନ୍ତି। ସେମାନେ ବିଭିନ୍ନ ଜିନିଷ, ମଣିଷ ଓ କୌଶଳ ଆଦିକୁ ମନେରଖିପାରନ୍ତି। କଣ୍ଟା ଥିବା ଗଛରୁ ବି ସେମାନେ ଖାଲି ପତ୍ରକୁ ବାଛି ଖାଇପାରନ୍ତି।

ଆଉ ଏକ ପରୀକ୍ଷାରେ ଛେଳିମାନଙ୍କୁ ଏକ ଗୋଲକଧନ୍ଦାରେ ପକାଗଲା। ଏକ ବାକ୍ସ ଭିତରେ ଫଳ ରଖାଗଲା। ସେମାନେ ଏକ ଗୋଲକଧନ୍ଦାର ସମାଧାନ କରିବା ପରେ ଯାଇ ବାକ୍ସ ପାଖରେ ପହଞ୍ଚିପାରିବେ। ଅଧିକାଂଶ ଛେଳି ଚାରିଥର ଚେଷ୍ଟା କରି ଏହାର ସମାଧାନ କରିପାରିଲେ। ଯେଉଁମାନେ ବିଫଳ ହେଲେ ସେମାନେ ଶର୍ଟକଟ ପନ୍ଥା ଅବଲମ୍ବନ କରି ଶିଙ୍ଗ ସାହାଯ୍ୟରେ ଡବା ଖୋଲିବାକୁ ଚେଷ୍ଟା କରିଥିଲେ। ତେଣୁ ସେମାନଙ୍କୁ ଅଯୋଗ୍ୟ ଘୋଷିତ କରାଯାଇଥିଲା। ସମସ୍ତ ଛେଳି ସମସ୍ୟାର କିପରି ସମାଧାନ କରାଯାଇପାରିବ, ତାହା ପରବର୍ତ୍ତୀ ସମୟରେ ମଧ୍ୟ ମନେରଖିପାରିଥିଲେ ଏବଂ ଏକ ମିନିଟ୍‌ରୁ କମ୍ ସମୟ ବ୍ୟବଧାନରେ ସେମାନେ ଫଳ ପାଖରେ ପହଞ୍ଚିପାରୁଥିଲେ। ଏହା ସେମାନଙ୍କ ଦୀର୍ଘସ୍ଥାୟୀ ସ୍ମୃତିଶକ୍ତିର ପ୍ରମାଣ।

ଛେଳି ପ୍ରଜନନକାରୀମାନେ କୁହନ୍ତି ଯେ, ସେମାନେ ବହୁକଥା ମନେରଖି ପାରନ୍ତି। ଅଲଗା ପୋଷାକ ପିନ୍ଧିଥିଲେ ବି ସେମାନେ ଦଳେ ମଣିଷଙ୍କ ଭିତରୁ ନିଜର ପରିଚିତ ମଣିଷଙ୍କୁ ଚିହ୍ନିପାରନ୍ତି। ସେମାନଙ୍କୁ ନିୟମିତ ଯେଉଁ ସମୟରେ ଖାଇବାକୁ ଦିଆଯାଏ, ସେହି ସମୟକୁ ମନେରଖିଥାନ୍ତି, ଡେରି ହେଲେ ଅଭିଯୋଗ କରନ୍ତି। ସ୍ୱାଦିଷ୍ଟ ତାଳପତ୍ର ଯେଉଁଠି ମିଳେ, ସେଠାକୁ ଦୀର୍ଘଦିନ ଧରି ନ ଗଲେ ମଧ୍ୟ ତାହା ସେମାନେ ମନେରଖିଥାନ୍ତି। ଲମ୍ବା ଘାସ ଭିତରେ ଲୁଚାଇ ରଖା ହୋଇଥିବା ଭଲ ଖାଦ୍ୟ ଆଡ଼କୁ ଆଖିରେ ବା ଆଙ୍ଗୁଠିରେ ଇଶାରା ଦେଲେ ସେମାନେ ତାହାକୁ ଅନୁସରଣ କରନ୍ତି। ଏକ ଖୁମ୍ବ ଉପରେ ଆଗ ଦୁଇଗୋଡ଼ରେ ଠିଆ ହୋଇ ପଛ ଦୁଇଗୋଡ଼କୁ ହାତ ପରି ପ୍ରସାରିତ କରି ସନ୍ତୁଳନ ରକ୍ଷା କରିବାର କୌଶଳ ସେମାନେ ଶିକ୍ଷା କରିପାରନ୍ତି। ନିଜର ନାଁ ଧରି ଡାକିଲେ ସେମାନେ ଶୁଣନ୍ତି ଓ ପ୍ରତିକ୍ରିୟା ପ୍ରକାଶ କରନ୍ତି। ଯେଉଁ ଗଛପତ୍ର ଖାଇ ଆଗରୁ ସେମାନେ ଅସୁସ୍ଥ ହୋଇଥିଲେ, ତାହାକୁ ଆଉ କେବେ ବି ଖାଆନ୍ତି ନାହିଁ। ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନକୁ ଯିବା ପାଇଁ କେଉଁ ବାଟଦେଇ ଯିବାକୁ ହେବ, ତାହାର ସେମାନେ ଯୋଜନା କରନ୍ତି। ବାଡ଼ର ଏକ ଢିଲା ତାରକୁ ସେମାନେ ସେତିକି ବଙ୍କା କରନ୍ତି, ଯାହା ସାହାଯ୍ୟରେ ଗଳୁ କରୁଥିବା ନିଜ ଦୁଇ ଶିଙ୍ଗର ମଝି ସ୍ଥାନକୁ କୁଣ୍ଡେଇ ହେବ। ସେମାନେ ଏକ କ୍ଲିପ୍‌ର ହୁକ ଖୋଲିପାରନ୍ତି, ମୁହଁରେ କବାଟର ଖିଡ଼ିକି ଖୋଲିପାରନ୍ତି, ଆରିଶି ପ୍ରତି ଆକର୍ଷିତ ହୁଅନ୍ତି। କୁକୁର ଓ ଘୋଡ଼ାଙ୍କ ପରି ସେମାନେ ଦଳ ବାହାରେ ଆରାମରେ ରହିପାରନ୍ତି। ବୁଲାଣିଆ ବାଟ ଦେଇ ଗଲେ ଖାଦ୍ୟ ମିଳିବ ବୋଲି ଜାଣିବା ପରେ ସେମାନେ ସଂକ୍ଷିପ୍ତ ବାଟ ଦେଇ ଯିବାର ସ୍ୱାଭାବିକ ଲୋଭ ତ୍ୟାଗ କରିଥାନ୍ତି। ଲଣ୍ଡନର ଗବେଷକମାନେ ଜାଣିପାରିଛନ୍ତି ଯେ, ଛେଳିମାନେ ତାଙ୍କ ନିକଟ ବନ୍ଧୁମାନଙ୍କ ସ୍ୱର ଏବଂ ସାଥୀର ସ୍ୱର ଚିହ୍ନିପାରନ୍ତି। ଦଳର ସଙ୍ଗୀମାନଙ୍କ ମୁହଁର ଭଙ୍ଗୀ ପ୍ରତି ମଧ୍ୟ ସେମାନେ ସମ୍ବେଦନଶୀଳ।

ଛେଳିମାନେ ସାଧାରଣତଃ ଅନୁସନ୍ଧିତ୍ସୁ ଓ ସ୍ୱାଧୀନ। ସେମାନେ ଅନେକ ସମୟରେ ଦୁଷ୍ଟାମି କରି ଖସିଯିବାକୁ ଚାହାନ୍ତି। କାଇଣ୍ଡର ଗୋଟ୍ ବ୍ରିଡର୍ସ ଆସୋସିଏଶନ ପ୍ରକାଶ କରିଛି ଯେ, ଛେଳିମାନେ କୁକୁରଙ୍କ ପରି ମଣିଷର ଭଲ ସାଥୀ ହୋଇପାରନ୍ତି। ସେମାନେ ବୁଦ୍ଧିମାନ୍, ସ୍ନେହୀ, ସହଜରେ ତାଲିମ ନେଇପାରନ୍ତି ଏବଂ ମାଲିକଙ୍କ ପାଖରେ ରହିବା ପାଇଁ ଭଲ ପାଆନ୍ତି। ସେମାନେ ସ୍ୱାଭାବିକ ଭାବେ ହାସ୍ୟରସର ଉତ୍ସ ଏବଂ ମନୋରଞ୍ଜନର ଖୋରାକ ଯୋଗାନ୍ତି। ନାଗାମାନେ କୁକୁର ମାଂସ ଖାଆନ୍ତି ବୋଲି ଆମେ ସେମାନଙ୍କୁ ନିନ୍ଦା କରୁ, କିନ୍ତୁ ଛେଳିମାଂସ ଖାଉଥିବା ଲୋକମାନେ ବି ସମାନଭାବେ ନିନ୍ଦନୀୟ।

Email: gandhim@nic.in

## ଏଇ ଭାରତରେ

ହରିଦ୍ୱାରରେ ଏପରି ଏକ ଆଶ୍ରମ ରହିଛି, ଯେଉଁଠି ଏହାର ଯଜ୍ଞଶାଳାରେ ଦୀର୍ଘ ୪୫ ବର୍ଷ ଧରି ଅଖଣ୍ଡ ଅଗ୍ନି ପ୍ରଜ୍ୱଳିତ ହୋଇରହିଛି। ଏଠାରେ ପ୍ରତିଦିନ ସକାଳେ ଦୁଇ ଘଣ୍ଟା ଧରି ଯଜ୍ଞ ହୋଇଥାଏ। ଯଜ୍ଞ ପରେ ଲୁହା ପ୍ଲେଟ୍‌ରେ ଏହାକୁ ଢାଙ୍କି ଦିଆଯାଏ। ପରବର୍ତ୍ତୀ ଦିନ ସକାଳେ ପୁଣି ଲୁହା ପ୍ଲେଟ୍‌କୁ ହଟାଇ ଦିଆଯାଇ ସେଥିରେ ଶୁଖିଲା କାଠ ରଖି ଦିଆଯାଏ। କାଠ ରଖାଯିବା ପରେ ସ୍ୱତଃ ଅଗ୍ନି ପ୍ରଜ୍ୱଳିତ ହୋଇଥାଏ। ଏଠାରେ ଅଗ୍ନି ପ୍ରଜ୍ୱଳନ କରିବା ପାଇଁ ଆଜି ପର୍ଯ୍ୟନ୍ତ ଦିଆସିଲିର ଉପଯୋଗ କରାଯାଇ ନାହିଁ ବୋଲି ସ୍ଥାନୀୟ ଲୋକେ କୁହନ୍ତି। ଏହି ଅଖଣ୍ଡ ଅଗ୍ନିକୁଣ୍ଡ ଦର୍ଶନ ପାଇଁ ଅନେକ ଶ୍ରଦ୍ଧାଳୁ ଆସିଥାଆନ୍ତି। ଦୀର୍ଘ ଦିନ ଧରି ଅଗ୍ନି ପ୍ରଜ୍ୱଳିତ ହେଲେ ତାହା ସିଦ୍ଧ ହୋଇଥାଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି। ଏହି ସିଦ୍ଧ ଅଗ୍ନି ସମ୍ମୁଖରେ ବସି ପବିତ୍ର ହୃଦୟରେ ଯାହା ବି କାମନା କରାଯାଏ, ତାହା ସହଜରେ ପ୍ରାପ୍ତି ହେଉଥିବା ଲୋକେ ବିଶ୍ୱାସ କରନ୍ତି। ସିଦ୍ଧ ମହାପୁରୁଷ ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟ ସାରା ଜୀବନ ଏହି ସିଦ୍ଧାଗ୍ନି ସମ୍ମୁଖରେ ବସି ସାଧନା କରିଥିଲେ ବୋଲି ଶୁଣାଯାଏ। ବିଶ୍ୱରେ ଅନୁଷ୍ଠିତ ହେଉଥିବା ମହାଯଜ୍ଞ ପାଇଁ ଏହିଠାରୁ ହିଁ ଅଗ୍ନି ନିଆଯାଇଥାଏ।

## ଚିରନ୍ତନୀ

ନାମଟା ଖାଲି ରହିଲା ସିନା
  କାହିଁଛି ଆଉ କବି
ସତ୍ତା ତାର ମିଳିବ ଅବା କାହିଁ ?
ଶିଳ୍ପୀ ନାମ ଗଲାଣି ଲୁଚି
  ରହିଚି ଖାଲି ଛବି
ରହିଚି ଜଡ଼, ଜୀବନ ଆଉ ନାହିଁ।
ପୀରତି ଯଥା କହିବା କଥା
  କେବଳ ଦେହ–ତୃଷ୍ଣା
ଅମର ହେବା ତେସନ ଖାଲି ମିଛ,
କବିତା ଯଥା ମାନସ–ଭୁଲା
  ଭାଷାର ଏକ ଭୁଷା
ନୋହିଲେ ସେ ଯେ ଗଦ୍ୟ ତହୁଁ ନୀଚ!

(ଅମର ଆଶା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 5 | C | | | | | | | | 4 | | | | 1 |
| A | 6 | | 3 | 7 | D | | 0 | | | | | | | |
| | 0 | 3 | E | 6 | | | B | A | | | | | | |
| 9 | 8 | | | 1 | A | | E | | | | | 6 | | |
| 7 | | | | 5 | | | | | 9 | | 0 | | | |
| | | | | | | | | 7 | | | | | 3 | |
| 6 | | 9 | | | | | C | 4 | E | 2 | | | A | |
| | B | | | 4 | 3 | A | | 1 | 8 | | | 5 | 9 | |
| | | | 5 | D | E | | | | 6 | 9 | | | | |
| | C | | | | B | | | | | 5 | A | 8 | | |
| E | 7 | | D | | | | | B | | | | A | C | 0 |
| | | | | 3 | | | | | | | 9 | | | |
| 5 | A | | | 0 | 8 | | | | | | 6 | | | E |
| B | | | 1 | A | | | | | 5 | D | | 7 | | 6 |
| | | 0 | 6 | | | 4 | 5 | | | | B | | 2 | D |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର



ବିଚିତ୍ର ବିଶ୍ୱାଳ

# ଆଦିବାସୀ ମେଳା

ନିକଟ ଅତୀତରେ ରାଜଧାନୀ ଭୁବନେଶ୍ୱରରେ ସରକାରଙ୍କ ତରଫରୁ ରାଜ୍ୟସ୍ତରୀୟ ଆଦିବାସୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳା ଯୋଗୁ କିଛି ସମୟ ପାଇଁ ରାଜଧାନୀର ପ୍ରଦର୍ଶନୀପଡ଼ିଆ ଆଦିବାସୀ ଗାଁର ଭ୍ରମ ସୃଷ୍ଟି କରେ। ରାଜଧାନୀର ବଡ଼ବଡ଼ିଆ ବାବୁମାନେ ମେଳା ବୁଲିବୁଲି ଆଦିବାସୀମାନଙ୍କୁ ଦେଖନ୍ତି ଓ ସେମାନଙ୍କ ଉତ୍ପାଦିତ ସାମଗ୍ରୀ କିଣିଥାନ୍ତି। ଏହି ମେଳାରେ ଭିନ୍ନ ଭିନ୍ନ ସମ୍ପ୍ରଦାୟର ଆଦିବାସୀମାନଙ୍କ ପାଇଁ ଘର ତିଆରି କରି ଲୋକଙ୍କ ଦର୍ଶନ ପାଇଁ ସେମାନଙ୍କୁ ଯେମିତି ରଖାଯାଇଥାଏ, ଦୂରରୁ ଦେଖିଲେ ଲାଗେ ସତେଯେମିତି ସେମାନେ ମଣିଷ ନୁହନ୍ତି, ଚିଡ଼ିଆଖାନାରେ ଥିବା କୌଣସି ଜନ୍ତୁ ବା ମ୍ୟୁଜିୟମ୍‌ର ଦର୍ଶନୀୟ ବସ୍ତୁ। ଏହାଦ୍ୱାରା ଆଦିବାସୀ ସଂସ୍କୃତିର କିପରି ପ୍ରଚାର ପ୍ରସାର ହେଉଛି ବୁଝାପଡୁନି। ଗୋଟେ ଜୀବନ୍ତ ସଭ୍ୟତାର ଲୋକମାନଙ୍କୁ ଦର୍ଶନୀୟ ବସ୍ତୁ କରି ମେଳାରେ ବସେଇବା ସେମାନଙ୍କ ପାଇଁ ଅସମ୍ମାନ ନୁହେଁ କି!

ଏବେ ଘଟଣାର ଅପର ପକ୍ଷକୁ ଦେଖିବା। ଗୋଟିଏ ପଟେ ସରକାର ଆଦିବାସୀଙ୍କ ସଭ୍ୟତା, ସଂସ୍କୃତି ଓ ଚାଷବାସ ବ୍ୟବସ୍ଥା ଆଦି ବିଷୟରେ ଅନ୍ୟମାନଙ୍କୁ ଜଣେଇବା ପାଇଁ ଆଦିବାସୀ ମେଳା ଆୟୋଜନ କରି ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଅନ୍ୟ ପଟେ ସରକାର ଖୋଦ୍ ନିଜେ ଆଦିବାସୀଙ୍କୁ ସର୍ବସ୍ୱାନ୍ତ କରିବା ପାଇଁ ପୂରାଦମ୍‌ରେ ଲାଗିପଡ଼ିଛନ୍ତି। ସମ୍ପ୍ରତି ବିକାଶ ନାଁରେ ଯେତେ ବି ପ୍ରକଳ୍ପ ହୋଇଛି ବା ହେବାକୁ ଯାଉଛି, ସବୁଠି ପ୍ରଥମ ଟାର୍ଗେଟ୍‌ରେ ଅଛନ୍ତି ଆଦିବାସୀ। ସେମାନଙ୍କୁ ଭିଟାମାଟିରୁ ଉଚ୍ଛେଦ କରାଯାଉଛି। ସେମାନଙ୍କ ଜମି–ଜଙ୍ଗଲରୁ ବେଦଖଲ କରାଯାଉଛି। ଯେତେବେଳେ ଆଦିବାସୀମାନଙ୍କୁ ତାଙ୍କ ଗାଁରୁ ଉଚ୍ଛେଦ କରାଯାଉଛି, ସେତେବେଳେ କେବଳ ବିସ୍ଥାପନ ହେଉନି, ଗୋଟେ ସ୍ୱୟଂସମ୍ପୂର୍ଣ୍ଣ ସଭ୍ୟତା ଓ ସଂସ୍କୃତି ସମୂଳେ ଲୋପ ପାଇଯାଉଛି। ଏବେ ପରିସ୍ଥିତି ଏପରି ହୋଇଛି, ସତେଯେମିତି ବିକାଶ ପାଇଁ ଆଦିବାସୀମାନଙ୍କର ବଳି ଚଢ଼େଇବା ଅବଶ୍ୟମ୍ଭାବୀ ହୋଇପଡ଼ିଛି। ସରକାରଙ୍କ ତଥ୍ୟ ଅନୁସାରେ ଭିନ୍ନ ଭିନ୍ନ ବିକାଶ ପ୍ରକଳ୍ପରେ ଆମ ଦେଶରେ ଯେତେ ଲୋକ ବିସ୍ଥାପିତ ହୋଇଛନ୍ତି ସେମାନଙ୍କ ମଧ୍ୟରୁ ଆଦିବାସୀଙ୍କ ହାର ସର୍ବାଧିକ। ତଥ୍ୟ ଅନୁସାରେ ୫୫% ଆଦିବାସୀ ସମ୍ପ୍ରତି ନିଜ ଅର୍ଥନୀତିଠାରୁ ଦୂରେଇଗଲେଣି।

ଏତଦ୍‌ବ୍ୟତୀତ ଆଦବାସୀମାନେ ଯେଉଁଠି ନିଜ ଜୀବନଜୀବିକାକୁ ରକ୍ଷାକରିବା ପାଇଁ ମୁହଁ ଖୋଲୁଛନ୍ତି ଓ ଲଢ଼େଇ କରୁଛନ୍ତି, ସରକାର ସେମାନଙ୍କୁ ଅତି ନିର୍ମମ ଭାବେ ଦମନ କରୁଛନ୍ତି। ଏପରିକି ସରକାର ପୋଲିସ ଲଗାଇ ଆଦିବାସୀମାନଙ୍କୁ ହତ୍ୟା କରିବାକୁ ବି ପଛାଉ ନାହାନ୍ତି। କାଶିପୁର ଓ କଳିଙ୍ଗନଗର ଏହାର ଜ୍ୱଳନ୍ତ ଉଦାହରଣ। ନିଜ ଭିଟାମାଟି ଓ ଜୀବନଜୀବିକାକୁ ବଞ୍ଚେଇବାର ପରିଣତିସ୍ୱରୂପ ଆଦିବାସୀମାନଙ୍କୁ ଗୁଳି ଖାଇବାକୁ ପଡୁଛି। ସବୁଠାରୁ ଦୁର୍ଭାଗ୍ୟର ବିଷୟ ଯେ, ଆମେ ଯେଉଁମାନେ ଆଦିବାସୀ ମେଳାରେ ଆଦିବାସୀମାନଙ୍କୁ ଓ ସେମାନଙ୍କର ସଂସ୍କୃତି ଦେଖି ଖୁସି ହେଉଛେ, ସେମାନଙ୍କ ଉତ୍ପାଦିତ ସାମଗ୍ରୀକୁ ଭଲ କହି କିଣୁଛେ, ସେମାନଙ୍କ ଉପରେ ଅତ୍ୟାଚାର ବେଳେ, ସେମାନଙ୍କର ସଭ୍ୟତା ଓ ସଂସ୍କୃତିର ମୂଳୋତ୍ପାଟନ ବେଳେ ଆମେ କେବେ ବି ମୁହଁ ଖୋଲୁନେ।

ଆଦିବାସୀମାନଙ୍କ ପାଖରେ ଶସ୍ୟ–ବିବିଧତାର ଏକ ଭଣ୍ଡାର ରହିଛି। ସେମାନଙ୍କ ପାଖରେ ଅନେକ ପ୍ରକାର ଶସ୍ୟ, ଡାଲି, ତୈଳବୀଜ ଓ କନ୍ଦାଜାତୀୟ ଫସଲର ବିହନ ଏବଂ ସେସବୁକୁ ଚାଷ କରିବାର ଜ୍ଞାନ ଓ ଦକ୍ଷତା ଭରିରହିଛି। ଆଦିବାସୀଙ୍କ ଉତ୍ପାଦିତ ଶସ୍ୟକୁ ଗୁଣାତ୍ମକଭାବେ ଆମେ ସବୁଠାରୁ ଭଲ କହୁଥିବା ବେଳେ ଓ ସରକାରଙ୍କ ସହାୟତାରେ ସେସବୁକୁ ଗର୍ବର ସହିତ ଆଦିବାସୀ ମେଳାରେ ପ୍ରଦର୍ଶନ କରାଉଥିବା ବେଳେ ବର୍ତ୍ତମାନର ସରକାରୀ ନୀତି ଆଦିବାସୀଙ୍କ ଚାଷ ବ୍ୟବସ୍ଥାକୁ ଉଜାଡ଼ିବାରେ ଲାଗିପଡ଼ିଛି। ଆଦିବାସୀଙ୍କ ମିଶ୍ରିତ ଚାଷ ବ୍ୟବସ୍ଥା ଓ ଫସଲ–ବିବିଧତା ହିଁ ସାମ୍ପ୍ରତିକ ଜଳବାୟୁ ପରିବର୍ତ୍ତନ ଯୁଗରେ ଏକମାତ୍ର ସମାଧାନ ବୋଲି ପ୍ରତୀୟମାନ ହେଉଥିବା ବେଳେ ସରକାର ନିଜ ବିଭାଗ ଦ୍ୱାରା ଏହାକୁ ନଷ୍ଟ କରି ଏକକ ଫସଲ ଓ ରାସାୟନିକ ଚାଷ ବ୍ୟବସ୍ଥାକୁ ଅଧିକରୁ ଅଧିକ ପ୍ରାଧାନ୍ୟ ଦେଉଛନ୍ତି। ଆଦିବାସୀମାନେ ସେମାନଙ୍କ ଚାଷବାସରେ ଆଦୌ ବି ସାର, ବିଷ ବ୍ୟବହାର କରୁ ନ ଥିବା ବେଳେ ସମ୍ପ୍ରତି ସେମାନଙ୍କୁ ମାଣ୍ଡିଆ ଭଳି ଚାଷରେ ବି ସାର ପକେଇବା ପାଇଁ କୃଷି ବିଭାଗ ତରଫରୁ ପ୍ରୋତ୍ସାହିତ କରାଯାଉଛି। ଏହାଦ୍ୱାରା ଆଦିବାସୀଙ୍କ ସ୍ୱାବଲମ୍ବୀ ଚାଷ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଉଜୁଡ଼ି ଯିବ, ଏଥିରେ ସନ୍ଦେହ ନାହିଁ।

ଆମେ ଜାଣିଛେ ଯେ, ଆଦିବାସୀଙ୍କ ଜୀବନ, ଜୀବିକା, ସଭ୍ୟତା, ସଂସ୍କୃତି ସବୁ ଜଙ୍ଗଲ ସହିତ ଜଡ଼ିତ। ସେମାନେ ଜଙ୍ଗଲରୁ କେବଳ କାଠପତ୍ର ସଂଗ୍ରହ କରନ୍ତି ନାହିଁ, ଜଙ୍ଗଲରୁ ସେମାନଙ୍କୁ ଅନେକ ପ୍ରକାର ଖାଦ୍ୟ ମିଳେ, ଯାହାକୁ ନେଇ ସେମାନଙ୍କ ଖାଦ୍ୟ ଓ ପୁଷ୍ଟିର ସୁରକ୍ଷା ହୋଇଥାଏ। ଏତଦ୍‌ବ୍ୟତୀତ ଆଦିବାସୀ ଜଙ୍ଗଲକୁ ନିଜ ମା' କହି ପୂଜା କରିଥାନ୍ତି। ସେମାନଙ୍କର ଅନେକ ପରବ ଜଙ୍ଗଲ ସହିତ ଜଡ଼ିତ । ବିଭିନ୍ନ ବିକାଶ ପ୍ରକଳ୍ପରେ ଜଙ୍ଗଲକୁ ନଷ୍ଟ କରାଯାଉଥିବା ବେଳେ ନୂଆ ଜଙ୍ଗଲ ସୃଷ୍ଟି ନାମରେ ୟୁକାଲିପଟାସ୍ ଓ ଶାଗୁଆନ୍ ବୃକ୍ଷ ରୋପଣ କରାଯାଉଛି, ଯାହା କଦାପି ଆଦିବାସୀଙ୍କ ପ୍ରାକୃତିକ ଜଙ୍ଗଲର ସମକକ୍ଷ ନୁହେଁ। ଜଙ୍ଗଲରେ ଅର୍ଥକରୀ ବୃକ୍ଷ ଶାଗୁଆନ୍ ଆଦି ଲାଗିଲେ, ଆଦିବାସୀଙ୍କର ଜଙ୍ଗଲକୁ ଯିବା କମିଯିବ। କାରଣ ସେମାନଙ୍କୁ ସେହି ଜଙ୍ଗଲରୁ କିଛି ବି ମିଳିବ ନାହିଁ। ଫଳରେ ଧୀରେ ଧୀରେ ଜଙ୍ଗଲ ସରକାରୀ ବିଭାଗ କବ୍‌ଜାକୁ ଆସିଯିବ। ଧୀରେ ଧୀରେ ସେମାନେ ବିସ୍ଥାପିତ ହେବାକୁ ବାଧ୍ୟ ହେବେ।

ସମୁଦାୟ ପ୍ରକରଣ ଠିକ୍ ସେହିପରି ହେଉଛି, ଯେମିତି ଚଟୁ ଆମିଷ, ବେଣ୍ଟ ନିରାମିଷ। ଗୋଟିଏ ପଟେ ଆଦିବାସୀଙ୍କୁ ଉଜାଡ଼ିବା ପାଇଁ କାର୍ଯ୍ୟକ୍ରମ ଚାଲୁଥିବା ବେଳେ ଅନ୍ୟ ପଟେ ଆଦିବାସୀ ମେଳା ଆୟୋଜନ କରାଯାଉଛି। ଏହା ହାସ୍ୟାସ୍ପଦ ନୁହେଁ କି?

bichitrabiswal@gmail.com

## ପାଠକ ଶ୍ରେଷ୍ଠ ବିଚାରକ

### ସଚେତନତା ଲୋଡ଼ା

ମହାଶୟ,

କୁମାରୀ ମାତୃତ୍ୱ ଘଟଣା ଦିନକୁ ଦିନ ଅଧିକ ଘଟିବାର ଦେଖାଯାଉଛି। ପ୍ରଥମରୁ ଲୁଚାଇ ରଖି ପିଲା ଜନ୍ମ ହେବା ପରେ ସମସ୍ତେ ଜାଣୁଛନ୍ତି। ଚତୁର୍ଥ ଶ୍ରେଣୀରୁ ଯୌନ ଶିକ୍ଷାର ଆବଶ୍ୟକତା ରହିଛି। ନିଜର ଆତ୍ମୀୟସ୍ୱଜନ ଏଭଳି ଲଜ୍ଜାଜନକ କାଣ୍ଡ କରିବସୁଛନ୍ତି। ଅଶିକ୍ଷା ଓ ଶିକ୍ଷାର କିଛି ଫରକ ରହୁନି। ଆଶା ଓ ଅଙ୍ଗନୱାଡି ଦିଦିଙ୍କୁ ଏହି ଗୁରୁଦାୟିତ୍ୱ ଦିଆଗଲେ ଭଲ ହୁଅନ୍ତା। ବୋଝ ଉପରେ ନଳିତାବିଡ଼ା ଭାବି ଦମ୍ପତି ରାସ୍ତାଘାଟରେ ଶିଶୁ ଛାଡ଼ି ଚାଲିଯିବା ଅପେକ୍ଷା ପିଲା ଜନ୍ମ ନ କରିବା ଭଲ। ଜନ୍ମ ନିୟନ୍ତ୍ରଣ ଯୋଜନା ବହୁ ସ୍ଥାନରେ ଏବେ ବି ଅପହଞ୍ଚ ଅଛି ବୋଲି ପ୍ରମାଣିତ ହେଉଛି। ଛୁଆଛାଡରେ ପୁଅ ପିଲା ବି ବାଦ୍ ପଡୁନାହାନ୍ତି। ଏଣୁ ଏସବୁ ସମ୍ପର୍କରେ ସଚେତନତା ଲୋଡ଼ା।

ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

### ଗୁଟ୍‌ଖା ବିକ୍ରି ଅବାଧରେ ଚାଲିଛି

ଗୁଟ୍‌ଖା ନିଷେଧ ଏକ ପ୍ରହସନରେ ପରିଣତ ହୋଇଛି। ଆମେ ସଭାସମିତି କରି ସଚେତନତା ସୃଷ୍ଟି କରୁ ଯେ ତମାଖୁ, ଧୂମପାନ, ମଦ୍ୟପାନ, ନିଶାଦ୍ରବ୍ୟ ସେବନ, ଅନିୟନ୍ତ୍ରିତ ଜୀବନଶୈଳୀ, ଶ୍ରମବିହୀନ ଜୀବନ ଓ ଫାଷ୍ଟ୍‌ଫୁଡ୍ କର୍କଟ ଓ ବିଭିନ୍ନ ବ୍ୟାଧି ପାଇଁ ଦାୟୀ। ହେଲେ ଶିକ୍ଷାନୁଷ୍ଠାନଗୁଡ଼ିକର ଅତି ନିକଟରେ କ୍ୟାବିନ୍‌ଗୁଡ଼ିକରେ ମାଳମାଳ ଗୁଟ୍‌ଖା, ପାନମସଲା ପୁଡିଆ ଝୁଲୁଛି। କୋମଳମତି ଶିଶୁ, କିଶୋର, ଯୁବତୀଯୁବକ ସତେଯେମିତି ଏଥିରୁ ଶକ୍ତି ପାଉଛନ୍ତି! ଏଇ ବୟସରୁ ପୁଡିଆ, ଖିଲିପାନ ଖାଇଲେ ଟିକିଏ ପରିଣତ ବୟସରେ ମୁଖଗହ୍ୱର ରୋଗ ସୃଷ୍ଟି ହେଉଛି, ଯାହା ଖାଦ୍ୟ ପାଟିରେ ଦେଲେ ପାଟି ପୋଡୁଛି। ଏହା କର୍କଟର ପୂର୍ବାଭାସ। ତେଣୁ ଏ ଗୁଟ୍‌ଖା ନିଷେଧ ଆଇନକୁ କଡ଼ାକଡ଼ି କରାଯାଉ ଏବଂ ବିଦ୍ୟାଳୟ ପରିସରର ଅଧ କିଲୋମିଟର ଭିତରେ ପାନଦୋକାନ ଆଦିକୁ ନିଷିଦ୍ଧ କରାଯାଉ।

ଡା. ଦେବଦତ୍ତ ମିଶ୍ର, ରେଡ୍‌କ୍ରସ ରୋଡ, ପୁରୀ

### ଆଇନର ଶାସନ ବିପନ୍ନ

ସିବିଆଇ ଓ ପଶ୍ଚିମବଙ୍ଗ ପୋଲିସ ରବିବାର କୋଲକାତାରେ ମୁହାଁମୁହିଁ ହେବା ଏକ ଅଭୂତପୂର୍ବ ଘଟଣା। ଚିଟ୍‌ଫଣ୍ଡ ଘୋଟାଲା ତଦନ୍ତ ପାଇଁ ଯାଇଥିବା କେତେକ ସିବିଆଇ ଅଧିକାରୀଙ୍କୁ ପୋଲିସ କମିଶନରଙ୍କ ନିବାସସ୍ଥଳରୁ ସେଠା ପୋଲିସ ଜୋରଜବରଦସ୍ତ ନିକଟସ୍ଥ ଥାନାକୁ ନେଇ ଅଟକ ରଖିଲା। ଏଭଳି ବାଧା ଆଇନର ଶାସନ ପ୍ରତି ଖୋଲା ଆହ୍ୱାନ। ଆଇନର ଶାସନ ନ ରହିଲେ ଦେଶରୁ ଗଣତନ୍ତ୍ର ଲୋପ ପାଇବ। ଦେଶ ଅରାଜକତା କବଳିତ ହେବ। ଅଧିକନ୍ତୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ସେଠାକୁ ଆସି ଧାରଣାରେ ବସିବା ନିର୍ଲଜ୍ଜ ରାଜନୈତିକ ଅପକୌଶଳ ଛଡା ଆଉ କିଛି ନୁହେଁ। ଏ ପରିପ୍ରେକ୍ଷୀରେ ଦେଶର ଗଣତନ୍ତ୍ର ଓ ଆଇନର ସୁରକ୍ଷା ପାଇଁ ଦରକାର କଠୋର କାର୍ଯ୍ୟାନୁଷ୍ଠାନ।

ମହେନ୍ଦ୍ର ଚନ୍ଦ୍ର ଦାସ, ଶହୀଦନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପ୍ରେମ ଏକ ପାଟମଠାଶାଢ଼ି



ଡ. ଭାଗ୍ୟଲିପି ମଲ୍ଲ

ଆଜି ଭାଲେଣ୍ଟାଇନ୍ ଡ଼େ'। ପ୍ରେମ ଦିବସ। ପ୍ରେମର ସ୍ମୃତିରେ ସମଗ୍ର ବିଶ୍ୱ ପାଳନ କରୁଛି ଏହି ଦିବସ। ତେବେ ପ୍ରେମର ଜନ୍ମ କ'ଣ ଆଜି ଓ ଆଜି ହିଁ ତା'ର ମୃତ୍ୟୁ? ପ୍ରେମକୁ ନେଇ କେତେ କଥା। ପ୍ରେମ କାଳେ ପ୍ରାପ୍ତିରେ ମିଳେନା, ମିଳେ ଅପ୍ରାପ୍ତିରେ। ପୁଣି ମିଳନଠୁ ବେଶି ମିଳେ ବିରହରେ। ପୂର୍ଣ୍ଣତା ଅପେକ୍ଷା ଶୂନ୍ୟତାରେ ହୁଏ ଅଧିକ ଗାଢ଼ ଏବଂ ଏହି ପ୍ରେମର ନିଆଁକୁ ବିରହ ଅଧିକ ପ୍ରଜ୍ୱଳିତ କରେ। ପ୍ରେମାନୁଭବକୁ ନେଇ କବୀର ସୁନ୍ଦର କଥାଟିଏ କହିଛନ୍ତି– ''ବିରହ ହେଉଛି ଓଦା–କଞ୍ଚା କାଠ। ଯାହା ଟିକିଏ ଜଳେ, ମାତ୍ର ବେଶୀ ଧୂଆଁ ହୁଏ। ବିରହର ଅନ୍ତ ହେଲେ ପ୍ରେମର ବି ଅନ୍ତ ହୁଏ।''

ପ୍ରେମ ସବୁବେଳେ ଏକ ମିଠା ଅନୁଭବ। ସେ ବିରହ ହେଉ ଅବା ହେଉ ମିଳନ। ଆନନ୍ଦ ହେଉ ଅଥବା ଯନ୍ତ୍ରଣା। ଏହି ନୈସର୍ଗିକ ଅନୁଭବରେ ମଣିଷ ସବୁଦିନେ ଜଳିଛି, ମରିଛି ବି। ପୃଥିବୀର ସୁନ୍ଦରତମ ସଙ୍ଗୀତ ହିଁ ପ୍ରେମ। ଶ୍ରେଷ୍ଠ ରସ ଶୃଙ୍ଗାର। ପ୍ରେମର ପରିଭାଷା ଅତି ଜଟିଳ। ସେ କାଳେ ବସା କରିଥାଏ ପୁଣ୍ୟର ନଈକୂଳରେ ଥିବା ପାପର ଡାଳରେ, ଥାଏ ସାଗରର ନୀଳିମାରେ, ପକ୍ଷୀର ଉଡ଼ାଣରେ, ମହୁମାଛିର ଗୁଣୁଗୁଣୁରେ ପୁଣି କଇଁଫୁଲର ମହକରେ। ପ୍ରେମର କେତେ ନାଁ। ପୂଜା, ଉପାସନା, ଆରାଧନା, ତପସ୍ୟା ବି। ତେଣୁ କୁହାଯାଏ ପ୍ରେମର ବୟସ ନାହିଁ। ଦିନ, ବାର ବି।

## ଭାଲେଣ୍ଟାଇନ ଦିବସ ଉପଲକ୍ଷେ

ହିଁ କୁହାଯାଇପାରିବ, ଆଜିର ଦିବସ ପ୍ରେମ ପାଇଁ ସମର୍ପିତ ଏକ ଦିବସ। କାରଣ ପ୍ରେମର ପରିସୀମା ବ୍ୟାପ୍ତ। ତାହା ଜେଜେଙ୍କର ଜେଜେମା'ଙ୍କ ପାଇଁ, ବାପାଙ୍କର ବୋଉ ପାଇଁ ଓ ଭଉଣୀର ଭାଇ ପାଇଁ ହୋଇପାରେ। ପତ୍ନୀ ପାଇଁ ପତିର ହୋଇପାରେ, ପୁଣି ପ୍ରେମିକା ପାଇଁ ପ୍ରେମିକର ବି। ନିଜ ନିଜର ପ୍ରେମକୁ ମନେପକାଇ ତାହା ପ୍ରତି ବିଶ୍ୱସ୍ତ ରହିବା ହୁଏ ତ ଆଜି ଦିନର ତାତ୍ପର୍ଯ୍ୟ ହୋଇପାରେ। କାରଣ ଆଜିର ଦିନରେ କାଳେ ପ୍ରେମ ପାଇଁ ରୋମ୍‌ର ସନ୍ଥ 'ଭାଲେଣ୍ଟାଇନ୍' ଜୀବନ ଦେଇଥିଲେ। ସେଥିପାଇଁ ତାଙ୍କରି ନାଁରେ ଏ ଦିବସ।

ଦେଖାଯାଉଛି ଆଜି ଦିନଟିରେ ଯୁବସମାଜ ଅଧିକ ଚଞ୍ଚଳ ଓ ଉତ୍ସାହିତ। ଏହା ସ୍ୱାଭାବିକ କଥା। ଏଥିପାଇଁ କେଉଁଠି କେଉଁଠି ବିରୋଧର ଗୁଞ୍ଜରଣ ମଧ୍ୟ କାନରେ ପଡ଼େ। ମାତ୍ର ପରିଣତ ବୟସରେ ବି ଜଣେ ବନ୍ଧୁ ତା'ର ବାନ୍ଧବୀକୁ ବା ପତି ପତ୍ନୀକୁ ଏହି ଦିନର ଶୁଭେଚ୍ଛା ସ୍ୱତଃପ୍ରବୃତ୍ତ ଭାବରେ ଜଣାଇଥାଏ, କୌଣସି ଆକଟ କି ବନ୍ଧନ ନ ମାନି। ପ୍ରେମର ଆବେଗକୁ କ'ଣ ପଥରୋଧ କରିହୁଏ? ନା। କାରଣ ରକ୍ତ ପରି ପ୍ରେମର ରଙ୍ଗ ଗୋଟିଏ। ସକଳ ଦେଶ, ସକଳ ଜାତି, ସକଳ ଧର୍ମ ଓ ସକଳ ମଣିଷ ମନରେ ପ୍ରେମ ପାଇଁ ସେଇ ଗୋଟିଏ ଅନୁଭବ। ସମାନ ରୋମାଞ୍ଚ। ସମାନ ଭାବରେ ଉଚ୍ଛକିତ ଆତ୍ମା, ସ୍ପନ୍ଦିତ ପ୍ରାଣ, ଉତ୍ତରିତ ଅଧ୍ୟାତ୍ମଚେତନା।

ହଁ, ଏହାକୁ ବିରୋଧ କରୁଥିବା ଅନେକେ କହନ୍ତି ଏହା ଆମ ସଂସ୍କୃତିର କଥା ନୁହେଁ। ଏ କଥା ବି ସତ। ମାତ୍ର ଆମେ ଭୁଲିଯାଉଛୁ ସଂସ୍କୃତିର ଅନ୍ୟ ନାଁ ଗତିଶୀଳତା। ସଂସ୍କୃତି ପ୍ରବହମାନ ନଈଟିଏ। ବାଟରେ ବହି ଯାଉଯାଉ, ଯାହାକୁ ଦେଖେ, ଯାହାକୁ ଭେଟେ ସାଥିରେ ନେଇ ଆଗକୁ ଆଗକୁ ବହିଯାଉଥାଏ। ସମୟସହ ତାଳଦେଇ ନୂଆ ସଂସ୍କୃତିସହ ଆମକୁ ପରିଚିତ ହେବାକୁ ପଡ଼ିବ। ପୁରୁଣା ସଂସ୍କୃତି ଥିବ, ଠିକ୍ ନଈର ଛାତିରେ ପୁରୁଣା ପାଣି ପରି। ଏହି ଦିବସ ସେହିଭଳି ଆମ ଚେତନା ସହ ଧୀରେ ଧୀରେ ମିଶିଯିବାକୁ ବସିଛି। ଏହାର ପ୍ରତିରୋଧ କରିବାରେ କ'ଣ ଆମେ ସମର୍ଥ ହୋଇପାରିବା? ଏ ଦିବସରେ ଆମେ ସେମାନଙ୍କୁ ପାର୍କରେ ଆକଟ କରୁଛୁ। ପ୍ରତିରୋଧ କରୁଛୁ। ମାତ୍ର ଫୁଲଦୋକାନ, ଚକୋଲେଟ୍ ଦୋକାନ, ସିନେମାହଲ୍, ରେଷ୍ଟୋରାଁ, ମଲ୍ ଇତ୍ୟାଦିର ବ୍ୟବସାୟକୁ କ'ଣ ପ୍ରତିରୋଧ କରିପାରୁଛୁ? ପ୍ରତିରୋଧ କରୁଛୁ କି ଏ ଦିନ ଛଡ଼ା ଏମାନେ ଅନ୍ୟଦିନେ ଯାହା କରନ୍ତି? ଯଦି ଅନ୍ୟଦିନଗୁଡ଼ିକରେ ଏମାନଙ୍କର ଆଚରଣକୁ ଆମର ନିଘା ନ ଥାଏ, ତା'ହେଲେ ଆଜି କାହିଁକି?

ପ୍ରେମ ଯଦି ପୂଜା, ଦୂର ପର୍ବତର ଶ୍ୟାମଳିମା, ଉଜାଣି ନଈର ସୁଅ, ତା'ହେଲେ ପ୍ରେମକୁ କାହିଁକି ଏ ଦିବସ ନାଁରେ ଏତେ ଅମର୍ଯ୍ୟାଦା? କାହିଁକି ଘୃଣା, ସନ୍ଦେହ, ବିରକ୍ତି, ପ୍ରତିରୋଧରେ ପ୍ରେମର କଣ୍ଠରୋଧ? ଯେଉଁଠି ଓ ଯେଉଁମାନଙ୍କୁ ଏହି ଦିନରେ ପ୍ରତିରୋଧ କରାଯାଉଛି, ସେହିମାନେ ହିଁ ନିଜେ ଏଭଳି କରୁଣ ପରିଣତି ପାଇଁ ଦାୟୀ। ସେମାନଙ୍କୁ ପ୍ରେମ ଭଳି ଏକ ଶାଶ୍ୱତ ଓ ଚିରନ୍ତନ ଉତ୍ସକୁ କଳଙ୍କିତ କରିବାର ଅଧିକାର ଦେଲା କିଏ? କାହିଁକି ଆଜି ଏ ଅଭାବନୀୟ ପରିସ୍ଥିତି, ଯେଉଁଥିପାଇଁ ସେମାନଙ୍କୁ ଘଉଡ଼ାଯାଉଛି, ଏମିତିକି ମାଡ଼ ଖାଇବାକୁ ପଡୁଛି? ପ୍ରେମ ଆଜି ଅସହାୟ। ବିପଣନ ଏଥିପାଇଁ ଦାୟୀ। ପ୍ରେମିକାର ଅଶ୍ଳୀଳ ଭିଡିଓ ପ୍ରସାର ଏବଂ ଏହି କାରଣରୁ ପ୍ରେମିକାର ଆତ୍ମହତ୍ୟା– ଏହା ଯେମିତି ଦେହସୁଆ ଖବର ପାଲଟିଗଲାଣି। କୁଆଡ଼େ ଗଲା ସେଦିନର ଦେହ ନୁହେଁ, ପ୍ରେମ ଓ ମନକୁ ଛୁଇଁଯିବାର ସେ ନିବିଡ଼ ପ୍ରତିବେଦନ? ଏ କଥା ବିଚାର କରିବାର ସମୟ ଆସିଛି।

ପ୍ରେମର ଅନ୍ୟନାମ ଯଦି ମୃତ୍ୟୁ, ମୃତ୍ୟୁକୁ ସ୍ୱୀକାର କରିବା କ'ଣ ଏତେ ସହଜ? ଆମ ଯୁବସମାଜ ଯଦି ଟିକିଏ ସହୃଦୟ ହୁଅନ୍ତେ, ପ୍ରେମ ପାଇଁ ସମର୍ପିତ ହୁଅନ୍ତେ, ତା'ହେଲେ ପ୍ରେମକୁ ନେଇ ଏତେ କୋଳାହଳ ଅବଶ୍ୟ ହୁଅନ୍ତା ନାହିଁ। କାରଣ ପ୍ରେମକୁ କହି ହୁଏନି, ଦେଖି ହୁଏନି, ଛୁଇଁ ହୁଏନି କି ଶୁଣି ବି ହୁଏନି। ପ୍ରେମ ଏକ ଇନ୍ଦ୍ରିୟୋତ୍ତର ଅନୁଭବ, ଏକ ପାଟମଠାଶାଢ଼ି, ଯାହାକୁ ମଲାଯାଏ ସାଇତି ରଖିବାକୁ ହୁଏ, ଛାତିର ସିନ୍ଦୁକ ଭିତରେ, ନୀରବରେ।

ମୋ–୯୪୩୯୨୮୧୫୬୧

## ୨୫ ବର୍ଷ ତଳର ଧରିତ୍ରୀ

୧୪ ଫେବୃୟାରୀ ୧୯୯୪

- ଯୁଗୋସ୍ଲାଭିଆରୁ ବିଚ୍ଛିନ୍ନ ହେବା ପରେ ସର୍ବୀୟ କ୍ରାଜିନାରେ ହୋଇଥିବା ସର୍ବପ୍ରଥମ ନିର୍ବାଚନରେ ମିଲାନ ମାର୍ଟିକ ରାଷ୍ଟ୍ରପତି ରୂପେ ନିର୍ବାଚିତ।
- ଥାଇଲାଣ୍ଡର ପୂର୍ବ ଉପକୂଳ ସମୁଦ୍ରରେ ବର୍ମାର ଏକ ଜାହାଜ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୩୨ ଜଣଙ୍କ ମୃତ୍ୟୁ।

**ପ୍ରଥମ ପୃଷ୍ଠାରୁ...**

# ଧାନ ପାଇଁ ଗୋଦାମ ନାହିଁ

ଅନ୍ୟପକ୍ଷରେ ସମବାୟ ଋଣକୁ ଦେଖିଲେ ୨୦୧୪ଖରିଫ ଋତୁରେ ୭୫୦କୋଟି ଋଣ ଦେବାକୁ ବ୍ୟବସ୍ଥା ହୋଇଥିବାବେଳେ ଦିଆଯାଇଛି ୭୧୩ କୋଟି ୬୦ଲକ୍ଷ ୭୫ହଜାର। ୨୦୧୫ରେ ହଜାରେ କୋଟି ଋଣ ଦେବାକୁ ଲକ୍ଷ୍ୟଧାର୍ଯ୍ୟ ଥିବାବେଳେ ଦିଆଯାଇଛି ୮୧୫ କୋଟି ୫୦ଲକ୍ଷ ୫୩ହଜାର ଟଙ୍କା। ୨୦୧୬ରେ ୧୦୦୭ କୋଟି ଟଙ୍କାର ଋଣ ପ୍ରଦାନ ଲକ୍ଷ୍ୟ ଥିବାବେଳେ ଚାଷୀଙ୍କୁ ମିଳିଛି ୯୧୮କୋଟି ୧୫ ଲକ୍ଷ ୧୫ହଜାର ଟଙ୍କା। ୨୦୧୭ ମସିହାରେ ଲକ୍ଷ୍ୟଧାର୍ଯ୍ୟ ୧୨୨୦କୋଟି ଥିବାବେଳେ ୯୫୪ କୋଟି ୭୧ ଲକ୍ଷ ୮୭ହଜାର ଟଙ୍କା ଋଣ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଜିଲାପାଳ ଅରବିନ୍ଦ ଅଗ୍ରୱାଲ କୁହନ୍ତି, ଅଭାବୀ ବିକ୍ରି ସମ୍ପର୍କରେ କୌଣସି ଅଭିଯୋଗ ଆମ ପାଖରେ ନାହିଁ। ଚାଷୀମାନେ ସରକାରୀ ମଣ୍ଡିରେ ସୁରୁଖୁରୁରେ ଧାନ ଦେବାର ବ୍ୟବସ୍ଥା ହୋଇଛି। ଅନ୍ୟପକ୍ଷରେ ଶୀତଳଭଣ୍ଡାର ପାଇଁ ସରକାର ରିହାତି ଯୋଗାଇ ଦେଉଛନ୍ତି। ଘରୋଇ ଭାଗୀଦାରିରେ ଏହି କାର୍ଯ୍ୟ ପାଇଁ ପ୍ରଶାସନ ଉଦ୍ୟମ ଜାରି ରଖିଛି ବୋଲି ଜିଲାପାଳ ଅଗ୍ରୱାଲ କହିଛନ୍ତି।

## ଚାଷୀ ମତାମତ...

### ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ଆବଶ୍ୟକ



ଗତ ଦୁଇ ଦଶନ୍ଧି ଧରି ସରକାର ଚାଷୀଙ୍କୁ ଅଣଦେଖା କରି ଆସୁଛନ୍ତି। ଏଠାରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟକୁ ବୃଦ୍ଧି କରାଯାଉ ନାହିଁ। ପଡୋଶୀ ଛତିଶଗଡ଼ରେ ଧାନ କୁଇଣ୍ଟାଲ ପ୍ରତି ୨୫ଶହ ଟଙ୍କା ମୂଲ୍ୟ ଦିଆଯାଉଥିବାବେଳେ ଓଡ଼ିଶାରେ ତାହା ୧୭୫୦ ଟଙ୍କା ରହିଛି। ଏହାବାଦ ଅନେକ ଚାଷୀ ଧାନ ବିକ୍ରି ପାଇଁ ମଣ୍ଡିକୁ ଯାଇ ସେଠାରେ ହଇରାଣ ହରକତ ହେଉଛନ୍ତି।

- ରାଜୀବ ଲୋଚନ ଦାସ, ରେଗେଡା, ନରସିଂହପୁର

### ସରକାରୀ ଯୋଜନାରେ ଚାଷୀ ଉପକୃତ



କୃଷକଙ୍କ ଉନ୍ନତି ନିମନ୍ତେ ସରକାର ବିଭିନ୍ନ ଯୋଜନା ଘୋଷଣା କରୁଛନ୍ତି। ନିକଟରେ କୃଷକଙ୍କ ପାଇଁ ସରକାର ଯେଉଁ କାଳିଆ ଯୋଜନା ଲାଗୁ କରିଛନ୍ତି ତାହା ସବୁଠାରୁ ବଡ଼ ଯୋଜନା। ଏହି ଯୋଜନାରେ ଭୂମିହୀନଠାରୁ ଆରମ୍ଭ କରି ଛୋଟ ଓ ମଧ୍ୟମ ଚାଷୀ ପର୍ଯ୍ୟନ୍ତ ସମସ୍ତେ ଅନ୍ତର୍ଭୁକ୍ତ ଅଛନ୍ତି। ସମ୍ପୂର୍ଣ୍ଣ ଋଣଛାଡ଼ଠାରୁ ଏହି ଯୋଜନା ବହୁଗୁଣରେ ଭଲ। ତେଣୁ ଆଗାମୀ ନିର୍ବାଚନରେ ଚାଷୀ ଭୋଟ ହରାଇବାର ପ୍ରଶ୍ନ ଉଠୁନି। ତେବେ ଧାନ ବିକ୍ରି ନେଇ ଚାଷୀମାନେ ଅସନ୍ତୁଷ୍ଟ ଅଛନ୍ତି। କାରଣ ମିଲର୍‌ଙ୍କ ଇଚ୍ଛାରେ ଚାଷୀଙ୍କୁ ଧାନ ବିକ୍ରି କରିବାକୁ ପଡୁଛି। ଚାଷୀମାନେ ମଣ୍ଡିରେ ବସିଥିବାବେଳେ କର୍ମଚାରୀଙ୍କ ଦେଖାମିଳୁନି।

- ଶରତ ଚନ୍ଦ୍ର ମନ୍ତ୍ରୀ, ବିଲିମନ୍ତ୍ରୀ ସାହି, ବାଙ୍କୀ

### ମଣ୍ଡିରେ ଶୋଷଣର ଶିକାର ହେଉଛି ଚାଷୀ

ଦୁଇ ଦଶନ୍ଧି ଧରି ସରକାର ଚାଷୀଙ୍କୁ ଉଚିତ ନ୍ୟାୟ ଦେଇପାରୁ ନାହାଁନ୍ତି। ଚାଷୀଙ୍କ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଥିଲେ ସୁଦ୍ଧା ଏହାର ସୁଫଳ ଚାଷୀଙ୍କୁ ମିଳୁନାହିଁ। କୃଷିଋଣ ଛାଡ଼ ପାଇଁ ଦାବି କରାଯାଉଥିଲେ ମଧ ସରକାର କର୍ଣ୍ଣପାତ କରୁନାହାନ୍ତି। ଏହି ଦୃଷ୍ଟିରୁ ଆଗାମୀ ନିର୍ବାଚନରେ ଏହାର ପ୍ରଭାବ ନିଶ୍ଚିତ ଭାବେ ପଡ଼ିବ। ସେହିପରି ବର୍ତ୍ତମାନ ଧାନକିଣାକୁ ନେଇ ପ୍ରଶାସନ ତତ୍ପରତା ଚାଷୀଙ୍କ ପାଇଁ ବୁମେରାଂ ପାଲଟିଛି। କାରଣ ଆମ ଅଞ୍ଚଳରେ ଏବେ ସୁଦ୍ଧା ସମବାୟ ବିଭାଗ ପକ୍ଷରୁ ଧାନ ମଣ୍ଡି ଖୋଲାଯାଇ ନାହିଁ। ଯେଉଁଠି ଖୋଲାଯାଇଛି, ସେଠାରେ ଚାଷୀଙ୍କୁ ଶୋଷଣ କରାଯାଉଛି। ଏଠାରେ ମିଲର ପ୍ରଶାସନର ହାତବାରିସି ସାଜିଛନ୍ତି। ମଣ୍ଡିଗୁଡ଼ିକରେ ଗୋଟିଏ କ୍ୱିଣ୍ଟାଲରେ ୫କେଜି ଧାନ କାଟ୍ କରାଯାଉଛି। ଚାଷୀ ପ୍ରତିବାଦ କଲେ ମଧ ତାହାର ସୁଫଳ ମିଳୁ ନାହିଁ। ଅପରପକ୍ଷରେ ଜଣେ ଭାଗଚାଷୀ ଏହି ଯୋଜନାରୁ ବଞ୍ଚିତ ହେଉଛନ୍ତି।



- ହରେକୃଷ୍ଣ ବେହେରା, ତେନ୍ତୋଳ, ସାଲେପୁର

### ଉତ୍ପାଦନକୁ ଲକ୍ଷ୍ୟରେ ରଖି ଧାନମଣ୍ଡି ଖୋଲୁ



ଚାଷୀଙ୍କ ପାଇଁ ସରକାର ବହୁବିଧ ଯୋଜନା ପ୍ରଣୟନ କରିଛନ୍ତି। ବିଶେଷକରି ଆଠଗଡ଼ ଅଞ୍ଚଳର ଚାଷୀମାନେ ସରକାରୀ ଯୋଜନାରେ ସାମିଲ ହୋଇ ଯୋଜନାର ସୁଫଳ ପାଇଛନ୍ତି। ତେବେ ଆମ ଅଞ୍ଚଳରେ ସରକାରୀ କଟକଣା ହେତୁ ଅନେକ ଚାଷୀ ମଣ୍ଡିରେ ଧାନ ଦେଇପାରି ନାହାନ୍ତି। ଚାଷୀଙ୍କ ଉତ୍ପାଦନକୁ ଲକ୍ଷ୍ୟ କରାଯାଇ ମଣ୍ଡିରେ ଧାନକିଣାର ପରିମାଣ ନିର୍ଦ୍ଧାରଣ କରାଯିବା ଏକାନ୍ତ ଆବଶ୍ୟକ। ଏଥିପାଇଁ ବିଶେଷକରି ସମବାୟ ବିଭାଗ ଓ ଧାନକ୍ରୟକାରୀ ସଂସ୍ଥା ଦୃଷ୍ଟିଦେବା ଆବଶ୍ୟକ।

- ପ୍ରସନ୍ନ କୁମାର ପରିଡା, ସଠିଲୋ, ଆଠଗଡ଼

### ମଣ୍ଡିକୁ ବ୍ୟବସ୍ଥିତ କରାଯାଉ



ଗତ ଦୁଇଦଶନ୍ଧି ଧରି ସରକାର ଆଖିଦୃଶିଆ ପଦକ୍ଷେପ ନେଇ ନ ଥିଲେ ସୁଦ୍ଧା ଗତ କିଛି ମାସ ହେଲା ଚାଷୀଙ୍କ ପାଇଁ ବିଭିନ୍ନ ଯୋଜନା ଘୋଷଣା କରୁଛନ୍ତି। ସରକାରଙ୍କ କାଳିଆ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ କରାଗଲେ ଚାଷୀମାନେ ଋଣଦାଉରୁ କିଛିଟା ମୁକ୍ତି ପାଇପାରିବେ। ତେବେ ଧାନବିକ୍ରିରେ ଅନେକ ସମସ୍ୟା ରହୁଛି। ମଣ୍ଡିକୁ ବ୍ୟବସ୍ଥିତ କରିବା ସହିତ ଚାଷୀମାନେ କିପରି ସେମାନଙ୍କ ଉତ୍ପାଦିତ ଶସ୍ୟକୁ ଠିକ୍ ଭାବେ ବିକ୍ରି କରିପାରିବେ ସେନେଇ ପ୍ରଶାସନିକ ତତ୍ପରତା ଦେଖାଇବା ନିତାନ୍ତ ଆବଶ୍ୟକ।

- ଅଚ୍ୟୁତାନନ୍ଦ ମଲିକ, ଜହଲ, ଚାହାପଡା, ମାହାଙ୍ଗା

### ସରକାର ପରିବର୍ତ୍ତନ ଆବଶ୍ୟକ



ଦୁଇଦଶନ୍ଧି ଧରି ଚାଷୀଙ୍କୁ ଅଣଦେଖା କରାଯାଇଥିବାରୁ ସରକାର ପରିବର୍ତ୍ତନର ଆବଶ୍ୟକ ରହିଛି। ଚାଷୀଙ୍କ ପାଇଁ ହେଉଥିବା ଯୋଜନା ଠିକ୍ ଭାବେ ଗରିବ ଚାଷୀଙ୍କ ପାଖରେ ପହଞ୍ଚିପାରୁ ନାହିଁ। ଦୀର୍ଘଦିନ ଧରି ଶାସନରେ ରହିବା ଫଳରେ ପ୍ରଶାସନିକ କଳ ସ୍ୱେଚ୍ଛାଚାରୀ ହୋଇପଡ଼ିଛି। ରାଜ୍ୟର ଚାଷୀ ସମସ୍ୟା ଆଗାମୀ ନିର୍ବାଚନକୁ ବେଶ୍ ପ୍ରଭାବିତ କରିପାରେ। ଯେଉଁ ଚାଷୀମାନେ ଭାଗଚାଷ କରୁଛନ୍ତି ସେମାନେ ମଣ୍ଡିରେ ଧାନ ବିକ୍ରି କରିପାରୁ ନାହାନ୍ତି। ଫଳରେ ବାଧ ହୋଇ ଖୋଲା ବଜାରରେ ବିକି ଶୋଷଣର ଶିକାର ହେଉଛନ୍ତି।

- ବିଜୟ ସ୍ୱାଇଁ, ଅଳିଯୋଡା, ଜଳେଶ୍ୱରପୁର

### ମଣ୍ଡିକୁ ନେଇ ବ୍ୟାପକ ଅବ୍ୟବସ୍ଥା



ଦୁଇଦଶନ୍ଧି ଧରି କୃଷକମାନଙ୍କୁ ଅଣଦେଖା କରାଯାଉଛି। ଫଳରେ ଶାସକ ଦଳ ଭୋଟ ହରାଇବା ସମ୍ଭାବନା ଯଥେଷ୍ଟ ଅଧିକ। ଜିଲାର ବିଭିନ୍ନ ସ୍ଥାନରେ ମଣ୍ଡିକୁ ନେଇ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି। ଧାନକିଣା ଠିକ୍ ଭାବରେ ହେଉ ନ ଥିବାରୁ ଚାଷୀ ହଇରାଣ ହେଉଛି। ଏପରି କି ବାଧହୋଇ ମଧ୍ୟସ୍ଥଙ୍କ ଜରିଆରେ କମ୍ ମୂଲ୍ୟରେ ଧାନ ବିକ୍ରି କରୁଛି। ଏହାର ସମାଧାନ ପାଇଁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ।

- ମିହିର କୁମାର ଜେନା, କଟକ ସଦର

### ଶୀତଳ ଭଣ୍ଡାର ପ୍ରତିଷ୍ଠା ଆବଶ୍ୟକ

କୃଷକଙ୍କ ଉନ୍ନତି ନିମନ୍ତେ ସରକାର ବିଭିନ୍ନ କର୍ଯ୍ୟକ୍ରମ ହାତକୁ ନେଉଛନ୍ତି। କୃଷି ବଜେଟ ଚାଷୀମାନଙ୍କ ହିତରେ ଖର୍ଚ୍ଚ କରାଯାଉଛି। କାଳିଆ ଯୋଜନା କୃଷକଙ୍କ ପାଇଁ ନୂଆ ଆଶା ଆଣିଛି। ଧାନକିଣା ସମବାୟ ସମିତି ବ୍ୟତୀତ ଅନ୍ୟ ସଂସ୍ଥା ଦ୍ୱାରା କଲେ ସୁବିଧା ହୁଅନ୍ତା। ମଣ୍ଡିର ସୁବ୍ୟବସ୍ଥିତ ସହ ଶୀତଳ ଭଣ୍ଡାର ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦିଆଯିବାର ଆବଶ୍ୟକ ରହିଛି।



- ଅଶୋକ କୁମାର ମହାନ୍ତି, ଧୂଳେଶ୍ୱର, ୪୨ ମୌଜା

### ବଜାର ସୃଷ୍ଟି ହେଉ ନାହିଁ



ଅନ୍ୟ ରାଜ୍ୟଭଳି ଓଡ଼ିଶାରେ କୃଷକଙ୍କୁ ଚାଷ ପାଇଁ ମାଗଣା ବିଦ୍ୟୁତ କିମ୍ବା କେନାଲ ଦ୍ୱାରା ଜଳସେଚନ ଠିକ ଭାବେ ହୋଇପାରି ନାହିଁ। ବିଭିନ୍ନ ସ୍ଥାନରେ ଉଠାଜଳସେଚନ ପଏଣ୍ଟଗୁଡିକ ଅଚଳ ଓ ସର୍ବୋପରି ଉତ୍ପାଦିତ ଫସଲର ବିକ୍ରି ପାଇଁ ସରକାରଙ୍କ ପକ୍ଷରୁ ବଜାର ସୃଷ୍ଟି କରାଯାଇପାରି ନାହିଁ। ଜିଲାସ୍ତରରେ ଯେତିକି ଧାନ ଦେବା ପାଇଁ ପ୍ରାଥମିକ ସମବାୟ ସଂସ୍ଥା ଓ ସମିତିରେ ଚାଷୀଙ୍କ ନାମ ପଞ୍ଜୀକୃତ ହୋଇଛି ସେହି ଅନୁସାରେ ଧାନ କିଣା ହେଉ ନାହିଁ। ଗତବର୍ଷ ଚାଷୀମାନେ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଥିବାବେଳେ ଚଳିତବର୍ଷ ଚାଷୀମାନେ ଆଶଙ୍କାରେ ରହିଛନ୍ତି।

- ଉମାକାନ୍ତ କର, ବାଗଲପୁର, କଣ୍ଟାପଡ଼ା

### ମହଙ୍ଗା ପଡ଼ିପାରେ ଅବହେଳା ପ୍ରଦର୍ଶନ



ଚାଷୀ ଦୀର୍ଘବର୍ଷ ହେବ ଅବହେଳିତ ଅବସ୍ଥାରେ ଅଛନ୍ତି। ବାହାର ରାଜ୍ୟର ନିର୍ବାଚନ ଫଳାଫଳକୁ ଆଖି ଆଗରେ ରଖି ସରକାର ହଠାତ୍ ଚାଷୀଙ୍କ ପାଇଁ ଦରଦ ଦେଖାଇଛନ୍ତି। କାଳିଆ ଭଳି ଯୋଜନା ଘୋଷଣା କରି ଚାଷୀଙ୍କ ମନ ଜିଣିବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ଚାଷୀ ଏବେବି ନିଜର ଉତ୍ପାଦିତ ଶସ୍ୟକୁ ଠିକ୍ ଭାବେ ବିକ୍ରି କରିପାରୁ ନାହିଁ। ମଣ୍ଡି ଠିକ୍ ସମୟରେ ଖୋଲୁ ନ ଥିବାରୁ ମଧ୍ୟସ୍ଥଙ୍କ ମାଧମରେ କମ୍ ଦାମ୍‌ରେ ଧାନ ବିକ୍ରି କରୁଛି। ପ୍ରଶାସନିକ ସ୍ତରରେ ଚାଷୀଙ୍କ ପ୍ରତି ଅବହେଳା ଚରମ ସୀମାରେ ପହଞ୍ଚିଛି। ଏହା ସରକାରଙ୍କୁ ମହଙ୍ଗା ପଡ଼ିପାରେ।

- ଷ୍ଟାଲିନ ରାଉତ, ନତକାଇ, ନିଶ୍ଚିନ୍ତକୋଇଲି

## ବାହାଘର ଭୋଜି ଖାଇ ୨୫ରୁ ଊର୍ଦ୍ଧ୍ୱ ଅସୁସ୍ଥ

ଟାଙ୍ଗୀ(ଖୋର୍ଦ୍ଧା)/ରଣପୁର, (ଡି.ଏନ.ଏ./ସ୍ୱ.ପ୍ର.) ୧୩।୨

ନୟାଗଡ଼ ଜିଲା ଚାନ୍ଦପୁର ଥାନା ଅନ୍ତର୍ଗତ ରାଜଜଙ୍ଗିଆ ପଞ୍ଚାୟତ ମହାଦେବ ସାହିରେ ମଙ୍ଗଳବାର ରାତିରେ ବାହାଘର ଭୋଜି ଖାଇ ୨୫ରୁ ଅଧିକ ଲୋକ ଅସୁସ୍ଥ ହୋଇ ପଡିଛନ୍ତି। ସେମାନଙ୍କୁ ନିକଟସ୍ଥ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଚାନ୍ଦପୁର ବସନ୍ତମଞ୍ଜରୀ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମଙ୍ଗଳବାର ମହାଦେବ ସାହିରେ ରତ୍ନାକର ଜେନାଙ୍କ ବାହାଘର ଭୋଜି ହୋଇଥିଲା। ଶତାଧିକ ଲୋକ ଭୋଜି ଖାଇଥିଲେ। ତେବେ ବିଳମ୍ବିତ ରାତ୍ରିରେ କେତେଜଣ ଲୋକଙ୍କର ଝାଡ଼ାବାନ୍ତି ହେବାରୁ ସେମାନେ ଗୁରୁତର ହୋଇ ପଡିଥିଲେ। ପ୍ରାୟ ୨୫ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଭୋଜିରେ ପ୍ରସ୍ତୁତ ଖାଦ୍ୟରେ କୌଣସି ପୋକ ପଡି ପ୍ରତିକ୍ରିୟା ସୃଷ୍ଟି କରିଥାଇପାରେ ବୋଲି ଅନୁମାନ କରାଯାଉଛି। ଅନ୍ୟପକ୍ଷେ ଅସୁସ୍ଥଙ୍କ ମଧ୍ୟରୁ କେତେକ ବୁଧବାର ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏ ପର୍ଯ୍ୟନ୍ତ ଗ୍ରାମରେ କୌଣସି ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ପହଞ୍ଚି ନଥିବା ଜଣାପଡିଛି।

## ଆଖୁ ନ ଦେବାରୁ ବୃଦ୍ଧଙ୍କୁ ଗୁଳିମାଡ଼

ଗୁଡ଼ଭେଲା, ୧୩।୨(ଡ଼ି.ଏନ.ଏ.)

ଆଖୁ ନ ଦେବାରୁ ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଅନ୍ତର୍ଗତ ସମରା ଗ୍ରାମର ମଙ୍ଗଳୁ ସେଠ(୬୦)ଙ୍କୁ ଗୁଳିମାଡ଼ ହୋଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ପରେ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି । ଏ ନେଇ ତୁଷୁରା ଥାନାରେ କୌଣସି ମାମଲା ରୁଜୁ ହୋଇ ନାହିଁ। ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ମଙ୍ଗଳୁ ସମରା ଗ୍ରାମ ପାଖରେ ଥିବା ନିଜ ଆଖୁ କ୍ଷେତରେ ଥିଲେ। ଏହି ସମୟରେ ଉକ୍ତ ଗ୍ରାମର ଆକାଶ ପାଣିଗ୍ରାହୀ ନିଜ ସାଙ୍ଗମାନଙ୍କ ସହ ସେଠାରେ ପହଞ୍ଚି ଥିଲେ । ଆକାଶ କିଛି ଆଖୁ ମଙ୍ଗଳୁଙ୍କୁ ମାଗିଥିଲେ। ହେଲେ ପରମ୍ପରା ମୁତାବକ ପୂଜାପାଠ ହୋଇ ନ ଥିବାରୁ ଆଖୁ କାଟିବାକୁ ମଙ୍ଗଳୁ ମନା କରି ଦେଇଥିଲେ । ଏଥିରେ ଆକାଶ ଉତ୍କ୍ଷିପ୍ତ ହୋଇ ଏକ ଚଢ଼େଇମରା ବନ୍ଧୁକରେ ମଙ୍ଗଳୁଙ୍କ ଉପରକୁ ଗୁଳି ଚଳାଇଥିଲେ। ଗୁଳି ମଙ୍ଗଳୁଙ୍କ ବାମ ଗୋଡରେ ବାଜିଥିଲା। ଏହି ଘଟଣା ପରେ ଆକାଶ ଫେରାର ହୋଇଯାଇଥିଲେ। ମଙ୍ଗଳୁଙ୍କୁ ଗୁରୁତର ଅବସ୍ଥାରେ ତାଙ୍କ ପରିବାର ଲୋକେ ତୁଷରା ଡାକ୍ତରଖାନା ନେଇଥିଲେ। ଅବସ୍ଥା ଉଦ୍‌ବେଗଜନକ ହେବାରୁ ବଲାଙ୍ଗୀର ସନ୍ଥ ଭୀମଭୋଇ ମେଡ଼ିକାଲ ଓ ସେଠାରୁ ବୁର୍ଲା ସ୍ଥାନାନ୍ତର କରିଥିଲେ।

## ମହିଳାଙ୍କୁ ଅସଦାଚରଣ ଘଟଣା
## ଅଭିଯୁକ୍ତ ସରପଞ୍ଚ ଜେଲ ଗଲେ

ପାଇକମାଳ, ୧୩।୨(ଡି.ଏନ.ଏ.)

ପାଇକମାଳ ଥାନା ଅଞ୍ଚଳର ଜଣେ ବିଧବା ମହିଳାଙ୍କୁ ଅସଦାଚରଣ କରି ଫେରାର ଥିବା ଅଭିଯୁକ୍ତ ସରପଞ୍ଚଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେ ହେଲେ ଧବଳେଶ୍ୱର ସାହୁ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁସାରେ, ଗତମାସ ୨୦ ତାରିଖରେ ସରପଞ୍ଚ ସାହୁ ଜଣେ ବିଧବା ମହିଳାଙ୍କ ଘରକୁ ଯାଇ ତାଙ୍କୁ ଅସଦାଚରଣ କରିଥିବା ନେଇ ତା'ପରଦିନ ଅର୍ଥାତ୍ ୨୧ ତାରିଖରେ ପାଇକମାଳ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା।

## ଟ୍ରେନ୍‌ରୁ ଖସି ୨ ଗୋଡ଼ ହରାଇଲେ ହୋମଗାର୍ଡ଼

ସୋର, ୧୩।୨(ଡ଼ି.ଏନ୍.ଏ.)



ନଟବର ନାୟକ

ବାଲେଶ୍ୱର ଜିଲା ନୀଳଗିରି ରେଳଷ୍ଟେଶନରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ସୋର ଥାନାର ହୋମଗାର୍ଡ଼ ନଟବର ନାୟକ (୫୫) ଟ୍ରେନ୍‌ରୁ ଖସି ୨ ଗୋଡ ହରାଇଛନ୍ତି। ନଟବର ଲେକାଲ ଟ୍ରେନ୍‌ରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଯୋଗଦେବାକୁ ବାଲେଶ୍ୱର ଅଭିମୁଖେ ଯାଉଥିଲେ। ଉକ୍ତ ଟ୍ରେନ ନୀଳଗିରି ଷ୍ଟେଶନ୍‌ରେ କିଛି ସମୟ ଅଟକି ଯିବାରୁ ସେ ବିଳମ୍ବ ହେଉଥିବା ଅନୁଭବ କରି ଓହ୍ଲାଇ ପଡିଥିଲେ। ଏହି ସମୟରେ ଷ୍ଟେଶନରେ ଅଟକି ରହିଥିବା ଦୂରନ୍ତ ଏକ୍ସପ୍ରେସ୍‌ରେ ସେ ଚଢିବାକୁ ଚେଷ୍ଟା କରିଥିଲେ। ହେଲେ ଦୁର୍ଭାଗ୍ୟବଶତଃ ଉକ୍ତ ଟ୍ରେନରେ ଚଢିବା ବେଳେ ଖସି ପଡିବାରୁ ତାଙ୍କ ଗୋଡ ଉପରେ ଟ୍ରେନ ଚଢିଯାଇଥିଲା। ଘଟଣା ସ୍ଥଳରେ ତାଙ୍କର ଦୁଇଟି ଗୋଡ଼ କଟିଯାଇଥିଲା। ହୋମଗାର୍ଡ଼ଙ୍କ ଘର ସୋର ଥାନା ଅନ୍ତର୍ଗତ ତୁଣ୍ଡପଡ଼ା ଗ୍ରାମରେ। ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି।

## ଖଟିରେ ଖଟିରେ...

### ମ୍ୟାଡାମ ନୁହେଁ ବାବା

ନିର୍ବାଚନ ନିକଟତର ହେବାରୁ ପାର୍ଟି ଅଫିସ ପାଖ ଚା' ଦୋକାନଗୁଡିକର ଡିମାଣ୍ଡ ବଢ଼ିଗଲାଣି। ଆଶାୟୀଙ୍କ ଭିଡ଼ ମଧ ଜମି ଗଲାଣି। ସମର୍ଥକମାନେ ଚା' ପିଉ ପିଉ କେତେ କଥା ଗପୁଛନ୍ତି। ନିକଟରେ ଆମେ କେତେଜଣ ବାଲେଶ୍ୱର ଗେରୁଆ କର୍ମୀଙ୍କ ହାବୁଡରେ ପଡ଼ିଲୁ। ସେଦିନ ଲୋକ ସଭା ପ୍ରାର୍ଥୀ କିଏ ହେବ, ସେ ନେଇ ଜୋରଦାର ଆଲୋଚନା ଚାଲିଥିଲା। ଭୋଗରାଇର ଜଣେ ବ୍ୟକ୍ତି କହିଲେ, ପ୍ରାୟ ୨ ବର୍ଷରୁ ଅଧିକ ସମୟ ଧରି ଟିଭିରେ ପ୍ରସିଦ୍ଧି ଲାଭ କରିଥିବା ଜଣେ ବାକ୍‌ଚାତୁରୀ ମହିଳାଙ୍କୁ କୁଆଡେ ପ୍ରାର୍ଥୀ କରାଯିବ। ୭ଟା ଯାକ ନିର୍ବାଚନମଣ୍ଡଳୀରେ ତାଙ୍କର ପୋଷ୍ଟର ବ୍ୟାନର କୁଆଡେ ଛାଇଗଲାଣି। ହେଲେ ଏକଥାକୁ ସବୁ ବର୍ଗର କର୍ମୀ କୁଆଡେ ସହଜେ ଗ୍ରହଣ କରିପାରୁ ନାହାନ୍ତି। ତାଙ୍କ ପାଟିରୁ କଥା ସରିଛି ନା ନାହିଁ, ନୀଳଗିରିର ଜଣେ ସମର୍ଥକ ମୁହଁ ଖୋଲିଲେ। ସେ କହିଲେ, ବାଲେଶ୍ୱର ଲୋକ ସଭା ଗୋଟେ ଚର୍ଚ୍ଚିତ ନିର୍ବାଚନମଣ୍ଡଳୀ। ଏଠୁ ବଡମୁଣ୍ଡ ହିଁ ନିର୍ବାଚିତ ହୁଅନ୍ତି। ହାଲକା ଫୁଲକା ପ୍ରାର୍ଥୀଙ୍କୁ ଦବାଟା ରିସ୍କ ଅଛି। ତେଣୁ କାଳ ବିଳମ୍ବ ନ କରି, ବାବାଙ୍କୁ ଦିଆଯାଉ। ବାବା ହିଁ ଶଙ୍ଖ, ପାପୁଲି ଭୋଟ ଭେଦକୁ ଭାଙ୍ଗି ପାରିବେ। ଏକା ମାଡ଼ରେ ରେମୁଣା, ନୀଳଗିରି, ବଡସାହି ମଧ ବିଧାନସଭା ଖାତାକୁ ଆସିବ। ତେଣୁ ମ୍ୟାଡାମ ନୁହେଁ, ବାବା।

### ଇମୋଶନାଲ ହେଇଗଲେ

ବୁଝିଲେ ଆଜ୍ଞା, ରାସ୍ତା ତିଆରି କଥାରେ ଗେରୁଆ ବାଲାଙ୍କ ସହ ଆମ ଶଙ୍ଖ ବାଲାଏ ମୁହାଁମୁହିଁ ହେଲେଣି। ଦେଖିବେ ଏଥର ବି ସେମାନଙ୍କୁ ପାନେ ପାଇବେ। ସେପଟୁ ଯେତିକି ଗେରୁଆ ପଙ୍କ ଆସିବ ଏପଟୁ ଆଉଟିକେ ଅଧିକ ଦବା। ଜଣେ ଶଙ୍ଖ ଧରୁଆ ବାବୁଙ୍କ ଏମନ୍ତ କଥା ଶୁଣି ଦୁଇ ତିନିଜଣ ଦଳୀୟ ବାଲା ଧାଇଁ ଆଇଲେ, ପୂରା ଘଟଣା ଶୁଣିବା ପାଇଁ ଲସରପସର ହେବା ଆରମ୍ଭ କରିଦେଲେ। ସେଇଠୁ ବାବୁ ଜଣକ ଆରମ୍ଭ କରିଦେଲେ, କଥାଟା ଭାରି ଇଣ୍ଟ୍ରେଷ୍ଟିଙ୍ଗ ହୋ। ଗେରୁଆ ଦଳର ନୂଆ ହେଡମାଷ୍ଟର ଆମ ମୁଖିଆଙ୍କୁ ରାସ୍ତା ତିଆରି ନେଇ କ'ଣ ଇଆଡୁ ସିଆଡୁ କହିଦେଲେ। ଆଉ ଏତିକିରେ ଆମ ପୁରୀ ପାଖ ଚିଲିକା କୂଳିଆ ମାନ୍ୟବର ଖପ୍ କିନା ପାର୍ଟି ଅଫିସ୍ ଭିତରୁ ଡେଇଁଲେ। ତାପରେ ଗେରୁଆ ହେଡ୍‌ଙ୍କ ଉପରେ ତୁଚ୍ଛୁ ହେଇ ବର୍ଷିଗଲେ। କୋଉଠୁ ପୁଳେ କାଗଜ ଆଣିଥିଲେ ତାକୁ ବି ଲୋକଙ୍କ ଆଗରେ ଫିଙ୍ଗିଦେଲେ। ଖାଲି ସେତିକି ନୁହେଁ, ଯଦି ମୁଁ ଭୁଲ୍ କହୁଥିବି ରାଜନୀତିରୁ ସନ୍ୟାସ ନେବି ବୋଲି କହିଲେ ହୋ। ଏତକ କଥା ଶୁଣିବାକୁ ମନ ବଳାଇଥିବା ଜଣେ ବାବୁ କହିଲେ, ଇରେ ହେଇ ଆମ ଚିଲିକା କୂଳିଆ ମାନ୍ୟବର ତ କେବେ ସତ କୁହନ୍ତିନି। ଯଦି ଏକଥା ମିଛ କହୁଥିବେ କ'ଣ ସତରେ ସନ୍ୟାସ ନେଇଯିବେ ନା କ'ଣ। ସେଇଠୁ ଆର ଜଣକ କହିଲେ, କହୁକହୁ ଭାଇ ଟିକେ ଇମୋଶନାଲ୍ ହେଇ କହିଦେଲେ। ଭୁଲ୍ ଧରାପଡିଲେ କ'ଣ ମୂଳ କଥା ଆଉ ମାନିବେ, ସେଇଟା ଅସମ୍ଭବ।

■ ଓଡ଼ିଶାରେ କଂଗ୍ରେସର କେନ୍ଦ୍ରୀୟ ସ୍କ୍ରିନିଂ କମିଟି ସଦସ୍ୟ

## ଭୁବନେଶ୍ୱର, କଟକ ପାଇଁ ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ପ୍ରସ୍ତୁତ

ଭୁବନେଶ୍ୱର, ୧୩।୨(ବ୍ୟୁରୋ)

୨୦୧୯ ସାଧାରଣ ନିର୍ବାଚନକୁ ଖୁବ୍ କମ ସମୟ ରହିଛି। ହେଲେ ଏପର୍ଯ୍ୟନ୍ତ ଶାସକ ବିଜେଡି ନିର୍ବାଚନରେ କାହାକୁ ଟିକେଟ ଦେବ ନ ଦେବ ସେନେଇ ନିଜ କାର୍ଡ ଖୋଲିନାହିଁ। ଦଳୀୟ ଅନ୍ତଃ କନ୍ଦଳ ଏବଂ ଟିକେଟ ଆଶାୟୀଙ୍କ ସଂଖ୍ୟା ଯଥେଷ୍ଟ ଅଧିକ ଥିବାରୁ ଏଯାଏଁ ବିଜେଡି ଆଭ୍ୟନ୍ତରୀଣ ବ୍ୟାପାରକୁ ପଦାକୁ ଆସିବାକୁ ଦେଇନାହିଁ। ଫଳରେ ବିଜେଡି ଅସନ୍ତୁଷ୍ଟଙ୍କୁ ଆସନ୍ତା ନିର୍ବାଚନରେ ପ୍ରାର୍ଥୀ କରିବାକୁ ଲକ୍ଷ୍ୟ ରଖିଥିବା ଭାଜପା ମଧ ଏ କ୍ଷେତ୍ରରେ ନୀରବତା ଅବଲମ୍ବନ କରିଛି। ହେଲେ ଦୁଇ ଦଳଠାରୁ ଆଗରେ ରହି ପ୍ରଥମେ ପ୍ରାର୍ଥୀ ତାଲିକା ଘୋଷଣା କରିବା ପାଇଁ କଂଗ୍ରେସ ନିଜର ଅଣ୍ଟା ଭିଡ଼ିଛି। ଯଦିଓ ଅଗଷ୍ଟରୁ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିବ ବୋଲି କହି ୫ମାସ ହେଲା ସଫଳ ହୋଇପାରି ନାହିଁ, ଏଥର କିନ୍ତୁ ସାମାନ୍ୟ ତତ୍ପରତା ଦେଖାଇବାକୁ ଚେଷ୍ଟା କରିଛି। ଅନ୍ୟପଟେ ୩ଦିନିଆ ଓଡ଼ିଶା ଗସ୍ତରେ ଆସି ବୁଧବାରଠାରୁ କେନ୍ଦ୍ରୀୟ ସ୍କ୍ରିନିଂ କମିଟି ସଦସ୍ୟ ଓଡ଼ିଶାର ବିଭିନ୍ନ ଲୋକ ସଭା ନିର୍ବାଚନମଣ୍ଡଳୀ ଏବଂ ଏହା ଅନ୍ତର୍ଗତ ଆସୁଥିବା ବିଧାନସଭା କ୍ଷେତ୍ର ପାଇଁ ପ୍ରାର୍ଥୀ ତାଲିକା ପ୍ରସ୍ତୁତ କରିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି।

କେନ୍ଦ୍ର ସ୍କ୍ରିନିଂ କମିଟି ଅଧକ୍ଷ ଭି.ଡି. ସାଥୀସାନ କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଭୁବନେଶ୍ୱର ଓ କଟକ ଲୋକ ସଭା ନିର୍ବାଚନମଣ୍ଡଳୀ ଏବଂ ଏହାର ଅନ୍ତର୍ଗତ ବିଧାନସଭା କ୍ଷେତ୍ରର ସମ୍ଭାବ୍ୟ ପ୍ରାର୍ଥୀମାନଙ୍କ ସହ ଆଲୋଚନା କରିଛନ୍ତି। ଏ ନେଇ ସବୁ ଦୁଇଟି ଯାକ ଲୋକ ସଭା ନିର୍ବାଚନମଣ୍ଡଳୀର ଆଶାୟୀ ପ୍ରାର୍ଥୀମାନଙ୍କ ସହ କ୍ରମାନୁଯାୟୀ ଆଲୋଚନା କରି ଏକ ତାଲିକା ପ୍ରସ୍ତୁତ କରିଛନ୍ତି। ସୂଚନା ମୁତାବକ, ଭୁବନେଶ୍ୱର ଲୋକ ସଭା ଆସନ ପାଇଁ ଲୋକନାଥ ମହାରଥୀ, ଶିବାନନ୍ଦ ରାୟ, ରାଜୀବ ପଟ୍ଟନାୟକ ଓ ଶୁଭେନ୍ଦୁ ମହାନ୍ତିଙ୍କ ନାମ ତାଲିକାରେ ରଖାଯାଇଛି। ଏକାମ୍ର ବିଧାନସଭା ଆସନ ପାଇଁ ରଶ୍ମି ମହାପାତ୍ର ଏବଂ ମାନସ ଆଚାର୍ଯ୍ୟ। ଉତ୍ତର ଆସନ ପାଇଁ ମନୋରଞ୍ଜନ ଦାଶ, ଇତିଶ ପ୍ରଧାନ, ଆଶିଷ ମଲ୍ଲିକ ଏବଂ କିଶୋର ଜେନାଙ୍କ ନାମ ରହିଛି। ମଧ୍ୟ ଆସନରୁ ପ୍ରକାଶ ଜେନା, ଶକୁନି କଅଁର ଏବଂ ଶୁଭେନ୍ଦୁ ମହାନ୍ତିଙ୍କ ନାମ ଯାଇଛି। ଜଟଣୀ ଆସନ ପାଇଁ ସୁରେଶ ରାଉତରାୟ, ରସିକ ପଟ୍ଟନାୟକ ଏବଂ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ନାମ ରହିଛି। ଖୋର୍ଦ୍ଧାରୁ ରାମଚନ୍ଦ୍ର ମହାପାତ୍ର, ଯୋଗୀନାଥ ବାହୁବଳେନ୍ଦ୍ର ଏବଂ ସ୍ୱାଗତିକା ପଟ୍ଟନାୟକଙ୍କ ନାମ ରହିଛି। ବେଗୁନିଆରୁ ପୃଥ୍ୱୀବଲ୍ଲଭ ପଟ୍ଟନାୟକ ଏବଂ ପ୍ରଭାତ ପରିଡାଙ୍କ ନାମ ରହିଛି। ଅନ୍ୟପଟେ କଟକ ଲୋକ ସଭା ଆସନ ପାଇଁ ବିଜୟଲକ୍ଷ୍ମୀ ସାହୁ, ପଞ୍ଚାନନ କାନୁନ୍‌ଗୋ, ସାବିତ୍ରୀ ଚୌଧୁରୀ ଏବଂ ବିଶ୍ୱଜିତ୍ ଦାଶଙ୍କ ନାମ ରହିଛି। କଟକ-ଚୌଦ୍ୱାର ପାଇଁ ମାନସ ଚୌଧୁରୀ ଏବଂ ବାରବାଟୀ ଆସନ ପାଇଁ ମହମ୍ମଦ ମୋକ୍କିମଙ୍କ ନାମ ରହିଛି। କଟକ ସଦର ପାଇଁ ଦୁଷ୍ମନ୍ତ ବେହେରା ଏବଂ ରତ୍ନାକର ବେହେରାଙ୍କ ନାମ ରହିଛି। ସେହିପରି ଆଠଗଡ଼ ପାଇଁ ଉମା ବଲ୍ଲଭ ରଥ, ବାଙ୍କି ଆସନ ପାଇଁ ଦେବାଶିଷ ପଟ୍ଟନାୟକଙ୍କ ନାମ ଯାଇଥିବା ଜଣାପଡିଛି। ପ୍ରଥମ ଦିନରେ ସାଥୀସାନ ଏହି ତାଲିକା ପ୍ରସ୍ତୁତ କରିଥିବାବେଳେ ଗୁରୁବାର ପୁରୀ ଓ ଜଗତ୍‌ସିଂହପୁର ଲୋକ ସଭା, ବିଧାନସଭା ନିର୍ବାଚନମଣ୍ଡଳୀ ଗୁଡିକର ସମୀକ୍ଷା କରି ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ଚୂଡାନ୍ତ କରିବେ। ଅପରପକ୍ଷରେ ସ୍କ୍ରିନିଂ କମିଟିର ଅନ୍ୟଜଣେ ସଦସ୍ୟ ନୌସାଦ ସୋଲାଙ୍କି ବୁଧବାର ଆସ୍କା ଓ ବ୍ରହ୍ମପୁର ଲୋକ ସଭା ନିର୍ବାଚନମଣ୍ଡଳୀ ଏବଂ ଏହାର ଅନ୍ତର୍ଗତ ବିଧାନସଭା କ୍ଷେତ୍ରର ଆଶାୟୀ ପ୍ରାର୍ଥୀମାନଙ୍କ ତାଲିକା ପ୍ରସ୍ତୁତ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଗୁରୁବାର ସୋଲାଙ୍କି ନବରଙ୍ଗପୁର ଓ କଳାହାଣ୍ଡି ଲୋକ ସଭା ନିର୍ବାଚନମଣ୍ଡଳୀ ଏବଂ ଏହାର ଅନ୍ତର୍ଗତ ବିଧାନସଭା କ୍ଷେତ୍ରଗୁଡିକ ପାଇଁ ଆଶାୟୀ ପ୍ରାର୍ଥୀ ତାଲିକା ପ୍ରସ୍ତୁତ କରିବାର କାର୍ଯ୍ୟକ୍ରମ ରହିଛି।

## ୩୧୪ ବ୍ଲକରେ ପ୍ରତିଷ୍ଠା ହେବ ଗୋଷ୍ଠୀ ବେତାର କେନ୍ଦ୍ର

ଭୁବନେଶ୍ୱର, ୧୩।୨(ବ୍ୟୁରୋ)

ସାମାଜିକ ବିପ୍ଳବ ଓ ସାମାଜିକ ପରିବର୍ତ୍ତନ ଆଣିବାରେ ଗୋଷ୍ଠୀ ବେତାର କେନ୍ଦ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆଭ୍ୟନ୍ତରୀଣ ଓ ଅପହଞ୍ଚ ଇଲାକାରେ ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ କରିବା ଏବଂ ଲୋକଙ୍କୁ ସଚେତନ କରିବାରେ ଗୋଷ୍ଠୀ ବେତାର ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। କିଶୋର ଓ ଯୁବ ସଶକ୍ତୀକରଣ ପାଇଁ ଗୋଷ୍ଠୀ ବେତାରର ରହିଥିବା ଭୂମିକାକୁ ଉପଲବ୍ଧ କରି ଆଗାମୀ ଦିନରେ ରାଜ୍ୟର ୩୧୪ ବ୍ଲକରେ ଗୋଷ୍ଠୀ ବେତାର କେନ୍ଦ୍ର ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖାଯାଇଛି। ଆଉ ଏଥିପାଇଁ ଆରମ୍ଭ ହୋଇଛି 'ମିଶନ ସିଆର୍-୩୧୪'। ବିଶ୍ୱ ବେତାର ଦିବସ ପାଳନ ଅବସରରେ ଏହି ଅଭିଯାନର ଶୁଭାରମ୍ଭ କରାଯାଇଥିବା ବେଳେ ଏହାକୁ କିଭଳି ଯଥାଶୀଘ୍ର ସମ୍ପୂର୍ଣ୍ଣ କରାଯାଇପାରିବ, ସେଥିପାଇଁ ପ୍ରୟାସ ଆରମ୍ଭ ହୋଇଛି।

ବୁଧବାରଠାରୁ ଭୁବନେଶ୍ୱରଠାରେ ଆରମ୍ଭ ହୋଇଯାଇଛି ଦୁଇଦିନିଆ ଜାତୀୟ ଗୋଷ୍ଠୀ ବେତାର ସମ୍ମେଳନ। ଇମେଜ ସମ୍ମେଳନ କକ୍ଷରେ ଆୟୋଜିତ ଏହି ସମ୍ମେଳନରେ ଦେଶର ବିଭିନ୍ନ ରାଜ୍ୟରୁ ୧୦୦ରୁ ଊର୍ଦ୍ଧ୍ୱ ଗୋଷ୍ଠୀ ବେତାର କର୍ମୀ ଯୋଗଦେଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସଚିବ ସୌରଭ ଗର୍ଗ 'ମିଶନ ସିଆର୍-୩୧୪' ଅଭିଯାନର ପ୍ରଶଂସା କରିବା ସହ ଏହା ସମୟୋପଯୋଗୀ ବୋଲି କହିଥିଲେ। ଅନ୍ୟତମ ଅତିଥି ୟୁନିସେଫର ରାଜ୍ୟ ଅଧିକାରୀ ସୌରଭ ଭଟ୍ଟାଚାର୍ଯ୍ୟ ବର୍ତ୍ତମାନ ସମୟରେ ଗୋଷ୍ଠୀ ବେତାର କେନ୍ଦ୍ରଗୁଡ଼ିକର ଆବଶ୍ୟକତା ଓ ଗ୍ରହଣୀୟତା ସମ୍ପର୍କରେ କହିଥିଲେ। ଆଗାମୀ ବର୍ଷେ ପର୍ଯ୍ୟନ୍ତ ରାଜ୍ୟର ୧୦ ଜିଲାରେ କିଶୋର ଓ ଯୁବ ସଶକ୍ତୀକରଣ ପାଇଁ ୧୫ଟି ଗୋଷ୍ଠୀ ବେତାର କେନ୍ଦ୍ର ସହ ଏକ ଅଭିଯାନ ଜାରି ରହିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଗୋଷ୍ଠୀ ବେତାର ମହାସଂଘର ରାଜ୍ୟ ସଭାପତି ଶିଶିର ଦାସଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉଦ୍‌ଘାଟନୀ ଉତ୍ସବରେ ମହାସଂଘର ଜାତୀୟ ସଭାପତି ଏନ୍.ଏ. ଶାହ ଅନ୍‌ସାରୀ ଦେଶରେ ଗୋଷ୍ଠୀ ବେତାର କେନ୍ଦ୍ରଗୁଡ଼ିକର ସ୍ଥିତି ଓ ସମାଜ ପରିବର୍ତ୍ତନରେ ସେମାନଙ୍କର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ସଂଘର ରାଜ୍ୟ ସମ୍ପାଦକ ମହମ୍ମଦ ନିୟାଜ୍ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସହରୀ ବିସ୍ଥାପନର ସମସ୍ୟା ଓ ପ୍ରତ୍ୟାଶାରେ ଗୋଷ୍ଠୀ ବେତାର କେନ୍ଦ୍ରର ଭୂମିକା ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।


**କାନାରା ବ୍ୟାଙ୍କ** (ଭାରତ ସରକାରଙ୍କ ଏକ ଅଧିକୃତ ସଂସ୍ଥା)

କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର, ୟୁନିକ ଡିଷ୍ଟ୍ରିବ୍ୟୁଟର୍ ଭବନ, କଟକ ରୋଡ୍, ଫ୍ଲାଏ ଓଭର ଆରମ୍ଭ, ଲକ୍ଷ୍ମୀ ସାଗର, ଭୁବନେଶ୍ୱର-୭୫୧୦୦୬, ଫୋନ୍ ନଂ.: ୦୬୭୪-୨୫୭୦୬୯୬

**ଗାଡି ବିକ୍ରୟ ନୋଟିସ୍**

ଏତଦ୍ୱାରା ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ଗାଡିଗୁଡିକ କାନାରା ବ୍ୟାଙ୍କର ନିମ୍ନଦର୍ଶିତ ଶାଖା ଦ୍ୱାରା ଜବତ କରାଯାଇ **"ଯେଉଁଠାରେ ଯେପରି ଅଛି ଭିତ୍ତିରେ"** ଟିକସ ଏବଂ ବୀମା ଦେୟ ସହିତ ବିକ୍ରି କରାଯିବା ପାଇଁ ସର୍ବସାଧାରଣଙ୍କ ଠାରୁ ପ୍ରସ୍ତାବମାନ ଆହ୍ୱାନ କରାଯାଉଅଛି।

| ଶାଖାର ନାମ ଏବଂ ଠିକଣା / ଫୋନ୍ ନଂ. | ଋଣଗ୍ରହୀତାଙ୍କ ନାମ/ ଆକାଉଣ୍ଟ ନଂ. / ଋଣ ତାରିଖ | ଗାଡିର ବିବରଣୀ | ସଂରକ୍ଷିତ ମୂଲ୍ୟ |
|---|---|---|---|
| ନଖରା (୩୫୨୪) / ୭୬୦୫୦୦୯୦୮୯ | ମାଗୁଣି ସାହୁ / ୩୫୨୪୭୬୮୦୦୦୦୦୫ / ୨୨.୧୦.୨୦୧୪ | Mahindra ALFA Auto / OD02S7130 | ଟ.୪୦,୦୦୦/- |
| ଖୋର୍ଦ୍ଧା (୩୩୬୬)/ ୭୬୦୫୦୦୯୦୮୭ | ସମରେନ୍ଦ୍ର ରାୟ / ୩୩୬୬୭୪୦୦୦୦୦୦୫ / ୦୧.୦୨.୨୦୧୩ | Mahindra Auto, OD02D5578 | ଟ.୨୦,୦୦୦/- |
| ସାମନ୍ତରାପୁର (୪୯୧୬)/ ୭୬୦୫୦୦୯୦୬୩ | ପ୍ରଦୀପ କୁମାର ନାୟକ / ୪୯୧୬୭୭୬୮୦୦୦୦୦୧ / ୦୯.୦୯.୨୦୧୪ | Alfa Auto, OD02R7296 | ଟ.୩୫,୦୦୦/- |
| ସହୀଦ ନଗର (୨୪୮୭)/ ୭୬୦୫୦୦୯୦୬୨ | ତାପସ କୁମାର ଶତପଥୀ / ୨୪୮୭୭୬୮୦୦୦୦୫୪ / ୨୭.୧୦.୨୦୧୭ | Atul Auto, OD33P9319 | ଟ.୧,୦୦,୦୦୦/- |
| ଚଣ୍ଡିଛକ (୧୪୭୯)/ ୭୬୦୫୦୦୯୦୭୫ | ଶେଖ୍ ଅବଦୁଲ୍ ନସିମ୍ / ୧୪୭୯୭୧୯୦୦୦୦୦୨ / ୧୪.୦୭.୨୦୧୬ | Ape Auto, OD05V4144 | ଟ.୪୫,୦୦୦/- |
| ଆଇଆର୍‌ସି ଭିଲେଜ୍ (୩୬୭୫)/ ୭୬୦୫୦୦୯୦୫୯ | ଜଗବନ୍ଧୁ ନାୟକ / ୩୬୭୫୭୬୮୦୦୦୦୫୫ / ୦୭.୦୮.୨୦୧୫ | Atul Auto, OD33E5615 | ଟ.୪୦,୦୦୦/- |

**ଆଗ୍ରହୀ ପକ୍ଷମାନେ ନିମ୍ନଲିଖିତ ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ପ୍ରସ୍ତାବ ମାନ ଦାଖଲ କରିପାରିବେ:**

୧. ଇଚ୍ଛୁକ ପ୍ରସ୍ତାବଦାତା ତାଙ୍କର ପ୍ରସ୍ତାବକୁ ବନ୍ଦ ଲଫାପାରେ ରଖି ଲଫାପା ଉପରେ "........................ କ୍ରୟ ନିମନ୍ତେ ପ୍ରସ୍ତାବ" ଉଲ୍ଲେଖ କରି ସମ୍ପୃକ୍ତ ଶାଖାର ଶାଖା ପ୍ରବନ୍ଧକଙ୍କ ଠାରେ ଏହି ନୋଟିସ ପ୍ରକାଶନର **୭ ଦିନ** ମଧ୍ୟରେ ଅର୍ଥାତ୍ **ତା.୨୨.୦୨.୨୦୧୯ରିଖ** ପୂର୍ବରୁ ଦାଖଲ କରିବେ।
୨. ପ୍ରସ୍ତାବ ସହିତ **ଟ.୧୦,୦୦୦/-**ର ଅମାନତ ରାଶି ଡିମାଣ୍ଡ ଡ୍ରାଫ୍ଟ ଆକାରରେ **କାନାରା ବ୍ୟାଙ୍କ** ସପକ୍ଷରେ **ଭୁବନେଶ୍ୱର**କୁ ପୈଠ ଦର୍ଶାଇ ଦାଖଲ କରିବେ।
୩. ଗାଡି ଗୁଡିକୁ ଶାଖା ଅଧିକାରୀଙ୍କ ଠାରୁ ପୂର୍ବରୁ ଅନୁମତି ନେଇ **ତା.୨୧.୦୨.୨୦୧୯ରିଖ** ସୁଦ୍ଧା ଯାଞ୍ଚ କରିପାରିବେ ।
୪. ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ପ୍ରସ୍ତାବର ନିୟମ ଏବଂ ସର୍ତ୍ତାବଳୀକୁ ପରିବର୍ତ୍ତନ / ପରିବର୍ଦ୍ଧନ / ସ୍ଥଗିତ /ବାତିଲ କରିବାର ସମ୍ପୂର୍ଣ୍ଣ ଅଧିକାର ସଂରକ୍ଷିତ ରଖିଛନ୍ତି। ବ୍ୟାଙ୍କ ନିମନ୍ତେ ଉପଲବ୍ଧ ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନକୁ ଏହି ନୋଟିସ ପ୍ରତିହତ କରିବ ନାହିଁ।
୫. ସଫଳ ନିଲାମଧାରୀ ବିକ୍ରୟ ଚୂଡାନ୍ତ ହେବା ତାରିଖର **୭ଦିନ** ମଧ୍ୟରେ ନିଲାମ ରାଶି (ଅମାନତ ଜମା ବ୍ୟତୀତ) ଦାଖଲ କରିବେ। ଯଦି ସଫଳ ନିଲାମଧାରୀ ଉପରୋକ୍ତ ମତେ ବିକ୍ରୟ ମୂଲ୍ୟ ଦାଖଲ କରିବାରେ ବିଫଳ ହୁଅନ୍ତି ତେବେ ତାଙ୍କ ଦ୍ୱାରା ଦାଖଲ କରାଯାଇଥିବା ସମସ୍ତ ରାଶି ବାଜ୍ୟାପ୍ତି କରାଯିବ ।
୬. ସଫଳ ନିଲାମଧାରୀ ରେଜିଷ୍ଟ୍ରେସନ୍ ସମୟରେ ସମସ୍ତ ଦେୟ / ଫିସ୍ ବହନ କରିବେ।

**ଏହି ନୋଟିସ୍ ଦ୍ୱାରା ଗାଡିର ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କୁ ଜଣାଇ ଦିଆଯାଉଛି କି ୭ଦିନ ମଧ୍ୟରେ ସର୍ବଶ୍ରେଷ୍ଠ ସମ୍ଭାବ୍ୟ ପ୍ରସ୍ତାବ ସହିତ କ୍ରେତାଙ୍କ ବ୍ୟବସ୍ଥା କରିପାରିବେ। ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ କୌଣସି ପରବର୍ତ୍ତୀ ନୋଟିସ ନଦେଇ ଗାଡି ସର୍ବୋଚ୍ଚ ନିଲାମଧାରୀଙ୍କୁ ହସ୍ତାନ୍ତରିତ କରାଯିବ।**

ସ୍ଥାନ: ଭୁବନେଶ୍ୱର
ତାରିଖ: ୧୩.୦୨.୨୦୧୯

କ୍ଷମତାପ୍ରାପ୍ତ ଅଧିକାରୀ
କାନାରା ବ୍ୟାଙ୍କ

ଧରିତ୍ରୀ
DHARITRI
ବାଲେଶ୍ୱର, ଗୁରୁବାର, ୧୪ ଫେବୃୟାରୀ, ୨୦୧୯



# ଆନ୍ତଃ ଜିଲା ଗାଡ଼ି ଚୋର ର୍ୟାକେଟ୍‌ର ୪ ଗିରଫ

**ବାରିପଦା ଅଫିସ,୧୩।୨**

ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ପୋଲିସ ବୁଧବାର ଆନ୍ତଃ ଜିଲା ଗାଡ଼ି ଚୋର ର୍ୟାକେଟ୍‌ର ୪ ସଦସ୍ୟଙ୍କୁ ଗିରଫ କରିଛି । ସେମାନଙ୍କ ସୂଚନା ଅନୁଯାୟୀ ୬ଟି ଚାରି ଚକିଆ ଚୋରା ଗାଡ଼ି ଜବତ କରିଛି। ଏହି ର୍ୟାକେଟ୍‌ର ଅନ୍ୟ ଜଣେ ସଦସ୍ୟ ଫେରାର ଅଛନ୍ତି । ପୋଲିସ ତାଙ୍କୁ ଗିରଫ ପାଇଁ ତନାଘନା ଚଳାଇଛି । ଅନ୍ୟପକ୍ଷେ ଟାଉନ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୋଲିସକୁ ହଟହଟା ହେବାକୁ ପଡ଼ିଛି। ମୁଖ୍ୟ ଅଭିଯୁକ୍ତମାନଙ୍କୁ ଛାଡ଼ି ଦେଇ ପୋଲିସ ଅଯଥାରେ ଆମ ବିରୋଧରେ ମିଛ ମାମଲା ରୁଜୁ କରି ଫସାଇବାକୁ ଚେଷ୍ଟା କରୁଛି ବୋଲି ଜଣେ ଅଭିଯୁକ୍ତ ପୋଲିସ ସମ୍ମୁଖରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଛନ୍ତି । ଅଭିଯୁକ୍ତମାନଙ୍କ ଏପରି ଅଭିଯୋଗ ପରେ ବାରିପଦା ସଦର ଏସ୍‌ଡିପିଓ କୃଷ୍ଣପ୍ରସାଦ ପଟ୍ଟନାୟକ ଓ ଟାଉନ ଥାନା ଅଧିକାରୀ ଅଶୋକ କୁମାର ନାୟକ ଅଡୁଆରେ ପଡ଼ିଛନ୍ତି।

ସୂଚନା ମୁତାବକ ବାରିପଦା ସହରରେ ୨୦୧୮ ଡିସେମ୍ବର ଓ ଜାନୁୟାରୀ ମାସରେ ଗାଡ଼ି ଚୋରି ମାମଲା(ନଂ.୧୪/୧୮ ଓ ୨୯୧/୧୮) ରୁଜୁ ହୋଇଥିଲା। ଏହି ମାମଲାର ତଦନ୍ତ ବେଳେ ଏଥିରେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଫତେପୁରର ଲକ୍ଷ୍ମୀଧର ସ୍ୱାଇଁ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ଲକ୍ଷ୍ମୀଧର ୨୦୦୩ରୁ ବାରିପଦା ସହରର ଦେବେନ୍ଦ୍ରପୁର ଅଞ୍ଚଳରେ ରହି ଆସୁଥିଲେ। ବାରିପଦା ସହରରେ ଏକ ଫର୍ଣ୍ଣିଚର ଦୋକାନ କରିଥିବା ଖୁଣ୍ଟା ଥାନା ଅଧୀନ ସାନଖୁଣ୍ଟାର ଖଗେଶ୍ୱର ବେହେରାଙ୍କ ସହିତ ମିଶି ଗାଡ଼ି ଚୋରି କରୁଥିଲେ। ପୋଲିସ ୧୫ ଦିନ ତଦନ୍ତ ପରେ ପ୍ରଥମେ ଲକ୍ଷ୍ମୀଧର ଓ ପରେ ଖଗେଶ୍ୱରଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ପାଳବଣିର ରାଜ କିଶୋର ସାହା ଓ ବାରିପଦା ସହର ୱାର୍ଡନଂ.୧୯ ଅଞ୍ଚଳର ମହେଶ୍ୱର ଗିରି। ତକତପୁର ଅଞ୍ଚଳର ଜଣେ ଅଭିଯୁକ୍ତ ବିନୋଦ ଫେରାର ଅଛନ୍ତି। ପୋଲିସ ଲକ୍ଷ୍ମୀଧରଙ୍କଠାରୁ ୨, ବିନୋଦଙ୍କ ଠାରୁ ଗୋଟିଏ, ରାଜକିଶୋରଙ୍କଠାରୁ ଗୋଟିଏ ଗାଡି ଏବଂ ଖଗେଶ୍ୱରଙ୍କଠାରୁ ୨ଟି ଗାଡି ଜବତ କରିଛି।

ଲକ୍ଷ୍ମୀଧରଙ୍କ ବିରୋଧରେ ପୂର୍ବରୁ ଭଦ୍ରକ ଟାଉନ ଥାନାରେ ୨ଟି ଏବଂ ଭୁବନେଶ୍ୱର ବାଲିପାଟଣା ଥାନାରେ ଗୋଟିଏ ମାମଲା ରହିଛି। ଏହି ର୍ୟାକେଟ୍‌ରେ ଆହୁରି ସଦସ୍ୟ ଥିବା ପୋଲିସ ସନ୍ଦେହ କରିଛି। ର୍ୟାକେଟ୍‌ର ମାଷ୍ଟର ମାଇଣ୍ଡ ଖଗେଶ୍ୱର ଥିବା ବେଳେ ଲକ୍ଷ୍ମୀଧରଙ୍କୁ ବାରିପଦାରେ ରଖି ଏହି କାର୍ଯ୍ୟ କରୁଥିବା ଏସ୍‌ଡିପିଓ ପଟ୍ଟନାୟକ କହିଛନ୍ତି। ଅନ୍ୟପକ୍ଷରେ ଖବରଦାତା ସମ୍ମିଳନୀରେ ଉକ୍ତ ୪ ଜଣ ଅଭିଯୁକ୍ତ ଉପସ୍ଥିତ ଥିବା ବେଳେ ସେମାନଙ୍କ ମଧ୍ୟରୁ ଖଗେଶ୍ୱର ମୁହଁ ଖୋଲିଛନ୍ତି । ସେ କହିଛନ୍ତି ଜାଣିଶୁଣି ତାଙ୍କୁ ମାମଲାରେ ପୋଲିସ ଫସାଇଛି । ଟାଉନ ଥାନା ଅଧିକାରୀ ଅଶୋକ ନାୟକ କହିଛନ୍ତି, ଖଗେଶ୍ୱରଙ୍କ ନାମରେ ଖୁଣ୍ଟା ଥାନାରେ ପୂର୍ବରୁ ଏକ ଚୋରି ମାମଲା ରହିଛି। ବନ ବିଭାଗରେ ୨୫ରୁ ଊର୍ଦ୍ଧ୍ୱ କାଠ ଚୋରା ଚାଲାଣ ମାମଲା ରହିଛି। ପୋଲିସ ସମସ୍ତ ପ୍ରମାଣ ପାଇବା ପରେ ତାଙ୍କୁ ଓ ତାଙ୍କ ସହଯୋଗୀଙ୍କୁ ଗିରଫ କରିଛି।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ପୋଲିସ ଅଧିକାରୀ ଓ ଅଭିଯୁକ୍ତମାନେ।

■ ଛଅ ଚାରି ଚକିଆ ଗାଡ଼ି ଜବତ

■ ପୋଲିସ ଫସାଇଥିବା ଅଭିଯୋଗ କଲେ ଅଭିଯୁକ୍ତ

## ସଂକ୍ଷେପରେ

### ସେବା କରିବା ପାଇଁ କୌଣସି ପଦବୀର ଆବଶ୍ୟକତା ନାହିଁ



ବାରିପଦା ଅଫିସ,୧୩।୨: ବାରିପଦା ପୌର ପରିଷଦର ନିର୍ବାଚିତ ପରିଷଦର କାର୍ଯ୍ୟକାଳ ୧୨ ତାରିଖରେ ଶେଷ ହୋଇଛି। ଏହାପରେ ପୌର ପରିଷଦର ଶାସନ କ୍ଷମତା ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ଜିଲାପାଳଙ୍କ ହାତରେ ନ୍ୟସ୍ତ କରିଛି। ବିଭାଗର ପତ୍ର ସଂଖ୍ୟା ୩୨୨୮(ତା.୧୨/୨/୨୦୧୯)ରେ ଆସନ୍ତା ପୌର ପରିଷଦର ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ଜିଲାପାଳ ଦାୟିତ୍ୱରେ ରହିବେ ବୋଲି ଉଲ୍ଲେଖ ରହିଛି। ୨୦୧୪ରୁ ନିର୍ବାଚିତ ହୋଇ ପୌର ପରିଷଦର ଉପନଗରପାଳ ହୋଇଥିବା ଜିତେନ୍ଦ୍ର ମହାନ୍ତି କିନ୍ତୁ କାର୍ଯ୍ୟକାଳ ଶେଷ ହେବା ପରେ ମଧ୍ୟ ନିଜ କାର୍ଯ୍ୟ ଜାରି ରଖିଛନ୍ତି। ସୂଚନାଯୋଗ୍ୟ ଯେ, ସହରର ସଫେଇ କାର୍ଯ୍ୟ ଦାୟିତ୍ୱରେ ଆରମ୍ଭରୁ ଜିତେନ୍ଦ୍ର ଥିଲେ। ଏବଂ ପ୍ରତିଦିନ ସକାଳେ ସଫେଇ କର୍ମଚାରୀଙ୍କ ସହିତ ବିଭିନ୍ନ ୱାର୍ଡରୁ ୱାର୍ଡକୁ ଘରି ସଫେଇ କାର୍ଯ୍ୟ ତଦାରଖ କରୁଥିଲେ। ସଫେଇ କ୍ଷେତ୍ରରେ ବାରିପଦା ସହର ରାଜ୍ୟ ସ୍ତରରେ ମଧ୍ୟ ପୁରସ୍କୃତ ହୋଇଛି। ଏଥିପାଇଁ ପୌର ପରିଷଦ ପକ୍ଷରୁ ସମସ୍ତ ଶ୍ରେୟ ମହାନ୍ତିଙ୍କୁ ପ୍ରଦାନ କରାଯାଇଛି। କାର୍ଯ୍ୟକାଳ ସରିବା ପରେ ବୁଧବାର ସେ ପ୍ରତିଦିନ ଭଳି ସଫେଇ କର୍ମଚାରୀଙ୍କ ସହିତ ୱାର୍ଡରୁ ୱାର୍ଡ ବୁଲି କାର୍ଯ୍ୟ ତଦାରଖ କରୁଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ତାଙ୍କୁ ପଚାରିବାରୁ କାର୍ଯ୍ୟକାଳ ଶେଷ ହେଲେ ମଧ୍ୟ କାର୍ଯ୍ୟ ଜାରି ରହିବ। ସେବା କରିବା ପାଇଁ କୌଣସି ପଦବୀର ଆବଶ୍ୟକତା ନାହିଁ ବୋଲି ମଧ୍ୟ କହିଛନ୍ତି। ସେଥିଲାଗି ତାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଉଛି।

### ଇତିହାସ ବିଭାଗ ଆଲୋଚନାଚକ୍ର

ଉଦଳା, ୧୩।୨ (ଡି.ଏନ.ଏ.):ମୟୂରଭଞ୍ଜ ଜିଲା ଉଦଳା ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ବୁଧବାର ଇତିହାସ ବିଭାଗର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ସୁବାଷ ବୋଷଙ୍କ ଭୂମିକା ବିଷୟକୁ ନେଇ ଏହି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମହିଳା ମହାବିଦ୍ୟାଳୟର ଅଧକ୍ଷା ଜୟଶ୍ରୀ ଚୌଧୁରୀଙ୍କ ସଭାପତିତ୍ୱରେ ଏହି ଆଲୋଚନାଚକ୍ରରେ ଅଧ୍ୟାପିକା ମଞ୍ଜୁଳା କଲିଆ, ଅଧ୍ୟାପିକା ଅନୁରାଧା କବାଟ ପରିଚାଳନା କରିଥିଲେ। ଓଡିଆ ବିଭାଗର ମୁଖ୍ୟ ଅଧ୍ୟାପକ ଡ. ରବିଶଙ୍କର ମହାପାତ୍ର, ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସୁବାଷ ବୋଷଙ୍କ ସମ୍ପର୍କରେ ବିଷଦ ବ୍ୟାଖ୍ୟା କରିଥିଲେ । ଏହି ଆଲୋଚନାଚକ୍ରରେ ବିଭାଗୀୟ ଛାତ୍ରୀ ରଶ୍ମିତା, ନୟନା, ସସ୍ମିତା, ସବିତା ନିଜ ନିଜର ଅନୁଚ୍ଛେଦ ପାଠ କରିଥିଲେ। ରାଜନୀତି ବିଜ୍ଞାନର ଅଧ୍ୟାପକ ବିବେକାନନ୍ଦ ଦାସ ବାବୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ■ ପିଠା କାର୍ଯ୍ୟକ୍ରମରେ ଅବ୍ୟବସ୍ଥା

# ସରପଞ୍ଚ, ପିଇଓ ନୋଡାଲ ଅଫିସର ଅଟକ

**ବଡ଼ସାହି,୧୩।୨(ସ୍ୱ.ପ୍ର)**

ବୁଧବାର ବଡ଼ସାହି ବ୍ଲକ ଅଧୀନ ଶିଆଳୀଘାଟୀ ପଞ୍ଚାୟତରେ ଚାଲୁଥିବା ପିଠା କାର୍ଯ୍ୟକ୍ରମରେ ଅବ୍ୟବସ୍ଥାକୁ ନେଇ ଉତ୍ତ୍ୟକ୍ତ ଲୋକେ ସରପଞ୍ଚ ଓ ପିଇଓ ନୋଡାଲ ଅଫିସରଙ୍କୁ ଅଟକ ରଖିଛନ୍ତି। ନିମ୍ନମାନର ଖାଦ୍ୟ ପରିବେଷଣ ସାଙ୍ଗକୁ ଏଲଇଡି ବଲ୍‌ବ ପ୍ରଦାନରେ ପାତରଅନ୍ତର ନୀତିକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ ସମ୍ପୃକ୍ତ ଅଧିକରୀଙ୍କୁ ଅଟକ ରଖିଥିବା ବେଳେ କୌଣସି ପ୍ରଶାସନିକ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ନ ଥିଲେ।

ସୂଚନା ମୁତାବକ ସରକାରଙ୍କ ତୃତୀୟ ପର୍ଯ୍ୟାୟ ପିଠା କାର୍ଯ୍ୟସୂଚୀ ଅନୁଯାୟୀ ବ୍ଲକର ଶିଆଳୀଘାଟୀ ରାଜୀବଗାନ୍ଧୀ ଭବନରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଲଇଡି ବଲ୍‌ବ ବିତରଣ ପାଇଁ ଉତ୍ତେଜନା ଦେଖାଯାଇଥିଲା। ପୂର୍ବ ଭଳି ସମସ୍ତ ହିତାଧିକାରୀଙ୍କ ପରିବର୍ତ୍ତେ ୱାର୍ଡ ପ୍ରତି ୧୦ଟି ପରିବାରକୁ ଏଲଇଡି ବଲବ ବିଭାଗ ପକ୍ଷରୁ ବଣ୍ଟାଯିବାକୁ ବିରୋଧ କରିଥିଲେ। ତୃତୀୟ ପର୍ଯ୍ୟାୟ ପିଠା କାର୍ଯ୍ୟକ୍ରମରେ ସରକାରଙ୍କ ପକ୍ଷରୁ ଏକ ଲକ୍ଷ ଟଙ୍କା ଅନୁଦାନ ଦିଆଯିବାକୁ ଥିବା ବେଳେ ଆୟୋଜନ ନିମ୍ନମାନର ବୋଲି ସମସ୍ତେ ହୋ-ହାଲ୍ଲା କରିଥିଲେ। ମାତ୍ର ୫ଶହ ଜଣଙ୍କ ପାଇଁ ଭାତ, ଡାଲମା, ଘାଣ୍ଟ ଓ ଖଟା ପ୍ରସ୍ତୁତି ହୋଇଥିଲେ ହେଁ କେହି ଜଣେ ହେଲେ ଖାଇ ନ ଥିଲେ। ପଡୋଶୀ ବେତନଟୀ ବ୍ଲକରେ ସମାନ କାର୍ଯ୍ୟକ୍ରମରେ ଲୋକଙ୍କୁ ପେଟପୁରା ଖାଇବାକୁ ଦିଆଯାଉଥିବା ବେଳେ ଏଠାରେ କାହିଁକି ଦିଆ ନ ଯିବ ବୋଲି ବଣତାଳପଦା ଗ୍ରାମର ପାର୍ବତୀ ବେହେରା, ଦୀନବନ୍ଧୁପୁର ଗ୍ରାମର କନକଲତା ମହାନ୍ତ ଙ୍କ ସମେତ ଶତାଧିକ ମହିଳା ପ୍ରଶ୍ନ ଉଠାଇ ହୋ-ହାଲ୍ଲା କରିଥିଲେ। ଏ ସମ୍ପର୍କରେ ସରପଞ୍ଚ ରବୀନ୍ଦ୍ର ନାଥ ହେମ୍ବ୍ରମ କହିଛନ୍ତି ଯେ, ଏକ ଲକ୍ଷ ଟଙ୍କା ଖର୍ଚ୍ଚ ପାଇଁ ମୁଁ କୌଣସି ସୂଚନା ପାଇ ନାହିଁ। ବ୍ଲକରୁ ମିଳିଥିବା ୨୫ହଜାର ଟଙ୍କାରେ କାର୍ଯ୍ୟକ୍ରମ କରାଯାଇଛି। ଭାରପ୍ରାପ୍ତ ପିଇଓ ଧରମା ସିଂଙ୍କୁ ପଚାରିବାରୁ ପୂର୍ବ ପିଇଓ ଅବସର ଗ୍ରହଣ ପରେ ସେଁ ୧ତାରିଖରୁ ଅତିରିକ୍ତ ଦାୟିତ୍ୱରେ ରହିଛନ୍ତି। ଏପର୍ଯ୍ୟନ୍ତ ତାଙ୍କୁ କୌଣସି ଆର୍ଥିକ କ୍ଷମତା ପ୍ରଦାନ କରାଯାଇ ନାହିଁ ବୋଲି ସେ କହିଛନ୍ତି। ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ କହନ୍ତି, ପ୍ରତ୍ୟେକ ପଞ୍ଚାୟତ ଏକ ଲକ୍ଷ ଟଙ୍କା ଖର୍ଚ୍ଚ କରିପାରିବେ ବୋଲି ସମସ୍ତ ପଞ୍ଚାୟତକୁ ବହୁ ପୂର୍ବରୁ ଜଣାଇ ଦିଆଯାଇଛି। ସରପଞ୍ଚ ଓ ପିଇଓଙ୍କ ଯୁଗ୍ମ ଆକାଉଣ୍ଟକୁ ୨୫ହଜାର ଟଙ୍କା ଅଗ୍ରୀମ ମଧ୍ୟ ପ୍ରଦାନ କରାଯାଇଛି। ଅବଶିଷ୍ଟ ଟଙ୍କା ସେମାନେ ପଞ୍ଚାୟତ ଆକଉଣ୍ଟରୁ ଖର୍ଚ୍ଚ କରିବାକୁ କୁହାଯାଇଛି। କିନ୍ତୁ ଏହି ପଞ୍ଚାୟତରେ ୨୫ହଜାର ଟଙ୍କାରେ କାର୍ଯ୍ୟକ୍ରମ ଆୟୋଜନକୁ ନେଇ ଲୋକେ ଅସନ୍ତୋଷ ପ୍ରକାଶ କରିଥିବା ଖବର ମିଳିଛି। ଘଟଣାର ସମୀକ୍ଷା ପରେ ପ୍ରକୃତ କାରଣ ଜଣାପଡିବ। ସନ୍ଧ୍ୟାରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସରପଞ୍ଚ ଓ ପିଇଓଙ୍କୁ ଉଦ୍ଧାର କରିଛି।



ଉତ୍ତ୍ୟକ୍ତ ଲୋକେ ଅଧିକାରୀଙ୍କୁ ଅଟକ ରଖିଛନ୍ତି।

## ଲାଞ୍ଚ ମାମଲା
# ଅମିନଙ୍କୁ ବର୍ଷେ ଜେଲ, ୫ହଜାର ଜରିମାନା

**ବାରିପଦା ଅଫିସ,୧୩।୨**

ମୟୂରଭଞ୍ଜ ଜିଲା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ସେଖ ଜାହିର ଅହମ୍ମଦ ବୁଧବାର ଏକ ଲାଞ୍ଚ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୧ ବର୍ଷ ଜେଲ ଦଣ୍ଡ ଆଦେଶ କରିବା ସହ ୫ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଟଙ୍କା ଅନାଦେୟ ହେଲେ ଅଧିକ ୩ ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ସୂଚନା ଅନୁସାରେ, ୨୦୧୩ ମସିହାରେ ଅନୁଗୋଳ ଜିଲା ପୋଇପାଲ ଅଞ୍ଚଳର ଶରତଚନ୍ଦ୍ର ସେଠୀ ମୟୂରଭଞ୍ଜ ଜିଲା ସୁବର୍ଣ୍ଣରେଖା ଇରିଗେସନ ପ୍ରକଳ୍ପ କାର୍ଯ୍ୟାଳୟରେରେ ଅମିନ ଭାବେ କାର୍ଯ୍ୟ କରୁଥିଲେ। ପ୍ରକଳ୍ପ ପାଇଁ ସମସ୍ତ ଲୋକଙ୍କ ଠାରୁ ଜମି ଅଧିଗ୍ରହଣ କାର୍ଯ୍ୟ ଚାଲିଥିଲା। ସେହି ସମୟରେ ତିରିଂ ବ୍ଲକ ଅନ୍ତର୍ଗତ ବିଜୟବସା ଅଞ୍ଚଳର ଲକ୍ଷ୍ମଣ ବିରୁଳୀଙ୍କ ଜମି ମଧ୍ୟ ଏହି ପ୍ରକଳ୍ପ ପାଇଁ ଅଧିଗ୍ରହଣ ପାଇଁ ଚିହ୍ନଟ କରାଯାଇଥିଲା। ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଅମିନ କାହାର କେତେ ଜମି ଉକ୍ତ ପ୍ରକଳ୍ପ ପାଇଁ ଯିବ ତାହାର ରିପୋର୍ଟ ପ୍ରଦାନ କଲେ ସରକାର ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବେ। ଅମୀନ ସେଠୀ, ବିରୁଳୀଙ୍କ ଜମି ମାପି ରିପୋର୍ଟ ପ୍ରଦାନ କରିବା ପାଇଁ ତାଙ୍କୁ ୧୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ପରେ ୧୩ ହଜାର ଟଙ୍କାରେ ମୁଲଚାଲ ହୋଇଥିଲା। ଏନେଇ ବିରୁଳୀ ୨୦୧୩ ମେ ୨୪ ତାରିଖରେ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ପରେ ଏନେଇ ଏକ ମାମଲା (ନଂ.୨୨/୧୩) ରୁଜୁ ହୋଇଥିଲା। ପୂର୍ବ ଯୋଜନା ଅନୁସାରେ ବିରୁଳି, ଅମିନ ସେଠୀଙ୍କୁ କାର୍ଯ୍ୟାଳୟ ବାହାରେ ୧୩ ହଜାର ଟଙ୍କା ଲାଞ୍ଚ ଦେଉଥିବା ବେଳେ ଭିଜିଲାନ୍ସ ବିଭାଗ ତାଙ୍କୁ ଗିରଫ କରିଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖଟତଳେ ଗଲା ନେଉଳ;**
**କାନ କୁହାକୁହି ଗୁପତ କଥା**
**ମତେ କହୁନାହୁଁ ବଉଳ ।**

ସମ୍ପର୍କ ଯେତେ ମଧୁର ଓ ନିବିଡ଼ ହୋଇଥିଲେ ମଧ୍ୟ ଏପରି କିଛି କଥା ଥାଏ, ଯାହା ଅନ୍ୟ ଆଗରେ ଖୋଲିକରି କହି ହୋଇ ନ ଥାଏ। କାରଣ ଗୋପନୀୟ କଥା ପ୍ରକାଶ କରିଦେଲେ ଗୁମର ଫିଟିଯିବାର ଭୟ ରହିଥାଏ। ଏପରିସ୍ଥଳେ ବାନ୍ଧବୀ ମୁହଁରୁ କିଛି ଗୁପ୍ତକଥା ଶୁଣିବା ଲାଗି ଅଳି କରୁଥିବା ଯୁବତୀର ବ୍ୟାକୁଳତାକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଖଇରୀ ଟୋପି,**
**ବେଳ ଉଣ୍ଡି କି ଗଡ଼ିଲେ ଗୋପୀ ।**

ଈପ୍ସିତ ଇଚ୍ଛା ପୂରଣ କରିବା ପାଇଁ ସ୍ୱାର୍ଥସନ୍ଧିତ୍ସୁ ବ୍ୟକ୍ତି ବେଳ ଉଣ୍ଡି ପହଞ୍ଚି ଯାଇଥାନ୍ତି। କେତେବେଳେ ଆସିଲେ ମନୋବାଞ୍ଛା ଅଚିରେ ପୂରଣ ହୋଇପାରିବ, ସେ ବିଦ୍ୟା ତାଙ୍କୁ ବେଶ୍ ଭଲଭାବେ ଜଣାଯାଇଥାଏ। ପରୋକ୍ଷରେ ନିଜ ମନର ମଣିଷ ସହ ଭେଟ କରିବାର ପ୍ରକୃଷ୍ଟ ସମୟ ପ୍ରେମୀ ପାଖେ ଅଛପା ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଶିକ୍ଷକ ସଂଘର ଧାରଣା




ଶିକ୍ଷକମାନେ ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

**ଠାକୁରମୁଣ୍ଡା, ୧୩।୨(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ସ୍ୱେଚ୍ଛାଚାରିତା ଓ ଲାଞ୍ଚ ନେବା ଅଭିଯୋଗ କରି ଠାକୁରମୁଣ୍ଡା ବ୍ଲକର ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଶିକ୍ଷୟତ୍ରୀଶିକ୍ଷକ ବୁଧବାର ପୂର୍ବାହ୍ନରେ ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଧାରଣାରେ ଶିକ୍ଷକ ମାନେ ବସିଥିଲେ ମଧ୍ୟ ଆଲୋଚନା ପାଇଁ କୌଣସି ଉଚ୍ଚାଧିକାରୀ ପହଞ୍ଚି ନଥିବାରୁ ଧାରଣା ଚାଲୁ ରଖିବାକୁ ଶିକ୍ଷକ ସଂଘ ନିଷ୍ପତ୍ତି ନେଇଥିଲା। ପ୍ରକାଶ ଯେ, ଶିକ୍ଷକ ମାନଙ୍କ ଅଭିଯୋଗ କ୍ରମେ ବିଇଓଙ୍କ କାର୍ଯ୍ୟାଳୟକୁ ଅଧିକାଂଶ ସମୟରେ କାମରେ ଆସୁଥିବା ଶିକ୍ଷକ ମାନଙ୍କୁ ବିଇଓ ଖରାପ ବ୍ୟବହାର କରିବା ସହିତ ସ୍କୁଲ ପରିଦର୍ଶନରେ ଯାଉଥିବା ବେଳେ ଶିକ୍ଷକ ମାନଙ୍କୁ ବିଭିନ୍ନ ପ୍ରକାର ଧମକଚମକ ଦେଉଥିବା ଶିକ୍ଷକ ମାନେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଗତ ୧୨ତାରିଖରେ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇବା ସହ ବିଇଓଙ୍କ ଅଫିସ ସମ୍ମୁଖରେ ଧାରଣାରେ ବସିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହାର ନକଲ ଡିଇଓ, ଉପଜିଲାପାଳ, ବିଡିଓ ଓ କରଞ୍ଜିଆ ବିଧାୟକଙ୍କୁ ଅବଗତ କରାଇଥିବା ଜଣାଯାଇଛି । ଶିକ୍ଷକ ସଂଘ ସଭାପତି ସବିତ୍ କାନ୍ତ ସୋରେନ, କାର୍ଯ୍ୟକାରୀ ସଭାପତି ନଳରାଜ ସେଠୀ, ସମ୍ପାଦକ ରବୀନ୍ଦ୍ର କୁମାର ବାରିକ୍ ଓ ଯୁଧିଷ୍ଠିର ମହାନ୍ତଙ୍କ ନେତୃତ୍ୱରେ ବିଇଓଙ୍କ ବିରୋଧରେ ଆନ୍ଦୋଳ ଜାରି ରଖିବାକୁ ନିଷ୍ପତ୍ତି ନେଇଛନ୍ତି । ଘଟଣାସ୍ଥଳକୁ ଠାକୁରମୁଣ୍ଡା ବିଡିଓ ବିଜୟ କୁମାର ନାୟକ ଓ ତହସିଲଦାର ପ୍ରଦ୍ୟୁମ୍ନ କୁମାର ନାୟକ ଯାଇଥିଲେ ମଧ୍ୟ ଶିକ୍ଷକଙ୍କ ସହ ଆଲୋଚନା କରି ନ ଥିବା ଶିକ୍ଷକ ସଂଘ ପକ୍ଷରୁ କୁହାଯାଇଛି । ଶିକ୍ଷକଙ୍କ ଅଭିଯୋଗ ସମ୍ପର୍କରେ ବିଇଓଙ୍କ ପଚାରିବାରୁ ଗାଳି ଗୁଲଜ କରୁଥିବା କଥା ମିଛ, ସ୍କୁଲ ପରିଦର୍ଶନ କଡାକଡି କରିବାରୁ ଲାଞ୍ଚ ଅଭିଯୋଗ ଆଣି ବଦନାମ କରିବାକୁ ତାଙ୍କୁ ଉଦ୍ୟମ କରାଯାଉଛି ବୋଲି ସେ ପ୍ରକାଶ କରିଛନ୍ତି ।

# ୪ ଦଫା ଦାବିରେ ଭାଜପା ଯୁବ ମୋର୍ଚ୍ଚାର ଧାରଣା

**ବାରିପଦା ଅଫିସ,୧୩।୨**

ମୟୂରଭଞ୍ଜ ଜିଲା ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ୪ ଦଫା ଦାବି ନେଇ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭୂମିହୀନଙ୍କୁ ଜମି ପଟ୍ଟା ପ୍ରଦାନ, ଚିଟଫଣ୍ଡ ଟଙ୍କା ଶିଘ୍ର ଫେରସ୍ତ, ଅର୍ବନ କୋ ଅପରେଟିଭ ବ୍ୟାଙ୍କର ପୁନରୁଦ୍ଧାର ଓ ଜମାକାରୀଙ୍କୁ ଟଙ୍କା ଫେରସ୍ତ ଏବଂ ଜିଲାରେ ହେଉଥିବା ନାବାଳିକା ବଳାତ୍କାର ଘଟଣା ଗୁଡିକର ଉଚିତ ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଆଦି ୪ ଟି ଦାବି ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଉପସ୍ଥାପନ କରାଯାଇଛି। ଏହା ସହିତ ଜିଲା ପ୍ରଶାସନ ଜରିଆରେ ରାଜ୍ୟପାଳଙ୍କ ନିକଟକୁ ଏକ ଦାବିପତ୍ର ପେରିତ କରାଯାଇଛି। ଏହି ଧାରଣାରେ ରାଜ୍ୟ ମୁଖପାତ୍ର ଲେଖାଶ୍ରୀ ସାମନ୍ତସିଂହାର, ଜିଲା ସଭାପତି ଡା.କୃଷ୍ଣଚନ୍ଦ୍ର ମହାପାତ୍ର, ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ, ଜିଲା ସାଧାରଣ ସମ୍ପାଦକ ପ୍ରଦୀପ ମହାନ୍ତି ପ୍ରମୁଖ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଭାଜପା ଯୁବ ମୋର୍ଚ୍ଚା ଉପସଭାପତି ଦୀନେଶ ଦାସ, ସମ୍ପାଦକ ଦୀପକ ମଲିକ, ସେଖ ନାସିରୁଦ୍ଦିନ, ଭବାନୀ ଶଙ୍କର ସାହୁ, ସୁବ୍ରତ ମୁଖୀ ପ୍ରମୁଖ ପରିଚାଳନା କରିଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

# ଦଉଡ଼ି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ଖୁଣ୍ଟା/କୁଆମରା, ୧୩।୨(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ହୁଡିସାହି ଗ୍ରାମରେ ବେକରେ ଫାଶି ଲଗାଇ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ଯୁବକ ଜଣକ ହେଲେ ବେଲାଳସେନ ନାଏକ (୩୨)। ସେ ଦୀର୍ଘ ଦିନ ଧରି ମାନସିକ ଅନ ରୋଗରେ ଚିକିତ୍ସାଧୀନ ଥିଲେ। ତାଙ୍କ ମା' ଚମ୍ପା ସକାଳେ ବେଲାଳ ପାଇଁ ଔଷଧ ଆଣିବା ପାଇଁ ବାରିପଦା ଯାଇଥିବା ବେଳେ ବେଲାଳ ଛେଳିଗୋଠ ନେଇ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ଜଙ୍ଗଲରେ ବେଲାଳ ବେକରେ ଦଉଡ଼ି ଲଗାଇ ଏକ ଗଛରେ ଝୁଲୁଥିବା ହୁଡିସାହି ଗ୍ରାମବାସୀ ଜାଣିବାପରେ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଏନେଇ ପୋଲିସ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୮/୧୯) ରୁଜୁ କରି ତଦନ୍ତ ଜାରି ରଖିଛି।

# କ୍ରୀଡ଼ା ମାଧ୍ୟମରେ ଶିଶୁ ସୁରକ୍ଷା ସଚେତନତା

**କପ୍ତିପଦା,୧୩।୨(ଡି.ଏନ.ଏ.)**

ମଝିଗଡ଼ିଆ ପଞ୍ଚାୟତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମହୁଲପଙ୍କାରେ କ୍ଲଷ୍ଟରସ୍ତରୀୟ ଶିଶୁ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ମେଳା ଓ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଅରୁଣା ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହାପରେ ଜୁନିୟର, ସିନିୟର ସ୍ତରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ସହକାରୀ ଶିକ୍ଷକ ସୌରଭମୟ ଆଚାର୍ଯ୍ୟ, ଭଗବାନ ସେଠୀ, ସୁବାସିନୀ ଜେନା ପ୍ରମୁଖ ସହଯୋଗ କରିଥିଲେ। ପରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥିଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବଳରାମ ବେହେରା ଯୋଗ ଦେଇ ଶିଶୁ ସୁରକ୍ଷା ଓ କ୍ରୀଡ଼ା ମାଧ୍ୟମରେ ସଚେତନତା କେମିତି ହୃଦୟକୁ ଛୁଇଁପାରେ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

CLASSIFIED DISPLAY
ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

!! ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର !!
ଭାରତର ପ୍ରସିଦ୍ଧ ଫାଇନାନ୍ସ କମ୍ପାନୀ
ଘରେ ବସି ଋଣ ପାଆନ୍ତୁ 3 ଘଣ୍ଟାରେ
ମାର୍କଶିଟ୍, ପର୍ସନାଲ, ଆଧାରକାର୍ଡ ଋଣ 3 ଘଣ୍ଟାରେ ପାଆନ୍ତୁ
2% ସୁଧ 50% ରିହାତି + ସବ୍‌ସିଡି
ଆଧାରକାର୍ଡ ଉପରେ ଋଣ ପାଆନ୍ତୁ
ମା/ଭଉଣୀ/ବେରୋଜଗାର ଭାଇମାନଙ୍କ ପାଇଁ ବିଶେଷ ଅଫର୍
7827094474
7827246964
Add : - 41/14, Sec-1 Pushp Vihar, Delhi

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଙ୍ଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ ।
ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ 40% ରିହାତି
ଠକମାନଙ୍କ ପ୍ରତି ସାବଧାନ - ଯୋଗାଯୋଗ କରନ୍ତୁ -
7310612716, 7310616567
SCO- 106, Second Floor, Vishal Tower, Cannaught Place, Delhi.

ଋଣ ଧମାକା - ଋଣ ଧମାକା
ଧନଲକ୍ଷ୍ମୀ ଫାଇନାନ୍ସ
ପଞ୍ଜୀକୃତ କମ୍ପାନୀ ଦ୍ୱାରା GOVT. APPROVED
ପ୍ରପର୍ଟି, ପର୍ସନାଲ ଆଧାରକାର୍ଡ, ବ୍ୟବସାୟ ଗୃହ, ମାର୍କଶିଟ୍
ସବୁ ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
ଖର୍ଚ୍ଚ କମ୍ପାନୀର ଆପ୍ରୁଭାଲ ଲେଟର୍ ଆସିବା ପରେ
ସୁଧ 1% - ରିହାତି 40%
ମହିଳାଙ୍କ ପାଇଁ ବିଶେଷ ରିହାତି
07011421752
08826373383
House No.2, Ram Nagar, Narnol, Haryana

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

TARIFF
MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

## ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ୬୪ ପ୍ରକଳ୍ପ ଶିଳାନ୍ୟାସ, ୪୫ ଉଦ୍‌ଘାଟିତ




ବାଲେଶ୍ୱରଠାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ।

**ବାଲେଶ୍ୱର ଅଫିସ/ଭୋଗରାଇ, ୧୩।୨**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ବାଲେଶ୍ୱର ଗସ୍ତରେ ଆସି ୫୮୫୮.୩୮ କୋଟି ଟଙ୍କାର ୬୪ଟି ପ୍ରକଳ୍ପ ଶିଳାନ୍ୟାସ କରିଥିବା ବେଳେ ୩୮୭.୦୧ କୋଟି ଟଙ୍କାର ୪୫ଟି ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ୫ହଜାର କୋଟି ଟଙ୍କା ବ୍ୟୟରେ ସୁବର୍ଣ୍ଣରେଖା ବନ୍ଦର ପ୍ରକଳ୍ପ ଶିଳାନ୍ୟାସ ହୋଇଥିବା ବେଳେ ୧୮୭.୯୭ କୋଟି ବ୍ୟୟରେ ପନ୍ତେଇଠାରେ ସୁବର୍ଣ୍ଣରେଖା ନଦୀ ଉପରେ ସୁଉଚ୍ଚ ସେତୁ, ୪୦.୦୪ କୋଟି ବ୍ୟୟରେ ଜଳେଶ୍ୱର–ଲକ୍ଷ୍ମଣନାଥ ରୋଡ୍ ମଧ୍ୟରେ ଓଭରବ୍ରିଜ୍ ନିର୍ମାଣ, ୪୧.୪୯ କୋଟି ବ୍ୟୟରେ ଜଳେଶ୍ୱର–ଅମର୍ଦ୍ଦାରୋଡ଼ ମଧ୍ୟରେ ଓଭରବ୍ରିଜ୍ ନିର୍ମାଣ, ୪୪.୫୦ କୋଟି ବ୍ୟୟରେ ପରିଖି ଠାରେ ଲୁଣାବନ୍ଧ ଅବକ୍ଷୟ ସୁରକ୍ଷା କାର୍ଯ୍ୟ ଓ ୪୯.୯୪ କୋଟି ବ୍ୟୟରେ ଚାନ୍ଦିପୁର ବଳରାମଗଡ଼ିଠାରେ ନୂତନ ମାଛଧରା ବନ୍ଦର ପ୍ରତିଷ୍ଠା ଲାଗି ଶିଳାନ୍ୟାସ କରାଯାଇଛି। ଶିଳାନ୍ୟାସ ହୋଇଥିବା ପ୍ରକଳ୍ପ ଗୁଡିକ ମଧ୍ୟରେ ୩୬.୬୩ କୋଟି ଟଙ୍କାର ଇଡ଼କୋ ଟାୱାର ପ୍ରତିଷ୍ଠା, ୧୭୨.୯୧ କୋଟି ବ୍ୟୟରେ ନୀଳଗିରିରେ ମେଗା ଗ୍ରାମ୍ୟ ପାଇପ ଜଳ ଯୋଗାଣ, ୪୨.୬୭ କୋଟି ବ୍ୟୟରେ ବାଲେଶ୍ୱର–ନୀଳଗିରି ରୋଡ଼ ମଧ୍ୟରେ ଓଭରବ୍ରିଜ୍ ନିର୍ମାଣ, ୧୦.୦୦ କୋଟି ତାଳସାରୀ–ଉଦୟପୁର ରାସ୍ତାର ସୁରକ୍ଷା ବନ୍ଧ, ୬.୦୦ କୋଟି ବ୍ୟୟରେ ଜଳେଶ୍ୱର–ରଣକୋଠା ରାସ୍ତା ନିର୍ମାଣ, ୬.୩୭ କୋଟି ବ୍ୟୟରେ ଜଳେଶ୍ୱର–ବଟଗ୍ରାମ–ଚନ୍ଦନେଶ୍ୱର ସୁଉଚ୍ଚ ପୋଲ ନିର୍ମାଣ, ୮.୭୧ କୋଟି ବ୍ୟୟରେ ଜଳେଶ୍ୱର–ବଟଗ୍ରାମ ରାସ୍ତାର କୋଷ୍ଟ କେନାଲଠାରେ ବେଲିବ୍ରିଜ ନିର୍ମାଣ, ୬.୬୬ କୋଟି ଟଙ୍କା ବ୍ୟୟରେ ବାରବାଟିଆ–ନୀଳପୁରା ରାସ୍ତାର ଗୁଆଶୁଳ ନାଳ ଉପରେ ସେତୁ ପ୍ରକଳ୍ପ ରହିଛି। ସେହିପରି ୬୩.୫୬ କୋଟି ବ୍ୟୟରେ ବାଲେଶ୍ୱର ସହରଠାରେ ତାମୁଲିଆ ଓଭରବ୍ରିଜ୍, ୧୦୧.୨୫ କୋଟି ବ୍ୟୟରେ ସୋର–ମାର୍କୋଣା ମଧ୍ୟରେ ଓଭରବ୍ରିଜ୍, ୬.୦୦ କୋଟି ଟଙ୍କା ବ୍ୟୟରେ ଅଡ଼ାଠାରେ ୩୩/୧୧ କେ.ଭି. ଷ୍ଟ୍ରକଚର, ୧୩.୦୮ କୋଟି ବ୍ୟୟରେ ହରଣକୁଲୀ ଗ୍ରାମଠାରେ ସୁବର୍ଣ୍ଣରେଖା ନଦୀର ବାମପାର୍ଶ୍ୱ ବନ୍ଦର ପୁନରୁଦ୍ଧାର ଏବଂ ସଂରକ୍ଷଣ, ୪୮.୯୭ କୋଟି ଟଙ୍କା ବ୍ୟୟରେ ଜଳେଶ୍ୱର–ବଟଗ୍ରାମ–ଚନ୍ଦନେଶ୍ୱର ରାସ୍ତାର ଚିଡେଇ ନାଳଠାରେ ସୁଉଚ୍ଚ ସେତୁ, ୩.୩୭ କୋଟି ଟଙ୍କା ବ୍ୟୟରେ ଭୁଆବନ୍ଧ ବନବାଡ଼ି ରାସ୍ତାର କପାସିଆ ନାଳ ଠାରେ ସେତୁ, ୩.୨୦ କୋଟି ଟଙ୍କା ବ୍ୟୟରେ ଜେବିସି ରୋଡ଼ଠାରୁ ଡିହକଖଡ଼ାକୁ ପିଏମ୍‌ଜିଏସ୍‌ୱାଇ ରାସ୍ତା ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି।



ଆଞ୍ଚଳିକ ଯୁବ ସମାବେଶରେ ଉପସ୍ଥିତ ଯୁବବାହିନୀ।

# ତାମୁଲିଆ ଓଭରବ୍ରିଜ୍ ଲୋକାର୍ପିତ

## ଛୋଟ ଗାଡ଼ିକୁ ଅନୁମତି, ବଡ଼ଗାଡ଼ିକୁ ମନା



ଓଭରବ୍ରିଜ୍ ଲୋକାର୍ପିତ ପରେ ଲୋକ ଯାତାୟାତ କରୁଛନ୍ତି।

**ବାଲେଶ୍ୱର ଅଫିସ, ୧୩।୨:** ବାଲେଶ୍ୱର ସହରରେ ଥିବା ମୁଖ୍ୟରାସ୍ତା ଓ.ଟି. ରୋଡ୍‌ର ତାମୁଲିଆ ରେଳ ଫାଟକ ଯା'ଆସ କରିବାରେ ଦୀର୍ଘଦିନ ଧରି ଲୋକଙ୍କ ପାଇଁ ବାଧକ ସାଜିଥିଲା। ଗତ ୨୦୧୪ ମସିହାରେ କାର୍ଯ୍ୟ ଆରମ୍ଭ ହୋଇ ୨୦୧୬ ମସିହାରେ ଶେଷ ହେବାର ସମୟ ଧାର୍ଯ୍ୟ ହୋଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ହୋଇପାରି ନ ଥିଲା। ମୋଟ ୬୩କୋଟି ୫୫ଲକ୍ଷ ୯୬ହଜାର ଟଙ୍କାର ବଜେଟ୍‌ରେ ପୋଲର ଲମ୍ବା ୮୩୩.୭୬୦ ମିଟର ଅଟେ। ସରକାରୀ ରିପୋର୍ଟ ଅନୁସାରେ ୧୩୨ଟି ପଞ୍ଚାୟତର ୧୨୦୬ଟି ଗ୍ରାମର ୮ଲକ୍ଷ ୨ହଜାର ୬୫୩ ଜଣ ଲୋକ ଉପକୃତ ହେବେ। ଓଭରବ୍ରିଜ୍ ବାଲେଶ୍ୱର ଲୋକଙ୍କ ସ୍ୱପ୍ନ ପୂରଣ କରିଛି। ବହୁ ବାଧାବିଘ୍ନ ପରେ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହୋଇଛି। କିନ୍ତୁ ବିଦ୍ୟୁତ୍ ଖୁଣ୍ଟର ଅପସାରଣ ହୋଇ ପାରି ନ ଥିବାରୁ ଏହି ପୋଲ ଉପରେ କେବଳ ଦୁଇଚକିଆ ଏବଂ ୪ଚକିଆ ଛୋଟ ଗାଡ଼ି ଯା'ଆସ କରିବ। ବସ୍, ମାଲ୍‌ବାହୀ ଟ୍ରକ୍ ଏବଂ ଡମ୍ଫର ଯିବା ସମ୍ଭବ ନୁହେଁ।

# ଥାନାରେ ୪୦ ବିରୋଧୀ ଦଳ ନେତା

**ଭୋଗରାଇ, ୧୩।୨ (ଡି.ଏନ.ଏ.):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ବାଲେଶ୍ୱର ଗସ୍ତରେ ଆସି ତାଳସାରୀ ବେଳାଭୂମି ମହୋତ୍ସବରେ ଯୋଗ ଦେଇଥିଲେ। ଏହାପୂର୍ବରୁ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ବିରୋଧୀ କଂଗ୍ରେସ ଓ ଭାଜପା ତୁମ୍ବିତୋଫାନ କରୁଥିବା ବେଳେ ପୋଲିସ ଦୁଇ ବିରୋଧୀ ଦଳର ୪୦ଜଣ ନେତାଙ୍କୁ ଥାନାକୁ ନେଇ ଅଟକ ରଖିଥିଲା। ସେଠାରେ ତାଙ୍କୁ ମାଂସ, ମାଛ ଭାତରେ ଆପ୍ୟାୟିତ କରାଯାଇଥିବା ଶୁଣିବାକୁ ମିଳିଛି।

# ସଂକ୍ଷେପରେ

## ନିଆଁରେ ପୋଡ଼ି ନବବଧୂଙ୍କ ମୃତ୍ୟୁ

**ବସ୍ତା, ୧୩।୨(ସ୍ୱ.ପ୍ର.):** ସିଂଲା ଥାନା କରୁଆ ଗ୍ରାମରେ ମକର ଦାସଙ୍କ ବୋହୂ ଶାନ୍ତିଲତା ରାଉଳ ନିଆଁରେ ପୋଡି ହୋଇ ମୃତ୍ୟୁବରଣ କରିଛନ୍ତି। ଶାନ୍ତିଲତାଙ୍କ ବାପା ଅମୂଲ୍ୟ ରାଉଳ ଏନେଇ ସିଂଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଇଛି। ବାଲିଆପାଳ ବ୍ଲକ କାଳରୁହି ଗ୍ରାମର ଅମୂଲ୍ୟ ରାଉଳଙ୍କ ଝିଅ ଶାନ୍ତିଲତାଙ୍କ ସହ କରୁଆ ଗ୍ରାମର ମକର ଦାସଙ୍କ ଦ୍ୱିତୀୟ ପୁତ୍ର ହରିଶଙ୍କରଙ୍କ ବିବାହ ହୋଇଥିଲା।

## ରଟିଣାରେ ଭାଜପାର କର୍ମୀ ସମ୍ମିଳନୀ

**ଖଇରା, ୧୩।୨(ଡି.ଏନ.ଏ.):** ଖଇରା ବ୍ଲକ ଅଧୀନ ରଟିଣା ପଞ୍ଚାୟତରେ ଭାଜପାର ଏକ କର୍ମୀ ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବାଉଁଶଗଡିଆ ସରପଞ୍ଚ ବିଷ୍ଣୁପଦ ଘଡେଇ ଏଥିରେ ଅଧକ୍ଷତା କରିଥିଲେ। ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା ଯୋଗଦେଇ ଭାଜପାର ଖୁବ୍‌ଶୀଘ୍ର ସୂର୍ଯ୍ୟୋଦୟ ହେବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶଙ୍କର୍ଷଣ ଜେନା, ବିଦ୍ୟାଧର ଶତପଥୀ, ସୁଧାଂଶୁ ପାଢ଼ୀ, ସୁଦର୍ଶନ ମହାପାତ୍ର, ନିରଞ୍ଜନ ବେହେରା, ଗଙ୍ଗାଧର ସାମଲ, ମହେଶ୍ୱର ରାଉତ, ଉପେନ୍ଦ୍ର ରାଉତରାୟ, ପତିତପାବନ କର, ସଞ୍ଜୟ ଦାସ, ହରମୋହନ ମହାପାତ୍ର, ବସନ୍ତ କୁମାର ସ ପ୍ରମୁଖ ଯୋଗଦେଇ ଚିଟ୍‌ଫଣ୍ଡ, କାଳିଆ, ପିଠା, ଭତ୍ତା, ରାଶନ କାର୍ଡରେ ଚାଲିଥିବା ଦୁର୍ନୀତି ପ୍ରସଙ୍ଗ ଉଠାଇ ନବୀନ ସରକାର ଉପରେ ବର୍ଷିଥିଲେ। ପ୍ରଥମେ କର୍ମୀମାନଙ୍କର ଏକ ଶୋଭାଯାତ୍ରା ବର୍ତ୍ତନାରୁ ବାହାରି ରଟିଣା ଶିବ ମନ୍ଦିର ପର୍ଯ୍ୟନ୍ତ ଆସିଥିଲା।

## ଝିଅ ବିବାହ ଗୁଆ ଦେବାକୁ ଆସି ପ୍ରାଣ ହରାଇଲେ ବାପା

**ସଜନାଗଡ, ୧୩।୨ (ଡି.ଏନ.ଏ.):** ନୀଳଗିରି ବ୍ଲକ ବରହମପୁର ଥାନା ମାଣିକଛକ ନକୁଳକରହାଟ ଛକରେ ଏକ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ବୁଧବାର ସନ୍ଧ୍ୟାରେ ସେ ଝିଅ ବାହାଘର ଗୁଆ ଦେବାକୁ ବନ୍ଧୁ ଘରକୁ ଆସିଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ମୟୂରଭଞ୍ଜ ଜିଲା ଉଦଳା ଥାନା ଭିମଡାଳି ପଞ୍ଚାୟତର ଉତ୍ତରଖୁଣ୍ଟାପାଳ ଗ୍ରାମର କରୁଣାକର ବେହେରା ଝିଅର ବିବାହ ଗୁଆ ଦେବାକୁ ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡର ବରହମପୁର ଅଞ୍ଚଳକୁ ଆସିଥିଲେ। ସେ ବନ୍ଧୁଙ୍କ ସହ ମୋଟରସାଇକେଲରେ ବରହମପୁର-ଅଯୋଧ୍ୟା ମାଟିଆଳି ରାସ୍ତାରେ ଯାଉଥିବା ବେଳେ ମାଣିକଛକ ନକୁଳକରହାଟ ନିକଟରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଗଛକୁ ଧକ୍କା ଦେଇଥିଲେ। ଘଟଣାସ୍ଥଳରେ କରୁଣାକରଙ୍କ ମୃତ୍ୟୁ ହୋଇଥିଲା। ପଛରେ ବସିଥିବା ବନ୍ଧୁ ଶ୍ରୀକାନ୍ତ ମହାକୁଡ ଗୁରୁତର ଆହତ ହୋଇଛନ୍ତି। ସେମାନେ ରାସ୍ତା ଉପରେ ପଡିଥିବା ଦେଖି ଲୋକେ ଆମ୍ବୁଲାନ୍ସ ଯୋଗେ ୨ଜଣକୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲା। ସେଠାରେ ଡାକ୍ତର କରୁଣାକରଙ୍କ ମୃତ ଘୋଷଣା କରିଥିଲେ। ଶ୍ରୀକାନ୍ତ ଗୁରୁତର ଥିବାରୁ ତାଙ୍କୁ ନୀଳଗିରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବରହମପୁର ଏଏସ୍‌ଆଇ ଚିତ୍ତରଞ୍ଜନ ମିଶ୍ର ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରି ତଦନ୍ତ କରୁଛନ୍ତି।

## ରୂପସା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

**ରୂପସା, ୧୩।୨(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ପୋଡ଼ାଡ଼ିହା ଷ୍ଟାର କ୍ଲବ ଆନୁକୂଲ୍ୟରେ ଆୟୋଜିତ ରୂପସା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ଏମ୍‌ପି ବିଭୁ ପ୍ରସାଦ ତରାଇ, ସମ୍ମାନନୀୟ ଅତିଥି ପିସିସି ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜୀବ ଗିରି, ବସ୍ତା ଯୁବ କଂଗ୍ରେସ ସଭାପତି ସୁଧାଂଶୁ ଶେଖର ଜେନା ଓ ସରପଞ୍ଚ ପ୍ରତାପ ଦଳାଇ ଯୋଗଦେଇ ମହୋତ୍ସବର ଗୁରୁତ୍ୱ ସମ୍ପର୍କରେ ବଖାଣିଥିଲେ। ଅଧ୍ୟାପକ ପ୍ରଫୁଲ୍ଲ କୁମାର ବେହେରା ଉତ୍ସବରେ ପୌରୋହିତ୍ୟ କରିଥିଲେ। ଶିକ୍ଷକ ଗନ୍ଧମାର୍ଦ୍ଦନ ଦେହୁରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ବ୍ଲକ ସଭାପତି ବିଜୟ କୁମାର ବେହେରା, ସଂଯୋଜକ ଚିତ୍ତରଞ୍ଜନ ଦଳାଇ, କୋଷାଧକ୍ଷ ଦୀପକ ସାମଲ, ଅରୁଣ ବେହେରା, ଡାକ୍ତର ମହାପାତ୍ର, ବିଜୟ ବେହେରା ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

# ଭାଜପା ସଂକଳ୍ପପତ୍ର ସମିତି ବୈଠକ




ସଂକଳ୍ପ ପତ୍ର ସମାବେଶରେ ଭାଜପା କର୍ମକର୍ତ୍ତା।

**ବାଲେଶ୍ୱର ଅଫିସ, ୧୩।୨**

ବାଲେଶ୍ୱର ସହରର ସ୍ଥାନୀୟ ଅତିଥି ଭବନରେ ମଙ୍ଗଳବାର ଭାଜପା ଜିଲା ସଂକଳ୍ପପତ୍ର ସମିତି ତରଫରୁ ଜିଲା ସଂଯୋଜକ ଶୁଭଙ୍କର ମହାପାତ୍ରଙ୍କର ଅଧ୍ୟକ୍ଷତାରେ ନୂତନ ବାଲେଶ୍ୱର ଗଠନ ଉଦ୍ଦେଶ୍ୟରେ ବୁଦ୍ଧିଜୀବୀମାନଙ୍କ ସହ ଭାଜପାର ରାଜ୍ୟ ନେତୃତ୍ୱଙ୍କର ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଜୋନାଲ ମିଡିଆ ସଂଯୋଜକ ସତ୍ୟଜିତ ମିଶ୍ର ଅତିଥି ପରିଚୟ ଦେବା ସହିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ଆଇନମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ଯୋଗଦେଇ ଭାଜପା କ୍ଷମତାକୁ ଆସିଲେ କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ନିଯୁକ୍ତି, ମହିଳା ସୁରକ୍ଷା ଆଦି କ୍ଷେତ୍ରରେ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ରାଜ୍ୟ ସଂକଳ୍ପ ସମିତିର ଆବାହକ ସୁଦର୍ଶନ ନାୟକ ଯୋଗଦେଇ ଆଗାମୀ ଦିନରେ ସାଧାରଣ ଲୋକଙ୍କର ସ୍ୱପ୍ନ ଏବଂ ସମ୍ଭାବନାକୁ ନେଇ ସଂକଳ୍ପ ପତ୍ର ପ୍ରସ୍ତୁତି କରାଯିବ ବୋଲି ପ୍ରକାଶ କରିଥିଲେ। ବୈଠକରେ ଜିଲାର ବିଭିନ୍ନ କ୍ଷେତ୍ରରେ ଅଭିଜ୍ଞ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ରହି ଜିଲାର ବିଭିନ୍ନ ପ୍ରସଙ୍ଗ ଉପରେ ବହୁମୂଲ୍ୟ ମତାମତ ଦେଇଥିଲେ। ଭାଜପା ଜିଲା ସଭାପତି ମଦନମୋହନ ଦତ୍ତ, ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତ ସିଂହାର ଓ ଶୋଭନା ମହାନ୍ତି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ନଗର ଉପସଭାପତି ଯୋଗେନ ରଣା, ଜିଲା ମିଡିଆ ସଂଯୋଜକ ଗୌରାଙ୍ଗ ଦାସ, ନଗର ଯୁବମୋର୍ଚ୍ଚା ସଭାପତି ଧୀରଜ ମହାନ୍ତି, ନଗର ଯୁବମୋର୍ଚ୍ଚା ଉପସଭାପତି ନିତିନ ଦାସ, ଅରୂପ ଜେନା, ଜୀବନ ପାତ୍ର ଓ ଶ୍ରୀୟା ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆଦିବାସୀ ଯୁବକଙ୍କୁ ଆକ୍ରମଣ ନେଇ ଲଙ୍କାକାଣ୍ଡ

**ଜଳେଶ୍ୱର, ୧୩।୨ (ଡି.ଏନ.ଏ.):** ଜଳେଶ୍ୱର ମ୍ୟୁନିସିପାଲିଟି ଅଧୀନ ଅଲାଲପୁର ଗ୍ରାମରେ ବୁଧବାର ଅଭାବନୀୟ ଘଟଣା ଘଟିଛି। ଗ୍ରାମର ଭାନୁ ହେମ୍ବ୍ରମଙ୍କୁ ଶନିବାର ରାତିରେ କେହି ଦୁର୍ବୃତ୍ତ ଆକ୍ରମଣ କରି ରକ୍ତ ଜୁଡୁବୁଡୁ ଅବସ୍ଥାରେ ଏକ ଅଖାରେ ପୁରାଇଦେଇ ଘର ସମ୍ମୁଖରେ ରଖିଦେଇଥିଲେ। ପୋଲିସ ଘଟଣାର ତଦନ୍ତ କରି ସମ୍ପୃକ୍ତ ଗ୍ରାମର ୨ ଭାଇ ଚିନ୍ମୟ ଓ ମୃଣ୍ମୟ ଏଥିରେ ସାମିଲ ଥିବା ଜାଣିବାକୁ ପାଇଥିଲେ। ଉକ୍ତ ଦିନଠୁ ଚିନ୍ମୟ ଓ ମୃଣ୍ମୟ ଫେରାର ଥିବାରୁ ପୋଲିସର ସନ୍ଦେହ ହୋଇଥିଲା। ଅନ୍ୟପକ୍ଷରେ ଗୁରୁତର ଭାନୁ କଟକସ୍ଥିତ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଏଥିରେ ଉତ୍ତ୍ୟକ୍ତ ହୋଇ ବୁଧବାର ସକାଳେ ଅଲାଲପୁର ଅଞ୍ଚଳର ମହୁତନଗର ଆଦିବାସୀ ସାହିରୁ ୫୦ରୁ ଉର୍ଦ୍ଧ୍ୱ ଆଦିବାସୀ ଚିନ୍ମୟ ଓ ମୃଣ୍ମୟଙ୍କ ଘରେ ପଶି ପ୍ରାୟ ୨ ଲକ୍ଷ ଟଙ୍କା ମୂଲ୍ୟର ୧୫୦ ବସ୍ତା ଅମଳ ଧାନକୁ ଏକ ଟ୍ରାକ୍ଟର ଯୋଗେ ଲୁଟିନେବା ସହିତ ନଗଦ ୫ ହଜାର ଟଙ୍କା, ୨ଟି ମୋବାଇଲ ଓ ଅନ୍ୟ ଧନ ସମ୍ପତ୍ତି ଲୁଟି ନେଇଥିବା ଜଳେଶ୍ୱର ଥାନାରେ ଅଭିଯୋଗ ହୋଇଛି। ଉତ୍ତ୍ୟକ୍ତ ଆଦିବାସୀମାନେ ଚିନ୍ମୟ ଓ ମୃଣ୍ମୟ ପରିବାର ଲୋକଙ୍କୁ ମାରପିଟ୍ କରିଥିବା ତାଙ୍କ ଅନ୍ୟ ଜଣେ ଭାଇ ହିରଣ୍ମୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ଡକାୟତି ମାମଲା (ନଂ.୩୨/୧୯) ରୁଜୁ ହୋଇଛି। ସମ୍ପୃକ୍ତ ଗ୍ରାମରେ ଉତ୍ତେଜନା ଲାଗିରହିଛି।

# ଜନ ବିରୋଧୀ ନୀତି ବିରୋଧରେ ଗଣସମାବେଶ

**ରେମୁଣା, ୧୩।୨ (ଡି.ଏନ.ଏ.)**



ଗଣ ସମାବେଶରେ ସିପିଏମ୍ କର୍ମକର୍ତ୍ତା।

ଦେଶରେ ଗଣତାନ୍ତ୍ରିକ ବ୍ୟବସ୍ଥା ବିପନ୍ନ ହୋଇପଡିଛି। ଜିନିଷପତ୍ରର ଦରଦାମ ବୃଦ୍ଧି ଘଟିବା ଯୋଗୁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ସମାଜରେ ମହିଳାଙ୍କ ସ୍ଥିତି ବିପନ୍ନ ହୋଇଛି । ଏସବୁ ଦୃଷ୍ଟିରୁ ଦେଶର ଏକ ନୀତିଗତ ବିକଳ୍ପ ଗଠନ ଦିଗରେ ସିପିଏମ୍ ସମସ୍ତ ବାମପନ୍ଥୀ ଦଳ ଓ ଅନ୍ୟମାନଙ୍କୁ ସାଥିରେ ନେଇ ଆନ୍ଦୋଳନ ଅବ୍ୟାହତ ରଖିଛି । ସଂସଦ ଓ ବିଧାନସଭା ଭିତରେ ବାମପନ୍ଥୀ ଶକ୍ତି ବୃଦ୍ଧି ହେଲେ ଏହି ନୀତିଗତ ବିକଳ୍ପ ଗଠନ ହେବା ସମ୍ଭବ ବୋଲି ରେମୁଣା ଗୋଲେଇଠାରେ ଆୟୋଜିତ ଗଣସମାବେଶରେ ବାମପନ୍ଥୀ ନେତାମାନେ ମତ ଦେଇଛନ୍ତି। ଗଣତନ୍ତ୍ର ବଞ୍ଚାଅ–ଦେଶ ବଞ୍ଚାଅ, ସାମାଜିକ ନ୍ୟାୟ ଏବଂ ଅର୍ଥନୈତିକ ଶୋଷଣରୁ ମୁକ୍ତି ପାଇଁ ସିପିଏମ ରେମୁଣା ଆଞ୍ଚଳିକ କମିଟି ପକ୍ଷରୁ ଅନୁଷ୍ଠିତ ସମାବେଶରେ ଅନାଦି ଜେନା ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ଜିଲା ସମ୍ପାଦକ ଶିଶିର ହୁଇ, ବରିଷ୍ଠ ସଦସ୍ୟ ଶ୍ୟାମସୁନ୍ଦର ଜେନା, ପ୍ରେମରଞ୍ଜନ ପାତ୍ର ପ୍ରମୁଖ ବକ୍ତବ୍ୟ ଦେଇଥିଲେ । ସନାତନ ଜଳ ଦାସ, ସୁରେନ୍ଦ୍ର ଜେନା, ଅକ୍ଷୟ ରଣା, ସିକନ୍ଦର ଖାଁ, ସୁବ୍ରତ ପଣ୍ଡା, ଲକ୍ଷ୍ମୀଧର ଜେନା, ଜିତେନ୍ଦ୍ର ସେନାପତି ପ୍ରମୁଖ ସହଯୋଗ କରିଥିଲେ ।

# 'ପ୍ରକୃତ ହିତାଧିକାରୀ ଅବହେଳିତ'

**ଖଇରା, ୧୩।୨(ଡି.ଏନ.ଏ.):** ଖଇରା ବ୍ଲକରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାରେ ପ୍ରକୃତ ହିତାଧିକାରୀଙ୍କୁ ଅବହେଳା କରାଯାଉଛି। କୋଠା ଥିବା ଲୋକଙ୍କୁ ବିଜୁ କୁଡିଆ, ପ୍ରଧାନମନ୍ତ୍ରୀ ଆବାସ, ରାଶନକାର୍ଡ ମିଳୁଥିବା ବେଳେ ଗରିବମାନେ ଏଥିରୁ ବଞ୍ଚିତ ହେଉଛନ୍ତି। ଖାଦ୍ୟ ସୁରକ୍ଷା ଯୋଜନାରେ ବିପିଏଲ୍‌ଧାରୀଙ୍କୁ ନାଲି ଚାଉଳ ଦିଆଯାଉଛି। ଏଥିରେ କେହି ଅରାଜି ହେଲେ ଜବରଦସ୍ତ ଟଙ୍କା ଦିଆଯାଉଥିଲେ ମଧ୍ୟ ନିରୀହ ଖଇରାବାସୀ ମୁହଁ ଖୋଲିବାକୁ ସାହସ କରିପାରୁନାହାନ୍ତି। ଏପରିକି ପିସି ନ ଦେଲେ ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନାଟିଏ ମିଳୁନାହିଁ ବୋଲି ପୂର୍ବତନ ମନ୍ତ୍ରୀ ତଥା ବିଶିଷ୍ଟ ଭାଜପା ନେତା ପଦ୍ମଲୋଚନ ପଣ୍ଡା କହିଛନ୍ତି। ପ୍ରତିବାଦରେ ଭାଜପା ଏବେଠାରୁ ଲଢେଇ ଆରମ୍ଭ କରିବ ବୋଲି ସେ ଚେତାବନୀ ଦେଇଛନ୍ତି। ଆସନ୍ତା ୨୨ତାରିଖରେ ପ୍ରଥମେ ଥାନା ସମ୍ମୁଖରେ ଅଧିକାରୀଙ୍କ ବଦଳି ଦାବିରେ ଗଣଧାରଣା ଦିଆଯିବ । ପରବର୍ତ୍ତୀ ସମୟରେ ଅନ୍ୟ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଆନ୍ଦୋଳନ କରାଯିବ ବୋଲି ସେ ଉଲ୍ଲେଖ କରିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଈଶ୍ୱର ଚନ୍ଦ୍ର ବେହେରା, ବିସ୍ତାରକ କୈଳାସ ଚନ୍ଦ୍ର ସାମଲ, ପୂର୍ବତନ ବ୍ଲକ ସଭାପତି ନିରଞ୍ଜନ ବେହେରା, ବାଉଁଶଗଡିଆ ସରପଞ୍ଚ ବିଷ୍ଣୁପଦ ଘଡେଇ, ମହେନ୍ଦ୍ର ବେହେରା, ପତିତପାବନ କର, ଅଭୟ ମହାନ୍ତି, ସୁରଥ ଦାସ, ଆନନ୍ଦ ବଲ୍ଲଭ ନାୟକ, ବିଶ୍ୱଭୂଷଣ ପ୍ରଧାନ, ନୀଳାମ୍ବର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# 'ଚାଷୀ ମୃତ୍ୟୁ ପାଇଁ ସରକାର ଦାୟୀ'

**ବାହାନଗା, ୧୩।୨ (ଡି.ଏନ.ଏ.)**



ଜନଜାଗରଣ ସଭାରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

ବାଲେଶ୍ୱର ଜିଲା ସୋର ନିର୍ବାଚନ ମଣ୍ଡଳସ୍ତରୀୟ କଂଗ୍ରେସ ଦଳର ଜନଜାଗରଣ ସଭା ବାହାନଗା ବ୍ଲକ ପଣ୍ଡାଶୁଣିସ୍ଥିତ କେର ପଡିଆରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଯୋଗଦେଇ ଚାଷୀ ମୃତ୍ୟୁ ପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରିଥିଲେ। ତେବେ କଂଗ୍ରେସ ସରକାରକୁ ଆସିଲେ ଚାଷୀଙ୍କ ପାଇଁ ଧାନର ମୂଲ୍ୟ ୨୬ଶହ ଟଙ୍କା କରାଯିବ ବୋଲି ଘୋଷଣା କରିଥିଲେ। ସେହିପରି କେନ୍ଦ୍ର ସରକାରଙ୍କ ଅଛେ ଦିନ ହେଲା, ତେଲ ଦର ବଢିବା, ଗ୍ୟାସ ଦର ବଢିବା । ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଚାଷୀ ବିରୋଧୀ ସରକାର ବୋଲି ସେ କହିଥିଲେ। କଂଗ୍ରେସ ସରକାରକୁ ଆସିଲେ ୫ବର୍ଷ ପର୍ଯ୍ୟନ୍ତ ଚାଷୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବ ବୋଲି ପ୍ରକାଶ କରିଥିଲେ। ବେକାରି ଯୁବକଙ୍କୁ ନିଯୁକ୍ତି ମିଳିବା ପର୍ଯ୍ୟନ୍ତ ନିଶ୍ଚିତ ସହାୟତାର ଗ୍ୟାରେଣ୍ଟି ଦିଆଯିବ ବୋଲି ପିସିସି ସଭାପତି ପଟ୍ଟନାୟକ ପ୍ରକାଶ କରିଥିଲେ। ସଭାରେ ସଭାପତିତ୍ୱ କରିଥିଲେ ବାଲେଶ୍ୱର ଜିଲା କଂଗ୍ରେସ ସଭାପତି ଶରତଚନ୍ଦ୍ର ରାଜ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଚିତ୍ତ ଷଡଙ୍ଗୀ, ପୂର୍ବତନ ଏମ୍‌ପି ଅନନ୍ତ ସେଠୀ, ଜିଲା ଯୁବ ସଭାପତି ଅଜିତ୍ ଘୋଷାଲ, ଏନ୍‌ଏସ୍‌ୟୁଆଇର ଜିଲା ସଭାପତି ନିରଞ୍ଜନ ବେହେରା, ସୋର ବ୍ଲକର ପୂର୍ବତନ ଅଧ୍ୟକ୍ଷ ଶ୍ରୀକାନ୍ତ ଯେନା, ସୋର ପୌର ପରିଷଦର ବଙ୍କେଶ ବେହେରା, ପିସିସି ସମ୍ପାଦକ ପଦ୍ମକର ଗୁରୁ, ମନୋଜ ବିଶ୍ୱାଳ, ବେଣୁଧର ଜେନା, କମଳାକାନ୍ତ ପଣ୍ଡା, ବାସନ୍ତୀ ସାମଲଙ୍କ ସମେତ ସୋର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ପ୍ରାର୍ଥୀ ମୃତ୍ୟୁଞ୍ଜୟ ଜେନା, ରାଜ୍ୟ କଂଗ୍ରେସର ମୁଖପାତ୍ର ସତ୍ୟ ପ୍ରକାଶ ନାୟକ, ସୋର ବ୍ଲକର ବରିଷ୍ଠ ନେତା ମୋତିଲାଲ ମହାନ୍ତ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ବିରୋଧରେ ବର୍ଷିଥିଲେ। ଶେଷରେ ଶ୍ରୀକାନ୍ତ ଜେନା ଧନ୍ୟବାଦ ଦେଇଥିଲେ। ସଭାରେ ୪ ହଜାରରୁ ଉର୍ଦ୍ଧ୍ୱ ମହିଳା ଓ ଯୁବକ ଯୋଗ ଦେଇଥିଲେ ।

**ଜନଜାଗରଣ ସଭାରେ ପିସିସି ସଭାପତିଙ୍କ ଅଭିଯୋଗ**

# ଏପାଖ ସେପାଖ

## ସେଲ୍‌ଫି ନିଶା

ପିସିସି ସଭାପତି ଆସିବା କ୍ଷଣି ମଞ୍ଚ ଉପରେ କର୍ମୀ ଓ ନେତାମାନେ ତାଙ୍କ ସହିତ ସେଲଫି ଉଠାଇବା ପାଇଁ ମଞ୍ଚ ଉପରେ ଭିଡ ଜମାଇଥିଲେ । ଫଳରେ ମଞ୍ଚ ତଳେ ଥିବା ଖବରଦାତାମାନେ ଫଟୋ ଉଠାଇବା ପାଇଁ ଅସୁବିଧାରେ ସମ୍ମୁଖୀନ ହୋଇ ଥିଲେ। କେତେକ ଖବରଦାତା ମଧ୍ୟ ମଞ୍ଚକୁ ଉଠି ପଟ୍ଟନାୟକଙ୍କ ସହିତ ସେଲଫି ଓ ହାତ ମିଳେଇବା କୁ ଭୂଲି ନ ଥିଲେ ।

## ଚିଟ୍‌ଫଣ୍ଡ ପ୍ରସଙ୍ଗ ଉଠାଇବା ପାଇଁ ଲବି କରିବା

ଯେତେବେଳେ ମୁଖପାତ୍ର ସତ୍ୟପ୍ରକାଶ ନାୟକ ବକ୍ତବ୍ୟ ରଖୁଥାନ୍ତି ସେତେବେଳେ ମଞ୍ଚ ତଳେ ଛିଡା ହୋଇଥିବା କେତେକ କର୍ମୀ ମଞ୍ଚ ଉପରକୁ ଚଢି ଯାଇ ଉପସ୍ଥିତ କେତେକ ନେତାଙ୍କୁ ଚିଟ୍‌ଫଣ୍ଡ କଥା କହିବା ପାଇଁ ଲବି କରୁଥିବା ଦେଖାଯାଇଥିଲା ।

## ଚେୟାର ଫାଙ୍କା

ଭାଷଣ ଚାଲିଥିବା ବେଳେ ମଞ୍ଚ ତଳେ ପଡିଥିବା ଚେୟାରଗୁଡିକ ଫାଙ୍କା ପଡିଥିଲା। କର୍ମୀମାନେ ନ ଥିଲେ। ଏହାକୁ ନେଇ ଲୋକେ ଗୁଣୁ ଗୁଣୁ ହେଉଥିଲେ।

## ହେଲିକପ୍ଟର ଛାଡି ପଳାଇଲା

ପିସିସି ସଭାପତି ପଟ୍ଟନାୟକ ହେଲିକପ୍ଟର ଯୋଗେ ବାଲିଆପାଳରୁ ସିଧା ପଣ୍ଡାଶୁଣି କେର ପଡିଆରେ ପହଞ୍ଚିଥିଲେ। ମାତ୍ର ସାଢେ ୪ ଟାରେ ପିସିସି ସଭାପତି ବକ୍ତବ୍ୟ ରଖୁଥିବା ବେଳେ ହେଲିକପ୍ଟର ତାଙ୍କୁ ଛାଡି ଭୁବନେଶ୍ୱର ପ ଳ । ଇ ଯ । ଇ ଥି ଲ । । ଏହା ଦେଖି କର୍ମୀମାନେ ଆଶ୍ଚର୍ଯ୍ୟ ହୋଇଥିଲେ ।

# ଧାନବସ୍ତା ରଖି ଚାଷୀଙ୍କ ଆନ୍ଦୋଳନ

- ଧାରଣାରେ ବସିଲେ ଶତାଧିକ ଚାଷୀ
- ପ୍ରତିଶ୍ରୁତି ପରେ ଓହରିଲେ

**ଭଣ୍ଡାରିପୋଖରୀ, ୧୩।୨ (ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ନଗୁଆଁ ସେବା ସମବାୟ ସମିତି ଧାନ ନ କିଣିବା ପ୍ରତିବାଦରେ ବୁଧବାର ସମିତି ଅଧୀନ ବହୁ ଚାଷୀ ବ୍ଲକ କାର୍ଯ୍ୟାଳୟ ପରିସରରେ ଧାନ ବସ୍ତା ରଖି ଆନ୍ଦୋଳନ କରିଥିଲେ। ସମିତି ସଭାପତି ରମେଶ ଚନ୍ଦ୍ର ଭାରତୀଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଧାରଣାରେ ସାମିଲ ହୋଇଥିଲେ। ସମିତିରେ ୬୧ ହଜାର କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ବିକ୍ରୟ ପାଇଁ ପଞ୍ଜୀକୃତ କରାଯାଇଛି। ହେଲେ ଯୋଗାଣ ବିଭାଗ ପକ୍ଷରୁ ଉକ୍ତ ଧାନ କ୍ରୟ ପାଇଁ ସମିତିକୁ ଅଧିକ ଟାର୍ଗେଟ ଦିଆଯାଉ ନାହିଁ। ଏ ନେଇ ବିଡିଓ, ଅତିରିକ୍ତ ରାଜସ୍ୱ ଅଧିକାରୀ, ସିଏସ୍ଓଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଥିଲେ ମଧ ସମସ୍ୟାର ସମାଧାନ ନ ହେବାରୁ ଚାଷୀମାନେ ପଞ୍ଚାୟତ ସମିତି ଆଗରେ ଧାନ ବସ୍ତା ରଖି ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିଥିଲେ। ଚାଷୀଙ୍କ ଅଭିଯୋଗ ଅନୁଯାୟୀ, ଯେଉଁ ଚାଷୀ ସମିତିରେ ଧାନ ଦେଲେ ତାଙ୍କୁ ମିଲର ଉଠାଉ ନାହାନ୍ତି। ଫଳରେ ସମିତିର ଧାର୍ଯ୍ୟ ଲକ୍ଷ୍ୟଠାରୁ ୩୦ ପ୍ରତିଶତ ମଧ୍ୟ ବିକ୍ରୟ ହୋଇ ନାହିଁ। ଯୋଗାଣ ବିଭାଗ ପକ୍ଷରୁ ଧାନ କିଣିବା ପାଇଁ ଟାର୍ଗେଟ୍ ଦିଆଯାଉ ନ ଥିବାରୁ ଚାଷୀମାନେ ସମିତିରେ ଧାନ ପକାଇ ଜଗି ରହୁଛନ୍ତି। ବିଶେଷ କରି ମିଲରମାନଙ୍କ ଅସହଯୋଗ ପାଇଁ ଏଭଳି ଅବସ୍ଥା ଉପୁଜୁଥିବା ଅଭିଯୋଗ ହୋଇଛି।

ପ୍ରକାଶ ଯେ, ନଗୁଁଆ ସମବାୟ ସମିତିକୁ ୧୮ ହଜାର କୁଇଣ୍ଟାଲ ଧାନ ବିକ୍ରୟ ପାଇଁ ଅନୁମତି ମିଳିଥିବା ବେଳେ ୧୫ ହଜାର କୁଇଣ୍ଟାଲ ମିଲର ନେଇଛନ୍ତି। ୧୦ ଦିନ ହେଲା ଚାଷୀ ମଣ୍ଡିରେ ଧାନ ଗଦା କରି ବସିଛନ୍ତି। ଚାଷୀଙ୍କ ଏହି ଧାରଣା ପରେ ମିଲ୍ କର୍ତ୍ତୃପକ୍ଷ ୩ ଟ୍ରିପ ଧାନ ବୁଧବାର ନେଇଥିବା ଜଣାଯାଇଛି। ଧାରଣା ଖବର ପାଇ ଜିଲା ଯୋଗାଣ ଅଧିକାରୀ ଅଶୋକ କୁମାର ମାଝି, ବିଡିଓ ବନମାଳୀ ତରାଇ, ତହସିଲଦାର ପ୍ରଣୟ କୁମାର ଜେନା, ସମବାୟ ଉପନିବନ୍ଧକ ନିରଞ୍ଜନ ମାଝି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଉପସ୍ଥିତ ଚାଷୀଙ୍କୁ ବୁଝାଶୁଝା କରିଥିଲେ। ଏହାପରେ ଚାଷୀମାନେ ଆନ୍ଦୋଳନରୁ ଓହରିଥିଲେ। ପ୍ରତିଦିନ ସମିତି ୭୦୦ କୁଇଣ୍ଟାଲ ଧାନ କିଣିବା ପରିବର୍ତ୍ତେ ୨ ହଜାର କୁଇଣ୍ଟାଲ କିଣାଯିବା, ସମିତିକୁ ସର୍ବନିମ୍ନ ୨୫ ହଜାର କୁଇଣ୍ଟାଲ ଧାନ ବିକ୍ରୟ ପାଇଁ ଟାର୍ଗେଟ ଦିଆଯିବା, ଧାନର କଟିଙ୍ଗ ୪ କିଲୋରୁ ୬ କିଲୋ ପରିବର୍ତ୍ତେ ୩ କିଲୋ ରଖାଯିବା ନେଇ ଦାବିପତ୍ର ଚାଷୀମାନେ ପ୍ରଦାନ କରିଥିଲେ। ଅଧିକାରୀମାନେ ମଣ୍ଡିରେ ପଡିଥିବା ପ୍ରାୟ ୫ହଜାର କୁଇଣ୍ଟାଲ ଓ ବ୍ଲକରେ ଥିବା ୨ ହଜାର କୁଇଣ୍ଟାଲ ଧାନ କିଣିବା ପାଇଁ ଖୋର୍ଦ୍ଧାର ଏକ ରାଇସ୍ ମିଲ୍‌କୁ ଧାନ ଉଠାଇବାକୁ ଯୋଗାଯୋଗ କରିଥିଲେ। ୩ ହଜାର କୁଇଣ୍ଟାଲ ଧାନ ଉଠାଇବା ପାଇଁ ସେମାନେ ନିର୍ଦ୍ଦେଶ ଦେଇଥିଲେ। ଏଜିଏନ୍ ଏବଂ ପିପି ରାଇସ୍ ମିଲ୍‌କୁ ଧାନ ଉଠାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ୭ ହଜାର କୁଇଣ୍ଟାଲ ଧାନ ଉଠି ସାରିବା ପରେ ଆଉ ୪ ହଜାର କୁଇଣ୍ଟାଲ ଧାନ ଉଠାଇବା ପାଇଁ ଟାର୍ଗେଟ ଦିଆଯିବା ସହ ପର୍ଯ୍ୟାୟକ୍ରମେ ୭୦ରୁ ୮୦ ପ୍ରତିଶତ ଧାନ ଉଠାଇ ନିଆଯିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ୨୦ ତାରିଖ ସୁଦ୍ଧା ଏହାର ସମାଧାନ ନ ହେଲେ ୧୬ ନମ୍ବର ଜାତୀୟ ରାଜପଥରେ ଧାନବସ୍ତା ରଖି ଧାରଣା ଦେବେ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ନଗୁଁଆ ସମବାୟ ସମିତି ସଭାପତି ତଥା ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ଭାରତୀ, ମାଧବ ଚନ୍ଦ୍ର ପାଲ, ରଜନୀକାନ୍ତ ଚନ୍ଦ, ମନୋଜ କବି, ସତ୍ୟାନନ୍ଦ ମହାପାତ୍ର, ଚିତ୍ତରଞ୍ଜନ ନାୟକ, ଶ୍ୟାମସୁନ୍ଦର ମହାପାତ୍ର, ସରପଞ୍ଚ ବିଜୟ ଶଙ୍କର ମହାନ୍ତି, ପ୍ରଶାନ୍ତ କୁମାର ସାହୁ, ଶ୍ରୀକାନ୍ତ ସାହୁ, ଲକ୍ଷ୍ମୀଧର ରାଉତ, ଅଭୟ ବେହେରା, ସୁଶାନ୍ତ ପାଲ ପ୍ରମୁଖ ଆନ୍ଦୋଳନରେ ସାମିଲ ଥିଲେ।


ଚାଷୀମାନେ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି।

## ସଂକ୍ଷେପରେ

### ୯ ବଖରା ଜଳିଗଲା

**ଭଦ୍ରକ ଅଫିସ, ୧୩।୨:** ଭଦ୍ରକ ଜିଲା ସଦର ବ୍ଲକ ଅନ୍ତର୍ଗତ ସାହାଡ଼ା ପଞ୍ଚାୟତ ଧରମସରଣବିନ୍ଧା ଗାଁରେ ମଙ୍ଗଳବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୨ ପରିବାରର ୯ ବଖରା ଘର ଜଳିଯାଇଛି। ଏଥିରେ ୩ଟି ଗୋରୁ ଜୀବନ୍ତ ଦଗ୍ଧ ହୋଇଯାଇଥିବା ବେଳେ ଘରର ଆସବାବପତ୍ର, ଧାନ ଚାଉଳ ସମେତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ଭଦ୍ରକ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ଟ୍ରକ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

**ବାସୁଦେବପୁର, ୧୩।୨ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର-ସୁଆଁ ରାସ୍ତାର ଗୋପାଳପୁର ଛକଠାରେ ବୁଧବାର ପୂର୍ବାହ୍ନରେ ଏକ ଟ୍ରକ ଧକ୍କାରେ ନବ ବେହେରା ନାମକ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ସିମୁଳିଆ ବ୍ଲକ ଅଧୀନ ଆନନ୍ଦପୁର ଗ୍ରାମରେ। ସେ ତାଙ୍କ ପୁଅଙ୍କ ସହିତ ଏକ ବାଇକ୍‌ରେ ସିମୁଳିଆରୁ ଇରମ ଅଭିମୁଖେ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ପୋଲିସ ପହଞ୍ଚି ତଦନ୍ତ କରିଥିଲା।

### ସ୍ୱାସ୍ଥ୍ୟସେବା ଶିବିର ୬୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ଚିକିତ୍ସା

**ଆରଡ଼ି, ୧୩।୨ (ଡି.ଏନ.ଏ.):** ଚାନ୍ଦବାଲି ବ୍ଲକର ଆରଡ଼ି ସନ୍ନିକଟ କୁଳେଇପଦାଠାରେ ମା' ଖରାଖାଇ ଯୁବ ପରିଷଦ ପକ୍ଷରୁ ବୁଧବାର ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ପ୍ରାୟ ୬୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ଚିକିତ୍ସା କରାଯାଇଥିଲା। ଭୁବନେଶ୍ୱରସ୍ଥିତ ଆପୋଲୋ ହସ୍ପିଟାଲର ବିଭିନ୍ନ ବିଭାଗର ଡାକ୍ତର ରୋଗୀଙ୍କ ଚିକିତ୍ସା କରିଥିଲେ। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅବସରପ୍ରାପ୍ତ ଯୁଗ୍ମ ସମ୍ପାଦକ ଡା.ସୁରଥ କୁମାର ବିଶ୍ୱାଳ ଆନୁଷ୍ଠାନିକ ଭାବେ ଶିବିରକୁ ଉଦ୍‌ଘାଟନ କରିଥିଲେ। ଜିଲା ରୋଟାରି ଇଲେକ୍ଟେଡ ଗଭର୍ଣ୍ଣର ଶାନ୍ତନୁ ପାଣି, ସଭାପତି ଅଜିତ ଦାସ, ସମ୍ପାଦକ ମନୋଜ ସାହୁ, ଆପୋଲ ସ୍ୱାସ୍ଥ୍ୟ ସଂସ୍ଥା ପରିଚାଳକ ଡା. ପଦ୍ମନାଭ ଦଳବେହେରା, ପବ୍ଲିକ ରିଲେସନ ମ୍ୟାନେଜର ଡା. ଅନୁପମ ଜେନା ଉପସ୍ଥିତ ଥିଲେ। ସେହିପରି ଯୁବ ପରିଷଦ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରରେ ସ୍ୱେଚ୍ଛାସେବୀମାନେ ରକ୍ତଦାନ କରିଥିଲେ।

### ଚରମ୍ପା ଗଳାପୋଲ ସମ୍ପ୍ରସାରଣ ଦାବି

**ଭଦ୍ରକ ଅଫିସ, ୧୩।୨:** ୧୬ ନମ୍ବର ଜାତୀୟ ରାଜପଥର ଭଦ୍ରକ ଚରମ୍ପା ଗଳାପୋଲ ସମ୍ପ୍ରସାରଣ ଲାଗି ଦାବି କରାଯାଇଛି। ଏ ନେଇ ବହୁବାର ଦାବି କରାଯାଇଥିଲେ ମଧ କେହି ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହୋଇଛି। ବୁଧବାର ସ୍ଥାନୀୟ ଅଞ୍ଚଳବାସୀ ଜିଲାପାଳଙ୍କୁ ଭେଟି ୭ ଦିନ ମଧରେ ଗଳାପୋଲ ସମ୍ପ୍ରସାରଣ ପାଇଁ ପଦକ୍ଷେପ ନିଆଯିବାକୁ ଦାବି କରିଛନ୍ତି। ନଚେତ୍ ୧୯ ତାରିଖରେ ଜାତୀୟ ରାଜପଥରେ ସ୍ଥାନୀୟ ଲୋକେ ବସିରହି ୨ ଘଣ୍ଟା ପାଇଁ ପ୍ରତୀକାତ୍ମକ ଆନ୍ଦୋଳନ କରିବେ ବୋଲି ଲିଖିତ ଭାବେ ଜଣାଇଛନ୍ତି। ୧୯ ତାରିଖ ସକାଳ ୮ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଚରମ୍ପାଠାରେ ବିଭାଗୀୟ ଅଧିକାରୀଙ୍କ ବୈମାତୃକ ମନୋଭାବକୁ ବିରୋଧ କରାଯିବ ବୋଲି କୁହାଯାଇଛି।

### ଆନ୍ତଃ ବିଦ୍ୟାଳୟ ବାଳିକା ଆଥ୍‌ଲେଟିକ ମିଟ୍

**ଭଦ୍ରକ ଅଫିସ, ୧୩।୨:** ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ୮ଟି ଉଚ୍ଚ ବିଦ୍ୟାଳୟକୁ ନେଇ ଆନ୍ତଃ ବିଦ୍ୟାଳୟ ବାଳିକା କ୍ରୀଡ଼ା ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆଦାନୀ ଧାମରା ପୋର୍ଟ ପକ୍ଷରୁ ଦୋଳସାହିସ୍ଥିତ ରାମନାରାୟଣ ସ୍କୁଲଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ପ୍ରଧାନ ଶିକ୍ଷୟିତ୍ରୀ ଶୁଭସ୍ମିତା ତ୍ରିପାଠୀ। ୬ଟି ବିଭାଗରେ ପ୍ରତିଯୋଗିତା କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୬ କ୍ରୀଡ଼ା ଶିକ୍ଷକ ସଞ୍ଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଆଦାନୀ ଫାଉଣ୍ଡେଶନର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।



# ଉଗ୍ରରୂପ ନେଲା ପିଠା ବିବାଦ

- ମନ୍ତ୍ରୀ, ବିଧାୟକଙ୍କ କୁଶପୁତ୍ତଳିକା ଦାହ

**ତିହିଡ଼ି, ୧୩।୨ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ବ୍ଲକରେ 'ପିଠା'କୁ ନେଇ ଉପୁଜିଥିବା ବିବାଦ ଉଗ୍ରରୂପ ନେଇଛି। ବୁଧବାର ସରପଞ୍ଚ, ସମିତିସଭ୍ୟ ଓ ସେମାନଙ୍କ ସମର୍ଥକମାନେ ବ୍ଲକ କାର୍ଯ୍ୟାଳୟ ସାମ୍ନାରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ, ଧାମନଗର ଓ ଚାନ୍ଦବାଲି ବିଧାୟକଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ପିଠା ଓ କାଳିଆ ଯୋଜନାରେ ଉପେକ୍ଷା କରାଯାଇଥିବା ପ୍ରତିବାଦରେ ସୋମବାରଠାରୁ ଦୁଇଦିନ ଧରି ବ୍ଲକ କାର୍ଯ୍ୟାଳୟ ପରିସରରେ ଧାରଣା ଦେଇ କୌଣସି ସୁଫଳ ନ ପାଇବାରୁ ସରପଞ୍ଚ ଓ ସମିତିସଭ୍ୟମାନେ ଏଭଳି ପଦକ୍ଷେପ ନେଇଥିଲେ। ଏଥିସହିତ ସରପଞ୍ଚମାନେ ସେମାନଙ୍କ କାର୍ଯ୍ୟାଳୟର ଚାବିକାଠି ମଧ ବିଡିଓଙ୍କୁ ହସ୍ତାନ୍ତର କରି ପଞ୍ଚାୟତର କୌଣସି କାର୍ଯ୍ୟ ତୁଲାଇବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି।

ଏହି ଦୁଇ ଯୋଜନାରେ ବ୍ଲକର ୧୦ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟଙ୍କୁ ଉପେକ୍ଷା କରାଯିବା, ଏହାକୁ ଦଳୀୟ କାର୍ଯ୍ୟକ୍ରମରେ ପରିଣତ କରିବା, ଶାସକ ଦଳ ଇଙ୍ଗିତରେ ପିଠା କାର୍ଯ୍ୟକ୍ରମର ସ୍ଥାନ ପରିବର୍ତ୍ତନ କରାଯାଇଥିବା ଆଦି ଅଭିଯୋଗ କରି ସରପଞ୍ଚ ଓ ସମିତିସଭ୍ୟମାନେ ଧାରଣା ଦେଇଥିଲେ। ୨ ଦିନ ପରେ ସେମାନେ ସ୍ଥାନୀୟ ଡାକବଙ୍ଗଳାରୁ ଶୋଭାଯାତ୍ରାରେ ବାହାରିଥିଲେ। ମହିଳା ସରପଞ୍ଚମାନେ ଝାଡୁ ଧରି ମନ୍ତ୍ରୀ ଓ ବିଧାୟକ ବିରୋଧୀ ସ୍ଲୋଗାନ ଦେଇ ତିହିଡି ବଜାର ପରିକ୍ରମା କରିଥିଲେ। ପରେ ସେମାନେ ବ୍ଲକ କାର୍ଯ୍ୟାଳୟ ସାମ୍ନାରେ ପହଞ୍ଚି ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ, ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଓ ବ୍ୟୋମକେଶ ରାୟଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ସେମାନଙ୍କୁ ନ୍ୟାୟ ନ ମିଳିଲେ ଗୁରୁବାରଠାରୁ ବ୍ଲକ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନ କରିବେ ବୋଲି ମଧ ଚେତାବନୀ ଦିଆଯାଇଛି। ସରପଞ୍ଚ ଅଳିପ୍ରଭା ରାଉଳ, ସ୍ୱର୍ଣ୍ଣମୟୀ ଜେନା, କବିତା ମଳିକ, ଝରଣା ଜେନା, ଉଷାକାନ୍ତ ନାୟକ, ପ୍ରମୋଦ ବେହେରା, ସମିତିସଭ୍ୟା ସସ୍ମିତା ନାୟକ, ଶୁଭ୍ରନାରାୟଣ ସେଠୀ ଏବଂ ସେମାନଙ୍କ ସମର୍ଥକ ପୂର୍ବତନ ବ୍ଲକ ଅଧକ୍ଷ ଶୁକଦେବ ମଲିକ, ରଘୁନାଥ ପାତ୍ର, ଉମାକାନ୍ତ ଦାସ, ପ୍ରଦୀପ ବଳ, ପ୍ରତାପ ଜେନା, ତପନ ରାଉଳ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।


ସରପଞ୍ଚ ଓ ସମିତିସଭ୍ୟଙ୍କ ପ୍ରତିବାଦ ଶୋଭାଯାତ୍ରା।

# ଚାଷୀ ମୂଲିଆ ସଂଘର ବିକ୍ଷୋଭ



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭୂମିହୀନମାନେ ଧାରଣା ଦେଇଛନ୍ତି।

**ଭଦ୍ରକ ଅଫିସ, ୧୩।୨**

ଭୂମିହୀନଙ୍କୁ ପଟ୍ଟା ପ୍ରଦାନ ଦାବିରେ ଚାଷୀ ମୂଲିଆ ସଂଘର ଭଦ୍ରକ ଜିଲା କମିଟି ପକ୍ଷରୁ ମଙ୍ଗଳବାରଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ଅହୋରାତ୍ର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଭଦ୍ରକ ତହସିଲଦାର ପ୍ରଦୀପ କୁମାର ସାହୁ ଓ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର ମାସକ ମଧରେ ଏନେଇ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ବୁଧବାର ସନ୍ଧ୍ୟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଆନ୍ଦୋଳନକାରୀମାନେ ୧୫ ଦଫା ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଜାରି ରଖିବେ ବୋଲି ନିଷ୍ପତ୍ତି ନେଇଥିଲେ। ପ୍ରାୟ ୨ ଶହରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଜିଲାପାଳଙ୍କ କାର୍ଯ୍ୟାଳୟ ଫାଟକ ଆଗରେ ରୋଷେଇ କରି ଖାଇ ଆନ୍ଦୋଳନରେ ସାମିଲ ହୋଇଥିଲେ। ଚାଷୀ ମୂଲିଆ ସଂଘ ସଭାପତି ସୁଶାନ୍ତ କୁମାର ଜେନା ଏହାର ନେତୃତ୍ୱ ନେଇଥିଲେ। ଆଗାମୀ ବର୍ଷାଦିନ ପୂର୍ବରୁ ସେମାନଙ୍କୁ ପଟ୍ଟା ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ପ୍ରକାଶ ଯେ, ଦୀର୍ଘବର୍ଷ ଏପରିକି ୨ ପିଢ଼ି ଧରି ଭୂମିହୀନମାନେ ବସବାସ କରିଆସୁଥିଲେ ମଧ ସେମାନଙ୍କୁ ଚିହ୍ନଟ କରାଯାଇ ଜମି ପଟ୍ଟା ପ୍ରଦାନ କରାଯାଉ ନାହିଁ। ଫଳରେ ସେମାନଙ୍କ ପିଲାମାନେ ଛାତ୍ରବୃତ୍ତି ଓ ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ହେଉଥିବାରୁ ପୁଞ୍ଜୀଭୂତ ଅସନ୍ତୋଷ ଆନ୍ଦୋଳନର ରୂପ ନେଇଥିଲା।

## ସମାଜସେବା କରିବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ

**ବାସୁଦେବପୁର, ୧୩।୨ (ଡି.ଏନ.ଏ.)**

ବାସୁଦେବପୁର ଫିନିକ୍ସ ଏକାଡେମୀ ଆବାସିକ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିକାଶ ବିଭାଗର ଅତିରିକ୍ତ ଶାସନ ସଚିବ ସିଦ୍ଧାର୍ଥ ଧଳ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ର ବଡ଼ ମଣିଷ ହେବାର ଲକ୍ଷ୍ୟ ନ ରଖି ଭଲ ମଣିଷ ହୋଇ ସମାଜସେବା କାର୍ଯ୍ୟ କରିବାକୁ ସେ ଆହ୍ୱାନ ଜଣାଇଥିଲେ। ଗୁରୁଙ୍କ ଆଶୀର୍ବାଦ ଛାତ୍ରୀଛାତ୍ରଙ୍କ ସଫଳତାର ଚାବିକାଠି ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଭୂତତ୍ତ୍ୱ ବିଭାଗ ପ୍ରଫେସର ଡ. ଶ୍ରୀରୂପ ଗୋସ୍ୱାମୀ ଏବଂ ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଧାଂଶୁ ମିଶ୍ର ଯୋଗ ଦେଇଥିଲେ। କବି ଅଚ୍ୟୁତାନନ୍ଦ ପାଢୀ ମଞ୍ଚ ସଂଯୋଜନା ଓ ଫିନିକ୍ସ ଏକାଡେମୀ ଟ୍ରଷ୍ଟର ଚେୟାରମ୍ୟାନ ଅଭିମନ୍ୟୁ ବେହେରା ସଭାପତିତ୍ୱ କରିଥିଲେ। ପ୍ରଧାନ ଶିକ୍ଷକ ଜଗବନ୍ଧୁ ନାୟକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପ୍ରାଚୀର ପତ୍ରିକା ସୃଜନୀ ସହିତ ଚେୟାରମ୍ୟାନ ଅଭିମନ୍ୟୁଙ୍କ ଲିଖିତ କବିତା ସଂକଳନ 'ଗୀତିମଲ୍ଲାର' ଉନ୍ମୋଚନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଅଗ୍ନିପରୀକ୍ଷା ମଞ୍ଚସ୍ଥ ହୋଇଥିଲା। ସମ୍ପାଦକ ଚନ୍ଦ୍ରଶେଖର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

- ଧାନର ଅଭାବୀ ବିକ୍ରି ସମସ୍ୟା

# ଯୋଗାଣ ବିଭାଗର କ୍ଷେତ୍ରୀୟ ତଦନ୍ତ

**ଚାନ୍ଦବାଲି, ୧୩।୨ (ଡି.ଏନ.ଏ.)**

ଧାନର ଅଭାବୀ ବିକ୍ରି ସମସ୍ୟା ନେଇ ରାଜ୍ୟ ଓ ଭଦ୍ରକ ଜିଲା ଯୋଗାଣ ବିଭାଗର ୧୦ ଜଣିଆ ଏକ ପ୍ରତିନିଧି ଦଳ ମଙ୍ଗଳବାର ଅପରାହ୍ନରେ ଚାନ୍ଦବାଲିରେ ପହଞ୍ଚି କ୍ଷେତ୍ରୀୟ ତଦନ୍ତ କରି ଫେରିଯାଇଛନ୍ତି। ତଦନ୍ତକାରୀ ଦଳରେ ରାଜ୍ୟ ଯୋଗାଣ ବିଭାଗ ନିର୍ଦ୍ଦେଶକ ଏବଂ ସମବାୟ ବିଭାଗର ବରିଷ୍ଠ ଅଧିକାରୀମାନେ ସାମିଲ ଥିଲେ। ସେମାନେ ଚାଷୀ, ମିଲର, ସେବା ସମବାୟ ସମିତିର କର୍ମଚାରୀଙ୍କୁ ଭେଟି ସେମାନଙ୍କ ମତାମତ ସଂଗ୍ରହ କରିଥିଲେ। ତଦନ୍ତ ବେଳେ ବିଭାଗୀୟ ଅବହେଳାକୁ ନେଇ ଚାଷୀମାନେ ଅଧିକାରୀଙ୍କ ସହିତ ଯୁକ୍ତିତର୍କ କରିବା ସହିତ ଉତ୍ତେଜନା ଦେଖାଦେଇଥିଲା। ଧାନର ମାନ ପରୀକ୍ଷଣ ନାଁରେ କେତେକ କ୍ଷେତ୍ରରେ କୁଇଣ୍ଟାଲ ପ୍ରତି ୮ କିଲୋ ଧାନ କାଟଣ ହେଉଛି ବୋଲି କେତେକ ଚାଷୀ ଅଭିଯୋଗ ଆଣିଥିଲେ। ମିଲରଙ୍କ ଅସହଯୋଗ, ସେବା ସମବାୟ ସମିତି ଓ ଧାନ ବେପାରୀଙ୍କ ଅସାଧୁ ମେଣ୍ଟ ନେଇ କେତେକ ଚାଷୀ ତଦନ୍ତକାରୀ ଅଧିକାରୀଙ୍କୁ ଭେଟି ଅଭିଯୋଗ କରିଥିଲେ। ଯୋଗାଣ ବିଭାଗ ଅଧିକାରୀମାନେ ଚାନ୍ଦବାଲି, ଓରାସାହି, ଗୋବିନ୍ଦପୁର ସେବା ସମବାୟ ସମିତି ଓ ଚାନ୍ଦବାଲିର ଅରୁଣ ଟ୍ରେଡିଂ ଓ ହନୁମାନ ରାଇସ ମିଲ୍‌କୁ ପରିଦର୍ଶନ କରି ଧାନକ୍ରୟର କାଗଜପତ୍ର ଯାଞ୍ଚ କରିବା ସହ ତାଗିଦ୍ ମଧ କରିଛନ୍ତି। ଚାଷୀଙ୍କୁ ସମବାୟ ସମିତି କର୍ମଚାରୀ ସହଯୋଗ କରିବା, ଆଗାମୀ ୧୫ ଦିନ ମଧରେ ଚାଷୀଙ୍କଠାରୁ ଧାନ କିଣିବା କାମ ଶେଷ କରିବାକୁ ତଦନ୍ତକାରୀ ଦଳ ନିର୍ଦ୍ଦେଶ ଦେଇଛନ୍ତି।

ଉଲ୍ଲେଖନୀୟ ଯେ, ଚାନ୍ଦବାଲି ସଂଗ୍ରାମ ସେନା ପକ୍ଷରୁ ଗତ ୪ ତାରିଖରେ ସ୍ଥାନୀୟ କାଳୀପଡ଼ିଆରେ ଏକ କୃଷକ ସମାବେଶ ଅନୁଷ୍ଠିତ ହୋଇଥିଲା। ସମାବେଶରେ ଚାଷୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଧାନର ଅଭାବୀ ବିକ୍ରିକୁ ନେଇ ଅଧିକାଂଶ ଚାଷୀ ଅସନ୍ତୋଷ ପ୍ରକାଶ କରିଥିଲେ। ସଂଗ୍ରାମ ସେନା ମୁଖ୍ୟ ସଂଗ୍ରାମ କେଶରୀ ରାଉତ ଭୁବନେଶ୍ୱରରେ କୃଷିମନ୍ତ୍ରୀ ଓ ରାଜ୍ୟ ଯୋଗାଣ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ଏ ସମ୍ପର୍କରେ ଅବଗତ କରିଥିଲେ।


ଧାନକ୍ରୟ କେନ୍ଦ୍ରରେ ଯୋଗାଣ ବିଭାଗର ଅଧିକାରୀମାନେ।

# ସରିଛି ଗୃହ ନିର୍ମାଣ, ମିଳୁନି ପ୍ରାପ୍ୟ

**ଭଦ୍ରକ ଅଫିସ, ୧୩।୨**

ଭଦ୍ରକ ଜିଲାରେ ସରକାରଙ୍କ ବିଭିନ୍ନ ଗୃହ ନିର୍ମାଣ ଯୋଜନାରେ ହିତାଧିକାରୀଙ୍କୁ ମଜୁରି ବାବଦ ଟଙ୍କା ମିଳୁ ନ ଥିବା ନେଇ ଅଭିଯୋଗ ହୋଇଛି। ଜିଲା ପ୍ରଶାସନ ଏହାର ତଦନ୍ତ କରି ତୁରନ୍ତ ହିତାଧିକାରୀଙ୍କୁ ନିଜସ୍ୱ ମଜୁରି (ଜବ୍ କାର୍ଡ ମାଧ୍ୟମରେ ଶ୍ରମଜନିତ ଟଙ୍କା) ପ୍ରଦାନ ଲାଗି ଦାବି କରାଯାଇଛି। ଧାମନଗର ବ୍ଲକ ଅନ୍ତର୍ଗତ ଦୋବଲ ପଞ୍ଚାୟତର ମନୋରମା କୁଣ୍ଡୁ, ଭାଗୀରଥି ଜେନା, ନିରୁପମା ଜେନା, ଗଗନ ବିହାରୀ ସାହୁ, କନକଲତା ପଣ୍ଡା, ବାସନ୍ତୀଲତା ପଣ୍ଡା, ମନାନ୍ ଖାଁ, ରାଜକିଶୋର ସାହୁ, ଅନସୂୟା ସାହୁ, ବାବୁଲି ଜେନାଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ଏ ନେଇ ଡିଆର୍‌ଡିଏ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ଯୋଜନାରେ ୨୦୧୬-୧୭ ଓ ୨୦୧୭-୧୮ ଓ ୨୦୧୮-୧୯ ଆର୍ଥିକ ବର୍ଷରେ ଗୃହ କାର୍ଯ୍ୟ ପୂର୍ଣ୍ଣାଙ୍ଗ କରିଥିବା ହିତାଧିକାରୀଙ୍କୁ ଜବ୍ କାର୍ଡ ମାଧ୍ୟମରେ ଶ୍ରମଜନିତ ପ୍ରାପ୍ୟ ପ୍ରଦାନ କରାଯାଇ ନ ଥିବା ଅଭିଯୋଗରେ ଦର୍ଶାଯାଇଛି। ସେମାନେ ଧାର କରଜ କରି ଘର ସମ୍ପୂର୍ଣ୍ଣ କରିଛନ୍ତି। ଜଣେ ହିତାଧିକାରୀଙ୍କୁ ପ୍ରାୟ ୧୫,୨୦୦ ଲେଖାଏ ପ୍ରାପ୍ୟ ପ୍ରଦାନ କରାଯାଇ ନ ଥିବା ଅଭିଯୋଗରେ ଦର୍ଶାଯାଇଛି। ଏ ସମ୍ପର୍କରେ ଡିଆର୍‌ଡିଏ ଲୋକପାଳ (ଆମ୍ବୁଡ୍ସ୍ ମ୍ୟାନ) ଲଳିତା ସାହୁ ଘଟଣାର ତଦନ୍ତ ସରିଛି, ଖୁବ୍‌ଶୀଘ୍ର ହିତାଧିକାରୀଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରାଯିବା ଲାଗି ପଦକ୍ଷେପ ନିଆଯାଉଥିବା ପ୍ରତିକ୍ରିୟା ରଖିଛନ୍ତି।

## ଗୋଟିଏ ରାତିରେ ୩ ସ୍ଥାନରୁ ଚୋରି

**ପଦ୍ମପୁର, ୧୩।୨ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ଥାନା ଅଞ୍ଚଳରେ ମଙ୍ଗଳବାର ବିଳମ୍ବିତ ରାତିରେ ୨ଟି ଦୋକାନ, ଘର ଓ ମନ୍ଦିରରୁ ଚୋରି ହୋଇଛି। ପଦ୍ମପୁର ଗ୍ରାମର କୈଳାସ ମହାରଣାଙ୍କ ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଗ୍ରୀଲ ଓ ତାଲା ଭାଙ୍ଗି ଆଲମାରୀ ବାକ୍ସ ଭାଙ୍ଗି ନେଇ ଯାଇଛନ୍ତି। ୬ ଭରି ସୁନା ସହ ନଗଦ ୫୦ ହଜାର ଟଙ୍କା ଓ କଂସା ବାସନ ଚୋରି ହୋଇଥିବା କୈଳାସଙ୍କ ପୁଅ ଶରତ ଅଭିଯୋଗରେ ଦର୍ଶାଇଛନ୍ତି। ସେହିପରି ବ୍ରାହ୍ମଣଗାଁ ବଜାରରେ ଥିବା ୨ଟି ଲେଡିଜ କର୍ଣ୍ଣରରୁ ଚୋରି ହୋଇଛି। ଗୋଟିଏ ଦୋକାନରୁ ନଗଦ ୧୨ ହଜାର ଟଙ୍କା ଓ କସ୍‌ମେଟିକ ସାମଗ୍ରୀ ଏବଂ ଅନ୍ୟ ଏକ ଦୋକାନରୁ ନଗଦ ୧୩ ଶହ ଟଙ୍କା ସହ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ କରାଯାଇଛି। ଦୁର୍ବୃତ୍ତମାନେ ଦୋକାନ ଘର ସ୍କାଏଲାଇଟ ଭାଙ୍ଗି ଚୋରି କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ପୋଲିସ ସୂଚନା ଦେଇଛି। ସେହିପରି ବ୍ରାହ୍ମଣଗାଁର ପ୍ରସନ୍ନ କ୍ଷେମେଶ୍ୱରଙ୍କ ମନ୍ଦିର ଗ୍ରୀଲ୍ ଭାଙ୍ଗି ପଶି ହୁଣ୍ଡିରୁ ଚୋରି ଉଦ୍ୟମ ହୋଇଛି। ଠାକୁରଙ୍କର ସମସ୍ତ ଦାନ ପଇସା ଓ ଅଳଙ୍କାର ସୁରକ୍ଷିତ ଥିବା ପୋଲିସ କହିଛି। ଏ ନେଇ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏସ୍‌ଡିପିଓ ଜଳନ୍ଧର ଜାଲି, ବାସୁଦେବପୁର ଥାନାଧିକାରୀ ଉମାଶଙ୍କର ନାୟକ ସାଇଣ୍ଟିଫିକ ଟିମ୍ ସହ ପହଞ୍ଚି ତଦନ୍ତ କରିଥିଲେ।

# ଉତ୍ସବମୁଖର କଣ୍ଟାବଣିଆ ଅବଧୂତ ଆଶ୍ରମ

**ଧାମନଗର, ୧୩।୨ (ଡି.ଏନ.ଏ.)**

ଧାମନଗରସ୍ଥିତ ଜୟନଗର ଗ୍ରାମର କଣ୍ଟାବଣିଆ ମହାପୁରୁଷ ଅବଧୂତ ଆଶ୍ରମରେ ୪୦ତମ ତ୍ରିତାପହାରୀ ବ୍ରହ୍ମ ଗୋଚ୍ଛନ୍ଦ ମହାଯଜ୍ଞ ମାଘ ସପ୍ତମୀ ଦିବସରୁ ଆରମ୍ଭ ହୋଇଛି। ଏଥିପାଇଁ ଆଶ୍ରମ ପରିସର ଉତ୍ସବମୁଖର ହୋଇଉଠିଛି। ରାଜ୍ୟ ଓ ରାଜ୍ୟ ବାହାରୁ ସାଧୁ, ସନ୍ଥ, ସନ୍ନ୍ୟାସୀଙ୍କ ଆଗମନରେ ଆଧାତ୍ମିକ ବାତାବରଣ ସୃଷ୍ଟି ହୋଇଛି। ସାଲେପୁର, ଜଗତସିଂପୁର, ଚିଲିକା, କେନ୍ଦୁଝର, ମୟୂରଭଞ୍ଜ ଆଦି ଅଞ୍ଚଳରେ ଥିବା ଅବଧୂତ ଆଶ୍ରମରୁ ଶତାଧିକ ସାଧୁ ସନ୍ଥ ଅବଧୂତ ମେଳାରେ ଯୋଗଦେଇ ଆସୁଛନ୍ତି। ପ୍ରତିବର୍ଷ ପରି ଚଳିତବର୍ଷ ମାଘ ସପ୍ତମୀଠାରୁ ମହାଯଜ୍ଞ ଆରମ୍ଭ ହୋଇଥିବା ବେଳେ ନବମୀରେ ପୂର୍ଣ୍ଣାହୁତି ଦିଆଯିବ। ପ୍ରଭାତି ଅବକାଶ, ବିବିଧ ମାଙ୍ଗଳିକ ଧ୍ୱନି, ମଙ୍ଗଳାରୋପଣ, ଚତୁର୍ବେଦୀୟ ଶାନ୍ତିସୁକ୍ତ, ଗୀତା, ଗୀତାଗୋବିନ୍ଦ ସ୍ତବ ସ୍ତୋତ୍ରାଦି ପାଠ, ଚଣ୍ଡୀ ବେଦାନ୍ତୋପନିଷଦ ପାଠ, ଆରତି ପରିକ୍ରମା, ସହସ୍ରାଳତି, ବ୍ରହ୍ମ ଗୋଚ୍ଛନ୍ଦ ମହାଯଜ୍ଞ ତତ୍ତ୍ୱବ୍ୟାଖ୍ୟାନ ଆଧାତ୍ମିକ ପ୍ରବଚନ, ସଂକୀର୍ତ୍ତନ ପରିକ୍ରମା, ଭଜନ ସମାରୋହ ଆଦି କାର୍ଯ୍ୟକ୍ରମ ରହିଥିବା ଆଶ୍ରମ ମୁଖ୍ୟ ମହନ୍ତ ଶ୍ରୀଧର ଦାସ ସୂଚନା ଦେଇଛନ୍ତି। ଏହି ପୁରାତନ ଧାର୍ମିକ ଅନୁଷ୍ଠାନ ଅସୁରକ୍ଷିତ ହୋଇପଡ଼ିଛି। ଏହି ଆଶ୍ରମ ଚତୁଃପାର୍ଶ୍ୱରେ ପାଚେରି, ରୋଷଶାଳା, ପ୍ରସାଦ ସେବନ ମଣ୍ଡପ, ଶ୍ରୀଚୈତନ୍ୟ ଦେବ ପାଣି ପିଇଥିବା ଦହିଖିଆ ଗଣ୍ଡରେ ଏକ ସ୍ଥାୟୀ ନଦୀଘାଟ ପାଇଁ ଯଜ୍ଞ କମିଟିର ବରିଷ୍ଠ କର୍ମକର୍ତ୍ତା ଭିକାରୀ ପରିଡ଼ା, ଆନନ୍ଦ ପରିଡା ଓ ପ୍ରଭାକର ସ୍ୱାଇଁ ପ୍ରମୁଖ ଦାବି ଜଣାଇଛନ୍ତି।


କଣ୍ଟାବଣିଆରେ ଥିବା ବିଶାଳ ଯଜ୍ଞ ମଣ୍ଡପ।

ଧରିତ୍ରୀ
DHARITRI
ଗୁରୁବାର, ଫେବୃୟାରୀ ୧୪, ୨୦୧୯



# ହିପ୍ ପ୍ରତ୍ୟାରୋପଣ: କ୍ଷତିଗ୍ରସ୍ତଙ୍କୁ ମିଳିବ କ୍ଷତିପୂରଣ

ଭୁବନେଶ୍ୱର,୧୩।୨(ବ୍ୟୁରୋ)

ହିପ୍ ପ୍ରତ୍ୟାରୋପଣ ପରେ କ୍ଷତିଗ୍ରସ୍ତ ହୋଇଥିବା ରୋଗୀଙ୍କୁ ଏଣିକି କ୍ଷତିପୂରଣ ପ୍ରଦାନ କରାଯିବ। ହିପ୍ ପ୍ରତ୍ୟାରୋପଣ କ୍ଷେତ୍ରରେ ବ୍ୟବହୃତ ସାମଗ୍ରୀର ମାନ ପରଖିବା ଏବଂ କ୍ଷତିଗ୍ରସ୍ତ ରୋଗୀଙ୍କୁ କ୍ଷତିପୂରଣ ଦେବା ପାଇଁ ରାଜ୍ୟ ସରକାର ଏକ ୫ଜଣିଆ ବିଶେଷଜ୍ଞ କମିଟି ଗଠନ କରିଛନ୍ତି। ଉକ୍ତ କମିଟିରେ ଏସ୍‌ସିବି ମେଡିକାଲ କଲେଜର ଅସ୍ଥିଶଲ୍ୟ ବିଭାଗ ପ୍ରଫେସର ଡା. ଆର୍‌.ଏନ୍‌. ଜେନା, ଏମ୍‌କେସିଜି ମେଡିକାଲ କଲେଜର ଅସ୍ଥିଶଲ୍ୟ ବିଭାଗ ପ୍ରଫେସର ଡା. ଏ.କେ. ମିଶ୍ର, ଏସ୍‌ସିବି ମେଡିକାଲ କଲେଜର ରେଡିଓ ଡାଇଗ୍ନୋସିସ୍ ବିଭାଗ ପ୍ରଫେସର ଜୟଶ୍ରୀ ମହାନ୍ତି, ରାଜ୍ୟ ସହକାରୀ ଭେଷଜ ନିୟନ୍ତ୍ରକ ଅରୂପ ଚାଟାର୍ଜୀ ଓ ରାଜ୍ୟ ଭେଷଜ ନିୟନ୍ତ୍ରକ ମାମିନା ପଟ୍ଟନାୟକ ରହିଛନ୍ତି।

**ଅନୁଧ୍ୟାନ ପାଇଁ ୫ ଜଣିଆ ବିଶେଷଜ୍ଞ କମିଟି ଗଠିତ**

ରୋଗୀମାନେ ଯୁକେ କମ୍ପାନୀର ଏଏସ୍‌ଆର୍ ହିପ୍ ପ୍ରତ୍ୟାରୋପଣ କରିବା ପରେ କି ପ୍ରକାର ସମସ୍ୟାର ସମ୍ମୁଖୀନ ହୋଇଛନ୍ତି, ଏହି କମିଟି ତାହାର ଅନୁଧ୍ୟାନ କରିବ। ବିଶେଷକରି ପ୍ରତ୍ୟାରୋପଣ ପରେ ଯେଉଁମାନେ ଦିବ୍ୟାଙ୍ଗ ହୋଇଯାଇଛନ୍ତି, ସେମାନଙ୍କର ଯାଞ୍ଚ ହେବ। ସେହିପରି ପ୍ରତ୍ୟାରୋପଣ ପରେ ରୋଗୀମାନେ ଅନ୍ୟ କେଉଁ ପ୍ରକାର ଶାରୀରିକ ସମସ୍ୟାରେ ରହିଛନ୍ତି, ତାହା ମଧ୍ୟ ଦେଖାଯିବ ବୋଲି ଜଣାପଡ଼ିଛି। କମିଟିର ସୁପାରିସ ଆଧାରରେ ପ୍ରତ୍ୟାରୋପଣରେ କ୍ଷତିଗ୍ରସ୍ତ ରୋଗୀମାନେ କ୍ଷତିପୂରଣ ପାଇପାରିବେ। ରୋଗୀମାନଙ୍କର ପ୍ରଥମ ଏଏସ୍‌ଆର ହିପ୍ ପ୍ରତ୍ୟାରୋପଣ ଭାରତରେ ହୋଇଥିବ କିମ୍ବା ୨୦୦୬ ମସିହା ପରେ ଏହା କରାଯାଇଥିବ। ଏଥିସହିତ ରୋଗୀ ଜଣକ ପ୍ରଥମ ଅପରେଶନ ହେବାର ୧୦ବର୍ଷ ମଧ୍ୟରେ ଏଏସ୍‌ଆର ପ୍ରତ୍ୟାରୋପଣ କରିଥିବେ କିମ୍ବା ପ୍ରଥମ ଅପରେଶନର ୧୦ରୁ ୧୫ବର୍ଷ ମଧ୍ୟରେ ତାଙ୍କର ପ୍ରତ୍ୟାରୋପଣ ହୋଇଥିବ। ଏହିସବୁ ରୋଗୀ ରାଜ୍ୟ ଭେଷଜ ନିୟନ୍ତ୍ରକଙ୍କ ଜରିଆରେ କେନ୍ଦ୍ରୀୟ କିମ୍ବା ରାଜ୍ୟ ବିଶେଷଜ୍ଞ କମିଟି ନିକଟରେ ଆବେଦନ କରିପାରିବେ। ଏହାପରେ କେନ୍ଦ୍ରୀୟ କମିଟି ରାଜ୍ୟ ବିଶେଷଜ୍ଞ କମିଟିର ସହାୟତାରେ କ୍ଷତିପୂରଣ ରାଶି ସ୍ଥିର କରିବେ। ଏ ନେଇ କେନ୍ଦ୍ରୀୟ ଭେଷଜ ନିୟନ୍ତ୍ରକଙ୍କୁ ଅବଗତ କରାଯିବ। ଏହାପରେ କେନ୍ଦ୍ରୀୟ ଭେଷଜ ନିୟନ୍ତ୍ରକଙ୍କ ପକ୍ଷରୁ କ୍ଷତିପୂରଣ ପ୍ରଦାନ ନେଇ ଆଦେଶ ପ୍ରକାଶ ପାଇବ।

# ଏସ୍‌ସିବିରେ ୨ ସ୍ୱାଇନ୍ ଫ୍ଲୁ ରୋଗୀ

କଟକ ଅଫିସ, ୧୩।୨

ଏସ୍‌ସିବି ମେଡିକାଲକୁ ବୁଧବାର ୨ ଜଣ ସ୍ୱାଇନ୍ ଫ୍ଲୁ ରୋଗୀ ଆସିଛନ୍ତି। ସେମାନେ ହେଲେ ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଅଞ୍ଚଳର ପ୍ରଦୀପ ତ୍ରିପାଠୀ (୬୦) ଓ କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଅଞ୍ଚଳର ନିରଞ୍ଜନ ଭଞ୍ଜ(୪୨)। ସେମାନେ ଭୁବନେଶ୍ୱର ଓ କଟକର ଦୁଇ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେଠାରୁ ଏସ୍‌ସିବିକୁ ସ୍ଥାନାନ୍ତର ହେବା ପରେ ଉଭୟଙ୍କୁ ମେଡିକାଲର ଆଇସୋଲେଶନ ୱାର୍ଡରେ ରଖି ଚିକିତ୍ସା କରାଯାଉଛି। ତେବେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ପଲ୍‌ମନାରୀ ମେଡିସିନ ବିଭାଗର ବରିଷ୍ଠ ପ୍ରଫେସର ଡାକ୍ତର ମନୋରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି।


## ODISHA HYDRO POWER CORPORATION LTD.
(A Government of Odisha Undertaking)
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
At/PO: Bariniput, Dist: Koraput-764006, Phone: (06854) 242001, Fax: (06854) 242038, e-mail: sgmel_ukhep@ohpcltd.com

No. OHPC: SGM: UKHEP: Tech:/ /Dated, Bariniput the

NOTICE INVITING TENDER No. UKHEP-41/2018-19 Dated: 12.02.2019

No.CAD-1416:- Sealed tenders are invited in sealed envelopes from Manufacturers/ Authorized dealers for "Supply and Installation of CCTV cameras with accessories at different locations of Power House, Office Premises of UKHEP, Bariniput".

| Sl. No. | Description of materials | Cost of tender paper | EMD in Rs. |
|---|---|---|---|
| 1 | Supply and Installation of CCTV cameras with accessories at different locations of Power House Office Premises of UKHEP, Bariniput | Rs. 2360/- | 1% of quoted value |

Sale of tender paper : From 21.02.2019 to 13.00 hrs. of 07.03.2019
Last date of submission of tender : Up to 16.00 hrs. of 07.03.2019
Date & Time of opening of tender : At 16.30 hrs. of 07.03.2019
For details of the tender documents, terms and conditions please visit our website www.ohpcltd.com.

04002/11/0096/1819 Sd./- Unit Head, UKHEP, Bariniput

## OFFICE OF THE CHILD DEVELOPMENT PROJECT OFFICER, TIHIDI
Letter No. 112 // ICDS dated 12.02.19

TENDER CALL NOTICE

Sealed tenders are invited from the intending Local registered firms within Bhadrak District for supply of stationery articles/ equipments to Anganwadi centers under ICDS Project Tihidi. The tenderers shall have to drop tenders into sealed Tender Box kept in office of the CDPO, Tihidi from dt. 12.02.2019 to 27.02.2019 in any working day from 10.00 AM to 2.00 PM and upto 1.00 PM of dt. 27.02.2019 and will be opened on the same day i.e. 27.02.2019 at 3.00 PM in the Resient office of the Sub-Collector, Bhadrak in presence of the Tender Committee members and tenderers or their representatives. The details regarding tender form, terms & conditions & list of item can be obtained from the office of the CDPO, Tihidi on payment of Rs. 500/- (Rupees Five Hundred) only towards cost of the tender paper from dt. 12.02.2019 to 27.02.2019 in any working day from 10.00 AM to 2.00 PM. The cost of the tender paper is non refundable.

Notwithstanding anything else contained to the contrary in this tender document, CDPO reserves right to cancel/ withdraw/ modify or reject any or all the tenders without assigning any reason thereof.

Sd./-
CDPO, Tihidi

## OFFICE OF THE EXECUTIVE ENGINEER RURAL WATER SUPPLY AND SANITATION DIVISION, CUTTACK
MAHANADIBIHAR, CUTTACK-753004
Telephone: 0671-2441619, e-mail: eerwss_ctc1@nic.in
Govt. of Odisha e-procurement Notice
Bid Identification No. rwssctc-26/2018-19

No.1678-O:- The Executive Engineer, RWS&S Division, Cuttack on behalf of Governor of Odisha invites percentage bid through e-procurement double cover system according to norm of e-procurement.

| | | | |
|---|---|---|---|
| 1. | Nature of work | : | Shifting of water supply utilities of ARC, CBT |
| 2. | No. of tenders | : | 1 No. |
| 3. | Tender Paper Cost | : | Rs. 10,000/- |
| 4. | Value of Work | : | Rs. 174.87 Lakhs |
| 5. | Class of Contractor | : | "B" & "A" Class |
| 6. | Date and time of availability of bid document in portal | : | 11 hour of 14.02.2019 to 23.02.2019 upto 17 hours. |
| 7. | Date & time of seeking tender clarification | : | 21.02.2019 upto 17 hours. |
| 8. | Date & time of opening of tender | : | 25.02.2019 at 11.30 hours in the office of the Executive Engineer, RWS&S Division, Cuttack. |
| 9. | Time of completion | : | 90 days. |
| 10. | The bidders have to participate in online bidding only. Further details can be seen from the website https://www.tendersorissa.gov.in. | | |

Sd./- Executive Engineer, RWSS Division, Cuttack
25022/11/0061/1819

## DISTRICT EDUCATION OFFICE, NUAPADA
MID DAY MEAL SCHEME
No. 1364/ DPMU Date 12.02.2019

TENDER CALL NOTICE

Sealed tenders are invited in the prescribed forms from the intending Individuals/ Firms/ Transporting Agent having valid Common carrier License for engagement of Transporting Agent under MDM Programe for transportation of foodstuff (Rice) from OSCSC Ltd godown to School points of Nuapada District for the year 2019-20. The Tender Paper containing detail Terms & Conditions can be downloaded from the district website http//www.nuapada.nic.in. The cost of tender paper is Rs. 10,000/- (Rupees Ten Thousand) only which is to be deposited in shape of Demand Draft in favour of District Education Officer, Nuapada and enclosed in the technical bid of the tender. The cost of tender paper is non-refundable. The Tender Paper complete in all respect along with other required documents should be submitted in sealed cover superscripted as "TENDER FOR UNDERTAKING TRANSPORTATION WORK UNDER M.D.M. PROGRAMME OF NUAPADA DISTRICT DURING 2019-20" to the address of the District Education Officer, Nuapada either by Registered or Speed Post only so as to reach on or before 04.00 PM of 26.02.2019. The Tender shall be opened on dt. 27.02.2019 at 03.00 PM. The tender received beyond the scheduled date & time and incomplete tenders shall not be taken into consideration. This office will not be responsible for any postal delay.

The undersigned reserves the right to reject any or all the tenders without assigning any reason thereof.

Sd./- Collector, Nuapada

## GOVERNMENT OF ODISHA OFFICE OF THE SUPERINTENDING ENGINEER BALANGIR (R&B) CIRCLE, BALANGIR
Mail ID: sepwdbalangir@gmail.com, Fax/Ph. No.: 06652-231866

No.1262-B:- e- Procurement Notice

BID IDENTIFICATION No: SE(R&B) BGR/17/2018-19
No. 375 Dtd. 12.02.2019

| | | | |
|---|---|---|---|
| 1. | The Superintending Engineer, Bolangir (R&B) Circle, Bolangir on behalf of Governor of Odisha invites percentage rate bid in double cover system in ONLINE MODE for the construction of works detailed in the table below from B & A Class Contractors registered with the State Governments and Contractors of equivalent Grade/ Class registered with Central Government/ MES/ Railways for execution of Civil works. The proof of registration from the appropriate authority shall be enclosed along with the bid. | | |
| 2. | Nature of Work | : | Building work. |
| 3. | No. of tender | : | Bulilding-02 Nos. |
| 4. | Tender Cost | : | Rs. 10,000/- |
| 5. | Class of Contractor | : | "B" & "A" Class. |
| 6. | Date & Time of sale & Receipt of Bids | : | From Dt. 21.02.2019, 10.00 AM to Dt. 07.03.2019 upto 05.00 PM |
| 7. | Date of opening of Bid | : | Dt. 11.03.2019 at 11.30 AM. |
| 8. | The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future corrigendum will be available on ONLINE MODE only. | | |

Sd./- Superintending Engineer Balangir (R&B) Circle, Balangir
34131/11/0046/1819

## FAKIR MOHAN UNIVERSITY
Vyasa Vihar, Balasore-756020
Letter No. FMU- R&D-141/2018.806 Date.13.02.19

Tender Call Notice

Sealed Tenders are invited from the Manufacturers/ Authorized Distributors or Dealers/ Suppliers / Firms with PAN card and GSTIN for Supply of Glass Door Almirah, Godrej Table, Godrej Almirah,, Computer Table and Mathematica Software for UGC Sponsored Start Up Grant Project. Tender Paper with Specification of the items for the Project can be obtained from Fakir Mohan University Website www.fmuniversity.nic.in. The tender should reach to Dr. Bibekananda Nayak, Asst. Professor, Department of Applied Physics & Ballistics, F.M. University (Old Campus), Blalasore- 756019 by 3 PM of 26.02.2019 through Speed Post/ Registered Post. The tenders will be opened on 26.02.2019 at 4 PM. The authority reserves right to accept / cancel any / all tenders (S) without any reason thereof.

Sd./-
(Principal Investigator)

## ସୁବର୍ଣ୍ଣପୁର ପୌର ପରିଷଦ କାର୍ଯ୍ୟାଳୟ, ସୁବର୍ଣ୍ଣପୁର
ନୋଟିସ ନଂ. ୩୨୦ ତା. ୧୩।୦୨।୧୯

ସର୍ବସାଧାରଣ ନୋଟିସ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସୁବର୍ଣ୍ଣପୁର ପୌର ପରିଷଦ ଅଧୀନସ୍ଥ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକର ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି। ଯେଉଁମାନେ ଏଥିରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ସେମାନେ ଆସନ୍ତା ତା୨୦।୦୨।୨୦୧୯ ପୂର୍ବାହ୍ନ ୫.୦୦ ଘଣ୍ଟା ସୁଦ୍ଧା ଜଉମୁଦ ଟେଣ୍ଡର ଦେଇପାରିବେ। ଟେଣ୍ଡରରେ ଭାଗନେବା ବ୍ୟକ୍ତି କାର୍ଯ୍ୟାଳୟରୁ ଟେଣ୍ଡର ଫର୍ମ ଓ ଟେଣ୍ଡର ସମ୍ବନ୍ଧୀୟ ତଥ୍ୟ ଟ.୧୦୦/-ଙ୍କା ଦାଖଲ କରି ତା.୨୦।୦୨।୨୦୧୯ ଦିବା ଘ.୧.୦୦ ପର୍ଯ୍ୟନ୍ତ ପାଇପାରିବେ। ଜଉମୁଦ ଟେଣ୍ଡରରେ ଭାଗନେବା ବ୍ୟକ୍ତି ନିର୍ଦ୍ଧାରିତ ମୂଲ୍ୟର ୩୦ ପ୍ରତିଶତ ଅମାନତ ଟଙ୍କା ବ୍ୟାଙ୍କ ଡ୍ରାପ ଆକାରରେ Executive Officer, Sonepur Municipality ଙ୍କ ନାମରେ ଟେଣ୍ଡର ପେପର ସହିତ ଟେଣ୍ଡର ବାକ୍ସରେ ମୁଦ ଲଫାପାରେ ପକାଇବାକୁ ଜଣାଇ ଦିଆଗଲା। ଜଉମୁଦ ଟେଣ୍ଡର ଆସନ୍ତା ତା.୨୧।୦୨।୨୦୧୯ ଦିବା ଘ.୧୧.୦୦ ସମୟରେ ଟେଣ୍ଡରଦାତା କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଖୋଲାଯିବ। ଟେଣ୍ଡରକାରୀ ଯେକୌଣସି ଟେଣ୍ଡରର ସର୍ବୋଚ୍ଚ ମୂଲ୍ୟ ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି। ସେ ଇଚ୍ଛା କଲେ ବିନା ନୋଟିସରେ କୌଣସି କାରଣ ନ ଦର୍ଶାଇ ଟେଣ୍ଡର ରଦ୍ଦ କରିପାରିବେ। ଯେଉଁ ବ୍ୟକ୍ତି ଟେଣ୍ଡର ପାଇବେ ସେ ପରିଷଦର ନିର୍ଦ୍ଦେଶ ଅନୁଯାୟୀ ତଥା ଚୁକ୍ତିପତ୍ରର ସର୍ତ୍ତାବଳୀ ମୁତାବକ ସମ୍ପତ୍ତି ପରିଚାଳନା କରିବେ। କୌଣସି ସର୍ତ୍ତ ଖିଲାପ କଲେ କିମ୍ବା ନିୟମାନୁଯାୟୀ ସୈରାତ ପରିଚାଳନା ନକଲେ ଟେଣ୍ଡର ରଦ୍ଦ କରାଯିବା ସଙ୍ଗେ ସଙ୍ଗେ ଦାଖଲ କରାଯାଇଥିବା ସମସ୍ତ ଟଙ୍କା ବାଜ୍ୟାପ୍ତି କରାଯିବ। ଏଥିପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

| କ୍ର. ନଂ | ସଇରାତର ନାମ | ଟେଣ୍ଡରର କାର୍ଯ୍ୟକାଳ | ଅଫସେଟ ମୂଲ୍ୟ | ଅମାନତ ଟଙ୍କା |
|---|---|---|---|---|
| ୧ | ଦୈନନ୍ଦିନ ବଜାର ମଝିପଡ଼ା ଓ ଦୈନନ୍ଦିନ ବଜାର ଖମ୍ବେଶ୍ୱରୀ ମନ୍ଦିର ପାଖ | ୦୧।୦୪।୨୦୧୯ରୁ ୩୧।୦୩।୨୦୨୦ | ୫,୦୦,୧୦୦/- | ୧,୫୦,୦୩୦/- |
| ୨ | ସାଇକେଲ ଷ୍ଟାଣ୍ଡ (ମଙ୍ଗଳବାର ବଜାର) | ୦୧।୦୪।୨୦୧୯ରୁ ୩୧।୦୩।୨୦୨୦ | ୮୧,୧୦୦/- | ୨୪,୩୦୦/- |
| ୩ | କଂସେଇ ଖାନା | ୦୧।୦୪।୨୦୧୯ରୁ ୩୧।୦୩।୨୦୨୦ | ୩୦,୦୦୦/- | ୯,୦୦୦/- |
| ୪ | ବସ୍‌ଷ୍ଟାଣ୍ଡ ପାର୍କିଂ (ବିଜୁ ପଟ୍ଟନାୟକ ଛକଠାରୁ ନଳିନୀ ଛକ ପର୍ଯ୍ୟନ୍ତ) | ୦୧।୦୪।୨୦୧୯ରୁ ୩୧।୦୩।୨୦୨୦ | ୨,୩୧,୧୦୦/- | ୬୯,୩୩୦/- |
| ୫ | ଶିଶୁ ଉଦ୍ୟାନ | ୦୧।୦୪।୨୦୧୯ରୁ ୩୧।୦୩।୨୦୨୦ | ୪୪,୦୦୦/- | ୧୩,୨୦୦/- |
| ୬ | ଅସ୍ଥାୟୀ ଦୋକାନ ଫି | ୦୧।୦୪।୨୦୧୯ରୁ ୩୧।୦୩।୨୦୨୦ | ୧,୨୭,୩୦୦/- | ୩୮,୧୯୦/- |
| ୭ | ପାଣି ଟାଙ୍କି | ୦୧।୦୪।୨୦୧୯ରୁ ୩୧।୦୩।୨୦୨୦ | ୧,୦୦,୦୦୦/- | ୩୦,୦୦୦/- |
| ୮ | ବିଶାଗର ବନ୍ଧ | ୦୧।୦୪।୨୦୧୯ରୁ ୩୧।୦୩।୨୦୨୦ | ୧,୯୮,୨୨୦/- | ୫୯,୪୬୬/- |

ସ୍ୱା./- ନିର୍ବାହୀ ଅଧିକାରୀ, ସୁବର୍ଣ୍ଣପୁର ପୌର ପରିଷଦ

## ରାଇଟ୍‌ସ ଲିମିଟେଡ୍
ଭୁବନେଶ୍ୱର-751006
RITES THE INFRASTRUCTURE PEOPLE

ଇ-ଟେଣ୍ଡର ଆମନ୍ତ୍ରଣ ସୂଚନା

ମେସର୍ସ ଏନ୍‌ଟିପିସି ଲିମିଟେଡ୍‌ଙ୍କ ତରଫରୁ ସମୂହ ମହାପ୍ରବନ୍ଧକ(ସିଭିଲ), ରାଇଟ୍‌ସ ଲିମିଟେଡ୍, ଭୁବନେଶ୍ୱର ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ନିମନ୍ତେ ଦୁଇ ଗୋଟି ପ୍ୟାକେଟ୍ ପ୍ରଣାଳୀରେ ଅନ୍‌ଲାଇନ୍ ଆଇଟମ୍ ଦର ବିଡ୍‌ଗୁଡ଼ିକ ଆମନ୍ତ୍ରିତ କରାଯାଉଛି :

ଏନ୍‌ଆଇଟି ନଂ. 0T/10/2018/RITES/BBSR/NTPC/TSTPS/KANIHA/UPGRADATION/PKG-II, ତା.14.02.2019ରିଖ। କାର୍ଯ୍ୟର ନାମ : "ତାଳଚେର ସୁପର ଥର୍ମାଲ ପାୱାର ଷ୍ଟେସନ୍, ତାଳଚେର, କଣିହାଁ, ପୋ: ଦୀପଶିଖା, ଜି.:ଅନୁଗୁଳ (ଓଡ଼ିଶା)-ପ୍ୟାକେଜ୍-II ରେ ସ୍ଥିତ ଲୋଡ୍ ଲାଇନ୍ (5/500 ରୁ 8/500 କି.ମି. ଏବଂ 13/100 ରୁ 17/100 କି.ମି.)ର ପାହ୍ୟାବୃଦ୍ଧି ନିମନ୍ତେ ପି.ଏସ୍.ସି. ସ୍ଲିପରର ଯୋଗାଣ।" ଆକଳିତ ମୂଲ୍ୟ (ଟଙ୍କାରେ) : 2,78,91,350/-, ଅମାନତ ରାଶି (ଟଙ୍କାରେ) : 2,78,920/-, ଶେଷ ହେବା ଅବଧି : 03 (ତିନି) ମାସ, ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.25.02.2019ରିଖ 15.00ଘଟିକା ପର୍ଯ୍ୟନ୍ତ (ଭା.ମା.ସ.)।

ବିଡ୍ ଫର୍ମ ଏବଂ ଅନ୍ୟ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ : https://etenders.gov.in ରୁ ପ୍ରାପ୍ତ କରାଯାଇ ପାରିବ। ସଂଯୋଗପତ୍ର/ ଶୁଦ୍ଧିପତ୍ର (ଯଦି ଥାଏ) କେବଳ ଅନ୍‌ଲାଇନ୍‌ରେ ପ୍ରଦର୍ଶିତ କରାଯିବ।

## ODISHA JOINT ENTRANCE EXAMINATION-2019 (OJEE - 2019)
No: OJEE-19/061 Date: 13.02.2019

CORRIGENDUM NOTICE TO TENDER ON CBT
Ref: OJEE-19/036/28/01/2019

With reference to our tender No: OJEE-19/036/28/01/2019 published on: 28-01-2019, there are amendments to certain clauses/points of the tender document, such as change in the last date of submission of the bid, opening date of the tender etc. Hence, all the concerned clauses/points may be read as per the amendments. For details, visit our website www.ojee.nic.in or www.odishajee.com.

Sd/-
Chairman, OJEE 2019

## GOVERNMENT OF ODISHA "e" - PROCUREMENT NOTICE
OFFICE OF THE NOTIFIED AREA COUNCIL, DASPALLA
Tender Call Notice
E-mail: nacdaspalla@gmail.com
Bid Identification No. NAC - Daspalla/06/2018-19

The Executive Officer, NAC, Daspalla, Dist - Nayagarh inviting Percentage Rate Bid in online mode for the works as detailed in the table from eligible Contractors for Construction of Roads, Drain, Guard Wall etc. Work as detailed in the table below:

1. Nature of Work : As per DTCN.
2. No of Work : 21 Nos.
3. Tender Cost : To be remitted online through a process as mentioned in DTCN.
4. Class of Contractor : As mentioned in DTCN
5. Available of Bid Document in the Website : From Dt.14.02.2019 10.00 AM. to Dt.25.02.2019 Up to 5.00 PM.
6. Date of opening of Bid : Dt.26.02.2019 at 11.00 AM.
7. The Bidders have to Participate in ONLINE bidding only. Further details can be seen from the website: https://tenderodisha.gov.in. Any Addendum / Corrigendum/ Cancellation of tender can also be seen in the said website.

Sd./- Executive Officer, NAC, Daspalla.

## GANGADHAR MEHER UNIVERSITY
AMRUTA VIHAR, SAMBALPUR-768004
NOTICE
No.994 / GMU Date.13.02.2019

TENDER CALL NOTICE

Gangadhar Meher University, Sambalpur invites sealed tenders in two - bid system ( Technical and Financial bid) from the Registered and reputed Firms / Manufactures / Authorised Dealers / suppliers for Supply of Equipment to Different Departments of G.M. University to be purchased under the RUSA Grant. The interest Firm may submit their sealed tenders super-scribing " Tender for Supply of Equipment Under RUSA Grant to Different Departments of G.M University, Sambalpur" addressed to the Registerar, G.M. University, Amruta Vihar, Sambalpur-768004 by Speed Registered Post only on or before 3.00 PM. of 06.03.2019 Positively.

The authority reserves the right to accept or reject any or all the tenders without assigning any reason thereof. Any changes this tender call Notice will only be Notified in the University website. For more details please visit the University website www.gmuniversity.ac.in.

Sd./- REGISTRAR, GANGADHAR MEHER UNIVERSITY, SAMBALPUR

## GOVERNMENT OF ODISHA "E" PROCUREMENT NOTICE FOR BUILDING WORKS
Bid Identification No. 26 / 2018-19
No. 1666-O

| | | |
|---|---|---|
| 1 | Name of the Work | 1 No of Building Work (As per col.2 Of Annexture available in the Portal) |
| 2 | Estimated Cost | Rs 60.28 Lakh |
| 3 | Period of Completion | 9 Months |
| 4 | Date & Time of availability of Bid document | From Dt.15-02-2019 at 10.00 A.M.to Dt.01-03-2019 up to 4.00 P.M. |
| 5 | Last Date & Time for receipt of Bids in the Portal | From Dt.15-02-2019 at 10.00 A.M.to Dt.01-03-2019 up to 4.00 P.M. |
| 6 | Date & Time of Opening of Tender | Dt. 02-03-2019 at 11.00 A.M. |
| 7 | Date & Time of financial bid Opening of Tender | Dt. 06-03-2019 at 11.00 A.M. |
| 8 | Name and Address of O.I.T | Executive Engineer, R.W Division, Bhadrak |

Further details can be seen from the e-procurement portal "https://tendersorissa.gov.in. "

Sd/-Er. Manas Ranjan Mohanty Executive Engineer, R.W. Division, Bhadrak
25060/11/0022/1819

## COLLECTORATE : MALKANGIRI (ST & SC DEV Section)
By Special Messenger / e-mail
Letter No.253 /XX-2/19 Dated.11.02.2019

TENDER CALL NOTICE FOR PROCUREMENT OF R.O, WATER PURIFIER

Sealed Tender in plain Paper are invited from the intending Firms / Authorised Distributors / Authorised Dealers / Rate Contract holders / agencies / Reputed manufactures to quote their Rate of Supply of R.O Water Purifier for School and Hostels running under ST & SC Dev Department of Malkangiri.

The last Date for Submission of tender Paper is on or before 25.02.2019 by 05.00 PM. through Registered Post/ Speed Post only.

The detail information regarding Submission of Tender Call Notice & terms & conditions is available in the District website i.e. www.malkangiri.nic.in of malkangiri District as well as Notice Board of Collectorate, ST & SC Dev Section Malkangiri.

By order of Collector
District, Welfare Officer, Malkangiri

## नालको NALCO
National Aluminium Company Limited
(A Government of India Enterprise)
P/1, Nalco Bhawan, Nayapalli,Bhubaneswar - 751 013, Odisha
CIN : L27203OR1981GOI000920
A NAVRATNA COMPANY
ISO 9001 Company

NOTICE INVITING TENDER
(Domestic Competitive Bidding)

NIT No. 11.80.Q7F0.03 Date : 01.02.2019

MECON Limited, Ranchi on behalf of National Aluminum Company Ltd., Bhubaneswar, invites tenders under open single stage two part bid system for the work of Design, Engineering, Supply, Erection, Testing, Commissioning and PG tests for "Cooling Tower and Piping Network" at Smelter plant of NALCO at Angul, Odisha, India. For query, email at jsarkar@meconlimited.co.in. Downloading from Website : From 02.02.2019 to 06.03.2019, Last date & time of submission of tender : 06.03.2019 by 15.00 Hrs. (IST), Date & time of opening of tender : 08.03.2019 at 11.00Hrs. (IST). Please visit website www.eprocure.gov.in, for downloading tender documents and submission of offers. Any updates/ amendments / extension of the NIT shall only be hosted in above website. NIT is also uploaded in www.nalcoindia.com and www.meconlimited.com

Jt. General Manager (NFD & Mineral Projects) MECON LIMITED, Ranchi

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KALAHANDI (DISTRICT PROGRAMME MANAGEMENT UNIT)
E-MAIL: dpmukalahandi@gmail.com
Advt. No.524 Date.12.02.2019

Cancellation Notice for Walk in Interview

No.882-E:- The advt. Published for walk-in interview of different Post Viz. Medical Officer under NPCDCS (District NCD Clinic), MO MBBS- DEIC, Medical Officer - NMHP, Medical Officer - SNCU, Ayush Doctor (RBSK), Pharmacist (RBSK), Block Data Manager / Data Entry Operator under Zilla Swasthya Samiti, Kalahandi is hereby cancelled due to unavoidable circumstances.

Sd./- CDM & PHO, Kalahandi
Chief District Medical & Public Health Officer (CDM & PHO), Kalahandi
10076/11/0025/1819

## SAMBALPUR UNIVERSITY JYOTIVIHAR, BURLA SAMBALPUR (ODISHA), PIN-768019
(NAAC Accredited with 'A' Grade) Website : www.suniv.ac.in
No. 770/Store Dated : 09.02.2019

QUOTATION CALL NOTICE

Sealed quotations are invited from the intending registered firms / authorized dealers / manufactures for supply of Desktop Computer / mfp Printer / Photocopier / Interactive Projector with Screen / Split A.C. with stabilizer/ Audio System/ C.C. T.V. Camera to University Career Counselling Cell. The detail list of items, terms and conditions / specifications can be had from the University officer. (Store & Purchase Section) in person on working days during office hour or from university website :- "www.suniv.ac.in". The sealed quotation should accompany with copy of latest GST Registration Certificate, PAN CC and reach the Store Section on or before Dt. 21.02.2019 by post only which will be opened on the same day at 03.00 P.M. in presence of the quotationers or their authorized representatives. The quotation cover should be superscribed with the words "Quotation for Supply of Different Items for CCC of University".

Sd./- Registrar

## OFFICE OF THE EXECUTIVE ENGINEER RWSS DIVISION, BHUBANESWAR
PLOT NO. 1214 (P), AT : TAPOVAN
P.O: KHANDAGIRI, BHUBANESWAR – 30
Tel- (0674) 2384108, E-Mail: eerwss_bbsr@nic.in
No. 1648-O

Govt. of Odisha e-Procurement Notice
Bid Identification Notice No.56 of 2018-19

The Executive Engineer, RWS&S Division, Bhubaneswar on behalf of Governor of Odisha invites percentage bid though e-procurement in double cover system according to norm of e-procurement.

| | | | |
|---|---|---|---|
| 1. | Nature of Work | | Supplying all labour , material T&P for laying of rising main and Distribution pipe line of HDPE/GI/DI, construction of pump house, compound wall, RCC ESR, UGR,SV chamber, Stand post with other ancillary works. For water supply schemes under Khordha District |
| 2. | No. of Tender | | 2 Nos. |
| 3. | Tender Paper Cost | | Rs. 10000.00 |
| 4. | Value of Work | | From 178.00 Lakhs to 199.00 lakhs |
| 5. | Class of Contractor | | "B" & "A" |
| 6. | Date & time of availability of Bid document in portal | | 17.02.2019 4.00 P.M. to 28.02.2019 Up to 3.00 P.M. |
| 7. | Date & Time of seeking tender clarification | | 19.02.2019 4.00 P.M. to 23.02.2019 Up to 3.00 P.M. during office hour |
| 9. | Date & Time of opening of tender | | 01.03.2019 at 11.00 A.M. in the O/O E.E., RWSS Divn., Bhubaneswar |
| 10. | Time of Completion | | 90 days TO 180 days |
| 11. | The bidders have to participate in online bidding only. Further details can be seen from the web site : https://www.tendersorissa.gov.in. corrigendum if any shall only be published above web site | | |
| 12. | The Bid cost and EMD to be deposited through online | | |

EXECUTIVE ENGINEER RWS&S DIVISION, BHUBANESWAR
25011/11/0038/1819

## OFFICE OF THE DIRECTOR, EXPORT PROMOTION AND MARKETING, ODISHA
RAPTANI BHAWAN,FIRST FLOOR, NAYAPALLI, BHUBANESWAR, TEL: 0674-2552675, FAX: 0674-2555268, E-mail: depmodisha@gmail.com, Website- depmodisha.nic.in
GOVT OF ODISHA
MSME DEPARTMENT
SHORT TENDER CALL NOTICE
No. IIEMQC-18/2018- 1142/EPM, Date-12.02.2019

No.20-h:- Sealed tenders are invited from the reputed Manufacturers/ Authorized dealers having registration under GST Act for supply of Testing Machines & Equipments (as specified at Annexure-A) for testing of samples for the year 2018-19 for different Testing Laboratories under the administrative control of Directorate of Export Promotion & Marketing, Odisha, Bhubaneswar. The sealed tenders should be reached to the Joint Director (Rate Contract), Directorate of Export Promotion & Marketing, Odisha, 1st Floor, Raptani Bhawan, Nayapalli, Bhubaneswar-751015 by speed post only on or before 21.02.2019 by 5.00PM. Tender will be opened on 22.02.2019 at 11.30 A.M. in the presence of the tenderers or their authorized representatives at the Directorate of Export Promotion and Marketing, Odisha, Nayapalli, Bhubaneswar.

Tender documents containing terms & conditions with detail specification of the testing machines & equipments can only be downloaded from the website- www.depmodisha.nic.in. Tenderers shall have to submit a Bank draft of Rs 600/-along with the tender documents drawn in favour of Director, Export Promotion and Marketing, Odisha payble at Bhubaneswar, in a separate envelope superscribing "TENDER DOCUMENT FEE".

The undersigned reserves the right to accept or reject any or all tenders in full or parts without assigning any reason thereof.

Sd./- DIRECTOR
EXPORT PROMOTION AND MARKETING, ODISHA, BHUBANESWAR
14007/11/0014/1819


ରିୟା

# ସତ ହେଲା ଆକଳନ

ଚରିତ୍ର ପୌରାଣିକ ଏବଂ କାହାଣୀ ସାମାଜିକ। ଏପରି ଏକ ମଜାଦାର ବିଷୟବସ୍ତୁକୁ ଓଡ଼ିଆ ଚଳଚ୍ଚିତ୍ରର ରୂପ ଦେଇଛନ୍ତି ନବାଗତ ପ୍ରଯୋଜକ ପ୍ରଦୀପ୍ତ ପ୍ରକାଶ ଆଚାର୍ଯ୍ୟ। ଏହାର ଟାଇଟଲ ରହିଛି 'ପ୍ରେମ ପାଇଁ ମହାଭାରତ'। ନିକଟରେ ରିଲିଜ୍ ହୋଇଥିବା ଏହି ଫିଲ୍ମଟି ଦର୍ଶକଙ୍କ ମନକୁ ଛୁଇଁବ ବୋଲି ଆକଳନ କରିଥିଲେ ପ୍ରଯୋଜକ, ଯାହା ସତରେ ପରିଣତ ହୋଇଛି। ପ୍ରଥମ ଚଳଚ୍ଚିତ୍ରର ସଫଳତାରେ ପ୍ରଯୋଜକ ପ୍ରଦୀପ୍ତ କହନ୍ତି,'ଏହି ଫିଲ୍ମରେ କେବଳ ଲଭ୍ ନୁହେଁ, କମେଡି ଆକ୍ସନ ଭରି ରହିଛି। ପରିସ୍ଥିତିରେ ପଡ଼ି ଜଣେ ଝିଅକୁ ବଞ୍ଚାଇଥିବା କିଛି ଯୁବକଙ୍କ ମଧ୍ୟରୁ ତାକୁ କିଏ ବାହା ହେବ, ସେଥିପାଇଁ ଏକ ପ୍ରତିଯୋଗିତା ଲାଗିଛି। ତେବେ ଏହି ପ୍ରେମ ପାଇଁ ସୃଷ୍ଟି ହୋଇଥିବା ମହାଭାରତର ପରିଣାମ କ'ଣ ହେଉଛି, ତାହା ପରଦାରେ ଦେଖିବାକୁ ମିଳିଛି। ଖାସ୍ କଥା ହେଲା, ଓଡ଼ିଆ ଦର୍ଶକଙ୍କ ପାଇଁ ସୁନ୍ଦର ସିନେମାଟିଏ ନିର୍ମାଣ କରିବା ମୋର ଏକ ସ୍ୱପ୍ନ ଥିଲା, ଯାହା ପୂରଣ ହୋଇଛି। ଅନ୍ୟପକ୍ଷରେ ଦର୍ଶକ ମୋ ଫିଲ୍ମଟିକୁ ଯେଉଁଭଳି ଭାବରେ ଗ୍ରହଣ କରିଛନ୍ତି, ସେମାନଙ୍କୁ ଧନ୍ୟବାଦ ଦେବାକୁ ମୋ ନିକଟରେ ଭାଷା ନାହିଁ। ପ୍ରଯୋଜକ ଭାବରେ ମୁଁ ମୋ ଦାୟିତ୍ୱ ତୁଲାଇଛି। ସେପଟେ ନିର୍ଦ୍ଦେଶନା, ଅଭିନୟ ସହ ଜଡ଼ିତ ବ୍ୟକ୍ତିମାନେ କମ୍ ପରିଶ୍ରମ କରିନାହାନ୍ତି। ଫିଲ୍ମର ସଫଳତା ପାଇଁ ଅଭିଜିତ୍ ମଜୁମ୍‌ଦାରଙ୍କ ସଙ୍ଗୀତର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।' ନିରଞ୍ଜନ ବେହେରାଙ୍କ ନିର୍ଦ୍ଦେଶନାରେ ଏହାର ବିଭିନ୍ନ ଭୂମିକାରେ ସମ୍ବିତ୍, ରିୟା, ସମରେଶ, ବବି ମିଶ୍ର, ଶ୍ରୀତମ ଦାସ, ପିଣ୍ଟୁ ନନ୍ଦ, ପୁପିନ୍ଦର, ବିଜୁ ବଡ଼ଜେନା, ଗୁଚ୍ଛୁ ପ୍ରମୁଖ ଅଭିନୟ କରିଛନ୍ତି। ପ୍ରଥମ ଫିଲ୍ମର ସଫଳତା ପରେ ପ୍ରଦୀପ୍ତ 'ୱାଇଫ୍ ମୋ ଲାଇଫ୍' ଟାଇଟଲବିଶିଷ୍ଟ ଆଉ ଏକ ସିନେମା ନିର୍ମାଣ କରିବାକୁ ଯାଉଛନ୍ତି। ମଳୟ ମିଶ୍ରଙ୍କ ସ୍ୱର ସଂଯୋଜନାରେ ଏହାର ଗୀତ ରେକର୍ଡିଂ ଶେଷ ହୋଇଛି। ଚିତ୍ରର କାଷ୍ଟିଂ କାମ ଚାଲୁରହିଛି ଏବଂ ଖୁବ୍‌ଶୀଘ୍ର ଅବଶିଷ୍ଟ କାମ ଶେଷହୋଇ ଶୁଟିଂ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ପ୍ରଯୋଜକ।

## ଅଳ୍ପରେ...

❖ ନିର୍ମିତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ଭାଲେଣ୍ଟାଇନ୍-ଦ ମେମୋରେବଲ୍ ଡେ'। ଫିଲ୍ମର କାହାଣୀ, ଚିତ୍ରନାଟ୍ୟ ରଚନା ସହ ନୃତ୍ୟ ଏବଂ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଉଛନ୍ତି ସମ୍ବିତ୍ କୁମାର।

❖ ସଞ୍ଜୟ ନାୟକଙ୍କ ନିର୍ଦ୍ଦେଶନାରେ 'ଆସିବି ପୁଣି ମୁଁ ବସୁଧା ଚିରି'ର ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି।

❖ ନୀଳମାଧବ ପଣ୍ଡାଙ୍କ ନିର୍ଦ୍ଦେଶନାରେ ଓଡ଼ିଆ ସିନେମା 'ବିଜୁବାବୁ'ର ଶୁଟିଂ ଚାଲୁ ରହିଛି। ଏଥିରେ ଏକ ଚ୍ୟାଲେଞ୍ଜିଂ ଚରିତ୍ରରେ ଅବୀତର୍ଣ୍ଣ ହୋଇଛନ୍ତି ଅନୁଭବ ମହାନ୍ତି।

❖ ଅଶ୍ୱିନୀ ଗଡ଼ନାୟକଙ୍କ ନିର୍ଦ୍ଦେଶନାରେ କମେଡି ଫିଲ୍ମ 'ହୀରାଲାଲ୍ ମୋତିଲାଲ୍'ର ଶୁଟିଂ ଚାଲୁ ରହିଛି। ଖାସ୍ କଥା ହେଲା, ଏଥିରେ ଛଅଜଣ ନାୟିକା ଅମ୍ରିତା, ଦିଶା, ପ୍ରଜ୍ଞା ପ୍ରଧାନ, ରୋଜି, ପୁଷ୍ପା, ଲକ୍ଷ୍ମୀ ଓଡ଼ିଆ ସିନେମାରେ ନିଜ ନିଜ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ଚିତ୍ରଟିର ପ୍ରଯୋଜନା କରିଛନ୍ତି ସଚ୍ଚିକାନ୍ତ ଜେନା।

## ବେଡ୍‌ରୁମ୍ ସିନ୍ ପାଇଁ..

କ୍ୟାଟ୍ରିନା ଏବେ ଅଡୁଆରେ ପଡ଼ିଯାଇଛନ୍ତି। କଥାଟି ଏମିତି ହୋଇଛି ଯେ, ଏଣୁ ମାରିଲେ ଗୋ ହତ୍ୟା ତେଣୁ ମାରିଲେ ବ୍ରହ୍ମ ହତ୍ୟା। କଥା କ'ଣ କି, ନିକଟରେ ଜଣେ ନବାଗତ ପ୍ରଯୋଜକ ତାଙ୍କ ଅନ୍‌ଟାଇଟଲ୍‌ଡ ଫିଲ୍ମର ଫିମେଲ ଲିଡ୍ ପାଇଁ ତାଙ୍କୁ ଯୋଗାଯୋଗ କରିଥିଲେ। କାହାଣୀ ଏବଂ ଭୂମିକା ବିଷୟରେ ଶୁଣିସାରିବା ପରେ ତାଙ୍କ ମୁହଁ ଆମ୍ବିଳା ହୋଇଗଲା। କାରଣ ଏଥିରେ କେତୋଟି ବୋଲ୍ଡ ଶଟ୍ ବ୍ୟତୀତ ଗୋଟିଏ ବେଡ୍‌ରୁମ୍ ସିନ୍ ରହିଥିଲା। ତଥାପି ଏହି ଅଫରକୁ ସେ ଝୁଲାଇ ରଖିଛନ୍ତି। ଦେଖାଯାଉ, କେଉଁ ପାଣି କୁଆଡ଼େ ଯାଉଛି।


କ୍ୟାଟ୍ରିନା

## ବଲିଉଡ୍ କଥା

▶ ଆଶୁତୋଷ ଗୋୱାରିକରଙ୍କ ନିର୍ଦ୍ଦେଶନାରେ ନିର୍ମିତ ହୋଇଥିଲା 'ଲଗାନ୍'। କ୍ରିକେଟ୍ ଉପରେ ପର୍ଯ୍ୟବସିତ ଏହି ଫିଲ୍ମର ନାୟକ ସାଜିଥିଲେ ଆମୀର ଖାଁ ଏବଂ ଏହା ସୁପରହିଟ୍ ମଧ୍ୟ ହୋଇଥିଲା। ଖାସ୍ କଥା ହେଲା, ଏଥିରେ ସର୍ବାଧିକ ବ୍ରିଟିଶ୍ କଳାକାର ହିଁ ଅଭିନୟ କରିଥିଲେ।

▶ ବିଶ୍ୱର ସର୍ବାଧିକ ଅବଧି ବିଶିଷ୍ଟ ଫିଲ୍ମ ଭାବରେ ହିନ୍ଦୀ ସିନେମା 'ଏଲ୍‌ଓସି କାର୍‌ଗିଲ'କୁ ଗଣନା କରାଯାଏ। ଏହି ଚଳଚ୍ଚିତ୍ରର ଅବଧି ଥିଲା ୪ଘଣ୍ଟା ୨୫ ମିନିଟ୍। କାର୍‌ଗିଲ ଯୁଦ୍ଧ ଉପରେ ଆଧାରିତ ଉକ୍ତ ସିନେମାର କାହାଣୀ-ଚିତ୍ରନାଟ୍ୟ ରଚନା ସହ ପ୍ରଯୋଜନା ଏବଂ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଥିଲେ ଜେ.ପି. ଦତ୍ତା। ୨୦୦୩ ଡିସେମ୍ବର ୨୫ରେ ରିଲିଜ୍ ହୋଇଥିବା 'ଏଲ୍‌ଓସି କାର୍‌ଗିଲ'ର ବିଭିନ୍ନ ଭୂମିକାରେ ସଞ୍ଜୟ ଦତ୍ତ, ଅଜୟ ଦେବଗନ, ସୈଫ ଅଲ୍ଲୀ ଖାଁ, ସୁନୀଲ ସେଟ୍ଟି ଅଭିନୟ କରିଥିଲେ।

▶ ଦିନ ଥିଲା ବଲିଉଡ୍‌ର ଅନ୍ୟତମ ରୋମାଣ୍ଟିକ୍ ନାୟକ ଭାବରେ ରିଷି କପୁର ବେଶ୍ ଖ୍ୟାତି ଅର୍ଜନ କରିଥିଲେ। ଅସଲ କଥା ହେଲା ଭିନ୍ନ ଭିନ୍ନ ଫିଲ୍ମରେ ତାଙ୍କ ସହ ୨୦ ଜଣ ନାୟିକା ନିଜ ଆକ୍ଟିଂ କ୍ୟାରିୟର ଆରମ୍ଭ କରିଥିଲେ।

▶ ଯଶ୍ ଚୋପ୍ରାଙ୍କ ଅଲ୍ ଟାଇମ୍ ହିଟ୍ 'ଦିଲ୍‌ୱାଲେ ଦୁଲ୍‌ହନିଆଁ ଲେ ଜାୟେଙ୍ଗେ'କୁ କିଏ ବା ଭୁଲିପାରିବ ? ଏହାର ମେଲ୍ ଲିଡ୍ ରାଜ ମାଲହୋତ୍ରା ଭୂମିକା ଶାହରୁଖଙ୍କ ଆକ୍ଟିଂ କ୍ୟାରିୟରର ଟର୍ନିଂ ପଏଣ୍ଟ ଥିଲା। କିନ୍ତୁ ଏହି ଭୂମିକା ପାଇଁ ପ୍ରଥମେ ବିଶିଷ୍ଟ ହଲିଉଡ୍ ଅଭିନେତା ଟମ୍ କ୍ରୁଜ୍‌ଙ୍କ ନାମ ବିଚାରକୁ ନିଆଯାଇଥିଲା। କିନ୍ତୁ ଶେଷରେ ବାଜି ମାରିଥିଲେ ଶାହରୁଖ। ଏଥିରେ ତାଙ୍କ ଅପୋଜିଟ୍‌ରେ ଥିଲେ କାଜୋଲ।


କାଜୋଲ-ଶାହରୁଖ

▶ ହିଟ୍ ସିନେମା 'କରନ୍ ଅର୍ଜୁନ'ର ସେକେଣ୍ଡ ଲିଡ୍‌ରେ କିଏ ଅଭିନୟ କରିବ ? ପ୍ରଥମେ ଏଥିପାଇଁ ଅଜୟ ଦେବଗନଙ୍କୁ ଯୋଗାଯୋଗ କରାଯାଇଥିଲା ଏବଂ ସେ ହଁ ଭରିଥିଲେ। ହେଲେ ପରବର୍ତ୍ତୀ ସମୟରେ ସେ ମନା କରିଦେଇଥିଲେ। ଶେଷରେ ଏହି ଭୂମିକା ଯାଇଥିଲା ସଲମାନଙ୍କ ପାଖକୁ। ଖାସ୍ କଥା ହେଲା, ଫିଲ୍ମର ଦ୍ୱିତୀୟ ନାୟକ ଭାବରେ ସଲମାନ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲେ।

## ହରିଙ୍କ ପ୍ରେମ ନିଶା

ହାସ୍ୟାଭିନେତା ହରିହର ମହାପାତ୍ର। ସେ ଏବେ ପୂରାଦମ୍‌ରେ ପ୍ରେମରେ ମାତିଛନ୍ତି। ଏମିତି ପ୍ରେମ ନିଶା ଘାରିଛି ଯେ ଦିନ କି ରାତି ଜଣାପଡୁନାହିଁ। ହେଲେ ସେ କାହା ପ୍ରେମରେ ମସଗୁଲ୍ ? ସେ ସୁନ୍ଦରୀ ଜଣକ ହେଲେ ପିଙ୍କି ପ୍ରିୟଦର୍ଶିନୀ। କିନ୍ତୁ ତା' ପୂର୍ବରୁ ଗୋଟିଏ କଥା ଜଣାଇ ଦେବା ଠିକ୍ ହେବ। ଏଭଳି ପ୍ରେମ ଘଟିଛି ଉଭୟଙ୍କର ରିୟଲ ନୁହେଁ ରିଲ୍ ଲାଇଫରେ। ଚଳଚ୍ଚିତ୍ରଟି ହେଲା 'ଜୋର୍ କା ଝଟକା'। ଏଥିରେ ନାୟିକା ଭୂମିକାରେ ପିଙ୍କି ଅବତୀର୍ଣ୍ଣ ହୋଇଥିବା ବେଳେ ହରିଙ୍କୁ ଜଣେ କମେଡିଆନ ଭାବରେ ଦେଖିବାକୁ ମିଳିବ। ଶିବାନୀ ଏଣ୍ଟରଟେନେମେଣ୍ଟ ବ୍ୟାନରରେ ଚିତ୍ରଟିର କାହାଣୀ ରଚନା ସହ ପ୍ରଯୋଜନା କରିଛନ୍ତି ଶିବାନୀ ବେହେରା ଏବଂ ଅଶୋକ ବେହେରା। ନିର୍ଦ୍ଦେଶନା ଦେଇଛନ୍ତି ପିନୁ ନାୟକ ଏବଂ ଗୀତଗୁଡିକର ସ୍ୱର ସଂଯୋଜନା କରିଛନ୍ତି ଅଭିଜିତ ମଜୁମଦାର। ଫିଲ୍ମଟି ଚଳିତବର୍ଷ ମାର୍ଚ୍ଚରେ ରିଲିଜ ହେବାର ଯୋଜନା ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।


'ଜୋର୍ କା ଝଟ୍‌କା' ଚଳଚ୍ଚିତ୍ରରେ ପିଙ୍କି ପ୍ରିୟଦର୍ଶନୀ- ହରି


ସୁବାସ ବେହେରା

# ଆରମ୍ଭ ହେଲା ଖଣ୍ଡଗିରି ଲଢ଼େଇ

**ବାଜିଲା ଖଣ୍ଡଗିରି ବିଗୁଲ। ଆରମ୍ଭ ହେଲା ଅପେରା ମେଳା। ଏଥର ମେଳାରେ କାହା ନାଟକ ବାଜି ମାରିବ, ତାହା ତ ଶେଷରେ ଜଣାପଡିବ। ହେଲେ ଏଥର ଏହି ଲଢ଼େଇରେ ଅବତୀର୍ଣ୍ଣ ରଙ୍ଗମହଲ, ସ୍ୱର୍ଣ୍ଣମହଲ, ଧଉଳି, ଗୌରୀ, ଶିବାନୀ, କୋଣାର୍କ, ଇନ୍ଦ୍ରମହଲ ଆଦି ୧୧ଟି ଅପେରା ପାର୍ଟି ନିଜ ନିଜର ସଫଳତାକୁ ନେଇ ବେଶ୍ ଦୃଢ଼ମନା ଅଛନ୍ତି। ଫେବୃୟାରୀ ୧୪ରୁ ଆରମ୍ଭ ହେଉଥିବା ଏହି ଅପେରା ମେଳାରେ ସୁବାସ ବେହେରା, ମାମା, ଗୌର ଦାସ, ମୁନ୍ନା-ନମିତା, ରୀନା ପଣ୍ଡା, ଟିଁକି-କାହ୍ନା, ଦଇତାରି ପଣ୍ଡା, ବିନୋଦ-ବେବିନା, ଦୟାଙ୍କ ପରି ଅନେକ ଅଭିଜ୍ଞ କଳାକାରଙ୍କ ଅଭିନୟକୁ ଭରପୂର ଉପଭୋଗ କରିବେ ଦର୍ଶକ। ଏହି ଲଢ଼େଇକୁ ନେଇ ଏକ ସଂକ୍ଷିପ୍ତ ଉପସ୍ଥାପନା...**

## 'ଚ୍ୟାଲେଞ୍ଜ ପାଇଁ ପ୍ରସ୍ତୁତ'

ଗତବର୍ଷ ମୁଁ ଖଣ୍ଡଗିରିକୁ ଆସିପାରି ନ ଥିଲି। ତେଣୁ ମୁଁ ବହୁତ ମିସ୍ କରିଥିଲି ମୋର ପ୍ରିୟ ଦର୍ଶକମାନଙ୍କୁ। ଏଥର 'ରଙ୍ଗମହଲ' ଖଣ୍ଡଗିରିରେ ପ୍ରାୟ ୯ରାତି ଯାତ୍ରା କରିବ। ଆମେ ତିନିଖଣ୍ଡ ନାଟକ ମଞ୍ଚସ୍ଥ କରିବାର ଯୋଜନା କରିଛୁ। ବ୍ୟକ୍ତିଗତ ଭାବେ ମୁଁ ଖଣ୍ଡଗିରିକୁ ନେଇ ଖୁବ୍ ଉତ୍ସାହିତ ଓ ସେହି ଅନୁଯାୟୀ ନିଜକୁ ମାନସିକ ତଥା ଶାରୀରିକ ଭାବରେ ପ୍ରସ୍ତୁତ କରିଛି। ପ୍ରତ୍ୟେକ କଳାକାର ବର୍ଷସାରା ଭିନ୍ନ ଭିନ୍ନ ମଞ୍ଚରେ ଅଭିନୟ ପ୍ରଦର୍ଶନ କରିଥାନ୍ତି। ମାତ୍ର ସେମାନଙ୍କ ଏକମାତ୍ର ଲକ୍ଷ୍ୟ ଥାଏ ଖଣ୍ଡଗିରି। ଏଠାରେ ଦର୍ଶକ ସ୍ୱତନ୍ତ୍ର ତଥା ବହୁତ ଗୁଣୀ। ତେଣୁ ଏଠାରେ ଅଭିନୟ କରିବାର ଏକ ନିଆରା ମଜା ଥାଏ। ମୋତେ ଭଲ ପାଉଥିବା ଜଣେ ବି ଦର୍ଶକଙ୍କୁ ମୁଁ ଯେପରି ନିରାଶ ନ କରିବି, ସେଥିଲାଗି ମୁଁ ମୋ ନିଜକୁ ପ୍ରସ୍ତୁତ କରିଛି।

– ସୁବାସ ବେହେରା (ଅଭିନେତା)

## ନୂଆ ସମ୍ଭାର ନେଇ ଆସୁଛି 'ରଙ୍ଗମହଲ'

ମୋ ପାର୍ଟି 'ରଙ୍ଗମହଲ' ସବୁବେଳେ ଦର୍ଶକଙ୍କୁ ଗୁରୁତ୍ୱ ଦେଇଥାଏ। ଏଥର ସେମାନଙ୍କ ପାଇଁ ଭରପୂର ଏଣ୍ଟରଟେନ୍‌ମେଣ୍ଟ ରହିଛି। ଷ୍ଟେଜ୍, ଗେଟ୍‌ର ନୂଆ ମଡେଲିଂ କରାଯାଇଛି। ତା'ବ୍ୟତୀତ ସାଉଣ୍ଡ ସିଷ୍ଟମ, ଲାଇଟ୍, ରେକର୍ଡ ଡ୍ୟାନ୍ସ, ମେଲୋଡିରେ ନୂତନତ୍ୱ ଅନୁଭବ କରିବେ ଦର୍ଶକ। ଆମ ପାର୍ଟିର ଅନୁସନ୍ଧାନମୂଳକ ନାଟକ ରହିଛି 'ଅଧେ ତୋର ଅଧେ ମୋର'। ଜେଜେମା-ନାତିର ଅନାବିଳ ସ୍ନେହକୁ ନେଇ ପ୍ରସ୍ତୁତ ଏହି ନାଟକ ଏଥର ଖଣ୍ଡଗିରିରେ ନିଶ୍ଚୟ ଆଲୋଚନାର କେନ୍ଦ୍ରବିନ୍ଦୁ ସାଜିବ। ଏହି ଐତିହାସିକ ତଥା ୧୦୦ ବର୍ଷ ଧରି ଚାଲିଆସୁଥିବା ଖଣ୍ଡଗିରି ମେଳାରେ ଏଥର 'ରଙ୍ଗମହଲ' କେସିଏ ଖେଳପଡିଆରେ ୯ ଦିନ (ଫେବୃୟାରୀ ୧୭-୨୫) ଧରି ନାଟକ ପରିବେଷଣ କରିବ। ପ୍ରତିବର୍ଷ ଆମ ପାର୍ଟି କିଛି ନୂଆ ନୂଆ ଝଲକ ଦେଖାଇଥାଏ। ଏଥର କ'ଣ ନୂଆ ରହିଛି ତାହା ଦର୍ଶକ ଦେଖିଲେ ହିଁ ଜାଣିପାରିବେ।

– ସତ୍ୟ ଜେନା (ପ୍ରୋପ୍ରାଇଟର, ରଙ୍ଗମହଲ)

## ବାପିଙ୍କୁ ମିସ୍ କରିବ ଖଣ୍ଡଗିରି

ଜଲିଉଡ୍‌ର ଆକ୍ସନ ମାଷ୍ଟର ବାପି ପଣ୍ଡା। ଯେକୌଣସି ଭୂମିକା ହେଉ ତାହାକୁ ବେଶ୍ ନିଖୁଣ ଭାବରେ ତୁଲାଇଥାଆନ୍ତି, ଯେଉଁଥିପାଇଁ ସେ ଦର୍ଶକଙ୍କ ହୃଦୟରେ ହାସଲ କରିଛନ୍ତି ଏକ ସ୍ୱତନ୍ତ୍ର ସ୍ଥାନ। ହେଲେ ଏଥର ବାଘାଯତିନ ଲୋକନାଟ୍ୟର ଏହି ଷ୍ଟାରଙ୍କୁ ଖଣ୍ଡଗିରି ମେଳା ମିସ୍ କରିବ। 'କର୍ଣ୍ଣଙ୍କ ସହ ଲଢ଼େଇରେ ଅବତୀର୍ଣ୍ଣ ହେବାକୁ ଅର୍ଜୁନ ସବୁବେଳେ ତୟାର। ହେଲେ ଖଣ୍ଡଗିରିକୁ ଏଥର ମୁଁ ଆସୁନାହିଁ। ଏପରି ଏକ ମେଗା ମହାସମରକୁ ମିସ୍ କରୁଛି, ତଥାପି ମନରେ ଅନୁଶୋଚନା ନାହିଁ। ସେଠାକାର ଅଗଣିତ ଦର୍ଶକଙ୍କ ପ୍ରତି ମୋର ଯେଉଁ ସ୍ନେହ ଶ୍ରଦ୍ଧା ଅଛି ତାହା ସେମିତି ରହିବ। ମନ ତ ଦୁଃଖ ହେଉଛି, ହେଲେ ମୁଁ ନିରୁପାୟ। ଉଦାସ ମନକୁ ବୁଝାଇ ଦେଇଛି। ତଥାପି ନିକଟରେ ତ ଭୁବନେଶ୍ୱର ଏବଂ ତାହାର ଆଖପାଖରେ ଆମ ପାର୍ଟି ଅପେରା ପରିବେଷଣ କରିସାରିଛି। ଖଣ୍ଡଗିରି ଭେଟଘାଟ ପାଇଁ ପୁଣି ଗୋଟିଏ ବର୍ଷ ଅପେକ୍ଷା। ତଥାପି ସମସ୍ତ ପାର୍ଟି, କଳାକାର ଏବଂ ଦର୍ଶକଙ୍କୁ ମୋର 'ଅଲ୍ ଦ ବେଷ୍ଟ'।

– ବାପି ପଣ୍ଡା, ଅଭିନେତା


ସତ୍ୟ ଜେନା


ବଙ୍କିମ ସ୍ୱାଇଁ


ବଳରାମ ଦାସ

## ଉର୍ବଶୀକୁ ଅସ୍ତ୍ର କରିବ 'ଇନ୍ଦ୍ରମହଲ'

ଖଣ୍ଡଗିରିକୁ ଯାତ୍ରା ମହାସମର ବା ଯାତ୍ରା ମହାଭାରତ ବୋଲି କହିଲେ ଭୁଲ ହେବନାହିଁ। ତେଣୁ ମହାଭାରତ ରଣକ୍ଷେତ୍ରକୁ ଓହ୍ଲାଇବା ମାନେ ଭଲ ଭାବରେ ପ୍ରସ୍ତୁତ ହୋଇ ଓହ୍ଲାଇବା। ପ୍ରତ୍ୟେକ ଯାତ୍ରା ଅନୁଷ୍ଠାନ ଏହି ମେଳା ଲାଗି ଦିନ ଗଣୁଥାନ୍ତି। କଳାକାର ହୁଅନ୍ତୁ କି ଟେକ୍ନିସିଆନ୍, ଦର୍ଶକ ପୁଣି ଯାତ୍ରା ମାଷ୍ଟରମାନେ ମଧ୍ୟ ଖଣ୍ଡଗିରି ମେଳାକୁ ସେମାନଙ୍କ ଏକ ପରୀକ୍ଷା ବୋଲି ଧରିନେଇଥାନ୍ତି। ସେଥିଲାଗି ସମସ୍ତଙ୍କୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରିବାକୁ ପଡ଼ିଥାଏ। ମୁଁ କିମ୍ବା ମୋ ପାର୍ଟି ମଧ୍ୟ ଏଥିରୁ ପଛରେ ରହିନାହୁଁ। ଖଣ୍ଡଗିରି ମହାସମରରେ ଜିତିବାର ସବୁ ପ୍ରକାର ରଣନୀତି ପ୍ରସ୍ତୁତ କରାଯାଇଛି। ଆମେ 'ଉର୍ବଶୀ ଆସୁଛି ଇନ୍ଦ୍ରମହଲ' ନାଟକକୁ ଅସ୍ତ୍ରକରି ମହାଭାରତ ଜିତିବାର ଯୋଜନା କରିଛୁ। ସେଥିପାଇଁ ସ୍ୱତନ୍ତ୍ର ମ୍ୟୁଜିକ୍ ଏବଂ ଲାଇଟ୍, ସ୍ୱତନ୍ତ୍ର ଭାବେ ନାଟକ ଓ ଡ୍ୟାନ୍ସ ଉପରେ ଧ୍ୟାନ ଦିଆଯାଇଛି। ଖଣ୍ଡଗିରି ପ୍ରତ୍ୟେକଙ୍କ ପାଇଁ ଏକ ସମ୍ମାନର ପ୍ରଶ୍ନ। ମୋ ପାଇଁ ମଧ୍ୟ ସମାନ। ଦର୍ଶକମାନେ ଯେପରି ଭରପୂର ମନୋରଞ୍ଜନ ପାଇବେ, ତାହା ହେଉଛି ମୋର ଏକମାତ୍ର ଲକ୍ଷ୍ୟ।

– ବଙ୍କିମ୍ ସ୍ୱାଇଁ (ନାଟ୍ୟକାର ତଥା ପରିଚାଳକ 'ଇନ୍ଦ୍ରମହଲ')


ବାପି ପଣ୍ଡା

## 'ଖଣ୍ଡଗିରିରେ ଯାତ୍ରା ଦେଖିବା ମଜା ନିଆରା'

ଖଣ୍ଡଗିରି ମେଳା ଯେମିତି ସବୁ ମେଳାଠୁ ନିଆରା ; ଠିକ୍ ସେମିତି ଖଣ୍ଡଗିରି ମେଳାରେ ଯାତ୍ରା ଦେଖିବାର ମଜା କିଛି ଅଲଗା। ଏଠିକାର ଯାତ୍ରା ଫିଭର, ଯାତ୍ରା ଦର୍ଶକ, ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ଯାତ୍ରା ପାର୍ଟି, କଳାକାର, ନାଟକ, ସାଉଣ୍ଡ ସିଷ୍ଟମ୍ ଅନ୍ୟ କୌଣସି ସ୍ଥାନରେ ମିଳେନାହିଁ। ସେଥିଲାଗି ମୁଁ ଖଣ୍ଡଗିରି ମେଳାକୁ ଅନେଇ ବସିଥାଏ। ସବୁ ପାର୍ଟିର ଯାତ୍ରା ତ ଦେଖିବି। ତେବେ ବିଶେଷକରି ନୂଆପାର୍ଟି 'ଇନ୍ଦ୍ରମହଲ' ତଥା ପୁରୁଣା ନାଟ୍ୟାନୁଷ୍ଠାନ 'ରଙ୍ଗମହଲ' ଉପରେ ଧ୍ୟାନଦେବି। ଜଣେ ଯାତ୍ରାପ୍ରେମୀ ଭାବରେ ମୁଁ ସବୁ ପାର୍ଟି, କଳାକାର ତଥା କର୍ମକର୍ତ୍ତାଙ୍କୁ ସ୍ୱାଗତ ଜଣାଉଛି ଖଣ୍ଡଗିରିକୁ। ଦୁଃଖ ରହିଗଲା 'ବାଘାଯତିନ' ଲୋକନାଟ୍ୟ ଏଥର ଖଣ୍ଡଗିରିକୁ ଆସୁନାହିଁ। ଆକ୍ସନ୍ ଷ୍ଟାର ବାପି ପଣ୍ଡାଙ୍କୁ ମୁଁ ନିଶ୍ଚୟ ମିସ୍ କରିବି।

– ବଳରାମ ଦାସ (ଦର୍ଶକ)

– ଶୁଭ୍ର ମହାପାତ୍ର

Dollar 70.80 (10) | Sensex 119.51 36,034.11 | Nifty 37.75 10,793.65 | Gold ₹30 34,050.00 | Silver ₹200 40,800.00

"ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ଏବଂ ଏବଂ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ୨୧ କୋଟି ଭାରତୀୟ ଯୋଡି ହୋଇ ପାରିଛନ୍ତି ।"

–ସ୍ମୃତି ଇରାନୀ, କେନ୍ଦ୍ର ବୟନ ମନ୍ତ୍ରୀ



"ବାସଗୃହର ଦ୍ରୁତ ଡେଲିଭରି ପ୍ରଦାନକୁ ରିୟଲ ଇଷ୍ଟେଟ ଡେଭଲପରମାନେ ପ୍ରାଥମିକତା ସହ ନେବାର ଆବଶ୍ୟକତା ରହିଛି ।"

– ଅମିତାଭ କାନ୍ତ, ସିଇଓ, ନୀତି ଆୟୋଗ



## ସଂକ୍ଷେପରେ

### ଅଶ୍ୱିନୀ ଲୋହାନୀ ଏୟାର ଇଣ୍ଡିଆ ସିଏମ୍‌ଡି

**ନୂଆଦିଲ୍ଲୀ,୧୩-୨:** ରେଲୱେ ବୋର୍ଡର ପୂର୍ବତନ ଅଧକ୍ଷ ଅଶ୍ୱିନୀ ଲୋହାନୀ ଏୟାର ଇଣ୍ଡିଆର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ସିଏମ୍‌ଡି) ଭାବେ ନିଯୁକ୍ତ ହୋଇଛନ୍ତି। କେନ୍ଦ୍ର ସରକାର ବୁଧବାର ଏ ସଂକ୍ରାନ୍ତରେ ନିର୍ଦ୍ଦେଶ ଜାରି କରିଛନ୍ତି। ଏୟାର ଇଣ୍ଡିଆ ମୁଖ୍ୟ ଭାବେ ସେ ଦ୍ୱିତୀୟ ଥର ଦାୟିତ୍ୱ ନେବାକୁ ଯାଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ଗଠିତ ନିଯୁକ୍ତି ସଂକ୍ରାନ୍ତୀୟ କ୍ୟାବିନେଟ କମିଟି ଲୋହାନୀଙ୍କ ନିଯୁକ୍ତିକୁ ମଞ୍ଜୁରି ପ୍ରଦାନ କରିଥିଲେ। ତାଙ୍କୁ ୨୦୧୭ ଅଗଷ୍ଟରେ ରେଲୱେ ବୋର୍ଡର ଅଧକ୍ଷ ଭାବେ ନିଯୁକ୍ତ କରାଯାଇଥିଲା ଏବଂ ସେ ଗତବର୍ଷ ଡିସେମ୍ବରରେ ଅବସର ଗ୍ରହଣ କରିଥିଲେ। ଏହାଛଡ଼ା ସେ ଆଇଟିଡିସିର ଅଧକ୍ଷ ଭାବେ ଦାୟିତ୍ୱ ତୁଲାଇଥିବା ବେଳେ ରାଷ୍ଟ୍ରୀୟ ରାଜଧାନୀରେ ଅବସ୍ଥିତ ରେଳ ସଂଗ୍ରହାଳୟର ନିର୍ଦ୍ଦେଶକ ରହିଥିଲେ। ୧୯୮୨ରେ ଆସିଷ୍ଟାଣ୍ଟ ଇଲେକ୍ଟ୍ରିକାଲ ଇଞ୍ଜିନିୟର ଭାବେ ସେ ତାଙ୍କର କ୍ୟାରିୟର ଆରମ୍ଭ କରିଥିଲେ।

### କାର୍ଡ, ନେଟ୍ ବ୍ୟାଙ୍କିଙ୍ଗ୍ ଠକେଇ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ୯୦୦ ମାମଲା

**ନୂଆଦିଲ୍ଲୀ,୧୩-୨:** ଗତ ବର୍ଷ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ଡେବିଟ/କ୍ରେଡିଟ କାର୍ଡ, ନେଟ୍ ବ୍ୟାଙ୍କିଙ୍ଗ୍ ସମ୍ପର୍କିତ ଠକେଇ ଘଟଣାରେ ୯୦୦ରୁ ଊର୍ଦ୍ଧ୍ୱ ମାମଲା ପଞ୍ଜୀକୃତ କରାଯାଇଛି ବୋଲି କେନ୍ଦ୍ର ସରକାର ବୁଧବାର ସଂସଦରେ ପ୍ରକାଶ କରିଛନ୍ତି। ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ରାଷ୍ଟ୍ରମନ୍ତ୍ରୀ ଏସ୍.ଏସ୍.ଆହଲୁୱାଲିଆ ଲିଖିତ ଉତ୍ତରରେ କହିଛନ୍ତି ଯେ, ୧ ଲକ୍ଷ ଅଥବା ଏହାଠାରୁ ଊର୍ଦ୍ଧ୍ୱ ଟଙ୍କାର ଠକେଇ କ୍ଷେତ୍ରରେ ଭାରତୀୟ ରିଜର୍ଭ ବ୍ୟାଙ୍କ ୯୨୧ଟି ମାମଲା ପଞ୍ଜୀକୃତ କରିଛି। ୨୦୧୫-୧୬, ୨୦୧୬-୧୭ ଏବଂ ୨୦୧୭-୧୮ରେ ଏହି ସଂଖ୍ୟା ଯଥାକ୍ରମେ ୧୧୯୧,୧୩୭୨ ଏବଂ ୨୦୫୯ ଥିଲା। ସେ କହିଛନ୍ତି ଯେ, ୨୦୧୬, ୨୦୧୭ ଏବଂ ୨୦୧୮ (ନଭେମ୍ବର ସୁଦ୍ଧା) ଏଟିଏମ୍, କାର୍ଡ, ପଏଣ୍ଟ ଅଫ୍ ସେଲ୍ସ ଏବଂ ୟୁନିଫାଏଡ ପେମେଣ୍ଟ ଇଣ୍ଟରଫେସ (ୟୁପିଆଇ)ର ଯଥାକ୍ରମେ ୩, ୧୪ ଓ ୬ଟି ମାମଲା ପଞ୍ଜୀକୃତ ହୋଇଛି।

■ ସୁପ୍ରିମକୋର୍ଟରେ ସ୍ପଷ୍ଟ କଲେ ଅନିଲ

# ଆର୍‌କମ୍‌କୁ କିଣିଲାନି ରିଲାଏନ୍ସ ଜିଓ

ନୂଆଦିଲ୍ଲୀ,୧୩-୨



- ୨୫ ହଜାର କୋଟିର ଆର୍‌କମ୍ ସମ୍ପତ୍ତି ବିକ୍ରି ହୋଇପାରିଲାନି
- ୫୫୦ କୋଟିର ବକେୟା ନେଇ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା ଏରିକ୍‌ସନ
- ରାୟ ସଂରକ୍ଷିତ ରଖିଲେ ଖଣ୍ଡପୀଠ
- କୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ ଅନିଲ
- କମ୍ପାନୀ ଉପରେ ୪୭ ହଜାର କୋଟିର ବକେୟା ଋଣ

ବଡ଼ଭାଇ ମୁକେଶ ଅମ୍ବାନୀ ଦେଶ ତଥା ଏସିଆର ସର୍ବବୃହତ୍ ଧନୀବ୍ୟକ୍ତି ହୋଇଥିଲେ ହେଁ ତାଙ୍କ ସାନଭାଇ ଅନିଲ ଅମ୍ବାନୀ ଏବେ ଦେବାଳିଆ ଅବସ୍ଥାରେ ପହଞ୍ଚି ଯାଇଛନ୍ତି। ଋଣ ପରିଶୋଧକୁ ନେଇ ତାଙ୍କର ମୁଣ୍ଡବ୍ୟଥା ଦିନକୁ ଦିନ ବଢ଼ିବାରେ ଲାଗିଛି। ୫୫୦ କୋଟି ଟଙ୍କାର ବକେୟା ଋଣ ପରିଶୋଧ ମାମଲାରେ ଏରିକ୍‌ସନର ଆବେଦନ ଉପରେ ସୁପ୍ରିମକୋର୍ଟରେ ବୁଧବାର ଶୁଣାଣି ହୋଇଥିଲା। ଏଥିରେ ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ ରିଲାଏନ୍ସ କମ୍ୟୁନିକେଶନ୍ସ (ଆର୍‌କମ୍) ମାଲିକ ଅନିଲ ଅମ୍ବାନୀ। ମୁକେଶ ଅମ୍ବାନୀଙ୍କ ମାଲିକାନାରେ ଥିବା ରିଲାଏନ୍ସ ଜିଓକୁ ତାଙ୍କ କମ୍ପାନୀ ଆର୍‌କମ୍‌କୁ ବିକ୍ରି କରିବା ଯୋଜନା ସଫଳ ହୋଇ ପାରି ନଥିଲା ବୋଲି ଅନିଲ ବୁଧବାର ଅଦାଲତକୁ ଜଣାଇଥିଲେ। ଋଣ ପରିଶୋଧରେ ତାଙ୍କର ବଡ଼ଭାଇ ସହାୟତା ନ କରିବାରୁ ତାଙ୍କର ଶେଷ ଆଶା ମଉଳିଯାଇଥିଲା ବୋଲି ଅନିଲ କହିଛନ୍ତି।

ସୂଚନାଥାଉ କି, ପିତା ଧୀରୁଭାଇ ଅମ୍ବାନୀଙ୍କ ୮୫ତମ ଜନ୍ମଦିନ ଅବସରରେ ଆର୍‌କମ୍‌ର ସମସ୍ତ ସମ୍ପତ୍ତିକୁ ସେ ରିଲାଏନ୍ସ ଜିଓକୁ ବିକ୍ରି କରିଦେବେ ବୋଲି ଅନିଲ ଘୋଷଣା କରିଥିଲେ। ଏହି ବିକ୍ରିରୁ ପ୍ରାୟ ୨୫ ହଜାର କୋଟି ଟଙ୍କା ମିଳିବ ବୋଲି ସେ ଆଶାକରିଥିଲେ। ଏହି ଟଙ୍କାରେ ସେ ଅର୍ଦ୍ଧାଧିକ ଋଣ ପରିଶୋଧ କରିଦେବେ ବୋଲି ଅନିଲ ଭାବିଥିଲେ। ଏବେ ତାଙ୍କ କମ୍ପାନୀ ଉପରେ ପ୍ରାୟ ୪୭ ହଜାର କୋଟି ଟଙ୍କାର ଋଣଭାର ରହିଛି। ଚଳିତମାସ ପହିଲାରେ ସେ ଆର୍‌କମ୍‌କୁ ଦେବାଳିଆ ଘୋଷଣା କରିବାକୁ ଏନ୍‌ସିଏଲ୍‌ଟିରେ ଆବେଦନ କରିଛନ୍ତି। ସୁପ୍ରିମକୋର୍ଟରେ ଏହି ମାମଲାର ଶୁଣାଣି ବେଳେ ଅନିଲ ପ୍ରାୟ ଅଢ଼େଇଘଣ୍ଟା ଅଦାଲତରେ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ୫୫୦ କୋଟି ଟଙ୍କା ବକେୟା ନେଇ ଅଦାଲତ ଅବମାନନା ମାମଲା ଦାଏର କରିଥିବା ଏରିକ୍‌ସନ ପକ୍ଷରୁ ବରିଷ୍ଠ ଓକିଲ ଦୁଷ୍ୟନ୍ତ ଡାଭେ ଓ ଅନିଲ ଏବଂ ଆର୍‌କମ୍ ପକ୍ଷରୁ କପିଲ ସିବଲ ଓ ମୁକୁଲ ରୋହତଗି ଶୁଣାଣିରେ ଅଂଶଗ୍ରହଣ କରିଥିଲେ। ଆର୍‌କମ୍ ନିଜର ସମ୍ପତ୍ତି ବିକ୍ରି କରିପାରି ନ ଥିବାରୁ ଏହା ବିରୋଧରେ ଅଦାଲତ ଅବମାନନା ଅଭିଯୋଗ ଲାଗୁ ହୋଇପାରିବ ନାହିଁ ବୋଲି ସିବଲ ଓ ରୋହତଗୀ ଯୁକ୍ତି ବାଢ଼ିଥିଲେ। ଅନ୍ୟପକ୍ଷରେ ଡାଭେ କହିଥିଲେ ଯେ, ଆର୍‌କମ୍ ଇତିମଧ୍ୟରେ ୨ରୁ ୩ ହଜାର କୋଟି ଟଙ୍କାର ସମ୍ପତ୍ତି ବିକ୍ରି କରିସାରିଛି। ଏହି ଅର୍ଥରୁ ଏହା ବକେୟା ୫୫୦ କୋଟି ଟଙ୍କା ଏରିକସନକୁ ଦେଇପାରିଥାନ୍ତା। କିନ୍ତୁ ଟଙ୍କା ମିଳିନି ବୋଲି ଅନିଲଙ୍କ ଓକିଲ ସ୍ପଷ୍ଟ କରିଥିଲେ। ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ବିଚାରପତି ଆର୍.ଏଫ୍.ନରିମାନ ଏବଂ ବିଚାରପତି ବିନୀତ ଶରନଙ୍କୁ ନେଇ ଗଠିତ ଖଣ୍ଡପୀଠ ରାୟକୁ ସଂରକ୍ଷିତ ରଖିଛନ୍ତି। ସୂଚନାଥାଉ କି, ସୁପ୍ରିମକୋର୍ଟ ଏରିକ୍‌ସନର ପୂର୍ବ ମାମଲାର ଶୁଣାଣି କରି ଆର୍‌କମ୍‌କୁ ଗତବର୍ଷ ଅକ୍ଟୋବର ୨୩ ଓ ଡିସେମ୍ବର ୧୫ରେ ବକେୟା ଋଣ ପରିଶୋଧ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବ୍ୟକ୍ତିଗତ ଭାବେ ପଦକ୍ଷେପ ନେଇ ସେ ଋଣ ପରିଶୋଧ କରିବେ ବୋଲି ଅନିଲ ସେତେବେଳେ କହିଥିଲେ। ମାମଲାର ଶୁଣାଣି ବେଳେ ରିଲାଏନ୍ସ ଟେଲିକମ୍ ଲିମିଟେଡ ଅଧକ୍ଷ ସତୀଶ ସେଠ୍ ଏବଂ ରିଲାଏନ୍ସ ଇନ୍‌ଫ୍ରାଟେଲ ଲିମିଟେଡର ଅଧକ୍ଷ ଛାୟା ଭିରାନୀ ଅଦାଲତରେ ଉପସ୍ଥିତ ଥିଲେ।

### ଆର୍‌କମ୍ ବିକ୍ରି ନ ହେବାର କାରଣ

ଅନିଲ ଅମ୍ବାନୀଙ୍କ କମ୍ପାନୀର ସମ୍ପତ୍ତି କିଣିବା ଲାଗି ମୁକେଶ ଅମ୍ବାନୀଙ୍କ କମ୍ପାନୀ ଜିଓ ରାଜି ହୋଇଯାଇଥିଲା। ଏହି ଡିଲ୍ ପ୍ରାୟ ଚୂଡାନ୍ତ ହୋଇସାରିଥିଲା। ଫଳରେ ଅନିଲଙ୍କୁ ୨୫ ହଜାର କୋଟି ଟଙ୍କା ମିଳିଥାନ୍ତା। କିନ୍ତୁ କମ୍ପାନୀ ଉପରେ ଥିବା ବକେୟା ଋଣକୁ କିଏ ପରିଶୋଧ କରିବ ସେ ନେଇ ସହମତି ହୋଇପାରି ନ ଥିଲା। ଆର୍‌କମ୍‌ର ବକେୟା ଋଣ ପରିଶୋଧ କରିବ ନାହିଁ ବୋଲି ରୋକଠୋକ୍ ଶୁଣାଇ ଦେଇଥିଲା ଓ ଟେଲିକମ୍ ବିଭାଗକୁ ଜଣାଇ ଦେଇଥିଲା। ଫଳରେ ବିଭାଗ ପକ୍ଷରୁ ଏହି ଡିଲ୍‌କୁ ଅନୁମତି ଦିଆଯାଇ ନ ଥିଲା। ଡିଲ୍‌କୁ ମଞ୍ଜୁରୀ ପ୍ରଦାନ ଲାଗି ଟେଲିକମ୍ ବିଭାଗ ପକ୍ଷରୁ ସର୍ତ୍ତାରୋପ କରାଯାଇଥିଲା। ଏହି କାରଣରୁ ଉକ୍ତ ଡିଲ୍ ବିଫଳ ହୋଇଯାଇଥିଲା ଓ ଆର୍‌କମ୍‌ର ସମ୍ପତ୍ତି ବିକ୍ରି ହୋଇପାରି ନ ଥିଲା।

# ମେ ମାସ ପୂର୍ବରୁ ଚାଷୀଙ୍କୁ ମିଳିପାରେ ଦୁଇଟି କିସ୍ତି

ନୂଆଦିଲ୍ଲୀ,୧୩-୨

**ପିଏମ୍ କିଷାନ ଯୋଜନା**

କେନ୍ଦ୍ର ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ଅନ୍ତରୀଣ ବଜେଟରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍ କିଷାନ) ଯୋଜନା ଘୋଷଣା କରିଥିଲେ। ଏଥିରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ୩ଟି କିସ୍ତିରେ ୨୦୦୦ ଟଙ୍କା ଲେଖାଏ ମୋଟ ୬ ହଜାର ଟଙ୍କାର ବ୍ୟବସ୍ଥା କରାଯାଇଛି। ଲୋକ ସଭା ନିର୍ବାଚନ ପାଖେଇ ଆସୁଥିବା ବେଳେ ମେ' ମାସ ସୁଦ୍ଧା ଚାଷୀଙ୍କୁ ଅନ୍ତତଃପକ୍ଷେ ଦୁଇଟି କିସ୍ତିରେ ୪ ହଜାର ଟଙ୍କା ଦେବାକୁ କେନ୍ଦ୍ର ସରକାର ଯୋଜନା କରୁଛନ୍ତି ବୋଲି କୃଷି ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ବୁଧବାର କହିଛନ୍ତି।

ସୂଚନାଥାଉ କି, ୨ ହେକ୍ଟର ପର୍ଯ୍ୟନ୍ତ ଚାଷ ଜମି ଥିବା କୃଷକଙ୍କୁ ଆର୍ଥିକ ସହାୟତା ଦେବାକୁ ଯାଉଛନ୍ତି। ଏହାଦ୍ୱାରା ପ୍ରାୟ ୧୨ କୋଟି ଚାଷୀ ଉପକୃତ ହେବେ। ଅଧିକାରୀଙ୍କ କହିବାନୁଯାୟୀ ପ୍ରକୃତ ଚାଷୀ ଚିହ୍ନଟ ପ୍ରକ୍ରିୟା କାର୍ଯ୍ୟ ରାଜ୍ୟ ସରକାରଗୁଡ଼ିକ ଆରମ୍ଭ କରିଦେଇଛନ୍ତି। ଖୁବଶୀଘ୍ର ଲାଭାର୍ଥୀଙ୍କ ତାଲିକା ପ୍ରକାଶ କରାଯିବ। ସେ କହିଛନ୍ତି ଯେ, କର୍ଣାଟକ, ଆନ୍ଧ୍ରପ୍ରଦେଶ, ଗୁଜରାଟ ଓ ମହାରାଷ୍ଟ୍ର ଭଳି କେତେକ ରାଜ୍ୟରେ ଭୂମି ରେକର୍ଡର ଡିଜିଟାଲୀକରଣ ହୋଇସାରିଛି। ତେଲେଙ୍ଗାନା, ଓଡ଼ିଶା ଓ ଝାଡ଼ଖଣ୍ଡ ନିକଟରେ ଚାଷୀଙ୍କ ତଥ୍ୟ ରହିଛି। କାରଣ ସେମାନେ ନିଜସ୍ୱ ଚାଷୀ ସହାୟତା ଯୋଜନା ଘୋଷଣା କରିସାରିଛନ୍ତି। ସେ କହିଛନ୍ତି ଯେ, ଉକ୍ତ ଯୋଜନାକୁ ଚଳିତ ଆର୍ଥିକ ବର୍ଷରେ ଘୋଷଣା କରାଯାଇଥିବାରୁ ଲୋକ ସଭା ନିର୍ବାଚନ ପରିପ୍ରେକ୍ଷୀରେ ଆଦର୍ଶ ଆଚରଣ ବିଧି ଲାଗୁ ହେଲେ ମଧ୍ୟ ଏହାକୁ ଲାଗୁ କରାଯାଇପାରିବ। ଉଲ୍ଲେଖ କରାଯାଇପାରେ ଯେ, ଫେବୃୟାରୀ ପହିଲା ପର୍ଯ୍ୟନ୍ତ ସମୟକୁ ଆଧାରକରି ଲାଭାର୍ଥୀଙ୍କୁ ଚୟନ କରାଯିବ।

# ସାମ୍‌ସଙ୍ଗର ଭାଲେଣ୍ଟାଇନ୍ ଡେ ଅଫର

ନୂଆଦିଲ୍ଲୀ,୧୩-୨

ସାମ୍‌ସଙ୍ଗ ପକ୍ଷରୁ ଭାଲେଣ୍ଟାଇନ ଡେ ଉପଲକ୍ଷେ ବେଷ୍ଟ ଡେ ଅଫର ଘୋଷଣା କରାଯାଇଛି। ଏହା ଦ୍ୱାରା ଗ୍ରାହକ ଗାଲାକ୍ସି ନୋଟ୍ ୯ ର ୮ଜିବି ଏବଂ ୫୧୨ ଜିବି କ୍ରୟ କଲେ କ୍ୟାଶବ୍ୟାକ ସହ ୭୭,୯୦୦ ଟଙ୍କାରରେ ଏହା ଲାଭ କରିପାରିବେ। ସେହିଭଳି ଗାଲାକ୍ସି ଏସ୍୯ ପ୍ଲସ୍ ମଡେଲର ୬୪ ଜିବି,୧୨୮ ଜିବି ଏବଂ ୨୫୬ ଜିବି ମୂଲ୍ୟରେ ୭୦୦୦ ଟଙ୍କା ହ୍ରାସ କରାଯାଇଛି। ଫଳରେ ଗ୍ରାହକ ଏହାକୁ ଯଥାକ୍ରମେ-୫୭,୯୦୦, ୬୧,୦୦୦ ଏବଂ ୬୫,୯୦୦ ଟଙ୍କାରେ ପାଇପାରିବେ। ଏଚ୍‌ଡ଼ିଏଫସି କ୍ରେଡିଟ୍ ଏବଂ ଡେବିଟ୍ କାର୍ଡ ଉପରେ ଅତିରିକ୍ତ ଅଫର ରହିଛି। ସେହିଭଳି ଅଫର ସମୟ ମଧ୍ୟରେ ସ୍ମାର୍ଟଫୋନ ବଦଳାଇଲେ ୯୦୦୦ ଟଙ୍କାର ବୋନସ୍ ଅଫର ସହ ଅନ୍ୟାନ୍ୟ ସୁବିଧା କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

# ନିବେଶ ବେଳେ ଆୟକର ପ୍ରଭାବକୁ ଦେଖିବା ଜରୁରୀ

## ଅର୍ଥର ଅର୍ଥ



Rupkumar Pradhan
CERTIFIED FINANCIAL PLANNER CM
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**▶▶ ବ୍ୟାଙ୍କ ସ୍ଥାୟୀ ଜମାରେ କିଛି ପାଣ୍ଠି ରଖିଛି । ମ୍ୟୁଚୁଆଲ ଫଣ୍ଡ ଡେଟ୍ ସ୍କିମରେ ନିବେଶ କରିବା ଭଲ ହେବ କି ? ଆୟକର ପ୍ରଭାବ ଦୃଷ୍ଟିରୁ କେଉଁ ସ୍କିମରେ ନିବେଶ କରିବା ଭଲ ହେବ ? କମ୍ ଆୟକର ପ୍ରଭାବ କେଉଁ ସ୍କିମରେ ଅଧିକ ହେବ ? ପରାମର୍ଶ ଦେବାକୁ ଅନୁରୋଧ ।**

**– ସଙ୍ଗୀତା ସାହୁ, ରାଉରକେଲା**

■ ବ୍ୟାଙ୍କ ସ୍ଥାୟୀ ଜମାରୁ ମିଳୁଥିବା ସୁଧ ରାଶି ଉପରେ ଆୟକର ପ୍ରଭାବ ରହିଥାଏ। ମ୍ୟୁଚୁଆଲ ଫଣ୍ଡ ଡେଟ୍ ସ୍କିମ୍ ଉପରେ ମଧ୍ୟ ଏହି ପ୍ରଭାବ ମଧ୍ୟ ରହିଥାଏ । ଡେଟ୍ ସ୍କିମରୁ ଆପଣ ପାଉଥିବା ଲାଭାଂଶ (ଡିଭିଡ଼େଣ୍ଡ) ଉପରେ ଆୟକର ପ୍ରଭାବ ନାହିଁ । ଅର୍ଥାତ୍ ଆପଣ ଯାଉଥିବା ଡିଭିଡ଼େଣ୍ଡ ରାଶି ସମ୍ପୂର୍ଣ୍ଣ ଆୟକର ମୁକ୍ତ । ଏହା ହିଁ ହେଉଛି ସବୁଠାରୁ ସୁବିଧା। ଯେତେବେଳେ ଆପଣ ବ୍ୟାଙ୍କ ସ୍ଥାୟୀ ଜମା ଯାହାକି ଟିଡିଏସ୍ ଲାଗୁ ହୁଏ (ବ୍ୟାଙ୍କ ସ୍ଥାୟୀଜମା ରାଶିର ସୁଧରାଶି ୧୦,୦୦୦ ଟଙ୍କାରୁ ଅଧିକ ହେଲେ ଟିଡିଏସ୍ ଲାଗୁ ହେବ ଅର୍ଥାତ୍ ସମୁଦାୟ ସୁଧରାଶିରୁ ଆୟ କର କାଟି ରଖି ଦିଆଯିବ) । ବ୍ୟାଙ୍କ ସ୍ଥାୟୀ ଜମା ସହ ସହିତ ମ୍ୟୁଚୁଆଲ ଫଣ୍ଡ ଡେଟ୍ ସ୍କିମର ତୁଳନାତ୍ମକ ହିସାବ କଲେ ବୁଝିପାରିବେ। ସ୍ଥାୟୀ ଜମା ରାଶିର ସୁଧ ହାର ଟଙ୍କା ଯଦି ୧୦,୦୦୦ ଟଙ୍କାରୁ ଅଧିକ ହେବେ ତେବେ ବ୍ୟାଙ୍କ ଟିଡିଏସ୍ ୧୦% ହିସାବରେ କାଟି ଦେବ । ଏକ ଆର୍ଥିକ ବର୍ଷରେ ୧୦,୦୦୦ ଟଙ୍କାରୁ ଅଧିକ ସୁଧ ରାଶି ଆୟ ଉପରେ ଟିଡିଏସ୍ ଲାଗୁହେବ । ଯଦି ଫଣ୍ଡ ୟୁନିଟ ସବୁ ୩ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ନିବେଶ କରାଯାଇଥିବ ସେ କ୍ଷେତ୍ରରେ ମ୍ୟୁଚୁଆଲ ଫଣ୍ଡ ଡେଟ୍ ସ୍କିମରେ ଇଣ୍ଡେକ୍ସେସନ ସହିତ ୨୦% ଆୟକର ଲାଗୁ ହେବ ।

ନିମ୍ନଲିଖିତ ଟେବୁଲକୁ ଦୃଷ୍ଟି ଦେଲେ ବୁଝିପାରିବେ। ଏକ ଉଦାହରଣ: ଧରିନେବା ବାର୍ଷିକ @୮% ସୁଧହାର, ଇନଫ୍ଲାସନ ଇଣ୍ଡେକ୍ସ @୫% ଓ ଆୟକର ସ୍ତର ୨୦। ନିବେଶ ରାଶି ୧୦,୦୦୦ ଟଙ୍କା ୪ ବର୍ଷ ପାଇଁ ନିବେଶ କରାଯାଇଛି।

ନିବେଶ କରିବା ସମୟରେ ଆୟକର ପ୍ରଭାବକୁ ଦୃଷ୍ଟି ଦେଇ ନିବେଶ କରିବା ଉଚିତ୍ । ମ୍ୟୁଚୁଆଲ ଫଣ୍ଡରେ ନିବେଶ ପୂର୍ବରୁ ନିବେଶ ସମ୍ପର୍କିତ ସମସ୍ତ ତଥ୍ୟ ଓ ରିସ୍କ ସମ୍ପର୍କରେ ଭଲ ଭାବରେ ବୁଝି ନିବେଶ କରନ୍ତୁ ।

ଆମର ପରାର୍ମଶ, ଆପଣ ନିବେଶ ପୂର୍ବରୁ ଏକ ତୁଳନାତ୍ମକ ହିସାବ ଦେଖନ୍ତୁ । ସ୍କିମ ଉପରେ ଆୟକର ଭାବରେ ପରିଚାଳନା କରିବା ପାଇଁ ଆପଣ ଜଣେ ସାର୍ଟିଫାଏଡ ଫାଇନାନ୍‌ସିଆଲ ପ୍ଲାନର କିମ୍ବା ଚାର୍ଟାର୍ଡ ୱେଲଥ ମ୍ୟାନେଜରଙ୍କୁ ସାକ୍ଷାତ କରି ଆପଣଙ୍କ ଆବଶ୍ୟକତା ଓ ଆର୍ଥିକ ଲକ୍ଷ୍ୟ ସବୁକୁ ଦୃଷ୍ଟି ଦେଇ ନିବେଶ କରନ୍ତୁ ।

**▶▶ ଏନ୍‌ପିଏସ୍ ସ୍କିମରେ ମୋର ଅବସରକାଳୀନ ପାଣ୍ଠି ପାଇଁ ଦରମାରୁ କଟିଯାଉଛି । ମୁଁ ଜାଣିବାକୁ ଚାହୁଁଛି ଏନ୍‌ପିଏସ୍‌ରେ ବର୍ତ୍ତମାନ କେତେ ସୁଧହାର ମିଳୁଛି ?**

**– ସହଦେବ ମାଝି, ନବରଙ୍ଗପୁର**

■ ନ୍ୟାଶନାଲ ପେନ୍‌ସନ୍ ସିଷ୍ଟମ (ଏନ୍‌ପିଏସ୍)ରେ ସୁଧହାର ଆପଣ ପସନ୍ଦ କରିଥିବା ଫଣ୍ଡ ନିର୍ଭର କରିଥାଏ। ଭବିଷ୍ୟତରେ ଆପଣ ପସନ୍ଦ କରିଥିବା ଫଣ୍ଡର ଲାଭ/ସୁଧହାର ପ୍ରଦାନ ଏହାର ନିବେଶ କାର୍ଯ୍ୟଶୈଳୀର ସଫଳତା ଉପରେ ନିର୍ଭର କରିଥାଏ । ସରକାରୀ କିମ୍ବା ଘରୋଇ କର୍ମଚାରୀ ହିସାବରେ ନିବେଶ କରୁଛନ୍ତି ଜଣାଇ ନାହାନ୍ତି ।

**▶▶ ମୋର ବୟସ ୪୬ ବର୍ଷ । ମୁଁ ଏନ୍‌ପିଏସ୍ ସ୍କିମରେ ନିବେଶ କରିବା ଠିକ୍ କି ? କେଉଁ ପ୍ରକାରର ନିବେଶ ପସନ୍ଦ ଉପଯୁକ୍ତ ହେବ ?**

**– ଅମର ଶତପଥୀ, ବଲାଙ୍ଗୀର**

■ ହଁ, ଅବସରକାଳୀନ ପାଣ୍ଠି ଗଠନ କରିବା ପାଇଁ ଆପଣ ଏନ୍‌ପିଏସ୍‌ରେ ନିବେଶ କରିପାରନ୍ତି। ଆପଣ ନିଜର ରିସ୍କ ନେବାର କ୍ଷମତାକୁ ଆଧାର କରି ନିବେଶ ପସନ୍ଦ ଚୟନ କରନ୍ତୁ ।

**ବ୍ୟାଙ୍କ ସ୍ଥାୟୀ ଜମା ଓ ମ୍ୟୁଚୁଆଲ ଫଣ୍ଡ ଡେଟ୍ ସ୍କିମର ଇଣ୍ଡେକ୍ସେସନ ସୁବିଧା**

| ସୁଧ ରାଶି ଆୟ ଉପରେ ପ୍ରଭାବ | ବ୍ୟାଙ୍କ ସ୍ଥାୟୀ ଜମା | ମ୍ୟୁଚୁଆଲ ଡେଟ୍‌ସ୍କିମ |
|---|---|---|
| ନିବେଶ ରାଶି | ୧୦,୦୦୦ | ୧୦,୦୦୦ |
| ପରିପକ୍ୱ ରାଶି | ୧୩,୬୦୫ | ୧୩,୬୦୫ |
| ଆୟକର ପୈଠ ପୂର୍ବରୁ ବାସ୍ତବ ଆୟ | ୩,୬୦୫ | ୩,୬୦୫ |
| ଇଣ୍ଡେକ୍ସେସନ କସ୍ଷ୍ଟ ସହିତ ପ୍ରାପ୍ତି | ନାହିଁ | ୧୨,୧୫୫ |
| କ୍ୟାପିଟାଲ ଗେନ୍-ଆୟକର ନିୟମ ଅନୁଯାୟୀ | ୩,୬୦୫ | ୧,୪୫୦ |
| ଆୟକର ସ୍ତର ପ୍ରଯୁଜ୍ୟ | ଆୟକର ସ୍ତର ଅନୁଯାୟୀ | @୨୦% |
| ଆୟକର-କେଉଁ ହିସାବରେ | ଅଦର ସୋର୍ସେସ୍ | କ୍ୟାପିଟାଲ ଗେନ୍ |
| ଲାଭ ବା ସୁଧରାଶି ଉପରେ ଆୟକର | ୭୨୧ | ୨୯୦ |
| ଆୟକର ପୈଠ ଉପରେ ବାସ୍ତବ ଆୟ | ୨,୮୮୪ | ୩,୩୧୫ |


GOVERNMENT OF ODISHA
PANCHAYAT RAJ DEPARTMENT
PANCHAYAT SAMITI, BOIPARIGUDA

No.: 318/V-38/19 Dated: 11.02.2019

DETAILED TENDER CALL NOTICE

1. The Block Development Officer, Boiparaguda, District: Koraput (Odisha) on behalf of the Governor of Odisha invites percentage rate and tender in Single Cover System for the detail in the table as mentioned below from the eligible class of contractors registered with the State Government and Contractors of equivalent Grades/Class registered with Central Government/MES/ Railways & other State Government for execution of Civil Works, on production of define proof from the appropriate authority. Further details can be available on the website **www.koraput.nic.in**. The undersigned is not responsible for any ommission, alteration and addition/delition to this notice in the internet.

**Bid Identification No. BDO-02/18-19 of B.D.O., Boipariguda**

| Sl. No. | Name of the Work with location | Name of the Scheme | Estimated Cost put to tender (In Rs.) | EMD to be deposited 1% of the tender cost (In Rs.) | Cost of tender Documents (Non refundable) (In Rs.) | Period of Completion | Class of Contractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of Bridge over Kukurmalajodi Nala of Village- Bhejiniguda in Tentuligumma GP | SCA for LEW Effected District 2018-19 | Rs.29,10,000.00 | Rs.29,100/- | Rs.6,000/- | 6 (Six) Calendar Months | "C" & "B" |
| 2 | Construction of Bridge over Melasajodi Nallah of Village- Kantabaunsaguda in Tentuligumma GP | SCA for LEW Effected District 2018-19 | Rs.29,10,000.00 | Rs.29,100/- | Rs.6,000/- | 6 (Six) Calendar Months | "C" & "B" |
| 3 | Construction of Bridge over Nirgalijodi Nallah of Village- Kantabaunsaguda in Tentuligumma GP | SCA for LEW Effected District 2018-19 | Rs.29,10,000.00 | Rs.29,100/- | Rs.6,000/- | 6 (Six) Calendar Months | "C" & "B" |
| 4 | Construction of Bridge over Artamjodi Nallah of Village- Matiguda in Tentuligumma GP | SCA for LEW Effected District 2018-19 | Rs.29,10,000.00 | Rs.29,100/- | Rs.6,000/- | 6 (Six) Calendar Months | "C" & "B" |
| 5 | Construction of Culvert in between Artamjodi to Matiguda Chhowk of Village- Matiguda in Tentuliguma GP | SCA for LEW Effected District 2018-19 | Rs.29,10,000.00 | Rs.29,100/- | Rs.6,000/- | 6 (Six) Calendar Months | "C" & "B" |
| 6 | Construction of Bridge over Badabahaljodi (Nallah) of Village- Bhejiniguda in Tentuliguma GP | SCA for LEW Effected District 2018-19 | Rs.38,80,000.00 | Rs.38,800/- | Rs.6,000/- | 6 (Six) Calendar Months | "C" & "B" |
| 7 | Construction of Road from Chipakur to Bengapandi | SCA for LEW Effected District 2018-19 | Rs.14,55,000.00 | Rs.14,550/- | Rs.6,000/- | 6 (Six) Calendar Months | "D" & "C" |
| 8 | Construction of Bridge over Baghpakdijodi Nala at Village- Baghpandi in Tentuliguma GP | BKBK (State Sector) 2018-19 | Rs.48,50,000.00 | Rs.48,500/- | Rs.6,000/- | 6 (Six) Calendar Months | "C" & "B" |
| 9 | Construction of Bridge on river Gaurkund at Village- Gadulpadar in Haladikund GP | BKBK (State Sector) 2018-19 | Rs.48,50,000.00 | Rs.48,500/- | Rs.6,000/- | 6 (Six) Calendar Months | "C" & "B" |

2. Bid documents consisting of plans specifications, schedule of quantities and a set of terms and conditions of contract and other necessary documents can be seen in the Office of the undersigned during the office hours every day except Sundays and Public Holidays till the last date of sale and receipt of tender papers. Interest bidders may obtain further information at the same addresses. **3.** Bids must be accompanied with Security/EMD of the amount specified for the work in Column No. 5 of the above table, duly pledged in favour of the Block Development Officer, Boipariguda, District- Koraput. Bid security will have to be in one of the form as specified in the bidding documents i.e. NSC/KVP/TDR/STDR/Postal Saving Bank Account Pass Book/Post Office Term Deposit/Term Deposit from any Nationalized Bank. The bidders are required to submit attested copies of valid contractor Registration Certificate, PAN Card, GST Clearance Certificate, Labour Licence, otherwise his/her bid shall be declared as non responsive thus liable for rejection. **4.** For a particular work a bidder can submit only one tender paper. Submission of more than one tender paper by a bidder for a particular work will be liable for rejection of all such tenders. **5.** The sale of Bid documents shall start from Dt.14.02.2019 during office hours in the Office of the Block Development Officer, Boipariguda and close on **Dt.21.02.2019 at 2.00 P.M**. **6.** Bid documents will be received during office hour upto 2.00 P.M. on **Dt.21.02.2019** in the Block Office, Boipariguda through **Registered Post and Speed Post only**. Receipt of bid documents after 2.00 P.M. on **Dt.21.02.2019** will not be entertained. The undersigned is not responsible for any postal dealy. **7.** At the time of sale of bid document, a contractor is required to produce his/her original valid contract licnece for verification. **8.** The bid will be opened on **Dt.21.02.2019 at 4.00 P.M.** in the Office of the B.D.O., Boipariguda in presnece of the bidders or their authorized representatives who wish to attend. If the office happens to be close on the day of receipt and opening of the bids as specified, the bids will be received and opened on the next working day at the same time and venue. **9.** Bid documents can be purchased during office hours from the office of undersigned by payment of Cash/Demand Draft in any Nationalized Bank drawn in favour of Block Development Officer, Boipariguda payable at Indian Overseas Bank, Boipariguda. The cost of bid document is a non-refundable fee towards cost of the documents as indicated under Column-6 in the table. **10.** If the bid amount is less than 15% of the tendered amount, then such a bid shall be rejected and considered as non responsive. **11.** When the bid is upto 10% less than the estimated cost, no additional performance security is required to be deposited by the successful bidder. When the bid amount is less than the estimated cost by more than 10% and within 15%, in such an event, the successful bidder will have to deposit the additional performance security to the extent of 1.50 times of the differential cost of the bid amount on 90% of the estimated cost in shape of NSC/POTD/KVP/ Deposit Receipt of Schedule Bank duly pledged in favour of the Block Development Officer, Boipariguda, District- Koraput, in the sealed envelope along with the bid documents at the time of submission of Bids; otherwise the tender will not be accepted. **12.** The bidders shall furnish an affidavit at the time of submission of bid, about the authentification of the tender documents including Registration Certificate, PAN Card, valid GST Clearance Certificate, Labour Licence and Security etc., failing which the bid shall be considered as non responsive and thus liable for rejection. **13.** The authority reserves the right to reject any or all the bids without assinging any reason thereof. Other details can be seen in the bidding documents.

**Sd./- Block Development Officer, Boipariguda**



❝ ବର୍ଷ ଶେଷ ଭାଗରେ ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ ର୍‍ୟାଙ୍କିଙ୍ଗ ତାଲିକାର ଶୀର୍ଷ ୩୦ ମଧ୍ୟରେ କିପରି ସ୍ଥାନ ପାଇପାରିବି ମୋ ଲକ୍ଷ୍ୟ ରହିଛି ।
– ଲକ୍ଷ୍ୟ ସେନ୍, ଭାରତୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଭା




❝ କନ୍ୟା ସନ୍ତାନ ତିସ୍ୟାର ଜନ୍ମ ଦ୍ୱାରା ମୁଁ ଓ ମୋ ପତ୍ନୀ ଇପ୍ସା ଭାଗ୍ୟବାନ ମନେ କରୁଛୁ। ଏହି ଖୁସି ଆଗାମୀ ଟୁର୍ନାମେଣ୍ଟରେ ଭଲ ଖେଳିବାପାଇଁ ପ୍ରେରଣାଦାୟକ ହେବ।
– ଅନିର୍ବନ ଲାହିରି, ଭାରତୀୟ ଗଲ୍‌ଫ ଖେଳାଳି

**ସଂକ୍ଷେପରେ**

## ମିଛ ପ୍ରମାଣପତ୍ର ଦେଇ ଫସିଲେ ହକି କିମ୍ବଦନ୍ତୀ

ହାଇଦ୍ରାବାଦ,୧୩।୨- ପୂର୍ବତନ ଭାରତୀୟ ହକି ଦଳର ଅଧିନାୟକ ଓ ଅର୍ଜୁନ ସମ୍ମାନପ୍ରାପ୍ତ ଏନ୍. ମୁକେଶ କୁମାର ମିଛ ଜନ୍ମ ପ୍ରମାଣପତ୍ର ଦେଇ ଫସିଛନ୍ତି। ସିକନ୍ଦରାବାଦ ତହସିଲଦାର ଅଫିସ୍‌ରୁ ମିଛ ଅନୁସୂଚିତ ଜନଜାତି ପ୍ରମାଣପତ୍ର ଆଣିବା ପାଇଁ କିମ୍ବଦନ୍ତୀ ହକି ଖେଳାଳିଙ୍କ ବିରୋଧରେ ମାମଲ ଦାଏର ହୋଇଛି। ତେବେ ଦୁଇ ସପ୍ତାହ ତଳେ ଏହି ଘଟଣା ଘଟିଥିଲେ ମଧ ଏବେ ସାମ୍ନାକୁ ଆସିଛି। ବଓ୍ୱାଇନପାଲି ଥାନାରେ ଦିଆଯାଇଥିବା ମାମଲାରେ ମୁକେଶ ଓ ତାଙ୍କ ଭାଇଙ୍କ ନାମ ମଧ ରହିଛି। ସେମାନେ ମିଛ ପ୍ରମାଣପତ୍ର ଦାଖଲ କରି ଚଞ୍ଚକତା କରିଛନ୍ତି। ଆମେ ଅନ୍ୟ ମାମଲାରେ ବ୍ୟସ୍ତ ଥିବାରୁ ଏ ସମ୍ପର୍କରେ ଅଧିକ କିଛି ଜାଣିନାହୁଁ। ଏ ନେଇ ଆମେ ଆବଶ୍ୟକ ପଦକ୍ଷେପ ନେବୁ ବୋଲି ବଓ୍ୱାଇନପାଲି ଥାନା ଏସ୍‌ଏଚ୍‌ଓ ଡି. ରାଜେଶ କହିଛନ୍ତି। ତିନିଥର ଅଲିମ୍ପିଆନଙ୍କ ବ୍ରାହ୍ମଣ ଜାତିରେ ଜନ୍ମ। ଇଣ୍ଡିଆନ ଏୟାରଲାଇନ୍ସ ଭିଜିଲାନ୍ସ ବିଭାଗ ପକ୍ଷରୁ ୨୦୦୭ରେ ହାଇଦ୍ରାବାଦ କଲେକ୍ଟରଙ୍କୁ ମୁକେଶ ଓ ତାଙ୍କ ଭାଇଙ୍କ ଜାତି ସମ୍ପର୍କରେ ତଦନ୍ତ କରିବାକୁ କୁହାଯାଇଥିଲା। ଦୁଇ ଭାଇ ଏୟାରଲାଇନ୍‌ରେ କାର୍ଯ୍ୟ କରିବା ଲାଗି ମିଛ ଜନ୍ମ ପ୍ରମାଣପତ୍ର ଦେଇଥିଲେ। ଏହାର ଆନ୍ତଃ ତଦନ୍ତ କରାଯିବା ପରେ ମୁକେଶ ଓ ସୁରେଶ ଅନୁସୂଚିତ ଜନଜାତିର ନ ଥିବା ଜଣାପଡ଼ିଥିଲା। ଏହାକୁ ହାଇଦ୍ରାବାଦ ଜିଲାପାଳ ସ୍ପଷ୍ଟ କରନ୍ତୁ ବୋଲି ଏୟାରଲାଇନ୍ସ ଭିଜିଲାନ୍ସ ପକ୍ଷରୁ ନିବେଦନ କରାଯାଇଥିଲା। ମୁକେଶ ଦେଶ ପାଇଁ ବାର୍ସିଲୋନା (୧୯୯୨), ଆଟ୍‌ଲାଣ୍ଟ (୧୯୯୬) ଓ ସିଡ୍‌ନୀ (୨୦୦୦) ଅଲିମ୍ପିକ୍ସରେ ଖେଳିଥିଲେ।

## ବିବାଦରେ ଡିଆର୍‌ଏସ୍ ନିୟମ

ଡର୍ବାନ,୧୩।୨- କ୍ରିକେଟରେ ଅମ୍ପାୟରଙ୍କ ନିଷ୍ପତ୍ତିର ପୁନର୍ବିଚାର ଲାଗି ବ୍ୟବହାର ହେଉଥିବା ଡିଆର୍‌ଏସ୍ ବ୍ୟବସ୍ଥାର ନିୟମକୁ ନେଇ ବିବାଦ ଉପୁଜିଛି। ଏଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଚାଲିଥିବା ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ଓପନର ଡିନ ଏଲଗାର ପ୍ରଥମ ଓଭରରେ ଆଉଟ୍ ହୋଇଥିଲେ। ଏହାପରେ ଶ୍ରୀଲଙ୍କା ପେସର ବିଶ୍ୱା ଫର୍ନାଣ୍ଡୋ ଘରୋଇ ବ୍ୟାଟ୍ସମ୍ୟାନ ହାସିମ ଆମଲାଙ୍କ ବିପକ୍ଷରେ ଏଲବିଡବ୍ଲ୍ୟୁ ଅପିଲ କରିଥିଲେ। ଅମ୍ପାୟର ଅଲିମ ଦାର କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ। ଏଥିଯୋଗୁ ଶ୍ରୀଲଙ୍କା ଅଧିନାୟକ ଦିମୁଥ କରୁଣାରତ୍ନେ ଡିଆରଏସ୍ ନେବାକୁ ନିଷ୍ପତ୍ତି ନେଇଥିଲେ। ହେଲେ ଅମ୍ପାୟର ଦାର ଏହାକୁ ମଧ ପ୍ରତ୍ୟାଖ୍ୟାନ କରିଥିଲେ। କାରଣ ଭ୍ରମଣକାରୀ ଦଳର ଅଧିନାୟକ ଡିଆରଏସ୍ ନିଷ୍ପତ୍ତି ନେବା ପାଇଁ ୧୫ ସେକେଣ୍ଡରୁ ଅଧିକ ସମୟ ନେଇଥିଲେ। ଏଥିଯୋଗୁ ଶ୍ରୀଲଙ୍କା ଗୋଟିଏ ଉଇକେଟ ହାତଛଡ଼ା କରିବାକୁ ପଡ଼ିଛି। ଆଇସିସି ଧାରା ୩.୨.୨. ଅନୁଯାୟୀ, ବଲ ଡେଡ୍ ହେବାର ୧୫ ସେକେଣ୍ଡ ମଧ୍ୟରେ ଡିଆରଏସ୍ ବ୍ୟବହାର ଲାଗି ସଙ୍କେତ କରାଯିବ। ଡିଆରଏସ୍ ବ୍ୟବହାର ଲାଗି ଆବେଦନ ବିଳମ୍ବରେ ହୋଇଥିବା ଅନୁଭବ କଲେ ଫିଲ୍ଡ ଅମ୍ପାୟର ଏହାକୁ ପ୍ରତ୍ୟାଖ୍ୟାନ କରିପାରିବେ। କିନ୍ତୁ ଭାଷ୍ୟକାରଙ୍କ ଅନୁସାରେ, କରୁଣାରତ୍ନେ ୧୩ ସେକେଣ୍ଡରେ ଡିଆରଏସ୍ ବ୍ୟବହାର ଲାଗି ସଙ୍କେତ କରିଥିଲେ।

# ପଦକ ନିଶ୍ଚିତ କଲେ ପ୍ରମୋଦ



ପ୍ରମୋଦ ଭଗତ୍।

**ଭୁବନେଶ୍ୱର, ୧୩।୨(ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଆ ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତ ୟୁଏଇର ଶାରଜାଠାରେ ଚାଲିଥିବା ୱାର୍ଲ୍ଡ ପାରା ଗେମ୍‌ର ୩ଟି ବିଭାଗରେ ସେମିଫାଇନାଲରେ ପ୍ରବେଶ କରି ଦେଶ ପାଇଁ ପଦକ ନିଶ୍ଚିତ କରିଛନ୍ତି। ପ୍ରମୋଦ ପୁରୁଷ ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ୍ ଡବଲ୍ସ ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ସିଙ୍ଗଲ୍ସରେ ପ୍ରମୋଦ କ୍ୱାର୍ଟରରେ ନିଜ ଦେଶର ଶରଦ ଯୋଶୀଙ୍କୁ ୨୧-୧୯, ୨୦-୨୨, ୨୧-୮ ଗେମ୍‌ରେ ପରାସ୍ତ କରିଛନ୍ତି। ଏଥିପୂର୍ବରୁ ପ୍ରମୋଦ ୨୧-୯, ୨୧-୧୧ରେ ଘରୋଇ ସଟ୍‌ଲର ଅଲ୍‌ହଲ୍ୟାନ ସୁଲତାନଙ୍କୁ ପରାସ୍ତ କରି କ୍ୱାର୍ଟରରେ ପହଞ୍ଚିଥିଲେ। ସେହିଭଳି ପୁରୁଷ ଡବଲ୍ସ କ୍ୱାର୍ଟରରେ ପ୍ରମୋଦ ଓ

**ୱାର୍ଲ୍ଡ ପାରା ଗେମ୍ସ**

ସୁକାନ୍ତ କଦମ ଯୋଡ଼ି ଇରାକର ବୁସୁନ ଓ ସ୍ୟାବେଶଙ୍କୁ ୨୧-୧୩, ୨୧-୫ରେ ମାତ୍ ଦେଇ ଅନ୍ତିମ-୪ରେ ପ୍ରବେଶ କରିଥିଲେ। ଏହାପୂର୍ବରୁ ଏହି ଭାରତୀୟ ଯୋଡ଼ି ୨୧-୧୩, ୨୧-୧୪ ଗେମ୍‌ରେ ସାଲେହ ମହମ୍ମଦ ଓ ଅଲ୍‌ହ୍ୟାନ ସୁଲତାନ ଯୋଡ଼ିଙ୍କୁ ହରାଇଥିଲେ। ମିକ୍ସଡ ଡବଲ୍ସ କ୍ୱାର୍ଟରଫାଇନାଲରେ ପ୍ରମୋଦ ଓ ପାରୁଲ ପରମାର ଯୋଡ଼ି୨୧-୮, ୨୧-୮ରେ ଇରାକର ଜୀସନ ଗୋହର ଓ ରାଘବ ମଇଶଙ୍କୁ ହରାଇଥିଲେ। ତେବେ ହ୍ୱିଲ ଚେୟାର ଫେନ୍ସିରେ ଭାଗ ନେଇଥିବା ଅନ୍ୟତମ ଓଡ଼ିଆ ପ୍ରତିଯୋଗୀ ରମେଶ ରାଓ ସବୁ ମ୍ୟାଚ୍ ହାରି ନିରାଶ କରିଛନ୍ତି।

# କଟକରେ ପ୍ରଥମ ବ୍ୟାଡମିଣ୍ଟନ ପ୍ରଶିକ୍ଷଣ କେନ୍ଦ୍ର



**କଟକ ଅଫିସ,୧୩।୨**

**ମିଳିଲା ସରକାରୀ ସ୍ୱୀକୃତି**

ଓଡ଼ିଶା ବ୍ୟାଡମିଣ୍ଟନ ଖେଳାଳିମାନଙ୍କ ନିମନ୍ତେ ଅତ୍ୟାଧୁନିକ ପ୍ରଶିକ୍ଷଣ ସୁଯୋଗର ଅନ୍ୟ ଏକ ଦ୍ୱାର ଫିଟିଛି। ଏବେ କଟକରେ ରାଜ୍ୟ ସରକାରଙ୍କ ପ୍ରଚେଷ୍ଟାରେ ହେବ ସ୍ଥାୟୀ ବ୍ୟାଡ୍‌ମିଣ୍ଟନ ପ୍ରଶିକ୍ଷଣ କେନ୍ଦ୍ର। ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ମାର୍ଚ୍ଚ ୧ରୁ ଏହି କେନ୍ଦ୍ର ଚାଲିବାକୁ ଥିବାବେଳେ ଏ ନେଇ ପ୍ରସ୍ତୁତି ଆରମ୍ଭ ହୋଇ ସାରିଛି। ପ୍ରଶିକ୍ଷଣ କେନ୍ଦ୍ର ଖୋଲିବା ନିମନ୍ତେ ରାଜ୍ୟର ପ୍ରଖ୍ୟାତ ବ୍ୟାଡମିଣ୍ଟନ ଖେଳାଳି କମଳ ଦାସଙ୍କୁ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବିଭାଗ ପକ୍ଷରୁ ସ୍ୱୀକୃତି ପ୍ରଦାନ କରାଯାଇଛି।

ବ୍ୟାଡମିଣ୍ଟନ କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶା ବହୁ ପଛରେ ପଡ଼ିଛି। ଭିତ୍ତିଭୂମିର ଅଭାବ ଥିବାରୁ ଓଡ଼ିଶାର ଖେଳାଳିମାନେ ଜାତୀୟ ଦଳରେ ସୁଯୋଗ ପାଇ ପାରୁନାହାନ୍ତି। ଏପରିକି ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏଶନର ଖଣ୍ଡେ ସ୍ଥାୟୀ କାର୍ଯ୍ୟାଳୟ ମଧ କେଉଁଠି ନାହିଁ। ରାଜ୍ୟରେ ଏହି କ୍ରୀଡ଼ାର ଅବସ୍ଥା ଭଲ ନ ଥିବାବେଳେ କେବଳ ଭୁବନେଶ୍ୱରରେ ଦୁଇଟି ପ୍ରଶିକ୍ଷଣ କେନ୍ଦ୍ର ଜାରି ରହିଛି। ଯେଉଁଠାରେ ଓଡ଼ିଶା ସମେତ ଓଡ଼ିଶା ବାହାରର ଅନେକ ଖେଳାଳି ପ୍ରଶିକ୍ଷଣ ନେଉଛନ୍ତି। ଏହାଛଡ଼ା ରାଜ୍ୟର କିଛି ସିନିୟର ବ୍ୟାଡମିଣ୍ଟନ ଖେଳାଳି ଓଡ଼ିଶାରେ ପ୍ରଶିକ୍ଷଣର ପର୍ଯ୍ୟାପ୍ତ ସୁବିଧା ସୁଯୋଗ ନ ଥିବାରୁ ହାଇଦ୍ରାବାଦସ୍ଥିତ ପୁଲେଲା ଗୋପୀଚାନ୍ଦ ବ୍ୟାଡମିଣ୍ଟନ ଏକାଡେମୀ ଓ କାନିତକର ବ୍ୟାଡମିଣ୍ଟନ ଏକାଡେମୀ ଭଳି ପ୍ରଶିକ୍ଷଣ କେନ୍ଦ୍ରରେ ସାମିଲ ହୋଇଛନ୍ତି। ତେବେ କଟକର ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ପ୍ରଶିକ୍ଷଣ କେନ୍ଦ୍ର ଖୋଲାଯିବା ଜଣାପଡ଼ିବା ପରେ ଏବେ ବ୍ୟାଡମିଣ୍ଟନ ପ୍ରତିଭାମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ରାଜ୍ୟ ସରକାରଙ୍କ ଦ୍ୱାରା ପୂର୍ବରୁ ଭବାନୀପାଟଣାରେ ଏକ ପ୍ରଶିକ୍ଷଣ କେନ୍ଦ୍ର ରହିଛି। ଫଳରେ ଏବେ ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ହେବାକୁ ଥିବା କେନ୍ଦ୍ର ରାଜ୍ୟ ସରକାରଙ୍କ ଦ୍ୱାରା ଦ୍ୱିତୀୟ କେନ୍ଦ୍ର କୁହାଯାଇ ପାରିବ। ଗତ କିଛି ବର୍ଷ ହେବ ଏହିଭଳି ଏକ କେନ୍ଦ୍ର ଖୋଲଯିବା ପାଇଁ ଯୋଜନା ଥିଲା। କମଳ ଗତ ଡିସେମ୍ବର ୨୪ ତାରିଖରେ କଟକରେ ପ୍ରଶିକ୍ଷଣ କେନ୍ଦ୍ର ଖୋଲାଯିବା ନେଇ ରାଜ୍ୟ ସରକାରଙ୍କ ନିକଟକୁ ଚିଠି ଲେଖିଥିଲେ। ଚିଠି ପାଇବା ପରେ ସରକାରୀ ସ୍ତରରେ କଟକରେ କେନ୍ଦ୍ର ଖୋଲିବା ପାଇଁ ଗ୍ରୀନ ସିଗ୍ନାଲ ମିଳିଥିଲା। ରାଜ୍ୟ ସରକାର ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମକୁ ବ୍ୟବହାର କରିବା ପାଇଁ କମଲଙ୍କୁ ସ୍ୱୀକୃତି ଦେଇଛନ୍ତି। ତେବେ ସରକାରଙ୍କ ପକ୍ଷରୁ କୌଣସି ଆର୍ଥିକ ସହାୟତା ପ୍ରଦାନ କରାଯିବ ନାହିଁ। କମଳ ନିଜ ପ୍ରଚେଷ୍ଟାରେ ଆବଶ୍ୟକୀୟ କ୍ରୀଡ଼ା ସରଞ୍ଜାମ କିଣି ଏହି ପ୍ରଶିକ୍ଷଣ କେନ୍ଦ୍ର ଆରମ୍ଭ କରିବେ। ଖୁବଶୀଘ୍ର ବ୍ୟାଡମିଣ୍ଟନ କୋର୍ଟ ତିଆରି କରାଯିବ। ମାର୍ଚ୍ଚ ପହିଲା ସୁଦ୍ଧା ରାଜ୍ୟର ପ୍ରାୟ ୧୦୦ଜଣ ବ୍ୟାଡମିଣ୍ଟନ ଖେଳାଳି ପ୍ରଶିକ୍ଷଣ କେନ୍ଦ୍ରରେ ନାମ ପଞ୍ଜୀକରଣ କରିବେ ବୋଲି କମଳ ସୂଚନା ଦେଇଛନ୍ତି। ରୀତା ଦାସ, ପ୍ରମୋଦ ରଣା ଏହି କେନ୍ଦ୍ରରେ ମଧ ପ୍ରଶିକ୍ଷଣ ପ୍ରଦାନ କରିବେ। ମୁଖ୍ୟ କୋଚ୍ ଦାୟିତ୍ୱରେ କମଳ ରହିବେ। ସୂଚନା ଥାଉ କି, କମଳ ରାଜ୍ୟ ବ୍ୟାଡମିଣ୍ଟନ ଦଳରୁ ଦୀର୍ଘ ବର୍ଷ ଧରି ଜାତୀୟ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିଛନ୍ତି। ଏପରିକି ରାଜ୍ୟରେ ତାଙ୍କ ପ୍ରଚେଷ୍ଟାରେ ବ୍ୟାଡମିଣ୍ଟନ ଲିଗ ମଧ ପୂର୍ବରୁ ସଫଳପୂର୍ଣ୍ଣ ଭାବେ ଆୟୋଜିତ ହୋଇଛି। ଏହି ପ୍ରଶିକ୍ଷଣ କେନ୍ଦ୍ର ଖୋଲାଯିବା ପରେ ବ୍ୟାଡମିଣ୍ଟନରସ୍ତର ନିଶ୍ଚିତ ଭାବେ ରାଜ୍ୟରେ ବୃଦ୍ଧି ପାଇବ। ଏହାଛଡ଼ା ଅତ୍ୟାଧୁନିକ ପ୍ରଶିକ୍ଷଣ ନିମନ୍ତେ ଏଠାକାର ଖେଳାଳି ସ୍ୱତନ୍ତ୍ର ଭାବେ ଦେଶର ବଡ଼ବଡ଼ ପ୍ରଶିକ୍ଷଣ କେନ୍ଦ୍ରକୁ ପଠାଯିବେ ବୋଲି କମଳ କହଛନ୍ତି।

# ମ୍ୟାଚ୍ ରେଫରି ଦାୟିତ୍ୱରେ ଓଡ଼ିଶାର ପ୍ରଶାନ୍ତ

**କଟକ ଅଫିସ,୧୩।୨**

ମହୀଶୂରଠାରେ ଚାଲିଥିବା ଭାରତ-ଏ ଓ ଇଂଲଣ୍ଡ ଲାୟନ୍ସ ମଧ୍ୟରେ କ୍ରିକେଟ ମ୍ୟାଚ୍‌ରେ ମ୍ୟାଚ୍ ରେଫରି ଭାବେ ନିୟୋଜିତ ହୋଇଛନ୍ତି ଓଡ଼ିଶାର ପୂର୍ବତନ କ୍ରିକେଟର ପ୍ରଶାନ୍ତ ମହାପାତ୍ର। ଡାହାଣହାତୀ ବ୍ୟାଟ୍ସମ୍ୟାନ ପ୍ରଶାନ୍ତ ଓଡ଼ିଶା ପକ୍ଷରୁ ୪୫ଟି ପ୍ରଥମଶ୍ରେଣୀ ଓ ୧୭ଟି ଲିଷ୍ଟ-ଏ ମ୍ୟାଚ୍ ଖେଳିଛନ୍ତି। ୧୯୯୦ ମସିହାରେ ପ୍ରଶାନ୍ତ ପ୍ରଥମ ଶ୍ରେଣୀ କ୍ରିକେଟରେ ପଦାର୍ପଣ କରିଥିଲେ। ଏହାଛଡ଼ା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ପକ୍ଷରୁ ପ୍ରଶାନ୍ତ ୧୯୮୭-୮୮ ସିଜନ ନିମନ୍ତେ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ(୧୫ବର୍ଷରୁ କମ୍ ବର୍ଗ) ଭାବେ ପୁରସ୍କୃତ ମଧ ହୋଇଥିଲେ। ୨୦୧୪ ମସିହାରେ ବିସିସିଆଇ ପ୍ୟାନେଲ ରେଫରିଭାବେ ପ୍ରଶାନ୍ତ ଯୋଗ୍ୟତା ଅର୍ଜନ କରିଥିଲେ। ପ୍ରଶାନ୍ତଙ୍କର ଅନ୍ୟ ଏକ ପରିଚୟ ହେଉଛି, ସେ ହେଉଛନ୍ତି ପଦ୍ମଭୂଷଣ ରଘୁନାଥ ମହାପାତ୍ରଙ୍କର ପୁତ୍ର।



ଲୋକେଶ ରାହୁଲ ଓ ସାମ ବିଲିଙ୍ଗଙ୍କ ସହ ପ୍ରଶାନ୍ତ (ମଝି)

# ଇନିଂସ ଅଗ୍ରଣୀ ଲକ୍ଷ୍ୟରେ ବିଦର୍ଭ

ନାଗପୁର, ୧୩।୨ (ପି.ଟି.)- ରଣଜୀ ଟ୍ରଫି ଚାମ୍ପିୟନ ବିଦର୍ଭ ଏଠାରେ ଚାଲିଥିବା ସମ୍ମାନଜନକ ଇରାନୀ କପ୍‌ରେ ଅବଶିଷ୍ଟ ଭାରତ ବିପକ୍ଷରେ ପ୍ରଥମ ଇନିଂସ ଅଗ୍ରଣୀ ହାସଲ ଲକ୍ଷ୍ୟରେ ରହିଛି। ଅଜିଙ୍କ୍ୟ ରାହାନେଙ୍କ ନେତୃତ୍ୱାଧୀନ ଅବଶିଷ୍ଟ ଭାରତର ପ୍ରଥମ ଇନିଂସ ସ୍କୋର ୩୩୦ ରନ ଜବାବରେ ବୁଧବାର ୨ୟ ଦିବସ ଖେଳ ଶେଷ ସୁଦ୍ଧା ବିଦର୍ଭ ୯୦ ଓଭରରେ ୬ ଉଇକେଟ୍ ହରାଇ ୨୪୫ ରନ୍ ସଂଗ୍ରହ କରିଛି। ଉଇକେଟ୍‌କିପର ଅକ୍ଷୟ ୱାଡେକର ୫୦ ଓ ଅକ୍ଷୟ କର୍ନ୍‌ୱର ୧୫ ରନ କରି କ୍ରିଜରେ ଅପରାଜିତ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଫୈଜ ଫଜଲ ୨୭, ଓପନର୍ ସଞ୍ଜୟ ରଘୁନାଥ ୬୫, ଅଥର୍ୱା ତାଇଡେ ୧୫, ଗଣେଶ ସତୀଶ ୪୮ ରନର ଉପଯୋଗୀ ଇନିଂସ ଖେଳିଥିଲେ। ପ୍ରତିପକ୍ଷ ଅବଶିଷ୍ଟ ଭାରତ ପକ୍ଷରୁ କ୍ରିଷ୍ଣାପ୍ପା ଗୋଥାମ ଓ ଧର୍ମେନ୍ଦ୍ର ଜାଡେଜା ୨ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଛନ୍ତି। ବିଦର୍ଭ ନିକଟରେ ୪ ଉଇକେଟ୍ ବଳକା ରହିଥିବାବେଳେ ଇନିଂସ ଅଗ୍ରଣୀ ପାଇଁ ଦଳ ଆହୁରି ୮୬ ରନ୍ ଆବଶ୍ୟକ କରୁଛି। ପୂର୍ବରୁ ହନୁମା ବିହାରୀ (୧୧୪)ଙ୍କ ଶତକୀୟ ଇନିଂସ ଓ ଓପନର୍ ମୟଙ୍କ ଅଗ୍ରୱାଲଙ୍କ ୯୫ ରନ ବଳରେ ଅବଶିଷ୍ଟ ଭାରତ ପ୍ରଥମ ଇନିଂସରେ ୩୩୦ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା।

**ସଂକ୍ଷିପ୍ତ ସ୍କୋର:**

**ଅବଶିଷ୍ଟ ଭାରତ ପ୍ରଥମ ଇନିଂସ-** ୩୩୦/୧୦ (ମୟଙ୍କ ୯୫, ହନୁମା ୧୧୪, ଅଙ୍କିତ ରାଜପୁତ ୨୫, ଅକ୍ଷୟ ୱାଖରେ ୩/୬୨)।

**ବିଦର୍ଭ ପ୍ରଥମ ଇନିଂସ-** ୨୪୫/୬, ୯୦ ଓଭର (ରଘୁନାଥ ୬୫, ଆଦିତ୍ୟ ସରୱାଟେ ୧୮, ୱାଡେକର ୫୦*, ଗୋଥାମ ୨/୩୩)।

# ଦୁର୍ଘଟଣାର ଶିକାର ହୋଇନି: ରାଇନା

**ନୂଆଦିଲ୍ଲୀ,୧୩।୨**

କାର ଦୁର୍ଘଟଣାରେ ଭେଟେରାନ କ୍ରିକେଟର ସୁରେଶ ରାଇନାଙ୍କ ମୃତ୍ୟୁ ହୋଇଥିବା କେତେକ ଅନ୍‌ଲାଇନ ପୋର୍ଟାଲରେ ପ୍ରକାଶ ପାଇଥିବା ଖବରରେ କିଛି ସତ୍ୟତା ନାହିଁ। ଏ ନେଇ ରାଇନା ସ୍ପଷ୍ଟ କରିଛନ୍ତି। ତେବେ ଯେଉଁ ପୋର୍ଟାଲ ଖବର ସଂସ୍ଥା ଏହି ମିଛ ଖବର ପ୍ରଚାର କରିଥିଲେ, ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଚାହାଁନ୍ତି ବୋଲି ରାଇନା ପ୍ରତିକ୍ରିୟାରେ କହିଛନ୍ତି। ୩୨ ବର୍ଷୀୟ କ୍ରିକେଟର ଟୁଇଟ୍ କରିଛନ୍ତି, ଗତ କିଛି ଦିନ ହେଲା କାର ଦୁର୍ଘଟଣାର ମୁଁ ଶିକାର ହୋଇଥିବା ଖବର ପ୍ରଚାର କରାଯାଉଛି। ଏହା ଦ୍ୱାରା ମୋ ପରିବାର ଓ ବନ୍ଧୁମାନେ ବ୍ୟଥିତ ହୋଇ ପଡ଼ିଛନ୍ତି। ଏଭଳି ଖବରକୁ ଅଣଦେଖା କରନ୍ତୁ। ଭଗବାନଙ୍କ ଦୟାରୁ ମୁଁ ସୁସ୍ଥ ଅଛି। ଅପପ୍ରଚାର କରିଥିବା ୟୁଟ୍ୟୁବ ଚ୍ୟାନେଲମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଶା କରାଯାଉଛି। କ୍ରିକେଟରଙ୍କ ସହ ଏଭଳି ଘଟିବା କିଛି ନୂଆ ନୁହେଁ। ଗତ ବର୍ଷ ପୂର୍ବତନ ନ୍ୟୁଜିଲାଣ୍ଡ ଅଧିନାୟକ ବ୍ରେଣ୍ଡନ ମ୍ୟାକୁଲମଙ୍କ ସହ ସମାନ ଘଟଣା ଘଟିଥିଲା।

# ଗିନିଜ୍ ବିଶ୍ୱ ରେକର୍ଡରେ ବ୍ରହ୍ମପୁରର ସ୍କେଟର

**ବ୍ରହ୍ମପୁର ଅଫିସ୍,୧୩।୨**

ବ୍ରହ୍ମପୁର ସ୍କେଟିଂ ଏକାଡ଼େମୀର ୧୯ଜଣ ସ୍କେଟର୍ ଗିନିଜ୍ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛନ୍ତି। ଗତ ନଭେମ୍ବରରେ କର୍ନାଟକର ବେଲଗାମ୍‌ରେ ନିରନ୍ତର ୪୮ଘଣ୍ଟା ପର୍ଯ୍ୟନ୍ତ ସ୍କେଟିଂ କରି ଗିନିଜ୍ ବିଶ୍ୱ ରେକର୍ଡ଼ରେ ସ୍ଥାନ ପାଇବା ପାଇଁ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୨୫ ରାଜ୍ୟର ୪୫୪ ସ୍କେଟର୍ ଏଥିରେ ସାମିଲ୍ ହୋଇଥିଲେ। ଏହି ଦଳରେ ବ୍ରହ୍ମପୁର ସ୍କେଟିଂ ଏକାଡ଼େମୀର ୧୯ ସ୍କେଟର୍ ଭାଗ ନେଇଥିଲେ। କର୍ନାଟକର ଶିଭଗଙ୍ଗା ରୋଲର୍ ସ୍କେଟିଂ କ୍ଲବ ତରଫରୁ ଆୟୋଜିତ ଏହି ଇଭେଣ୍ଟ ଗିନିଜ୍ ବିଶ୍ୱ ରେକର୍ଡ଼ରେ ସ୍ଥାନ ପାଇଛି। ବୁଧବାର ସ୍ଥାନୀୟ ଗଞ୍ଜାମ କଳା ପରିଷଦରେ ଏକାଡ଼େମୀ ତରଫରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦିଆଯାଇଛି। ଗୁରୁକୁଳ ଇଣ୍ଟର୍‌ନ୍ୟାଶନାଲ୍ ଅଧ୍ୟକ୍ଷ ପ୍ରଶାନ୍ତ ମହାପାତ୍ର, କୋଚ୍ ବିଭୂତି ଜେନା, ସମ୍ପାଦକ ଟି. ଅନିଲ କୁମାର ପାତ୍ର, ଯୁବନେତା କାହ୍ନୁ ଚରଣ ପାତ୍ର, ରୋଟାରୀ କ୍ଲବ ଜି.ଶ୍ରୀନିବାସ ରାଓ ପ୍ରମୁଖ ଏହି ସମ୍ମିଳନୀରେ ଉପସ୍ଥିତ ଥିଲେ। ଗିନିଜ୍ ବିଶ୍ୱ ରେକର୍ଡ଼ରେ ସ୍ଥାନ ପାଇଥିବା ସ୍କେଟର୍ ମାନେ ହେଲେ ଏନ୍.ଜଗନ୍ନାଥ ପାତ୍ର, ଟି.କୋୟଲ୍, ପି.ଆୟୁଷ୍ମାନ୍ ସେନାପତି, ସି.ଏଚ୍. ସ୍ୱସ୍ତିକ ସୁବୁଦ୍ଧି, ଆର୍ୟ୍ୟନ ପଣ୍ଡା, ଶ୍ରୀତମ କୁମାର ମାଝି, ଏ. ରାଜା କୁମାର, ସ୍ୱୟଂ କୁମାର ସାହୁ, ଟି.ଗୋକୁଳ ପାତ୍ର, ରୁଷିଲ ସାସମଲ, ଏନ୍. ନାଗା ଅଶ୍ୱିନୀ, ପ୍ରାଚୀ ସାହୁ, ଅମିତ କୁମାର ସେଠୀ, ପି.ପ୍ରବୀଣ କୁମାର ଆଚାର୍ଯ୍ୟ, ତେଜସ୍ୱିତା ନାୟକ, ଏ.ଧନୁଷ, ଏସ୍.ପ୍ରିତେଶ, ଏ.ବିଦେଶ ଓ ବିଭୂତିଭୂଷଣ ଜେନା। ଖେଳାଳିଙ୍କ ସହ ଏକାଡ଼େମୀର କର୍ମକର୍ତ୍ତା ଭାବେ ଏ.ସତୀଶ, ଚନ୍ଦନ ମାଝି, ବେଣୁଧର ସାହୁ, ନାଗା ରମେଶ ଓ ଗୋକୁଳ କୃଷ୍ଣ ସେନାପତି ଯାତ୍ରା କରିଥିଲେ। ପୂର୍ବ ବର୍ଷ ମଧ୍ୟ ଏହି ଏକାଡ଼େମୀର ୩ ଜଣ ଖେଳାଳି ଗିନିଜ୍ ବିଶ୍ୱ ରେକର୍ଡ଼ରେ ସ୍ଥାନ ପାଇଥିଲେ।



ଗିନିଜ୍ ବିଶ୍ୱ ରେକର୍ଡ଼ରେ ସ୍ଥାନ ପାଇଥିବା ସ୍କେଟର୍‌ମାନେ।


## ଓଡ଼ିଶା ସରକାର
## ଗ୍ରାମ୍ୟ ନିର୍ମାଣ ବିଭାଜନ-୨
## କେନ୍ଦ୍ରାପଡ଼ାଙ୍କ କାର୍ଯ୍ୟାଳୟ

**ବିଜ୍ଞାପନ**

No.-1671-O ଓଡ଼ିଶା ସରକାର, ରାଜସ୍ୱ ଏବଂ ଆପଦା ପ୍ରବନ୍ଧନ ବିଭାଗ, ପତ୍ରାଙ୍କ- ୨୬୨୨୩, ତା. ୦୬.୦୭.୨୦୧୩ରିଖ, ପତ୍ରାଙ୍କ- ୪୦୩୦, ତା. ୦୭.୦୨.୨୦୧୪ରିଖ ଏବଂ ପତ୍ରାଙ୍କ - ୧୦୨୪୧, ତା. ୩୧.୦୩.୨୦୧୪ରିଖ ମାଧ୍ୟମରେ ବ୍ୟବସ୍ଥିତ ଦିଶାନିର୍ଦ୍ଦେଶ ଅନୁଯାୟୀ ଗ୍ରାମ୍ୟ ଉନ୍ନୟନ ବିଭାଗ, ଓଡ଼ିଶା ସରକାର ତଥା ଗ୍ରାମ୍ୟ ନିର୍ମାଣ ବିଭାଜନ-୨, କେନ୍ଦ୍ରାପଡା ଅଧୀନରେ ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ଅନ୍ତର୍ଗତ କୃଷ୍ଣଦାସପୁର ଗ୍ରାମର ୩ ଗୋଟି ପ୍ଲଟକୁ ନୟାଡିଆଘାଟ ସିଂହଗାଁ ରାସ୍ତାର ନାବାର୍ଡ଼ ସହାୟତାରେ ଉନ୍ନତୀକରଣ ନିମିତ୍ତ ଭୂମି ଅଧିଗ୍ରହଣ କରାଯାଉଅଛି।

ଉକ୍ତ ଭୂମିର ମାଲିକମାନଙ୍କ ନାମ ନିମ୍ନମତେ ପ୍ରଦତ୍ତ କରାଯାଇଅଛି। ପ୍ରଦତ୍ତ ଭୂମି ମାଲିକାନା ସୂଚୀରେ ଯଦି କାହାର କିଛି ଅଭିଯୋଗ ଅଛି, ତେବେ ତାହା ଏହି ବିଭାଜନ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ତା. ୦୫.୦୩.୨୦୧୯ରିଖ ମଧ୍ୟରେ ଲିଖିତ ଆକାରରେ ଅବଗତ କରାଗଲେ ବିଚାରଯୋଗ୍ୟ ହେବ। ଅନ୍ୟଥା, ପ୍ରଦତ୍ତ ସୂଚୀ ଅନୁଯାୟୀ ଭୂମି ମାଲିକମାନଙ୍କୁ ଯୋଗ୍ୟ ସ୍ୱତ୍ୱାଧିକାରୀ ଭାବେ ବିବେଚନା କରାଯାଇ ଧାର୍ଯ୍ୟ ପ୍ରାପ୍ୟ ପ୍ରଦାନ କରାଯିବ। ନିର୍ଦ୍ଧାରିତ ଅବଧି ପରେ କୌଣସି ଅଭିଯୋଗ ଗ୍ରହଣୀୟ ହେବନାହିଁ।

ସ୍ୱା./- ନିର୍ବାହୀ ଯନ୍ତ୍ରୀ
ଗ୍ରାମ୍ୟ ନିର୍ମାଣ ବିଭାଜନ-୨, କେନ୍ଦ୍ରାପଡ଼ା

## GOVERNMENT OF ODISHA
## OFFICE OF THE EXECUTIVE ENGINEER
## RURAL WORKS DIVISION - II, KENDRAPARA

**NOTICE**

The following different Kisam of land in revenue village Krushnadaspur under Pattamundai Tahasil and required to be purchased directly from the private land owners by R.D. Department, Govt. of Odisha as per the guideline formulated by Revenue & Disaster Management Department, Govt. of Odisha letter No. 26223 dated 06.07.2013, letter No. 4030 dated 07.02.2014 and letter No.-10241 dated 31.03.2014 for public purpose i.e. Improvement to Nayadiaghat to Singhgaon road under NABARD Assisted in Pattamundai block in the District of Kendrapara". The details of land schedule along with the name of bonafide land owners are given below for information of the public and objection if any are invited from the public regarding the legal heir of the land owners which may be intimated to the undersigned on or before 05.03.2019 positively, otherwise the following land owners will be declared as actual land owners to receive their due compensation. No objection shall be entertained after the stipulated date.

The bonafide land owners are here by requested to submit their following land particulars on or before 27.02.2019 in the Office of the Executive Engineer, Rural Works Division-II, Kendrapara for making necessary arrangement for sale deed agreement in the District Registrar Office at Kendrapara.

1. Original R.O.R. & up to date revenue receipt.
2. E.C. for last 22 years.
3. Legal Heir certificate issued by Tahasildar, Kendrapara in case of land owner is not alive.
4. Voter I.D. Card / Adhaar Card
5. PAN Card/ I.T. return if available
6. Two colour passport size photographs.
7. Photo copy of front page of Bank account pass book or one number of cancelled cheque.

**Sd./- Amulya Kumar Mohapatra**
**Executive Engineer, Rural Works Division-II, Kendrapara**

**Details of land schedule :-**

1) Revenue village : Krushnadaspur, Pattamundai Block, Kendrapara

| Sl. No. | Plot No. | Khata No. | Kisam | Land to be Acquired in Acre (1.00 Acre- 100 Dec) | Name of the land owner as per ROR | |
|---|---|---|---|---|---|---|
| | | | | | Name Sukumari Rout Mother | Father / Husband Name |
| 1 | 2 | 3 | 4 | 5 | 6 | 7 |
| 1 | 515/ 628 | 147 | Pala-II | 0.20 | Smt Sukumari Rout (Wife)<br>Sri Bijaya Rout (Son)<br>Sri Akhaya Rout, (Son)<br>Sri Abhiram Rout (Son)<br>Sri Ashok Rout, (Son) | Late Suratha Rout, Dandi-sahi |
| 2 | 527 | 93 | Para-II | 0.25 | Sri Khageswar Mohanty (Grand Son)<br>Sri Pradeep Kishore Mohanty (Grand Son)<br>Sri Raj Kishore Mohanty (Son)<br>Sri Braja Kishore Mohanty (Son)<br>Sri Debananda Mohanty (Son) | S/o. Late Akuli Charan Mohanty, Dandisahi |
| 3 | 522 | 98 | Para-II | 0.17 | Sri Abhiram Mohanty (Son)<br>Smt Puspalata Mohanty (Daughter in law)<br>Sri Debasis Mohanty (Grand Son)<br>Sri Prakash Mohanty (Grand Son)<br>Sri Subash Mohanty (Grand Son)<br>Sri Ashok Mohanty (Grand Son)<br>Smt Mamata Mohanty (Grand Daughter)<br>Smt Namita Mohanty (Grand Daughter)<br>Smt Kadambani Mohanty (Daughter in law)<br>Sri Sailash Mohanty (Grand Son)<br>Sri Bitu Mohanty (Grand Son)<br>Smt Madhusmita Mohanty (Grand Daughter)<br>Smt Sudita Swain (Grand Daughter) | S/o. Late Bidyadhar Mohanty |

**Sd./- Executive Engineer**
**R.W.Division-II, Kendrapara**

25098/11/0022/1819



“ଜଣେ କ୍ରିକେଟର ହେବା ପରିବର୍ତ୍ତେ ଆର୍ମିରେ ଭର୍ତ୍ତି ହେବାକୁ ଚାହୁଁଥିଲି। ମୋର ଏହି ଅଭିଳାଷ ପୂରଣ ହୋଇପାରି ନ ଥିବାରୁ ମୁଁ ଏବେ ଅନୁଶୋଚନା କରୁଛି।
– ଗୌତମ ଗମ୍ଭୀର, ପୂର୍ବତନ କ୍ରିକେଟର



“ଇଂଲଣ୍ଡ ବିପକ୍ଷରେ ସିରିଜ ବିଜୟ ପରେ ଆମ ଆତ୍ମବିଶ୍ୱାସ ବୃଦ୍ଧି ପାଇଛି। ବର୍ତ୍ତମାନ ବିଶ୍ୱର ନମ୍ବର ୱାନ ଦଳରେ ପରିଣତ ହେବା ଆମର ମୂଳ ଲକ୍ଷ୍ୟ।
– ଜାସନ ହୋଲ୍ଡର, ୱେଷ୍ଟଇଣ୍ଡିଜ କ୍ରିକେଟ ଅଧିନାୟକ

## ସଂକ୍ଷେପରେ

### ଅଧାରୁ ବନ୍ଦହେଲା ଜାତୀୟ ସଙ୍ଗୀତ

ଭୁବନେଶ୍ୱର, ୧୩।୨(କ୍ରୀଡ଼ା ପ୍ରତିନିଧି)- କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହିରୋ ଗୋଲ୍ଡ କପ୍ ମହିଳା ଫୁଟବଲ ଟୁର୍ନାମେଣ୍ଟର ବୁଧବାର ଅନୁଷ୍ଠିତ ଇରାନ-ନେପାଳ ଲିଗ୍ ମ୍ୟାଚ ସମୟରେ ଅଭାବନୀୟ ପରିସ୍ଥିତି ଉପୁଜିଥିଲା। ଖେଳାଳିମାନେ ଲାଇନ୍ଅପ୍ ହେବାପରେ ଅତିଥି ପରିଚୟ ହୋଇଥିଲା। ଏହାପରେ ଜାତୀୟ ସଙ୍ଗୀତ ଗାନ ହୋଇଥିଲା। ତେବେ ଇରାନ ଦଳର ଜାତୀୟ ସଙ୍ଗୀତ ବାଜିବାବେଳେ କରେଣ୍ଟ ଫେଲ୍ ହେବାରୁ ଅଧାରୁ ବନ୍ଦ ହୋଇ ଯାଇଥିଲା। ଫଳରେ ଖେଳାଳିମାନେ ନିଜେ ଜାତୀୟ ସଙ୍ଗୀତ ଗାଇ ଔପଚାରିକତା ପୂରଣ କରିଥିଲେ। ପରେ ନେପାଳ ଖେଳାଳିମାନେ ମଧ ତାହା କରିଥିଲେ।

### ଗ୍ୟାଲେରିରେ ନେପାଳୀ ସମର୍ଥକ

ଏହି ମ୍ୟାଚ ସମୟରେ ଷ୍ଟାଡିୟମ ଗ୍ୟାଲେରିରେ ପାଖାପାଖି ୫୦ ନେପାଳି ଦର୍ଶକ ଉପସ୍ଥିତ ଥିଲେ। ସେମାନେ ଜାତୀୟ ପତାକା ପ୍ରଦର୍ଶନ ସହ ନେପାଳ-ନେପାଳ ଧ୍ୱନି ଦେଇ ଜାତୀୟ ଦଳକୁ ଉତ୍ସାହିତ କରିଥିଲେ। ଏହାର ଫାଇଦା ମଧ ଦଳକୁ ମିଳିଥିଲା। ୪୦ତମ ମିନିଟରେ ଅନୀତା ବାସନେଟ ମ୍ୟାଚର ପ୍ରଥମ ଗୋଲ ସ୍କୋର କରିବାରେ ସକ୍ଷମ ହୋଇଥିଲେ।

### ଚେଜ୍ଙ୍କ ଶତକ ସତ୍ତ୍ୱେ ୱେଷ୍ଟଇଣ୍ଡିଜ ପରାସ୍ତ

ଗ୍ରସ୍-ଆଇସଲେଟ୍ (ସେଣ୍ଟ ଲୁସିଆ), ୧୩।୨(ଏଏଫ୍ପି)- ସ୍ଥାନୀୟ ଡାରେନ ସାମି ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଘରୋଇ ୱେଷ୍ଟଇଣ୍ଡିଜ ବିପକ୍ଷରେ ଖେଳାଯାଇଥିବା ଅନ୍ତିମ ତଥା ୩ୟ ଟେଷ୍ଟ ମ୍ୟାଚ୍କୁ ଇଂଲଣ୍ଡ ୨୩୨ ରନର ବୃହତ ବ୍ୟବଧାନରେ ଜିତିନେଇଛି। ଇଂଲଣ୍ଡ ପକ୍ଷରୁ ଧାର୍ଯ୍ୟ ୪୮୫ ରନର ଏକ କଷ୍ଟସାଧ ଲକ୍ଷ୍ୟକୁ ପିଛା କରିଥିବା ୱେଷ୍ଟଇଣ୍ଡିଜ ଅନ୍ତିମ ଦିବସରେ ୨ୟ ଇନିଂସରେ ୨୫୨ ରନରେ ଅଲ୍ଆଉଟ୍ ହୋଇଯାଇଛି। ଘରୋଇ ଦଳ ପକ୍ଷରୁ ମଧକ୍ରମ ବ୍ୟାଟ୍ସମ୍ୟାନ ରୋଷ୍ଟନ ଚେଜ୍ ୧୦୨ ରନର ଅପରାଜିତ ଶତକୀୟ ଇନିଂସ ଖେଳିଥିଲେ ମଧ ଅନ୍ୟକୌଣସି ବ୍ୟାଟ୍ସମ୍ୟାନ ତାଙ୍କୁ ଉପଯୁକ୍ତ ସହାୟତା କରି ନ ଥିଲେ। ଚେଜ୍ଙ୍କ ଏହା ୫ମ ଟେଷ୍ଟ ଶତକ ଥିଲା। ଅନ୍ୟମାନଙ୍କ ମଧରେ ଅଧିନାୟକ କ୍ରେଗ୍ ବ୍ରାର୍ଥୱେଟ୍ ୮, ସାଇ ହୋପ୍ ୧୪, ସାଇମନ ହେଟ୍ମେୟର ୧୯, କେମର ରୋଚ୍ ୨୯ ଓ ଆଲଜରୀ ଜୋସେଫ୍ ୩୪ ରନ କରିଥିଲେ। ଇଂଲଣ୍ଡ ପକ୍ଷରୁ ଜେମ୍ସ ଆଣ୍ଡରସନ ଓ ମୋଇନ ଅଲୀ ୩ଟି ଲେଖାଏ ଏବଂ ବେନ୍ ଷ୍ଟୋକ୍ସ ୨ଟି ଉଇକେଟ୍ ଅକ୍ତିଆର କରିଥିଲେ। ବିଜୟ ସତ୍ତ୍ୱେ ଇଂଲଣ୍ଡ ୧-୨ରେ ସିରିଜ ପରାସ୍ତ ହୋଇଛି। ପୂର୍ବରୁ ସିରିଜର ପ୍ରଥମ ଦୁଇ ମ୍ୟାଚ୍କୁ ୱେଷ୍ଟଇଣ୍ଡିଜ ଯଥାକ୍ରମେ ୩୮୧ ରନ୍ ଓ ୧୦ ଉଇକେଟ୍ରେ ଜିତିନେଇଥିଲା। ୱେଷ୍ଟଇଣ୍ଡିଜ ୧୦ ବର୍ଷପରେ ସମ୍ମାନଜନକ ୱିଜଡନ ଟ୍ରଫି ହାତେଇବାରେ ସଫଳ ହୋଇଛି। ମାର୍କ ଉଡ୍ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ କେମର ରୋଚ୍ ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ।

ସଂକ୍ଷିପ୍ତ ସ୍କୋର:
ଇଂଲଣ୍ଡ ପ୍ରଥମ ଇନିଂସ- ୨୭୭/୧୦ (ବେନ୍ ଷ୍ଟୋକ୍ସ ୭୯, ରୋଚ୍ ୪/୪୮)।
ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ- ୧୫୪/୧୦ (ଜନ୍ କ୍ୟାମ୍ପବେଲ ୪୧, ଉଡ୍ ୫/୪୧)।
ଇଂଲଣ୍ଡ ୨ୟ ଇନିଂସ- ୩୬୧/୫ (ଜୋ ରୁଟ୍ ୧୨୨, ଶାନନ ଗ୍ରାବିଏଲ୍ ୨/୯୫)।
ୱେଷ୍ଟଇଣ୍ଡିଜ ୨ୟ ଇନିଂସ- ୨୫୨/୧୦।

# ଗୋଲ୍ଡ କପ୍ରୁ ଭାରତର ବିଦାୟ

## ମ୍ୟାନ୍ମାର-ନେପାଳ ଫାଇନାଲ

ଭୁବନେଶ୍ୱର, ୧୩।୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହିରୋ ଗୋଲ୍ଡ କପ୍ ଚତୁଃରାଷ୍ଟ୍ରୀୟ ମହିଳା ଫୁଟବଲ ଟୁର୍ନାମେଣ୍ଟରୁ ଭାରତର ଅଭିଯାନ ଲିଗ୍ ପର୍ଯ୍ୟାୟରୁ ଶେଷ ହୋଇଛି। ଦୁର୍ବଳ ରକ୍ଷଣଭାଗ ଏବଂ ଗୋଲକିପରଙ୍କ ତ୍ରୁଟି ଭାରତ ପାଇଁ ମହଙ୍ଗା ପଡ଼ିଛି। ବୁଧବାର ଅନୁଷ୍ଠିତ ଶେଷ ଲିଗ୍ ମ୍ୟାଚରେ ଭାରତ ୦-୨ ଗୋଲରେ ମ୍ୟାନ୍ମାରଠାରୁ ହାରିଯାଇଛି। ମ୍ୟାନ୍ମାର ଓ ନେପାଳ ମଧରେ ଫାଇନାଲ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହେବ। ଭାରତ ୩ ମ୍ୟାଚରୁ ଡବଲ ପରାଜୟ ସହ ଏହାର ଅଭିଯାନ ଶେଷ କରିଛି। ଦଳ ପ୍ରଥମ ମ୍ୟାଚରେ ଇରାନକୁ ୧-୦ ଗୋଲରେ ହରାଇଥିଲେ ହେଁ ଦ୍ୱିତୀୟ ମ୍ୟାଚରେ ଲୋ-ର୍ୟାଙ୍କିଙ୍ଗପ୍ରାପ୍ତ ନେପାଳ ନିକଟରୁ ୧-୨ ଗୋଲରେ ପରାସ୍ତ ହୋଇଥିଲା। ମ୍ୟାନ୍ମାର ୩ ମ୍ୟାଚରୁ ୩ ବିଜୟ ସହ ୯ ପଏଣ୍ଟ ପାଇ ନମ୍ବରୱାନ ଦଳଭାବେ ଫାଇନାଲରେ ପ୍ରବେଶ କରିଛି। ନେପାଳ ୩ ମ୍ୟାଚରୁ ୨ ବିଜୟ ସହ ୬ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନୀୟ ଦଳଭାବେ ଟାଇଟଲ ମୁକାବିଲାରେ ଅବତୀର୍ଣ୍ଣ ହୋଇଛି। ଭାରତ ୩ ମ୍ୟାଚରୁ ୧ ବିଜୟ ସହ ୩ ପଏଣ୍ଟ ପାଇ ୩ୟ ସ୍ଥାନରେ ରହିଥିବାବେଳେ ଇରାନ ୩ଟି ଯାକ ମ୍ୟାଚ ହାରି ବିନା ପଏଣ୍ଟରେ ବିଦାୟ ନେଇଛି। ମ୍ୟାଚ ଆରମ୍ଭରେ ଅଲିମ୍ପିଆନ ଆଥଲେଟ୍ ଅନୁରାଧା ବିଶ୍ୱାଳ ଓ ଓଡ଼ିଶାର ଅନ୍ତର୍ଜାତୀୟ ଫୁଟବଲ ଖେଳାଳି ରାଜେନ୍ଦ୍ର ପ୍ରସାଦ ସିଂ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ।

ଫାଇନାଲରେ ପ୍ରବେଶ ପାଇଁ ଭାରତକୁ ମ୍ୟାଚ ବୃହତ୍ ବ୍ୟବଧାନରେ ଜିତିବା ଆବଶ୍ୟକ ହେଉଥିଲା। ମାତ୍ର ଘରୋଇ ପରିବେଶ ଏବଂ ଭରପୂର ସମର୍ଥନ ସତ୍ତ୍ୱେ ଶକ୍ତିଶାଳୀ ମ୍ୟାନ୍ମାରକୁ ଚ୍ୟାଲେଞ୍ଜ ଦେଇପାରି ନ ଥିଲା ଅଦିତି ଚୌହାନଙ୍କ ଦଳ। ମ୍ୟାଚ ଆରମ୍ଭରେ ରକ୍ଷଣଭାଗରେ ବଡ଼ ଗ୍ୟାପ୍ ଏବଂ ନିଜେ ଅଦିତିଙ୍କ ଗୁରୁତର ତ୍ରୁଟି ଯୋଗୁ ୨ୟ ମିନିଟରେ ଗୋଲ ଦେଇ ମ୍ୟାନ୍ମାର ଅଗ୍ରଣୀ ହାସଲ କରି ନେଇଥିଲା। ୧୯ ନମ୍ବର ଜର୍ସି ପରିହିତ ୱୁଲି କ୍ୟାଓ ଭାରତୀୟ ଖେଳାଳିଙ୍କୁ ଚକ୍ମା ଦେଇ ଏକାକୀ ବଲ୍ ନେଇ ଅତି ସହଜରେ ଭାରତ ଗୋଲପୋଷ୍ଟ ଭିତରେ ବଲ୍ ଭର୍ତ୍ତି କରିଥିଲେ। ଗୋଲକିପର କେବଳ ଦେଖଣାହାରୀ ହୋଇ ରହିଯାଇଥିଲେ। ଗୋଲ ପରିଶୋଧ ପାଇଁ ଭାରତର ଉଦ୍ୟମ ପର୍ଯ୍ୟାପ୍ତ ନ ଥିଲା। ଖେଳାଳିଙ୍କ ମଧରେ ପାସ୍ ମଧ ଠିକ୍ ନ ଥିଲା। ଭାରତୀୟ ଫରୱାର୍ଡମାନେ ମ୍ୟାନ୍ମାରର ରକ୍ଷଣଭାଗ ଭେଦ କରିବାରେ ସଫଳ ହୋଇ ନ ଥିଲେ। ଦୂରରୁ ଭାରତୀୟ ଖେଳାଳିମାନେ କିଛି ଶଟ୍ ମ୍ୟାନ୍ମାର ଗୋଲପୋଷ୍ଟକୁ ମାରିଥିଲେ ହେଁ ତାହାକୁ ଗୋଲକିପର ଜାରଜାର ମିଣ୍ଟ ସହଜରେ ଅଟକାଇ ଦେଇଥିଲେ। ଫଳରେ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ମ୍ୟାନ୍ମାର ୧-୦ ଗୋଲରେ ଅଗ୍ରଣୀ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ମଧ ଭାରତର ଭାଗ୍ୟ ପରିବର୍ତ୍ତନ ହୋଇ ନ ଥିଲା। ମ୍ୟାଚ ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ ଭାରତ ଗୋଟିଏ ହେଲେ ଗୋଲ ଦେଇପାରି ନ ଥିଲା। ଫଳରେ ଭାରତୀୟ ଖେଳାଳିଙ୍କ ମଧରେ ନୈରାଶ୍ୟ ଦେଖାଦେଇଥିଲା। ଇଞ୍ଜୁରି ଟାଇମ୍ ଅର୍ଥାତ୍ ମ୍ୟାଚର ୯୦ ଯୁକ୍ତ ୨ ମିନିଟରେ ଡି ଏରିଆ ଭିତରେ ଭାରତୀୟ ଖେଳାଳିଙ୍କ ଫାଉଲ୍ ଯୋଗୁ ମ୍ୟାନ୍ମାରକୁ ପେନାଲ୍ଟି ମିଳିଥିଲା। ୭ ନମ୍ବର ଜର୍ସି ପରିହିତ ୱିନ୍ ଥିଙ୍ଗ୍ ଟୁନ୍ ଏହାକୁ ଗୋଲରେ ପରିଣତ କରିବାରେ କୌଣସି ଭୁଲ କରି ନ ଥିଲେ। ମ୍ୟାଚକୁ ପ୍ରତ୍ୟାବର୍ତ୍ତନ ପାଇଁ ଭାରତୀୟ ଖେଳାଳିଙ୍କ ନିକଟରେ ଆଉ ସୁଯୋଗ ନ ଥିଲା।



ମ୍ୟାନ୍ମାରଠାରୁ ପରାଜୟ ପରେ ଦୁଃଖାଭିଭୂତ ଭାରତୀୟ ଖେଳାଳିମାନେ।



ଆହତ ଇନ୍ଦୁମତିଙ୍କୁ ଆମ୍ବୁଲାନ୍ସକୁ ନିଆଯାଉଛି।



ମେଲିକା ମୋତା ଭାଲିତାହେରଙ୍କ ମୁଣ୍ଡରେ ବରଫ ଚିକିତ୍ସା।

### ଆହତ ଇନ୍ଦୁମତି ଡାକ୍ତରଖାନାରେ ଭର୍ତ୍ତି

ଭୁବନେଶ୍ୱର, ୧୩।୨(କ୍ରୀଡ଼ା ପ୍ରତିନିଧି)
କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହିରୋ ଗୋଲ୍ଡ କପ୍ ମହିଳା ଫୁଟବଲ ଟୁର୍ନାମେଣ୍ଟର ବୁଧବାର ଅନୁଷ୍ଠିତ ମ୍ୟାନମାର ବିପକ୍ଷ ମ୍ୟାଚରେ ଆହତ ହୋଇଛନ୍ତି ଭାରତର ଇନ୍ଦୁମତି। ମ୍ୟାଚର ୮୫ତମ ମିନିଟରେ ମ୍ୟାନମାର ଗୋଲପୋଷ୍ଟ ନିକଟରେ ବଲ୍ ପାଇଁ ସଂଘର୍ଷ ମଧରେ ଇନ୍ଦୁମତି ଛାତିରେ ଆଘାତ ପାାଇଥିଲେ। ପ୍ରାରମ୍ଭିକ ଚିକିତ୍ସାପରେ ସେ ସୁସ୍ଥ ଅନୁଭବ ନ କରିବାରୁ ଆମ୍ବୁଲାନ୍ସଯୋଗେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଏକ୍ସରେ କରାଯିବା ପରେ ତାଙ୍କ ପଞ୍ଜରା ହାଡ଼ ଭାଙ୍ଗିଥିବା ଜଣାଯାଇଛି।

#### ମେଲିକା ଆହତ

ଟୁର୍ନାମେଣ୍ଟରେ ଖରାପ ଖେଳିଥିବା ଇରାନ ଦଳକୁ ଆଉ ଏକ ଶକ୍ତ ଧକ୍କା ଲାଗିଛି। ଇଞ୍ଜୁରି ଟାଇମ୍ରେ ନେପାଳ ଗୋଲ ପୋଷ୍ଟ ନିକଟରେ ବଲ୍କୁ ନିଜ ନିୟନ୍ତ୍ରଣକୁ ନେବା ଉଦ୍ୟମରେ ଇରାନର ମେଲିକା ମୋତା ଭାଲିତାହେର ମୁଣ୍ଡରେ ଆଘାତ ପାଇଥିଲେ। ଫଳରେ ଷ୍ଟ୍ରେଚର ଉପରେ ଦୀର୍ଘ ସମୟ ପର୍ଯ୍ୟନ୍ତ ତାଙ୍କ ମୁଣ୍ଡରେ ବରଫ ଚିକିତ୍ସା ଚାଲିଥିବା ପରିଲକ୍ଷିତ ହୋଇଥିଲା।

## ଇରାନର ତୃତୀୟ ପରାଜୟ

ଭୁବନେଶ୍ୱର, ୧୩।୨(କ୍ରୀଡ଼ା ପ୍ରତିନିଧି)
କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହିରୋ ଗୋଲ୍ଡ କପ୍ ଚତୁଃରାଷ୍ଟ୍ରୀୟ ମହିଳା ଫୁଟବଲ ଟୁର୍ନାମେଣ୍ଟର ବୁଧବାର ଅନୁଷ୍ଠିତ ଲିଗ୍ ମ୍ୟାଚରେ ଇରାନକୁ ହରାଇ ଆଉ ଏକ ବିପର୍ଯ୍ୟୟ ଘଟାଇଛି ନେପାଳ। ୧୦୮ ର୍ୟାଙ୍କପ୍ରାପ୍ତ ନେପାଳ ଏହି ମ୍ୟାଚ୍ରେ ୬୦ ର୍ୟାଙ୍କପ୍ରାପ୍ତ ଇରାନକୁ ୩-୦ ଗୋଲରେ ପରାସ୍ତ କରିଛି। ନେପାଳ ପକ୍ଷରୁ ସାବିତ୍ରୀ ଭଣ୍ଡାରୀ ୫୯ ଓ ୮୯ ମିନିଟରେ ୨ଟି ଏବଂ ଅନୀତା ବାସନେଟ ୪୦ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ନେପାଳ ପ୍ରଥମ ମ୍ୟାଚରେ ମ୍ୟାନମାରଠାରୁ ୦-୩ ଗୋଲରେ ହାରିବାପରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ଦ୍ୱିତୀୟ ମ୍ୟାଚରେ ଭାରତକୁ ୨-୧ ଓ ଏଠାରେ ଇରାନକୁ ବୃହତ୍ ବ୍ୟବଧାନରେ ପରାସ୍ତ କରିଛି। ଫଳରେ ଦଳ ୩ ମ୍ୟାଚରୁ ଦ୍ୱିତୀୟ ବିଜୟ ସହ ୬ ପଏଣ୍ଟ ପାଇଛି। ଅନ୍ୟପକ୍ଷରେ ଇରାନ ୩ ମ୍ୟାଚରୁ ୩ ପରାଜୟ ସହ ବିଦାୟ ନେଇଛି। କେବଳ ସେତିକି ନୁହେଁ ଦଳ ୬ଟି ଗୋଲ ବରଣ କରିଥିଲେ ହେଁ ଗୋଟିଏ ହେଲେ ସ୍କୋର କରିପାରି ନାହିଁ। ହକି ଅଲିମ୍ପିଆନ ଲାଜରୁସ ବାର୍ଲା ଏବଂ ପାରା ଆଥଲେଟ୍ ଜୟନ୍ତୀ ବେହେରା ଅତିଥିଭାବେ ଯୋଗଦେଇ ମ୍ୟାଚ ଆରମ୍ଭରେ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ।

ମ୍ୟାଚରେ ଡିଫେନ୍ସ, ମିଡ୍ଫିଲ୍ଡ ଓ ଫରୱାର୍ଡ ତିନୋଟି ଯାକ ବିଭାଗରେ ବଢ଼ିଆ ଖେଳିଥିଲା ନେପାଳ। ଗୋଲକିପର ଆଞ୍ଜିଲା ତୁମ୍ବାପୋ ସୁବ୍ବା ମଧ ଚମତ୍କାର ପ୍ରଦର୍ଶନ କରିଥିଲେ। ଇରାନ ଆରମ୍ଭରୁ ଭଲ ଖେଳି ପ୍ରତିପକ୍ଷ ଗୋଲପୋଷ୍ଟ ଉପରେ ଆକ୍ରମଣ କରିଥିଲେ ହେଁ ସୁବ୍ବାଙ୍କ ଚମତ୍କାର ସେଭ୍ ଯୋଗୁ ଅଗ୍ରଣୀ ନେଇପାରି ନ ଥିଲା। ମ୍ୟାଚ ଆଗେଇବା ସହ ନେପାଳ କ୍ରମେ ପ୍ରାଧାନ୍ୟ ବିସ୍ତାର କରିଥିଲା। ଦଳ ଆରମ୍ଭରୁ କେତୋଟି ସୁଯୋଗ ହାତଛଡ଼ା କରିଥିଲେ ହେଁ ୪୦ତମ ମିନିଟରେ ୧୧ ନମ୍ବର ଜର୍ସି ପରିହିତ ଅନୀତା ବାସନେଟ ଗୋଲ ଦେଇ ମ୍ୟାଚରେ ଉଷ୍ମତା ଭରିଥିଲେ। ପ୍ରଥମାର୍ଦ୍ଧରେ ନେପାଳ ୧-୦ ଗୋଲରେ ଅଗ୍ରଣୀ ରହିଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ନେପାଳ ସ୍ୱାଭାବିକ ଭାବେ ଉତ୍ସାହୀ ପ୍ରଦର୍ଶନ କରିଥିଲା। ୫୯ତମ ମିନିଟ୍ରେ ସାବିତ୍ରୀ ଭଣ୍ଡାରୀ ଗୋଟିଏ ଗୋଲ ଦେଇ ନେପାଳ ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ଫଳରେ ଇରାନ ଚାପକୁ ଚାଲି ଆସିଥିଲା। ମ୍ୟାଚର ଶେଷ ଭାଗରେ ଅର୍ଥାତ୍ ୮୯ତମ ମିନିଟରେ ସାବିତ୍ରୀ ବ୍ୟକ୍ତିଗତ ଦ୍ୱିତୀୟ ଏବଂ ଦଳ ପକ୍ଷରୁ ତୃତୀୟ ଗୋଲ ସ୍କୋର କରିଥିଲେ।

## ସର୍ବଭାରତୀୟ ଟେନିସ କ୍ରିକେଟରେ ଭାଗନେବେ ୧୫ ଦଳ

ଭୁବନେଶ୍ୱର, ୧୩।୨ (କ୍ରୀଡ଼ା ପ୍ରତିନିଧି)
ଓଡ଼ିଶା ଟେନିସ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଟେନିସ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆର ସହଯୋଗକ୍ରମେ ୨ୟ ସର୍ବଭାରତୀୟ ଟେନିସ କ୍ରିକେଟ ଚାମ୍ପିୟନଶିପ୍ ଗୁରୁବାରଠାରୁ ଆରମ୍ଭ ହେବାକୁ ଯାଉଛି। ଇଷ୍ଟକୋଷ୍ଟ ରେଲୱେ ଷ୍ଟାଡିୟମରେ ଏହି ପ୍ରତିଯୋଗିତା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଯୋଗିତାରେ ଭାଗ ନେଇଥିବା ୧୫ଟି ଦଳକୁ ୪ଟି ଗ୍ରୁପରେ ବିଭକ୍ତ କରାଯାଇଛି। ଗ୍ରୁପ୍ 'ଏ'ରେ ରହିଛନ୍ତି ଉତ୍ତରପ୍ରଦେଶ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ ଓ ମୁମ୍ବାଇ। ଗ୍ରୁପ୍ 'ବି'ରେ ରାଜସ୍ଥାନ, ଗୁଜରାଟ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ଗ୍ରୁପ 'ସି'ରେ ଓଡ଼ିଶା, ଗୋଆ, ମହାରାଷ୍ଟ୍ର, ଛତିଶଗଡ଼ ଏବଂ ଗ୍ରୁପ୍ 'ଡି'ରେ ହିମାଚଳ ପ୍ରଦେଶ, ପଞ୍ଜାବ ଓ ତାମିଲନାଡୁ ସ୍ଥାନ ପାଇଛନ୍ତି। ୧୪ ଓ ୧୫ ତାରିଖରେ ଲିଗ୍ ମ୍ୟାଚଗୁଡ଼ିକ ଅନୁଷ୍ଠିତ ହେବ। ୧୬ ତାରିଖରେ ଅବଶିଷ୍ଟ ଲିଗ୍ ମ୍ୟାଚ ପରେ କ୍ୱାର୍ଟର ଫାଇନାଲ ଖେଳାଯିବ।



ଅତିଥି କର୍ନର: ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଓ ପୂର୍ବତନ ଭାରତୀୟ ଖେଳାଳି ଆର.ପି. ସିଂ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

# ଓଡ଼ିଶା ହ୍ୱାଇଟ୍ ଷ୍ଟାର୍କ୍ସ ଚାମ୍ପିୟନ

**ୱିନର୍ସ ପ୍ରିମିୟର ଲିଗ୍**

ଭୁବନେଶ୍ୱର, ୧୩।୨(ସ୍ପୋର୍ଟ୍ସ ବ୍ୟୁରୋ)
ମଞ୍ଚେଶ୍ୱରସ୍ଥିତ ଇଡ୍କୋ କ୍ରିକେଟ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ଦ୍ୱିତୀୟ ୱିନର୍ସ ପ୍ରିମିୟର ଲିଗ୍ ବୁଧବାର ଉଦ୍ଯାପିତ ହୋଇଯାଇଛି। ଫାଇନାଲରେ ଛତିଶଗଡ଼ ବୁଲ୍ସ ଫାଇଟର୍ସଙ୍କୁ ୯୮ ରନରେ ପରାସ୍ତ କରି ଓଡ଼ିଶା ହ୍ୱାଇଟ୍ ଷ୍ଟାର୍କ୍ସ ଚାମ୍ପିୟନ ଟ୍ରଫି ହାସଲ କରିଛି। ଷ୍ଟାର୍କ୍ସ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୬୫ ରନ କରି ଅଲ୍ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ସୁବାସ ପାତ୍ର ୩୮ ଓ କମଳାକାନ୍ତ ବେହେରା ୨୬ ରନ କରିଥିଲେ। ପ୍ରତିପକ୍ଷ ଛତିଶଗଡ଼ର ରୁଦ୍ରଧର ଦେବତା ୩ ଓ ମୁକେଶ ସାହୁ ୨ଟି ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ଛତିଶଗଡ଼ ବୁଲ୍ ଫାଇଟର୍ସ ୧୬.୨ ଓଭରରେ ମାତ୍ର ୬୭ ରନ କରି ଅଲ୍ଆଉଟ୍ ହୋଇଯାଇଥିଲା। ଚାମ୍ପିୟନ ଦଳର କମଳାକାନ୍ତ, ପ୍ରଶାନ୍ତ ସାହୁ, ସହଦେବ ବେହେରା ଓ ଜିତେନ୍ଦ୍ର ମହାନ୍ତି ୨ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। କମଳାକାନ୍ତ ମ୍ୟାନ୍ ଅଫ୍ ଦି ଫାଇନାଲ ଓ ରାମଜିତ୍ ସିଂ ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ହାସଲ କରିଥିଲେ। ସେହିଭଳି ଚାମ୍ପିୟନ ଓଡ଼ିଶା ହ୍ୱାଇଟ୍ ଷ୍ଟାର୍କ୍ସକୁ ଟ୍ରଫି ସହ ଏକ ଲକ୍ଷ ଟଙ୍କା ଏବଂ ରନର୍ସଅପ୍ ଛତିଶଗଡ଼କୁ ଟ୍ରଫି ସହ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଉଦ୍ଯାପନୀ ଉତ୍ସବରେ ଆୟୋଜକ ୱିନର ସପୋର୍ଟ ସିଷ୍ଟମ ସେଭ୍ ସପ୍ର ଏମ୍ଡି ବିକ୍ରମ ମହାଜନ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟ ମୁଖ୍ୟ ଜୁଡ୍ ଫର୍ନାଣ୍ଡିଜ ଉତ୍ସବ ପରିଚାଳନା କରିଥିଲେ। ଅକ୍ଷୟ ମହାନ୍ତି ଓ ତପନ ବେହେରା ମ୍ୟାଚ୍ ପରିଚାଳନା କରିଥିଲେ।




ଟ୍ରଫି ସହ ଚାମ୍ପିୟନ ଓଡ଼ିଶା ହ୍ୱାଇଟ୍ ଷ୍ଟାର୍କ୍ସ ଦଳ।

## ଗୁପ୍ଟିଲଙ୍କ ଶତକ: ନ୍ୟୁଜିଲାଣ୍ଡ ବିଜୟୀ

ନାପିଅର, ୧୩।୨
ସ୍ଥାନୀୟ ମ୍ୟାକ୍ଲିନ ପାର୍କଠାରେ ବାଂଲାଦେଶ ବିପକ୍ଷରେ ଖେଳାଯାଇଥିବା ପ୍ରଥମ ଦିନିକିଆ ମ୍ୟାଚ୍କୁ ମାର୍ଟିନ ଗୁପ୍ଟିଲଙ୍କ ଅପରାଜିତ ଶତକ ବଳରେ ନ୍ୟୁଜିଲାଣ୍ଡ ଦଳ ଜିତି ନେଇଛି। ଏହି ବିଜୟ ସହ ୩ ମ୍ୟାଚ୍ବିଶିଷ୍ଟ ସିରିଜ୍ରେ ଘରୋଇ ଦଳ ୧-୦ ବ୍ୟବଧାନରେ ଅଗ୍ରଣୀ ହାସଲ କରିଛି। ଦିନିକିଆ କ୍ୟାରିୟରର ୧୫ତମ ଶତକ ହାସଲ କରିଥିବା ଗୁପ୍ଟିଲଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ବାଂଲାଦେଶ ଦଳ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହେବାରୁ ଦଳ ୨୩୨ ରନ୍ରେ ଅଲଆଉଟ୍ ହୋଇଯାଇଥିଲା। ଭ୍ରମଣକାରୀ ଦଳ ପାଇଁ ମହମ୍ମଦ ମିଥୁନ ୬୨ ଓ ମହମ୍ମଦ ସାଇଫୁଦ୍ଦିନ ୪୧ ରନ୍ କରିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ପକ୍ଷରୁ ଟ୍ରେଣ୍ଟ ବୋଲ୍ଟ ୩ ଉଇକେଟ ନେଇଥିବାବେଳେ ମାଟ ହେନ୍ରୀ ଓ ଲୋକି ଫର୍ଗୁସନ ୨ଟି ଲେଖାଏ ସଫଳତା ପାଇଥିଲେ। ଜବାବରେ ଗୁପ୍ଟିଲଙ୍କ ଅପରାଜିତ ୧୧୭ ରନ୍ ବଳରେ ନ୍ୟୁଜିଲାଣ୍ଡ ଦଳ ୪୪.୩ ଓଭରରେ ୨୩୩ ରନ୍ କରି ମ୍ୟାଚ୍ ଜିତି ନେଇଥିଲା।

## ଡେରିକ୍ ପେରିରା ଭାରତୀୟ ଦଳର କୋଚ୍

ନୂଆଦିଲ୍ଲୀ, ୧୩।୨ (ପି.ଟି.)
ଡେରିକ୍ ପେରିରା ବୁଧବାର ଭାରତୀୟ ୨୩ ବର୍ଷରୁ କମ୍ ଫୁଟବଲ ଦଳର କୋଚ ଭାବେ ନିଯୁକ୍ତି ପାଇଛନ୍ତି। ମାର୍ଚ୍ଚ ୨୨ରୁ ଉଜ୍ବେକିସ୍ତାନର ତାସ୍କେଣ୍ଟଠାରେ ହେବାକୁଥିବା ଏସିଆନ୍ ଫୁଟ୍ବଲ କନଫେଡେରେଶନ (ଏଏଫ୍ସି) କ୍ୱାଲିଫାୟର୍ସ ଟୁର୍ନାମେଣ୍ଟ ପାଇଁ ତାଙ୍କୁ ଏହି ନିଯୁକ୍ତି ମିଳିଛି। ଭାରତ ସହିତ ଉଜ୍ବେକିସ୍ତାନ, ତାଜିକସ୍ତାନ ଓ ପାକିସ୍ତାନ ଗୋଟିଏ ଗ୍ରୁପ୍ରେ ସ୍ଥାନ ପାଇଛନ୍ତି। ପେରିରା ବର୍ତ୍ତମାନ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍) କ୍ଲବ ଏଫ୍ସି ଗୋଆର ଟେକ୍ନିକାଲ ଡାରେକ୍ଟର ଅଛନ୍ତି। ସେ ମାର୍ଚ୍ଚ ୨ରୁ ଗୋଆରେ ହେବାକୁଥିବା ପ୍ରସ୍ତୁତି କ୍ୟାମ୍ପ ଦାୟିତ୍ୱରେ ରହିବେ। ଭାରତୀୟ ଦଳ ମାର୍ଚ୍ଚ ୧୧ରେ ଦୋହାଠାରେ କାତାରର ୨୩ ବର୍ଷରୁ କମ୍ ଜାତୀୟ ଦଳ ବିପକ୍ଷରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଖେଳିବ ବୋଲି ସର୍ବଭାରତୀୟ ଫୁଟ୍ବଲ ମହାସଂଘ (ଏଆଇଏଫ୍ଏଫ୍) ତରଫରୁ ସୂଚନା ଦିଆଯାଇଛି। ଏଆଇଏଫ୍ଏଫ୍ ସାଧାରଣ ସମ୍ପାଦକ କୁଶାଲ ଦାସ ଡେରିକ୍ଙ୍କର ଉଚ୍ଚ ପ୍ରଶଂସା କରିଛନ୍ତି। ତାଙ୍କ ଅଭିଜ୍ଞତା ୨୩ ବର୍ଷରୁ କମ୍ ଦଳ ପାଇଁ ଅମୂଲ୍ୟ ବୋଲି ସେ କହିଛନ୍ତି। ଡେରିକ୍ କହିଛନ୍ତି, ଜାତୀୟ ଦଳ ସହିତ ସମ୍ପୃକ୍ତ ହେବା ଗୌରବର ବିଷୟ।

## ଗାବ୍ରିଏଲ ଦଣ୍ଡିତ ହୋଇପାରନ୍ତି

ସେଣ୍ଟ ଲୁସିଆ, ୧୩।୨(ଏଏଫ୍ପି)
ଇଣ୍ଡିଜ ଦଳର ଦ୍ରୁତ ବୋଲର ଶାନନ ଗାବ୍ରିଏଲଙ୍କୁ ଆଇସିସି ନିୟମ ଭଙ୍ଗ କରିଛନ୍ତି। ଏଠାରେ ଚାଲିଥିବା ୩ୟ ଟେଷ୍ଟର ୩ୟ ଦିନରେ ସେ ଇଂଲଣ୍ଡ ଅଧିନାୟକ ଜୋ ରୁଟ୍ଙ୍କ ବିରୋଧରେ ସମଲିଙ୍ଗୀ ମନ୍ତବ୍ୟ ଦେଇଥିଲେ। ଏହାର ଜବାବରେ ରୁଟ୍ ଦେଇଥିବା ବୟାନ ଷ୍ଟମ୍ପରେ ଲାଗିଥିବା ମାଇକ୍ରୋଫୋନରେ ରେକର୍ଡ ହୋଇଛି। ଏହା କୌଣସି ଅପମାନ ବିଷୟ ନୁହେଁ। ସମଲିଙ୍ଗୀ ହେବାରେ କିଛି ଅସୁବିଧା ନାହିଁ ବୋଲି ରୁଟ କହିଥିବା ଜଣାପଡ଼ିଛି। ତେବେ ଗାବ୍ରିଏଲ କ'ଣ କହିଥିଲେ ତାହାର କୌଣସି ପ୍ରମାଣ ନାହିଁ ଏବଂ ରୁଟ୍ ମଧ ତାହା ପ୍ରକାଶ କରିବାକୁ ମନା କରି ଦେଇଛନ୍ତି। ଏ ନେଇ ମ୍ୟାଚ୍ ଅମ୍ପାୟର ଓ ରେଫରି ଦଣ୍ଡବିଧାନ କରିବେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଗୁରୁବାର, ଫେବୃୟାରୀ ୧୪/୨୦୧୯ Balasore, Thursday, February 14/ 2019




■ ୧୭ରେ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂଙ୍କ ଭଦ୍ରକ ଗସ୍ତ

# ୪ ଜିଲାର ପଦାଧିକାରୀଙ୍କୁ ନେଇ ବୈଠକ

**ସଜନାଗଡ଼, ୧୩।୨ (ଡି.ଏନ.ଏ.)**

ଆସନ୍ତା ୧୭ ତାରିଖରେ ଭଦ୍ରକଠାରେ ୪ ଜିଲା ତଥା ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲାର କାର୍ଯ୍ୟକର୍ତ୍ତାମାନଙ୍କର ଏକ ସମ୍ମିଳନୀ ଅନୁଷ୍ଠିତ ହେବ । ଯାହାକୁ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ସମ୍ବୋଧିତ କରିବେ । ଉକ୍ତ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ପାଇଁ କେଉଁମାନେ ଯିବେ ଏବଂ କିପରି ଯିବେ ଏହି ବିଷୟ ନେଇ ନୀଳଗିରି ବଡ଼ଦାଣ୍ଡସ୍ଥିତ ଜଗନ୍ନାଥ କଲ୍ୟାଣ ମଣ୍ଡପରେ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ନୀଳଗିରି, ରେମୁଣା, ବଡ଼ସାହି ୩ଟି ବିଧାନସଭାମଣ୍ଡଳୀର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ ।



ନୀଳଗିରି ଭାଜପା ପକ୍ଷରୁ ପ୍ରସ୍ତୁତି ବୈଠକ ।

ନୀଳଗିରି ପୂର୍ବତନ ବିଧାୟକ ତଥା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରେମୁଣା ବିଧାୟକ ଗୋବିନ୍ଦ ଦାସ, ରେମୁଣା ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପଟ୍ଟନାୟକ, ବେତନଟୀ ବ୍ଲକ ଅଧ୍ୟକ୍ଷ କାଳୀଚରଣ ସୋରେନ୍, ନୀଳଗିରି ନିର୍ବାଚନମଣ୍ଡଳୀ ପ୍ରଭାରୀ ସିପ୍ରା ବାଜପେୟୀ, ରାଜ୍ୟ ମହିଳାମୋର୍ଚ୍ଚା ଉପସଭାନେତ୍ରୀ ସୁଷମାରାଣୀ ବିଶ୍ୱାଳ, ରେମୁଣା ପ୍ରଭାରୀ ନଳିନୀ ମହାପାତ୍ର, ବଡ଼ସାହି ପ୍ରଭାରୀ ସୁଭାଷ ଚନ୍ଦ୍ର ପ୍ରଧାନ, ରାଜ୍ୟ ଯୁବମୋର୍ଚ୍ଚାର କାର୍ଯ୍ୟକାରିଣୀ ସଦସ୍ୟ ଚନ୍ଦ୍ରଶେଖର ନନ୍ଦ, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ବିପିନ୍ ବିହାରୀ ଦାସ, ରାଜ୍ୟ ଏସ୍‌ସି ମୋର୍ଚ୍ଚା କୋଷାଧ୍ୟକ୍ଷ ବୃନ୍ଦାବନ ଦାସ ଏବଂ ବରିଷ୍ଠ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ । ଆଗାମୀ କାର୍ଯ୍ୟକ୍ରମକୁ ସଫଳ କରିବାକୁ ବୈଠକରେ ୩ ଗୋଟି ନିର୍ବାଚନମଣ୍ଡଳୀର କାର୍ଯ୍ୟକର୍ତ୍ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା ।

## ଯୌତୁକ ନିର୍ଯାତନା ଅଭିଯୋଗ

**ବନ୍ତ, ୧୩।୨ (ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ଗଣିଜାଙ୍ଗ ପଞ୍ଚାୟତ ବୃନ୍ଦାବନପୁର ଗ୍ରାମର ଭାସ୍କର ଚନ୍ଦ୍ର ବେହେରାଙ୍କ ଝିଅ ଅନସୂୟାଙ୍କୁ ଅଧିକ ଯୌତୁକ ପାଇଁ ଶାଶୁଘର ଲୋକେ ନିର୍ଯାତନା ଦେଉଥିବା ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ ହୋଇଛି । ଅନସୂୟାଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ଯୌତୁକ ନିର୍ଯାତନା ଜନିତ ମାମଲା(ନଂ. ୫୭/୧୯) ରୁଜୁ କରାଯାଇଛି । ପୋଲିସ ଘଟଣାର ତଦନ୍ତ ଚଳାଇଛି । ଅଭିଯୋଗରେ ଦର୍ଶାଯାଇଛି ଯେ, ଅନସୂୟା ୬ ବର୍ଷ ତଳେ ଗ୍ରାମାଞ୍ଚଳ ଥାନା ଅଧୀନ ଗେଲଟୁଆ ପଞ୍ଚାୟତ କୁଆପଦା ଗ୍ରାମର ରାମଚନ୍ଦ୍ର ବେହେରାଙ୍କ ପୁଅ ନିରଞ୍ଜନଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ । ସେତେବେଳେ ବରପକ୍ଷର ଦାବି ମୁତାବକ ଯୌତୁକ ଦିଆଯାଇଥିଲା । ବିବାହର କିଛି ମାସ ପରେ ଅଧିକ ଯୌତୁକ ଦାବି କରି ଶାଶୁଘର ଲୋକେ ତାଙ୍କୁ ବିଭିନ୍ନ ସମୟରେ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଥିଲେ ।

## ସୁନାଗହଣା ସହ ୩୦ ହଜାର ଟଙ୍କା ଲୁଟ୍

**ରାଇରଙ୍ଗପୁର, ୧୩।୨ (ଡି.ଏନ.ଏ.)**

ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ହାଟବାଦଡା ନିକଟବର୍ତ୍ତୀ କାଦୁଆଣୀ ଗ୍ରାମର ଜଣେ ଅବସରପ୍ରାପ୍ତ ଶିକ୍ଷକ ଜୟହରି ବେହେରାଙ୍କ ବାସଗୃହରେ ମଙ୍ଗଳବାର ବିଳମ୍ବିତ ରାତିରେ ପ୍ରାୟ ୭୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଏବଂ ରୂପା ଗହଣା ସାମଗ୍ରୀ ସମେତ ନଗଦ ୩୦ ହଜାର ଟଙ୍କା ଲୁଟ୍ ଅଭିଯୋଗ ହୋଇଛି । ସେମାନେ ଶୋଇଥିବା ଅବସ୍ଥାରେ ତାଙ୍କ ଘର କବାଟ ଭାଙ୍ଗି ଏକ ଆଲମିରାରୁ ନଗଦ ୩୦ ହଜାର ଟଙ୍କା ସହ ସୁନା ଏବଂ ରୂପା ଗହଣା ସାମଗ୍ରୀ ଲୁଟ୍ କରି ଲୁଟେରା ଫେରାର୍ ହୋଇଯାଇଥିଲେ । ଜୟହରିଙ୍କ ଲିଖିତ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁ କରି ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ ଏବଂ ଏଏସ୍‌ଆଇ ବରୁଣ ଗିରି ସଦଳବଳେ ପୋଲିସ ସାଇଣ୍ଟିଫିକ୍ ଟିମ୍ ଏବଂ ଅନୁସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ ମଧ୍ୟ ଲୁଟେରାଙ୍କ ସନ୍ଧାନ ମିଳିନି ।

■ ଅଜଣା ଜନ୍ତୁ ଆତଙ୍କ

## ଗୁହାଳରୁ ଝାମ୍ପି ନେଲା ୮ ଛେଳି

**ରୂପ୍‌ସା, ୧୩।୨ (ଡି.ଏନ.ଏ.)**

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଗଡ଼ପଦା ପଞ୍ଚାୟତ ପଶ୍ଚିମସିମୁଳିଆ ଗ୍ରାମରେ କୌଣସି ଅଜଣା ହିଂସ୍ରଜନ୍ତୁ ଗୁହାଳରେ ବନ୍ଧାଯାଇଥିବା ୮ଟି ଛେଳିକୁ ମଙ୍ଗଳବାର ରାତିରେ ଝାମ୍ପିନେଇଥିବା ଅଭିଯୋଗ ହୋଇଛି । ୫ଟି ଛେଳିର ମୃତଦେହ ଘରବାଡ଼ି, ପାଖ ବିଲରୁ ମିଳିଛି । ମୃତ ଛେଳିଙ୍କ ପିଞ୍ଜରା, ପୁଟି ଓ ଗଳାକୁ ଝୁଣି ଖାଇ ଦିଆଯାଇଥିବା ଦେଖିବାକୁ ମିଳିଛି । ପରିବାର ପକ୍ଷରୁ ବନ ବିଭାଗ, ପ୍ରାଣୀଧନ ଚିକିତ୍ସା ବିଭାଗ ଓ ରୂପ୍‌ସା ଥାନା ପୋଲିସକୁ ଖବର ଦିଆଯାଇଛି । ଝୁନିମଣି ଲେଙ୍କା ମଙ୍ଗଳବାର ରାତିରେ ଗୁହାଳରେ ଛେଳି ସବୁକୁ ବାନ୍ଧି ରଖିଥିଲେ । ପରଦିନ ସକାଳେ ଘରବାଡ଼ି ଓ ଘରପାଖ ବିଲରେ ୫ଟି ଛେଳିଙ୍କ ରକ୍ତାକ୍ତ ମୃତଦେହ ମିଳିବା ପରେ ଅନ୍ୟ ୩ଟି ଛେଳି ନ ଥିବା ଦେଖିବାକୁ ମିଳିଥିଲା । ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି । ୨୦୧୮ ଜାନୁୟାରୀ ୭ ତାରିଖ ରାତିରେ ସ୍ଥାନୀୟ ଜହତା ଗ୍ରାମର ଜଣେ ଚାଷୀଙ୍କ ଗୁହାଳରେ ଅନୁରୂପ ଭାବେ ୯ଟି ଛେଳିକୁ ଝୁଣି ହିଂସ୍ର ଜନ୍ତୁ ମାରିଦେଇଥିଲା । ସେହିପରି ମାର୍ଚ୍ଚ ୩୦ରେ ପଶ୍ଚିମସିମୁଳିଆ ଗ୍ରାମର ସଞ୍ଜୟ ନାୟକଙ୍କ ଗୁହାଳରୁ ୭ଟି ଛେଳିକୁ ଅଜଣା ଜନ୍ତୁ ମାରି ଦେଇଥିବା ଅଭିଯୋଗ ହୋଇଥିଲା ।

## ପୋଖରୀରେ ପଡ଼ି ଶିଶୁକନ୍ୟା ମୃତ

**ପଦ୍ମପୁର, ୧୩।୨ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କଷିଆ ସାମୁଦ୍ରିକ ଥାନା ଅଧୀନ ସାନକୃଷ୍ଣପୁର ଗ୍ରାମର ପୁରୁଷୋତ୍ତମ ବାରିକଙ୍କ ଝିଅ ସାବିତ୍ରୀ(୨) ବୁଧବାର ସନ୍ଧ୍ୟାରେ ପୋଖରୀରେ ପଡ଼ି ପ୍ରାଣ ହରାଇଛନ୍ତି । କଷିଆ ସାମୁଦ୍ରିକ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨/୧୯) ରୁଜୁ କରାଯାଇଛି ।



For Institutional/Bulk orders, please send an e-mail to corporatesales@bajajauto.co.in | *T&C Apply. Offer may vary as per model selected. Also avail low interest rate and low down payment offers. Prices are Ex-showroom Prices and are indicative. Offer subject to change without prior notice.

Authorised Dealers for Bajaj Auto Ltd.: Balasore BHARAT BAJAJ 8599011634 • Bhadrak SHANKAR BAJAJ 9778310777 • Jajpur Road PARIDA BAJAJ 7381012602 • Keonjhar JR BAJAJ 9937697094 • Baripada BALA BAJAJ 9338336111, • Chandikhole 9937310800. Authorised Service Centre: Soro 9439931072 , Nilagiri 9658562049 , Baliapal 7008872955 , Dhamnagar 8895458555 Kuakhia 9937312014 , Bari 8917242713 Chhatia 9040084846, JajpurTown 9937888777 , Bhuban 9438570111 Kamakhayanagar 9437079287, Barbil 9437086335, Jashipur 9437443161, Rairangpur 9583777236. Dhenkikote 9437598479, Turmunga 9937428333, Karanjia 7504810975, Udala 9337004355/56.

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଡମ୍ପର ଚାପାରେ ଜୀବନ ଗଲା

**ଯୋଡ଼ା, ୧୩।୨(ଡି.ଏନ.ଏ.):** ବାମେବାରୀ ଥାନା ଅନ୍ତର୍ଗତ ନୟାଗଡ ରେଳ ସାଇଡିଂରେ ଡମ୍ପର ତଳେ ଚାପି ହୋଇ ଜଣେ ହେଲପରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଝାଡଖଣ୍ଡ ଅଞ୍ଚଳର ହେଲପର ସୁବଳ ସଏ (୩୨)। ଡମ୍ପର ନଂ ଓଆର୧୪ ଜି ୮୮୧୫ ମଙ୍ଗଳବାର ରାତିରେ ଉକ୍ତ ରେଳ ସାଇଡିଂରେ ମାଲ ଖଲାସ କରିବାର ଥିଲା। ଏ ନେଇ ସୁବଳ ଡମ୍ପର ପଛକୁ ଯାଉଥିଲେ। ସେହି ସମୟରେ ଡମ୍ପର ତଳେ ସେ ଚାପି ହୋଇଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଡମ୍ପରକୁ ଜବତ କରିଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଡାକ୍ତରଖାନା ପଠାଯାଇଥିଲା। ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରାଯାଇଥିବା ବାମେବାରୀ ଥାନା ଅଧିକାରୀ ପରେଶ କୁମାର ମହାନ୍ତି କହିଛନ୍ତି।

### ବିଡିଓ, ଥାନା ଅଧିକାରୀଙ୍କୁ ଘେରାଉ

**ତେଲକୋଇ, ୧୩।୨(ଡି.ଏନ.ଏ.):** ତେଲକୋଇ ବ୍ଲକ ଅନ୍ତର୍ଗତ ସଲେଇକେନା ପଞ୍ଚାୟତରେ ପିଡିଏସ ସାମଗ୍ରୀ ବଣ୍ଟନରେ ଅନିୟମିତତା ନେଇ ବିବାଦ ଦେଖାଦେଇଛି। ବୁଧବାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବାଦ ଦେଇ ସମାଧାନ କରିବା ପାଇଁ ଆସିଥିବା ବିଡିଓ ଦିଲ୍ଲିପ କୁମାର ବାରା ଓ ଥାନା ଅଧିକାରୀ ମଧୁସୁଦନ ସୁଆରୀଙ୍କୁ ଘେରାଉ କରାଯାଇଥିବା ଜଣାଯାଇଛି। ପଞ୍ଚାୟତ କାର୍ଯ୍ୟାଳୟରେ ଏଭଳି ଉତ୍ତେଜନାର ଖବର ପାଇ ସ୍ଥାନୀୟ ତହସିଲଦାର ଅଶ୍ୱିନୀ କୁମାର ନାଏକ ପଞ୍ଚାୟତରେ ପହଞ୍ଚି ସମାଧାନ ଲାଗି ଉଦ୍ୟମ ଆରମ୍ଭ କରିଥିଲେ।

### ମହିଳାଙ୍କ ମଦ ବିରୋଧୀ ରାଲି



**ପାଟଣା, ୧୩।୨(ସ୍ୱ.ପ୍ର.):** ପାଟଣା ବ୍ଲକକୁ ମଦମୁକ୍ତ ଲାଗି ୧୫ ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ଶତାଧିକ ମହିଳା ବୁଧବାର ମଦ ବିରୋଧୀ ଆନ୍ଦୋଳନ କରିଛନ୍ତି। ଶତାଧିକ ମହିଳା ମୁଖ୍ୟାଳୟସ୍ଥିତ ଆନନ୍ଦେଶ୍ୱର ଶିବ ମନ୍ଦିରରୁ ବିରାଟ ରାଲିରେ ବାହାରି ବଜାର ପରିକ୍ରମା କରିଥିଲେ। ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ମର୍ମରେ ମହିଳାମାନେ ପାଟଣା ବ୍ଲକକୁ ମଦମୁକ୍ତ କରିବା ପାଇଁ ବିଡ଼ିଓ କୁଶଳ ଚନ୍ଦ୍ର ନାଏକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ମଦମୁକ୍ତ ଆନ୍ଦୋଳନ ନାରୀନେତ୍ରୀ ଦଶମତୀ ଚାତାର, ପୂର୍ବତନ ପାଟଣା ବ୍ଲକ ଅଧକ୍ଷ ଗୌରହରୀ ନାଏକ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସମ୍ପାଦିକା ଜାନକୀ ନାଏକ, ମହିମା ରାଉତ, କଳ୍ପନା ମହାରଣା, ତୁଳସୀ ମହାନ୍ତ, ସତ୍ୟଭାମା ମହାନ୍ତ, ଅନିତା ମହାନ୍ତ, ବୈଦେହୀ ନାଏକ, ରୀନା ପୃଷ୍ଟି ଓ ଗୁରୁବାରୀ ମୁଣ୍ଡା ସାମିଲ ହୋଇଥିଲେ।

# ରାସ୍ତା ନିର୍ମାଣରେ ବିଳମ୍ବ

**ଯୋଡ଼ା, ୧୩।୨(ଡି.ଏନ.ଏ.)**

## ଅସୁବିଧା ଭୋଗୁଛନ୍ତି ଅଞ୍ଚଳବାସୀ




ଜୁରୁଡ଼ି-ବାମେବାରୀ ରାସ୍ତା।

ରାଜସ୍ୱ ଆଦାୟରେ ଆର୍ଥିକ ମାନଦଣ୍ଡ ସାଜିଥିବା ୨ ନମ୍ବର ରାଜ୍ୟ ରାଜପଥର ଜୁରୁଡ଼ି-ବାମେବାରୀ ରାସ୍ତା ଶୋଚନୀୟ ହୋଇପଡିଛି। ଖାଲଖମା ରାସ୍ତାରେ ଦୈନିକ ବିଭିନ୍ନ ଖଣି କମ୍ପାନୀର ବହୁ ଖଣିଜ ବୋଝେଇ ଟ୍ରକ୍ ଓ ଡମ୍ପର ପରିବହନ କାର୍ଯ୍ୟ କରୁଛି। ଏ ନେଇ ରାସ୍ତା ମରଣଯନ୍ତା ପାଲଟିଛି। ଅନେକ ସମୟରେ ଦୁର୍ଘଟଣା ଘଟୁଛି। ୫୦ରୁ ଉର୍ଦ୍ଧ୍ୱ ଖଣି ଓ ୫ରୁ ଉର୍ଦ୍ଧ୍ୱ ଶିଳ୍ପ ସଂସ୍ଥା ପରିବହନ କାର୍ଯ୍ୟ କରୁଥିଲେ ହେଁ ରାସ୍ତା ମରାମତି କରାଯାଉନି। ରାଜ୍ୟ ସରକାର ରାସ୍ତା ନିର୍ମାଣ କରିବା ପାଇଁ ଟେଣ୍ଡର ଜରିଆରେ ଠିକା ଦେଇଛନ୍ତି। ସମ୍ପୃକ୍ତ ଠିକା ସଂସ୍ଥାର ମନ୍ଥର ଗତିରେ କାର୍ଯ୍ୟ ହେତୁ ନିର୍ମାଣରେ ବିଳମ୍ବ ହୋଇଛି।

ଉକ୍ତ ରାସ୍ତାରେ ଯୋଡ଼ା ବ୍ଲକର ଜଜାଙ୍ଗ, ଜୁରୁଡ଼ି, ଜଳହରି, ବଳଦା, ପଳଶା, କାଳିମାଟି ଆଦି ପଞ୍ଚାୟତ ସମେତ ଝୁମ୍ପୁରା ବ୍ଲକ ମହକୁମାର ଲୋକେ ଯାତାୟାତ କରିବା ଦୁର୍ବିସହ ହୋଇପଡ଼ିଛି। ଏ ନେଇ ଖଣି କମ୍ପାନୀମାନେ ବହୁ ଟଙ୍କା ରୋଜଗାର କରୁଛନ୍ତି। ଏ ଅଞ୍ଚଳର ରାସ୍ତାଘାଟ ମରାମତି ଦିଗରେ ଦୃଷ୍ଟି ଦେଉନାହାନ୍ତି। ଧୂଳି ଉଡ଼ି ପରିବେଶ ପ୍ରଦୂଷିତ ହେଉଛି। ରାସ୍ତାରେ ଟ୍ୟାଙ୍କର ଯୋଗେ ପାଣି ପକାଯାଉନି। ଅଞ୍ଚଳବାସୀ ବିଭିନ୍ନ ସମସ୍ୟା ଭୋଗୁଛନ୍ତି। ପାଣି ସିଞ୍ଚନ ଓ ରାସ୍ତା ମରାମତି ପାଇଁ ଲୋକେ ରାସ୍ତାରୋକୋ ଓ ଆନ୍ଦୋଳନ କରୁଛନ୍ତି ବୋଲି ଜୁରୁଡ଼ି ଅଞ୍ଚଳର ବରିଷ୍ଠ ନାଗରିକ ସୁରେନ୍ଦ୍ର ମହାନ୍ତି କହିଛନ୍ତି। ଉକ୍ତ ରାସ୍ତା ଦେଇ ଲୁହାପଥର ବୋଝେଇ ଡମ୍ପର ଚଳାଚଳ କରୁଛି। ରାସ୍ତାରେ ବଡ଼ ଗର୍ତ୍ତ ହୋଇଛି। ସେହି ସ୍ଥାନରେ ଟ୍ରକ୍, ଡମ୍ପର ପଡି ଭାଙ୍ଗି ଯାଉଛି। ଏଥିପାଇଁ ଆର୍ଥିକ ଜରିମାନା ଦେବାକୁ ପଡୁଛି। ଖଣି କମ୍ପାନୀଙ୍କ ଆନ୍ତରିକତାର ଅଭାବ ଏ ଅଞ୍ଚଳର ବିକାଶ ହୋଇପାରୁ ନାହିଁ ବୋଲି ଡମ୍ପର ମାଲିକ ସଏବ ଖାନ କହିଛନ୍ତି। ଟ୍ରାଫିକ୍ ସମସ୍ୟା ହେଉଛି। ସ୍କୁଲ ପିଲା ଠିକ ସମୟରେ ସ୍କୁଲରେ ପହଞ୍ଚି ପାରୁନାହାନ୍ତି ବୋଲି ବ୍ୟବସାୟୀ ପ୍ରଭୁରଞ୍ଜନ ଶତପଥୀ କହିଛନ୍ତି। ରାସ୍ତା କଡ଼ରେ ଘର ରହିଛି। ରୋଷେଇ କରି ରଖିଦେଲେ ଭାତ ଉପରେ ଧୂଳିର ଆସ୍ତରଣ ଜମି ଯାଉଛି ବୋଲି ଜୁରୁଡ଼ି ଅଞ୍ଚଳର ମହିଳା ଶ୍ରମିକ ଗୁରୁବାରୀ ମୁଣ୍ଡା କହିଛନ୍ତି।

ଢଗଢମାଳି
(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖଟତଳେ ଗଲା ନେଉଳ;**
**କାନ କୁହାକୁହି ଗୁପତ କଥା**
**ମତେ କହୁନାହୁଁ ବଉଳ ।**

ସମ୍ପର୍କ ଯେତେ ମଧୁର ଓ ନିବିଡ଼ ହୋଇଥିଲେ ମଧ ଏପରି କିଛି କଥା ଥାଏ, ଯାହା ଅନ୍ୟ ଆଗରେ ଖୋଲିକରି କହି ହୋଇ ନ ଥାଏ। କାରଣ ଗୋପନୀୟ କଥା ପ୍ରକାଶ କରିଦେଲେ ଗୁମର ଫିଟିଯିବାର ଭୟ ରହିଥାଏ। ଏପରିସ୍ଥଳେ ବାନ୍ଧବୀ ମୁହଁରୁ କିଛି ଗୁପ୍ତକଥା ଶୁଣିବା ଲାଗି ଅଳି କରୁଥିବା ଯୁବତୀର ବ୍ୟାକୁଳତାକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଖଇରୀ ଟୋପି,**
**ବେଳ ଉଣ୍ଡି କି ଗଡ଼ିଲେ ଗୋପୀ ।**

ଈପ୍ସିତ ଇଚ୍ଛା ପୂରଣ କରିବା ପାଇଁ ସ୍ୱାର୍ଥସନ୍ଧିତ୍ସୁ ବ୍ୟକ୍ତି ବେଳ ଉଣ୍ଡି ପହଞ୍ଚି ଯାଇଥାନ୍ତି। କେତେବେଳେ ଆସିଲେ ମନୋବାଞ୍ଛା ଅଚିରେ ପୂରଣ ହୋଇପାରିବ, ସେ ବିଦ୍ୟା ତାଙ୍କୁ ବେଶ୍ ଭଲଭାବେ ଜଣାଯାଇଥାଏ। ପରୋକ୍ଷରେ ନିଜ ମନର ମଣିଷ ସହ ଭେଟ କରିବାର ପ୍ରକୃଷ୍ଟ ସମୟ ପ୍ରେମୀ ପାଖେ ଅଛପା ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ମାଟି ଖୋଳି ମୃତଦେହ ଉଦ୍ଧାର

**କେନ୍ଦୁଝର, ୧୩।୨(ସ୍ୱ.ପ୍ର.)**

ତେଲକୋଇ ବ୍ଲକ ଖୁଣ୍ଟାପଡ଼ା ପଞ୍ଚାୟତ କୁଲାଡେରା ଗ୍ରାମରୁ ବୁଧବାର ମାଟି ଖୋଳି ଜଣେ ଶ୍ରମିକଙ୍କ ମୃତଦେହ ମାଜିଷ୍ଟ୍ରେଟ ଉପସ୍ଥିତିରେ ପୋଲିସ ଉଦ୍ଧାର କରିଛି। ମାଟି ଖୋଳି ବାହାର କରିବା ପରେ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ଉକ୍ତ ଶ୍ରମିକଙ୍କ ନାମ ଦୁଷ୍ମନ୍ତ ନାୟକ। ସେ ଜଂଘିରା ଅଞ୍ଚଳରେ ଏକ ଟ୍ରାକ୍ଟରରେ ଶ୍ରମିକ ଭାବରେ କାମ କରୁଥିଲେ। ଗତ ୨୬ରେ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ଉକ୍ତ ଟ୍ରାକ୍ଟର ଜଣେ ବିଦ୍ୟୁତ୍ ଠିକାଦାରଙ୍କ କାମରେ ନିୟୋଜିତ ଥିଲା। ବୁଢାଖମଣା ଜୁଆଙ୍ଗ ସାହିରେ ଦୁର୍ଘଟଣା ଘଟିଛି। ମୃତ୍ୟୁ ପରେ ଟ୍ରାକ୍ଟର ମାଲିକ ପ୍ରରୋଚନାରେ ପରିବାର ଲୋକ ପୋଲିସକୁ ସୂଚନା ନ ଦେଇ ଏବଂ ଶବ ବ୍ୟବଚ୍ଛେଦ ନ କରି ପୋତି ଦିଆଯାଇଥିଲା ବୋଲି ଅଭିଯୋଗ ହୋଇଛି। ଏ ନେଇ ବୀମା ବାବଦକୁ କ୍ଷତିପୂରଣ ମିଳିବା ଆଶାକରି ପରିବାର ଲୋକ ପଣ୍ଡାପଡା ଥାନାରେ ବୁଧବାର ଅଭିଯୋଗ କରିବା ପରେ ପୋଲିସ ମୃତଦେହ କୁ ଉଦ୍ଧାର କରି ତଦନ୍ତ କରିଛି। ଏଭଳି ଘଟଣାକୁ ପୋଲିସ କିପରି ଜାଣି ପାରିଲା ନାହିଁ। ଗାଡି ମାଲିକ ଓ ଠିକାଦାର ସଂସ୍ଥା ପୋଲିସ ଥାନାରେ ଜଣାଇଲେ ନାହିଁ। ଏ ନେଇ ଚର୍ଚ୍ଚାର ବିଷୟ ହୋଇଛି। ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରାଯାଇଥିବା କୁହାଯାଉଛି। ସନ୍ଦେହ ଜନକ ମୃତ୍ୟୁ ଘଟିଥିବା ନେଇ ପରିବାର ଲୋକ ଦେଇଥିବା ଅଭିଯୋଗର ତଦନ୍ତ କରାଯାଉଛି ବୋଲି କେନ୍ଦୁଝର ଏସଡିପିଓ ଶ୍ରୀହର୍ଷ ମିଶ୍ର କହିଛନ୍ତି।

# ଶାଳଣିଆରେ ହୋଇପାରିଲାନି ୱାର୍ଡ କମିଟି

**ହାଟଡିହୀ, ୧୩।୨(ଡି.ଏନ.ଏ.)**

ହାଟଡିହୀ ବ୍ଲକ ଶାଳଣିଆ ପଞ୍ଚାୟତରେ ବିଜେଡି ତରଫରୁ ୱାର୍ଡ଼ କମିଟି ହୋଇପାରିନାହିଁ। ବୁଧବାର ୱାର୍ଡ଼ କମିଟି ଗଠନ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ଆନନ୍ଦପୁର ବିଧାୟକ ମାୟାଧର ଯେନା, ଜିଲାସଭାପତି ବିଦ୍ୟାଧର ବିଶ୍ୱାଳ, ବ୍ଲକ ସମ୍ପାଦକ ଅଭିମନ୍ୟୁ ସେଠୀ, ପୂର୍ବତନ ଅଧ୍ୟକ୍ଷା ସାବିତ୍ରୀ ସେଠୀ ପ୍ରମୁଖଙ୍କ ସମେତ ବ୍ଲକସ୍ତରୀୟ ବିଜେଡି ନେତା ଉପସ୍ଥିତ ଥିଲେ। ଭାଟିଆଶୁଣି ପଡିଆରେ ଏକ ବୈଠକ ଆୟୋଜନ ହୋଇଥିଲା। କୌଣସି କାରଣକୁ ନେଇ ଅସନ୍ତୋଷ ପ୍ରକାଶ ପାଇବାରୁ ୱାର୍ଡ଼ କମିଟି ଗଠନ ହୋଇପାରିନାହିଁ। ଏ ଦିଗରେ ତର୍ଜମା କରାଯାଉଥିବା ଜିଲା ସଭାପତି ବିଶ୍ୱାଳ ପ୍ରକାଶ କରିଛନ୍ତି।

# ପାନୀୟଜଳ ଯୋଗାଣ ପ୍ରହସନ

**ତେଲକୋଇ, ୧୩।୨(ଡି.ଏନ.ଏ.)**



ଚୁଆ ପାଣି ଉପରେ ଭରସା କରୁଥିବା ଜୁଆଙ୍ଗ।

- ହଇରାଣ ହେଉଛନ୍ତି ସାହି ବାସିନ୍ଦା
- ଚୁଆ ପାଣି ସାହାଭରସା

ସ୍ୱଚ୍ଛ ପାନୀୟଜଳ ଯୋଗାଣ ପାଇଁ ସରକାର ବ୍ୟାପକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହି ଅଞ୍ଚଳରେ ସ୍ୱଚ୍ଛ ପାନୀୟଜଳ ଯୋଗାଣ କେବଳ କାଗଜପତ୍ରରେ ସୀମିତ ରହିଛି। ବିଭିନ୍ନ ଗ୍ରାମରେ ପାନୀୟଜଳ ସମସ୍ୟା ଯୋଗୁ ଲୋକେ ଚୁଆ ପାଣି ଉପରେ ଭରସା କରିଛନ୍ତି। ଏଭଳି ଏକ ରାଙ୍କି ଜୁଆଙ୍ଗ ସାହିର ଅବସ୍ଥାକୁ ନେଇ ସ୍ୱଚ୍ଛ ପାନୀୟଜଳ ପ୍ରହସନ ପାଲଟିଛି। ଏ ନେଇ ରାଙ୍କି ଗ୍ରାମର କାବୁଲୁ ଜୁଆଙ୍ଗ, ରାଜୁ ଜୁଆଙ୍ଗ, କାଳିଆ ଜୁଆଙ୍ଗ, ଦଶରଥି ଜୁଆଙ୍ଗ, ପୂର୍ଣ୍ଣ ଜୁଆଙ୍ଗ, କୁନା ଜୁଆଙ୍ଗ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି।

ଗ୍ରାମରେ ଗୋଟିଏ ନଳକୂପ ରହିଥିଲା। ଏହା କାର୍ଯ୍ୟକ୍ଷମ ହୋଇପାରିନାହିଁ। ଏଥିପାଇଁ ଗ୍ରାମବାସୀ ଚୁଆ ପାଣିକୁ ଭରସା କରିଥିବା ଅଭିଯୋଗ କରିଛନ୍ତି। ଏ ନେଇ ପାନୀୟଜଳ ସମସ୍ୟା ରହିଛି। ବସ୍ତି ଲୋକେ ଚୁଆ ପାଣି ଉପରେ ନିର୍ଭର କରୁଛନ୍ତି ବୋଲି ଗ୍ରାମର ମୁଖିଆ କାବୁଲୁ ଜୁଆଙ୍ଗ କହିଛନ୍ତି। ସ୍ଥାନୀୟ ସରପଞ୍ଚ ରିଙ୍କି ନାଏକଙ୍କୁ ପଚାରିବାରୁ ସରକାର ପଞ୍ଚାୟତ ଅଧୀନକୁ ପାନୀୟଜଳ ପାଇଁ ଅର୍ଥ ବ୍ୟୟ ବରାଦ କରିଛନ୍ତି। ଏଥିପାଇଁ ଉକ୍ତ ବସ୍ତି ପାଇଁ ୨ ନଳକୂପ ଯୋଜନା କରାଯାଇଛି ବୋଲି ସେ କହିଛନ୍ତି।

## ସରକାରୀ ଯୋଜନା ବାଟବଣା

**ହାଟଡିହୀ, ୧୩।୨(ଡି.ଏନ.ଏ.)**

ହାଟଡିହି ବ୍ଲକରେ ସରକାରୀ ଯୋଜନା ବାଟବଣା ହୋଇଛି। ବିଭିନ୍ନ ସରକାରୀ ଯୋଜନାରେ ପ୍ରକୃତ ହିତାଧିକାରୀ ଚୟନ ନିୟମ ଥିବା ବେଳେ ଉଦ୍ଦେଶ୍ୟ ସାଧିତ ହେଉ ନ ଥିବା ଜଣାପଡିଛି। ଏ ନେଇ ସଡଙ୍ଗ ପଞ୍ଚାୟତ ସରମଙ୍ଗା ଗ୍ରାମର ଚାଷୀ କିଶୋର ସ୍ୱାଇଁଙ୍କୁ କ୍ଷେତ୍ର ଦେଖିବାକୁ ମିଳିଛି। କିଶୋର ଜଣେ ଗରିବ ଶ୍ରେଣୀର ଲୋକ। ନୁଆଣିଆ ମାଟି ଝୁମ୍ପୁଡିରେ ତାଙ୍କ ପରିବାର ସହ ଦିନ କାଟୁଛନ୍ତି। ବର୍ଷା ଦିନ ହେଲେ ରାତି ଉଜାଗର ରହିବାକୁ ପଡୁଛି। ସରକାରଙ୍କର ବିଭିନ୍ନ ଯୋଜନା ଏହି ପରିବାର ପାଇଁ ସ୍ୱପ୍ନ ପାଲଟିଛି। ସରକାରୀ ଯୋଜନାରେ ସାମିଲ ହେବା ପାଇଁ ଚେଷ୍ଟା କରି ବିଫଳ ହୋଇଥିବା କିଶୋର କହିଛନ୍ତି। ପ୍ରଶାସନ ଏହି ପରିବାର ପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ପଞ୍ଚାୟତସ୍ତରର ନେତାଙ୍କ ପାଇଁ ଏମାନଙ୍କ ପାଖରେ ସରକାରୀ ଯୋଜନା ପହଞ୍ଚି ପାରୁ ନ ଥିବା କୁହାଯାଇଛି। ଚାଷ ବ୍ୟତୀତ କିଶୋରଙ୍କର ଅନ୍ୟ କୌଣସି ଆୟପନ୍ଥା ନ ଥିବାରୁ ଦୈନନ୍ଦିନ ଜୀବନ ଦୁର୍ବିସହ ହୋଇପଡିଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ସରକାରୀ ଆବାସ ଯୋଜନାରେ ଗୃହ ଖଣ୍ଡେ ଯୋଗାଇ ଦେବାକୁ ସାମାଜିକ କର୍ମୀ ଗୌରାଙ୍ଗ ରଣା ଦାବି କରିଛନ୍ତି।

## ଦିବାରାତ୍ରି ଫୁଟବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଯୋଡ଼ା, ୧୩।୨(ଡି.ଏନ.ଏ.)**

ଯୋଡ଼ା ସହରସ୍ଥିତ କେନ୍ଦ୍ରୀୟ ଖେଳ ପଡ଼ିଆଠାରେ ବୀର ଧରଣୀଧର ସ୍ପୋର୍ଟସ ଆସୋସିଏଶନ ପକ୍ଷରୁ ଷଷ୍ଠତମ ଦିବାରାତ୍ରି ଫୁଟବଲ ଟୁର୍ନାମେଣ୍ଟର ଆୟୋଜନ କରାଯାଇଛି। ବୁଧବାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଦୈତାରୀ ନାଏକ, ସମ୍ମାନିତ ଅତିଥି ଭାବେ ଯୋଡା ବ୍ଲକ ଉପଧ୍ୟକ୍ଷ ବିଶ୍ୱଜିତ ନାଏକ, ବାଂଶପାଳ ବ୍ଲକ ଭୂୟାଁ ସମାଜର ସଭାପତି ପ୍ରଦୀପ ପ୍ରଧାନ, ଯୋଡ଼ା ପୌରପାଳିକା ୮ନଂ ୱାର୍ଡର ପୂର୍ବତନ କାଉନସିଲର ନୃପତି ନାଏକ, ପୂର୍ବ ଯୋଡ଼ା ଲୌହ ଖଣି ଶ୍ରମିକ ସଂଘ ସଭାପତି ତରଣୀସେନ୍ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟରେ ଯୋଡ଼ା ସମେତ ଚିମିଳା, ରାଉରକେଲା, ଝାଡଖଣ୍ଡ, ପାଣ୍ଡୁଲିପଶି, ବଡବିଲ୍, ଠାକୁରାଣୀ, କୋଲକାତା, ଗଣୁଆଁ, ଦାମପୁର, ଜାଜପୁର, ବହଡା, ସମୁଦାୟ ୪୮ ଟିମ୍ ଅଂଶଗ୍ରହଣ କରିଛନ୍ତି। ବୁଧବାର ଉଦ୍‌ଘାଟନୀ ଉତ୍ସବରେ ୧୨ ଦଳ ନିଜର ଖେଳପ୍ରଦର୍ଶନ କରିଥିଲେ। ୧୭ରେ ଉଦ୍‌ଯାପନୀ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆସୋସିଏଶନ ପକ୍ଷରୁ ନିର୍ଦ୍ଦେଶକ ଜୟରାମ୍ ନାଏକ କହିଛନ୍ତି।

# ମେଡିକାଲ ରୋଡ୍‌ରେ ଟ୍ରାଫିକ ସମସ୍ୟା



ମେଡିକାଲ ରୋଡ୍।

**କେନ୍ଦୁଝର, ୧୩।୨(ସ୍ୱ.ପ୍ର.)**

କେନ୍ଦୁଝର ସହରରେ ଉପଯୁକ୍ତ ତଦାରଖ ଅଭାବରୁ ଟ୍ରାଫିକ ସମସ୍ୟା ଦେଖା ଦେଇଛି। ଏଣେତେଣେ ଦୋକାନ ବଜାର, ପରିବା ମାର୍କେଟ ଓ ଗାଡି ପାର୍କିଂ ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ସାଧାରଣ ରୋଗୀ, ଶିଶୁ, ମହିଳା, ବୃଦ୍ଧାବୃଦ୍ଧ ଯାତାୟାତରେ ଅସୁବିଧା ଭୋଗୁଛନ୍ତି। ଏପରି ମେଡିକାଲ ରୋଡ୍‌ରେ କିଛି ମାସ ହେଲା ରାସ୍ତାକଡରେ ପରିବା ମାର୍କେଟ ବସୁଥିବାରୁ ଟ୍ରାଫିକ ସମସ୍ୟା ଦେଖାଦେଉଛି। ପରିବା ବିକ୍ରି ଯୋଗୁ ରାସ୍ତା ସଂକୁଚିତ ହୋଇ ପଡୁଛି। ରାସ୍ତା ଉପରେ ଗାଡି ରଖି ଲୋକେ ପରିବା କିଣାକିଣି କରୁଛନ୍ତି। ଆମ୍ବୁଲାନ୍ସ ସେବାରେ ଅସୁବିଧା ହେଉଛି।

ସୋମବାର ଏକ ୧୦୨ ଆମ୍ବୁଲାନ୍ସରେ ଜଣେ ଗର୍ଭବତୀ ମହିଳାକୁ ଡାକ୍ତରଖାନା ନେବା ବେଳକୁ ରାସ୍ତା ଜାମ ହୋଇଥିଲା। ଆମ୍ବୁଲାନ୍ସ ଭିତରେ ଶିଶୁ ଜନ୍ମ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏ ନେଇ ଅତିରିକ୍ତ ଜିଲାପାଳ ତଥା ପୌରପାଳିକା ନିର୍ବାହୀ ଅଧିକାରୀଙ୍କ ଠାରେ ଲିଖିତ ଅଭିଯୋଗ ହୋଇଛି। ପନିପରିବା ଓ କୃଷିଜାତ ଦ୍ରବ୍ୟ ବିକ୍ରି ପାଇଁ କୃଷକ ବଜାର ରହିଛି। ଏହା ସତ୍ତ୍ୱେ ମେଡିକାଲ ରୋଡ୍, ପୂର୍ତ୍ତ ବିଭାଗ ରାସ୍ତା, ଡେଲି ମାର୍କେଟ ତଥା ମୁଖ୍ୟ ରାସ୍ତାକଡରେ ପରିବା ବିକ୍ରି ଯୋଗୁ ସମସ୍ୟା ଉପୁଜିଥିଲେ ହେଁ ପ୍ରଶାସନ କୌଣସି ପଦକ୍ଷେପ ନେଇପାରୁ ନ ଥିବାରୁ ଅନେକ ସମୟରେ ଦୁର୍ଘଟଣାର କାରଣ ହେଉଛି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

## କରଡ଼ାପାଳରେ ସରସ୍ୱତୀ ପୂଜା
# ମୁଖ୍ୟ ଆକର୍ଷଣ ତୋରଣ



ସୌନ୍ଦର୍ଯ୍ୟମୟ ତୋରଣ।

**ହାଟଡ଼ିହୀ, ୧୩।୨(ଡି.ଏନ.ଏ.)**

ହାଟଡ଼ିହୀ ବ୍ଲକ ବାଙ୍ଗୋର ପଞ୍ଚାୟତ କରଡ଼ାପାଳ ଗ୍ରାମର ଗୋଲଡ଼େନ ଫାଇଟ୍ କ୍ଲବ ପକ୍ଷରୁ ସରସ୍ୱତୀ ପୂଜା ପାଳିତ ହୋଇଛି। କ୍ଲବର ବିଭିନ୍ନ ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଯୁବକ ସଂଘ ପକ୍ଷରୁ ମଧ ପୂଜା ପାଳିତ ହୋଇଛି। ଗୋଲଡ଼େନ ଫାଇଟ୍ କ୍ଲବର ସଦସ୍ୟ ଓ ଗ୍ରାମର ବହୁ ଯୁବକ ପୂଜାର୍ଚ୍ଚନା କରିଥିଲେ। ଗ୍ରାମର ଯୁବକ ଏବଂ ସ୍ୱେଚ୍ଛାସେବୀ ଉପସ୍ଥିତ ରହି କଳସ ଯାତ୍ରାରେ ଯୋଗ ଦେଇଥିଲେ। ମୁଖ୍ୟ ଆକର୍ଷଣ ହୋଇଛି ପୂଜା ମଣ୍ଡପର ତୋରଣ। ତୋରଣ ଏଭଳି ସୌନ୍ଦର୍ଯ୍ୟମୟ କରାଯାଇଥିଲା ଯେ ମନ୍ଦିର ଭଳି ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ଉକ୍ତ ଅଞ୍ଚଳଟି ଆଲୋକମୟ ହୋଇପଡ଼ିଥିଲା। ଠାକୁରଙ୍କ ନିକଟରେ ବାଜୁଥିବା ଘଣ୍ଟ ଏବଂ ଧୂପ ନୈବେଦ୍ୟରେ ସୁଗନ୍ଧମୟ ହୋଇପଡ଼ିଥିଲା। ତା' ଛଡ଼ା ବିଭିନ୍ନ ଦୋକାନ ବଜାର ସନ୍ଧ୍ୟାଠୁ ବସିଥିବାରୁ ଲୋକଙ୍କର ଭିଡ଼ ଜମିଛି। ଡ୍ୟାନ୍ସ କାର୍ଯ୍ୟକ୍ରମ ରହିଥିଲା। କାର୍ଯ୍ୟକ୍ରମରେ କ୍ଲବ ସଦସ୍ୟ ବବୁଲୁ, କୁନା, ଅଜୁ, ଅଦେବ, କାଳିଆ, ଜଗନ, ରାଜୁ, ଅର୍ଜୁନ ପ୍ରମୁଖ ସମସ୍ତ ସଦସ୍ୟ ଏବଂ ଗ୍ରାମର ଯୁବକ ସହଯୋଗ କରିଛନ୍ତି।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

!! ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର !!
ଭାରତର ପ୍ରସିଦ୍ଧ ଫାଇନାନ୍ସ କମ୍ପାନୀ
ଘରେ ବସି ଋଣ ପାଆନ୍ତୁ 3 ଘଣ୍ଟାରେ
ମାର୍କଶିଟ୍, ପର୍ସନାଲ, ଆଧାରକାର୍ଡ ଋଣ 3 ଘଣ୍ଟାରେ ପାଆନ୍ତୁ
2% ସୁଧ 50% ରିହାତି + ସବ୍‌ସିଡି
ଆଧାରକାର୍ଡ ଉପରେ ଋଣ ପାଆନ୍ତୁ
ମା/ଭଉଣୀ/ବେରୋଜଗାର ଭାଇମାନଙ୍କ ପାଇଁ ବିଶେଷ ଅଫର
7827094474
7827246964
Add : - 41/14, Sec-1 Pushp Vihar, Delhi

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଙ୍ଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

LOAN
ଟଙ୍କା ନେଉନୁ - ଧୋକା ଦେଉନୁ
ଆଗେ କାମ - ପରେ ଦାମ୍
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ 40% ରିହାତି
ଠକମାନଙ୍କ ପ୍ରତି ସାବଧାନ - ଯୋଗାଯୋଗ କରନ୍ତୁ -
7310612716, 7310616567
SCO- 106, Second Floor, Vishal Tower, Cannaught Place, Delhi.

ଋଣ ଧମାକା - ଋଣ ଧମାକା
ଧନଲକ୍ଷ୍ମୀ ଫାଇନାନ୍ସ
ପଞ୍ଜୀକୃତ କମ୍ପାନୀ ଦ୍ୱାରା GOVT. APPROVED
ପ୍ରପର୍ଟି, ପର୍ସନାଲ ଆଧାରକାର୍ଡ, ବ୍ୟବସାୟ ଗୃହ, ମାର୍କଶିଟ୍
ସବୁ ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
ଖର୍ଚ୍ଚ କମ୍ପାନୀର ଆପ୍ରୁଭାଲ ଲେଟର୍ ଆସିବା ପରେ
ସୁଧ 1% - ରିହାତି 40%
ମହିଳାଙ୍କ ପାଇଁ ବିଶେଷ ରିହାତି
07011421752
08826373383
House No.2, Ram Nagar, Narnol, Haryana

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

## ସଂକ୍ଷେପରେ

### ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

ବଡ଼ବିଲ, ୧୩।୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ସେରେଣ୍ଡାରେ ଥିବା ଦେବକାନ୍ତ ଦାସ ନାମକ ବ୍ୟକ୍ତିଙ୍କ ଘରର ଉପର ମହଲାରେ ଶର୍ଟସର୍କିଟ ଯୋଗୁଁ ନିଆଁ ଲାଗି ଯାଇଥିଲା। ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ବୁଧବାର ମଧ୍ୟାହ୍ନରେ ଦେବକାନ୍ତଙ୍କ ପରିବାର ତଳ ମହଲାରେ ଥିବା ବେଳେ ହଠାତ୍ ଉପର ମହଲାରୁ ପ୍ରଚଣ୍ଡ ଶବ୍ଦ ହୋଇଥିଲା। କିଛି ସମୟ ପରେ ନିଆଁ ଲାଗି ଯାଇଥିଲା। ପାଣି ପକାଇ ନିଆଁ ଲିଭାଇବାକୁ ଚେଷ୍ଟା କରିବା ସହ ଦେବକାନ୍ତ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗୀୟ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ହେଁ ସେତେବେଳକୁ ଘରେ ଥିବା ଫ୍ରିଜ, ଏଲଇଡି ଟିଭି, ଫ୍ୟାନ ଓ କୁଲର ଆଦି ମୂଲ୍ୟବାନ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଥିଲା। ଛାତ ଫାଟି ଯାଇଥିବା ଜଣାପଡିଛି। ଶର୍ଟସର୍କିଟ ଯୋଗୁଁ ଫ୍ରିଜଟି ଫାଟି ଯାଇ ନିଆଁ ଲାଗିଥିବା ଅନୁମାନ କରାଯାଉଛି।

### ଅପହରଣ ଅଭିଯୋଗରେ ଯୁବକ ଗିରଫ

କେନ୍ଦୁଝର, ୧୩।୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ପଣ୍ଡାପଡା ଥାନା ଅଞ୍ଚଳର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ ଅଭିଯୋଗରେ ଜଣେ ଯୁବକ ଗିରଫ ହୋଇଛନ୍ତି। ସାରିଆ ଗ୍ରାମର ଜଣେ ଯୁବକ ହାତୀଶିଳା ଉଚ୍ଚ ବିଦ୍ୟାଳୟର ଜଣେ ଛାତ୍ରୀଙ୍କୁ ଅପହରଣ କରି ନେଇଥିଲେ। ଅଭିଯୁକ୍ତଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି।

### ହତ୍ୟାକାରୀଙ୍କୁ ୭ ବର୍ଷ କାରାଦଣ୍ଡ

ଚମ୍ପୁଆ, ୧୩।୨(ଡି.ଏନ.ଏ.)– ଘରୋଇ କଳିରୁ ଉତ୍କ୍ଷିପ୍ତ ହୋଇ ନିଜ ଭିଣୋଇଙ୍କୁ ହତ୍ୟା କରିଥିବା ଶୁକ୍ର ମୁଣ୍ଡାଙ୍କୁ ୭ ବର୍ଷ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ରହିଛି। ଚମ୍ପୁଆ ଅତିରିକ୍ତ ଜିଲା ଦୌରାଜଜ ଦଳଗୋବିନ୍ଦ ବାରିକ ବୁଧବାର ଉକ୍ତ ମାମଲାର ବିଚାର କରି ଏହି ରାୟ ଦେଇଛନ୍ତି। ବାମେବାରୀ ଥାନା ଜଡିପଦା ଗ୍ରାମର ବୁଲଗର ସାହିରେ ଏକ ଘରୋଇ କଳିରୁ ରାଗି ଯାଇ ଶୁକ୍ର ନିଜ ଭିଣୋଇ ସନ୍ତୋଷ ମୁଣ୍ଡାଙ୍କୁ ବାଡେଇ ଥିଲେ। ସନ୍ତୋଷଙ୍କ ମୃତ୍ୟୁ ଘଟିଥିଲା। ଘଟଣା ଘଟାଇ ଶୁକ୍ର ଫେରାର ହୋଇଯାଇଥିଲେ। ସନ୍ତୋଷଙ୍କ ସାନଭାଇ ବିରସିଂ ମୁଣ୍ଡା ବାମେବାରୀ ଥାନାରେ ଏତଲା ଦେଇଥିଲେ। ୧୬ ଜଣ ସାକ୍ଷୀଙ୍କ ବୟାନ ଓ ଡାକ୍ତର ମାଇନା ରିପୋର୍ଟକୁ ଭିତ୍ତିକରି ଏହି ଦଣ୍ଡାଦେଶ ମିଳିଥିବା ଜଣାଯାଇଛି। ଏହି ମାମଲା ସରକାରୀ ଓକିଲ ମଧୁସୁଦନ ପତି ପରିଚାଳନା କରିଥିଲେ।

### ଟ୍ରାକ୍ଟର ଓଲଟି ଚାଳକ ଗୁରୁତର

ପାଟଣା, ୧୩।୨(ସ୍ୱ.ପ୍ର.)

ପାଟଣା ଥାନା ବୈତରଣୀ ପୋଲ ନିକଟରେ ବୁଧବାର ଅପରାହ୍ଣରେ ଏକ ଟ୍ରାକ୍ଟର ଓଲଟି ଚାଳକ ଗୁରୁତର ହୋଇଛନ୍ତି। ତାଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେ ହେଲେ ତାଳପକା ପଞ୍ଚାୟତ ସୁନାପସି ଗ୍ରାମର ସୁଦର୍ଶନ ସୋରେନ। ପାଟଣା ଥାନା ସୁନାପଶି ଗ୍ରାମର ବୁଦ୍ଧିଆ ଟୁଡୁଙ୍କ ଓଡି୩୫ଏ୪୧୧୨ ନମ୍ବର ବିଶିଷ୍ଟ ଟ୍ରାକ୍ଟର ରାସ୍ତା ପାର୍ଶ୍ୱକୁ ଓଲଟି ପଡିଥିଲା। ଏଥିରେ ଚାଳକଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ପାଟଣା ପୋଲିସ ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟରକୁ ଜବତ କରି ତଦନ୍ତ ଜାରି ରଖିଛି।

### ୬ ଉତ୍ତମ ବାଇକ୍ ଚାଳକ ସମ୍ମାନିତ

ପାଟଣା, ୧୩।୨(ସ୍ୱ.ପ୍ର.): ପାଟଣା ଥାନା ପୋଲିସ ପକ୍ଷରୁ ଯାନବାହନ ଯାଞ୍ଚ ସମୟରେ ୬ ଜଣ ଉତ୍ତମ ବାଇକ୍ ଚାଳକଙ୍କୁ ଚିହ୍ନଟ କରି ମାନପତ୍ର ସହ ପ୍ରୋତ୍ସାହନ ଅର୍ଥ ରାଶି ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପାଟଣା ଥାନା ପକ୍ଷରୁ ଥାନା ଅଧିକାରୀ ପ୍ରମୋଦିନୀ ସାହୁଙ୍କ ନେତୃତ୍ୱରେ ଏସଆଇ ବୈଲୋଚନ ସିଂ, ସୁଧାଂଶୁ ଶେଖର ଜେନା, ଅଶୋକ କୁମାର ନାୟକ ଓ କନଷ୍ଟେବଳ ଲକ୍ଷ୍ମୀପ୍ରିୟା ବଳ ପ୍ରମୁଖ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ଜିଲା ଆରକ୍ଷୀ ଅଧୀକ୍ଷକ ଜୟନାରାୟଣ ପଙ୍କଜଙ୍କ ତରଫରୁ ସଡ଼କ୍ ଦୁର୍ଘଟଣାରେ ରୋକ ଲଗାଇବା ଓ ସୁରକ୍ଷିତ ଯାତ୍ରା ପାଇଁ ହେଲମେଟ ବ୍ୟବହାର ଉପରେ ପଦକ୍ଷେପ ନିଆଯାଇଛି। ଟ୍ରାଫିକ ନିୟମ ମାନି ଗାଡି ଚଳାଇବା ପାଇଁ ବିଭିନ୍ନ ପଦକ୍ଷପ ଗ୍ରହଣ କରାଯିବା ସହ ସଚେତନତା ଓ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି।

# ବିକାଶ ଖୋଜୁଛି ହାଟଡିହୀ କଲେଜ

- ଖେଳ ପଡ଼ିଆ ନାହିଁ
- ଅସୁରକ୍ଷିତ ଗୃହରେ ପାଠପଢ଼ା
- ଶିକ୍ଷାଦାନ ପାଇଁ ନାହାନ୍ତି ଅଧ୍ୟାପକ

ହାଟଡ଼ିହୀ, ୧୩।୨(ଡି.ଏନ.ଏ.)


ଭୋକେଶନାଲ କଲେଜ।

ହାଟଡିହୀ ଆଞ୍ଚଳିକ ମହାବିଦ୍ୟାଳୟ ସମସ୍ୟା ଘେରରେ ରହିଛି। ଏ ଅଞ୍ଚଳ ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ସ୍ୱାଭିମାନୀ ଲୋକଙ୍କ ପ୍ରଚେଷ୍ଟାରେ ଶିକ୍ଷାର ବିକାଶ ପାଇଁ କଲେଜ ଖୋଲିବାର ସ୍ୱପ୍ନ ଦେଖିଥିଲେ। କଲେଜର ଛାତ୍ରୀଛାତ୍ରଙ୍କ ସଂଖ୍ୟା ବୃଦ୍ଧି ପାଇ + ୩ ଡିଗ୍ରୀ ଓ ଧନ୍ଦାମୂଳକ କଲେଜ ଓ ସ୍ନାତକ ଖୋଲିଥିଲା। ଗରିବ ଛାତ୍ରୀଛାତ୍ର ଉଚ୍ଚ ଶିକ୍ଷା ପାଇଥାନ୍ତି। କଲେଜରେ ଶିକ୍ଷାଦାନ ପାଇଁ ଆବଶ୍ୟକ ଗୃହ ନାହିଁ। ଭୋକେଶନାଲ କଲେଜ ଅସୁରକ୍ଷିତ ଗୃହରେ ଚାଲିଛି। ଛାତ୍ରୀଛାତ୍ରଙ୍କ ପାଇଁ ଖେଳ ପଡ଼ିଆଟିଏ ନାହିଁ। ଖେଳ ପ୍ରତି ଛାତ୍ରୀଛାତ୍ରଙ୍କ ଆକୃଷ୍ଟ କମିଯାଉଛି। କଲେଜ ସମ୍ମୁଖରେ ଖାଲ ଏବଂ ଘାସ ଓ ପାଣି ଜମି ରହୁଛି। ଫଳରେ କଲେଜର ସୌନ୍ଦର୍ଯ୍ୟ ନଷ୍ଟ ହେଉଛି। ଚାରିପଟ ସୁରକ୍ଷା ପାଚେରି ନାହିଁ। ଗୋରୁଗାଈଙ୍କ ଚରାଭୂଇଁ ପାଲଟିଯାଉଛି। ଛାତ୍ରୀଛାତ୍ରଙ୍କ ପାଇଁ ଉନ୍ନତ ମାନର ଶୌଚାଳୟ ନାହିଁ। ରାଜନୀତି ବିଜ୍ଞାନ, ଇତିହାସ ଓ ଦର୍ଶନ ଶାସ୍ତ୍ରରେ ଅଧ୍ୟାପକ ନ ଥିବାରୁ ଶିକ୍ଷାଦାନରେ ବାଧା ସୃଷ୍ଟି କରିଛି। ପିଇବା ପାଣିର ସୁବିଧା ନାହିଁ। ମୋଟରସାଇକେଲ ଷ୍ଟାଣ୍ଡ ନାହିଁ। ଏହିଭଳି ବହୁ ସମସ୍ୟାରେ କଲେଜଟି ରହିଛି। ଏଥିପ୍ରତି ରାଜନେତା ଦୃଷ୍ଟି ଦେଉନାହାନ୍ତି।

ଖଣି ପ୍ରଭାବିତ ଅଞ୍ଚଳରେ ସାମିଲ ହୋଇଥିଲେ ମଧ୍ୟ କଲେଜ ପ୍ରତି କାହାର ଦୃଷ୍ଟି ପଡୁନାହିଁ। ଜଣେ ବିଧାୟକ ସେହି ଅଞ୍ଚଳର ହୋଇଥିଲେ ହେଁ କଲେଜର ଉନ୍ନତି ପାଇଁ ସହଯୋଗ କରୁନାହାନ୍ତି। ଜିଲାପାଳ ଦୃଷ୍ଟି ଦେଇ କଲେଜର ଥିବା ସମସ୍ୟାଗୁଡ଼ିକୁ ସୁଧାରିବାକୁ ଚିନ୍ମୟ ନାୟକ, ବାବୁଲି ପଟ୍ଟନାୟକ, ଚିତ୍ତ ପାତ୍ର, ସୁରେନ୍ଦ୍ର ବାରିକ, ଘନଶ୍ୟାମ ପହି, ମଧୁସୂଦନ ଜେନା, କାଶୀନାଥ ନାୟକ, ଗୌରାଙ୍ଗ ରଣା ପ୍ରମୁଖ ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ଶିକ୍ଷିତ ଯୁବକ ଦାବି କରିଛନ୍ତି। ଏ ସମ୍ପର୍କରେ କଲେଜର ଅଧ୍ୟକ୍ଷ ଚାର୍ଜରେ ଥିବା କୃଷ୍ଣଚନ୍ଦ୍ର ସ୍ୱାଇଁଙ୍କୁ ପଚାରିବାରୁ ଭୋକେଶନାଲ କଲେଜରେ ଘରଟି ଅସୁରକ୍ଷିତ ହୋଇପଡ଼ିଛି। ଖେଳ ପଡ଼ିଆଟେ ନାହିଁ। କଲେଜ ଆଗରେ ଥିବା ଖାଲକୁ ପୋତା ଗଲେ ଖେଳ ପଡ଼ିଆ ହୋଇପାରିବ ବୋଲି ସେ କହିଛନ୍ତି। କଲେଜ ଆରମ୍ଭ ସମୟରେ ଆମକୁ ବହୁ କଷ୍ଟ କରିବାକୁ ପଡ଼ିଥିଲା। ଖେଳପଡ଼ିଆ ଓ ଶୌଚାଳୟଟିଏ ନ ଥିବାରୁ ଛାତ୍ରୀଛାତ୍ର ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଜିଲାପାଳ କିମ୍ବା ମନ୍ତ୍ରୀ ଓ ବିଧାୟକ ଦୃଷ୍ଟିଦେଲେ ସମସ୍ୟା ଦୂର ହୋଇପାରନ୍ତା ବୋଲି ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର ନାଥ ବାରିକ କହିଛନ୍ତି।

## ଜଙ୍ଗଲରୁ ଦୁଇ ମୃତଦେହ ଉଦ୍ଧାର

କେନ୍ଦୁଝର, ୧୩।୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପଣ୍ଡାପଡ଼ା ଥାନା ଝାଞ୍ଜିଦର ନିକଟ ହାତୀଶିଳା ଭୂୟାଁସାହି ଜଙ୍ଗଲରୁ ବୁଧବାର ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଥିବା ଯୁବତୀଙ୍କ ସମେତ ଜଣେ ପୁରୁଷଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବତୀ ହେଲେ ବାୟାକୁମୁଟିଆ ପଞ୍ଚାୟତ ମୁଣ୍ଡୁଲା ଗ୍ରାମର ସେବତୀ ନାଏକ ଏବଂ ପୁରୁଷ ଜଣଙ୍କ ହେଲେ ହାତୀଶିଳା ଝାଞ୍ଜିଦର ଭୂୟାଁସାହିର ମଙ୍ଗୁଲୁ ସନଙ୍ଗୀ (୩୦)। ବିଳମ୍ବରେ ଠାବ କରାଯାଇଥିବା ମୃତଦେହ ସପ୍ତାହକ ତଳର ବୋଲି ପୁଲିସ ସନ୍ଦେହ କରିଛି। ମୃତଦେହ ନିକଟରେ ବିଷ ବୋତଲ ପଡିଥିଲା। ଭୂୟାଁସାହି ପାହାଡକୁ ବୁଧବାର ସ୍ଥାନୀୟ ଲୋକେ ଜାଳେଣୀ ସଂଗ୍ରହ କରିବାକୁ ଯାଇଥିବା ବେଳେ ୨ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ସ୍ଥାନୀୟ ଲୋକେ ଏହା ପ୍ରେମଜନିତ କାରଣରୁ ବୋଲି ସନ୍ଦେହ କରି ପଣ୍ଡାପଡା ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ୨ ମୃତଦେହ ଜବତ କରିଥିଲା। ମଙ୍ଗୁଲୁ ପୂର୍ବରୁ ବିବାହିତ। ତାଙ୍କର ଦୁଇ ସ୍ତ୍ରୀ ଓ ୫ ଛୁଆ ଥିବା ଲୋକେ କହୁଛନ୍ତି। ସେବତୀ ଓ ମଙ୍ଗୁଲୁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା ବୋଲି ଚର୍ଚ୍ଚା ହେଉଛି। ଏହା ଆତ୍ମହତ୍ୟା ନା ହତ୍ୟାକାଣ୍ଡ ତାହାର ଠିକ୍ କାରଣ ଜଣାପଡି ନ ଥିବା ବେଳେ ପଣ୍ଡାପଡା ପୁଲିସ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ପୋଲିସ ଘଟଣାର ତଦନ୍ତ କରୁଛି। ଶବ ବ୍ୟବଚ୍ଛେଦ ଓ ତଦନ୍ତ ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି କେନ୍ଦୁଝର ଏସଡିପିଓ ଶ୍ରୀହର୍ଷ ମିଶ୍ର କହିଛନ୍ତି।

■ ଡକାୟତି ଉଦ୍ୟମ ପଣ୍ଡ

## ୪ ଗିରଫ, ୨ ଫେରାର

ଆନନ୍ଦପୁର, ୧୩।୨(ସ୍ୱ.ପ୍ର.)


ଗିରଫ ଡକାୟତଙ୍କ ସହିତ ଥାନା ପୋଲିସ।

ଆନନ୍ଦପୁର ପୋଲିସକୁ ବଡ଼ ସଫଳତା ମିଳିଛି। ଫକୀରପୁର ହାଟ ଛକଠାରେ ଡକାୟତି କରିବା ପାଇଁ ମସୁଧା କରୁଥିବା ଏକ ଗ୍ୟାଙ୍ଗ ସମ୍ପର୍କରେ ସୂଚନା ପାଇ ଆନନ୍ଦପୁର ପୋଲିସ ଅଚାନକ ଚଢାଉ କରିଥିଲା। ଏହି ଚଢାଉରେ ୪ ଜଣ ଡକାୟତ ଗିରଫ ହୋଇଥିବା ବେଳେ ଦୁଇ ଜଣ ଫେରାର ହୋଇଯାଇଥିଲେ। ସମ୍ପୃକ୍ତ ଡକାୟତଙ୍କ ନିକଟରୁ ଗୋଟିଏ ତାମିଲ କତା, ୫ ପିସ୍ ବାଡି, ୫ ଗୋଟି ମୋବାଇଲ୍ ଜବତ୍ ହୋଇଛି। ଡକାୟତମାନେ ବ୍ୟବହାର କରିଥିବା ଗାଡି ମଧ୍ୟ ଜବତ ହୋଇଛି। ମଙ୍ଗଳବାର ଫକୀରପୁର ହାଟବାରି ଥିବାବେଳେ ଓଡି୨୨ଏ–୯୫୮୫ ନଂ ବିଶିଷ୍ଟ ବୋଲେରୋରେ ଆସିଥିବା ଗୋଟିଏ ଡକାୟତ ଦଳ ହାଟରୁ ଗୋରୁ ନେଇ ବ୍ୟବସାୟୀ ଫେରିବା ପରେ ସେମାନଙ୍କଠାରୁ ଟଙ୍କା ଲୁଟ୍ କରିବା ପାଇଁ ଯୋଜନା କରିଥିଲେ। ଆନନ୍ଦପୁର ପୋଲିସ ଫକୀରପୁର ହାଟରେ ପହଞ୍ଚି ସମ୍ପୃକ୍ତ ଦଳକୁ କାବୁ କରିଥିଲା।

ତେବେ ଗାଡିର ଡ୍ରାଇଭର ଭଦ୍ରକ ଜିଲା ବାସୁଦେବପୁର ବେଲସାଉଁଳିଆ ଅଞ୍ଚଳର ପ୍ରଦ୍ୟୁମ୍ନ ମିଶ୍ରଙ୍କ ନିକଟରୁ ପୋଲିସ ସମସ୍ତ ସୂଚନା ପାଇଛି। ଏହି କ୍ରମରେ ପୋଲିସ ଭଦ୍ରକ ଜିଲା ଇଚ୍ଛାପୁର ଗ୍ରାମର ଜଗବନ୍ଧୁ ବାରିକ, ଅଜିତ୍ କୁମାର ଜେନା, ଅତୋ ଗ୍ରାମର ସୁଜିତ କୁମାର ମଲ୍ଲିକ, ଧାମରା ବଳଭଦ୍ରପ୍ରସାଦ ଗ୍ରାମର ବାବୁ ଜେନାଙ୍କୁ ଗିରଫ କରାଯାଇଥିଲା। ଗାଡିର ଚାଳକଙ୍କ ସୂଚନା ଅନୁଯାୟୀ, ପୋଲିସ ଏକ ମାମଲା (ନଂ. ୩୧/୨୦୧୯) ରୁଜୁ କରିଛି। ଫେରାର ଦୁଇ ଜଣ ଠାକୁରମୁଣ୍ଡା ଥାନା ଭୈରାଣିବେଡା ଅଞ୍ଚଳର ଚିତ୍ତ ମୁର୍ମୁ, ପ୍ରସନ୍ନ ମାଝୀ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଆଇଆଇସି ସୁଦର୍ଶନ ପଣ୍ଡା ପ୍ରେସ୍ ମିଟ୍ ଜରିଆରେ ସୂଚନା ଦେଇଛନ୍ତି। ପ୍ରାଥମିକ ତଦନ୍ତ ଅନୁସାରେ ସମ୍ପୃକ୍ତ ଲୁଟେରାମାନେ ବିଭିନ୍ନ ସମୟରେ ହାଟ ସ୍ଥାନ ଗୁଡିକୁ ଆସୁଥିବା କିମ୍ବା ଯାଉଥିବା ବ୍ୟବସାୟୀଙ୍କୁ ଲୁଟ କରିଥାନ୍ତି ବୋଲି ଆଇଆଇସି ପଣ୍ଡା ସୂଚନା ଦେଇଛନ୍ତି।

## ଶୋଲା ଚାଷୀଙ୍କୁ ମିଳୁନି ପ୍ରୋତ୍ସାହନ

କେନ୍ଦୁଝର, ୧୩।୨(ସ୍ୱ.ପ୍ର.)



ରାସ୍ତା କଡ଼ରେ ଶୋଲା ବିକ୍ରି କରୁଛନ୍ତି ଚାଷୀ।

ସରକାର କୃଷି ଓ କୃଷକର ବିକାଶ ପାଇଁ ବହୁ ଯୋଜନା କରିଥିଲେ ହେଁ ହରିଚନ୍ଦନପୁର ବ୍ଲକର ସାନକମଣ୍ଡରା ଓ ବଡକମଣ୍ଡରା ଗ୍ରାମର ଆଗ୍ରହୀ ଚାଷୀଙ୍କୁ ସୁବିଧାସୁଯୋଗ ମିଳୁ ନ ଥିବା ଜଣାଯାଇଛି। ଜଳସେଚନ ବ୍ୟବସ୍ଥା ନ ଥିବାରୁ ଚାଷୀ ବର୍ଷା ପାଣି ଉପରେ ନିର୍ଭରଶୀଳ ହେଉଛନ୍ତି। ଧାନ ଚାଷ ପରେ ଜମିରେ ଶୋଲା ଚାଷ କରୁଥିଲେ ହେଁ ଶୋଲା ବିକିବା ପାଇଁ ବଜାର ବ୍ୟବସ୍ଥା ନ ଥିବାରୁ ବେପାରୀ ଶୋଷଣର ଶିକାର ହେଉଛନ୍ତି। କେନ୍ଦୁଝର ସହରକୁ ଦୈନିକ ଶୋଲା ଧରି ଚାଷୀ ଆସୁଛନ୍ତି। ରାସ୍ତା କଡରେ ବସି ବିକ୍ରି କରୁଛନ୍ତି। ବେପାରୀମାନେ ମୂଲାଇ କିଣି ନେଇ ପାଖାପାଖି ୨ ଗୁଣା ମୂଲ୍ୟରେ ଜିଲାର ବିଭିନ୍ନ ଅଞ୍ଚଳକୁ ବୋହି ନେଇ ବିକି ଲାଭବାନ ହେଉଛନ୍ତି। କଷ୍ଟକରି ଚାଷ କରୁଥିବା ଚାଷୀ ଲାଭ ପାଇ ପାରୁନାହାନ୍ତି। ପ୍ରଶାସନ ବିଶେଷ କରି କୃଷି ବା ଉଦ୍ୟାନ ବିଭାଗ ଦୃଷ୍ଟି ଦେବା ଜରୁରୀ ବୋଲି ମତ ପ୍ରକାଶ ପାଉଛି। ମହିଳା ଚାଷୀ ଅଧିକ ରହିଛନ୍ତି। ପ୍ରଶାସନ ସେମାନଙ୍କୁ ପ୍ରୋତ୍ସାହନ ଦେବା ସହ ଜଳସେଚନର ବ୍ୟବସ୍ଥା କରାଇବାକୁ ଦାବି ହୋଇଆସୁଛି।

ସାନକମଣ୍ଡରା ଗ୍ରାମରେ ପାଖାପାଖି ୧୫୦ ପରିବାର ଥିବା ବେଳେ ୫୦ରୁ ଉର୍ଦ୍ଧ୍ୱ ପରିବାର ଏହି ରଢୁରେ ଶୋଲା ଚାଷ କରି ଚଳୁଛନ୍ତି। ବଡକମଣ୍ଡରା ଗ୍ରାମର ପାଖାପାଖି ୩୦୦ ପରିବାର ରହୁଥିବା ବେଳେ ୧୦୦ରୁ ଅଧିକ ପରିବାର ଶୋଲା ଚାଷ କରୁଥିବା କୁହନନ୍ତି। ଦୀର୍ଘ ବହୁ ବର୍ଷ ଧରି ବିନା ଜଳସେଚନ ବ୍ୟବସ୍ଥାରେ ଚାଷୀ ଧାନ ବ୍ୟତୀତ ଶୋଲା ଚାଷ କରି ଆସୁଛନ୍ତି। ଶୋଲାକୁ ବଜାରରେ ବିକି ଦୁଇ ପଇସା ପାଇଥାନ୍ତି। ବେପାରୀ ୧୦୦ ଟଙ୍କାରେ ୧୫୦ ରୁ ୨୦୦ ବିଡା କିଣି ନେଇ ବାହାରେ ବିଡା ୧୦ ଟଙ୍କାରେ ବିକିଥାନ୍ତି। ବହୁ କଷ୍ଟରେ ସହରକୁ ବୋହି ଆଣୁଛୁ। ବାଧ ହୋଇ ବହୁତ କମ ଦାମରେ ବିକ୍ରି କରୁଛୁ। ପ୍ରୋତ୍ସାହନ ମିଳିଲେ ସମସ୍ତେ ଉପକୃତ ହୋଇ ପାରନ୍ତୁ ବୋଲି ଚାଷୀ ସୁକାନ୍ତୀ ବେହେରା କହିଛନ୍ତି। ଜଳସେଚନ ବ୍ୟବସ୍ଥା କରାଗଲେ ସବୁ ଚାଷୀ ଉପକୃତ ହୁଅନ୍ତେ ଓ ବର୍ଷ ତାମାମ ଚାଷ କରିପାରନ୍ତେ। ଅନ୍ୟମାନେ ଚାଷ ପ୍ରତି ଆଗ୍ରହୀ ହୋଇ ପାରନ୍ତେ ବୋଲି ଚାଷୀ ମହେନ୍ଦ୍ର ପ୍ରଧାନ କହିଛନ୍ତି।

## ୭ ମାସ ହେଲା ମିଳୁନି ପତ୍ତା

ରାଇସୁଆଁ, ୧୩।୨(ଡି.ଏନ.ଏ.)

ବହୁ ଯୁବତୀ ନିଖୋଜ ହେବା ଘଟଣା ନିତିଦିନିଆ ହୋଇଗଲାଣି। ଏ ନେଇ ପ୍ରଶାସନ ହାତବାନ୍ଧି ବସି ରହିଛି। ଏପରି ଏକ ଘଟଣା ବାଂଶପାଳ ବ୍ଲକ ଛଡାଡିହି ପଞ୍ଚାୟତରେ ଦେଖିବାକୁ ମିଳିଛି। ଉକ୍ତ ଅଞ୍ଚଳର ଜଣେ ଦଶମ ଶ୍ରେଣୀ ପଢୁଆ ଝିଅ ୭ ମାସ ହେଲା ନିଖୋଜ ଅଛନ୍ତି। ୨୦୧୮ରେ କାଞ୍ଜିପାଣି ଆଶ୍ରମ ବିଦ୍ୟାଳୟରେ ଦଶମ ଶ୍ରେଣୀ ପରୀକ୍ଷା ଦେବା ପରେ ରାଇସୁଆଁର ଏକ ଶିକ୍ଷା କେନ୍ଦ୍ରରେ କମ୍ପ୍ୟୁଟର ଶିକ୍ଷା ପାଇଁ ଆସିଥିଲେ। ଗତବର୍ଷ ବାହୁଡା ଯାତ୍ରାରେ କମ୍ପ୍ୟୁଟର ଶିକ୍ଷା ପାଇଁ ଏକ ବସ୍‌ରେ ରାଇସୁଆଁ ବଜାରକୁ ସେ ଆସିଥିଲେ। ସେହି ଦିନଠାରୁ ତାଙ୍କର କୌଣସି ପତ୍ତା ମିଳିପାରି ନ ଥିବା ଜଣାପଡିଛି। ଏ ନେଇ ସଦର ଥାନାରେ ଲିଖିତ ଅଭିଯୋଗ ହୋଇଛି।

## ଆହତ ଶ୍ରମିକ ଘଟଣାସ୍ଥଳରୁ ଗାଏବ

ଆନନ୍ଦପୁର, ୧୩।୨(ସ୍ୱ.ପ୍ର.)


ନିର୍ମାଣ କାର୍ଯ୍ୟ ନିକଟରେ ପୋଲିସର ତଦନ୍ତ ଆରମ୍ଭ।

ଆନନ୍ଦପୁର ଥାନା ଅନ୍ତର୍ଗତ କଣ୍ଟିପାଳ ଦେହୁରି ସାହିରେ କଂକ୍ରିଟ୍ ରାସ୍ତା କାମ ଚାଲୁଥିବା ସମୟରେ ସିମେଣ୍ଟ, ଚିପସ୍ ଓ ବାଲି ଗୋଳାଇବା ପାଇଁ ଥିବା ମିକ୍ସଚର ମେଶିନ୍‌ରେ ଜଣେ ଶ୍ରମିକଙ୍କ ହାତ କଟିଯାଇଥିଲା। ରାସ୍ତା କାମରେ ନିୟୋଜିତ ଶ୍ରମିକମାନେ ଭଦ୍ରକ ଜିଲା ବନ୍ତ ଥାନା ତରାପୁର ଅଞ୍ଚଳରୁ ଆସିଥିବା ଜଣାଯାଇଛି। ଆହତ ଶ୍ରମିକଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ କରିବା ପରିବର୍ତ୍ତେ ନିଜ ଗ୍ରାମକୁ ନିଆଯାଇଥିବା କୁହାଯାଉଛି। ମିକ୍ସଚର ମେଶିନରେ ଶ୍ରମିକଙ୍କ ବାହୁ ଠାରୁ ହାତ ଅଲଗା ହୋଇଯାଇଥିବା ସ୍ଥାନୀୟ ଲୋକେ କହୁଛନ୍ତି। ପ୍ରବଳ ରକ୍ତସ୍ରାବ, ହାତ ଖଣ୍ଡ ବିଖଣ୍ଡିତ ମାଂସର କିଛି ଅଂଶ ଘଟଣାସ୍ଥଳରେ ପଡିଥିବା ଦେଖିବାକୁ ମିଳିଛି। ସମ୍ପୃକ୍ତ ନିର୍ମାଣ କାର୍ଯ୍ୟ ଆନନ୍ଦପୁର ବ୍ଲକ ଅଧୀନରେ ହେଉଥିବା ସୂଚନା ମିଳିଛି। ଏହି ନିର୍ମାଣ କାର୍ଯ୍ୟରେ ବନ୍ତ ତରାପୁର ଅଞ୍ଚଳର ଠିକା ଶ୍ରମିକ ନିୟୋଜିତ ହୋଇଥିଲେ। ଆନନ୍ଦପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ଆହତ ଠିକା ଶ୍ରମିକଙ୍କୁ ଭଦ୍ରକ ମେଡିକାଲକୁ ନିଆଯାଇଥିବା ଶୁଣାଯାଉଛି। ତେବେ ଖବର ଲେଖାହେବା ବେଳକୁ ସମ୍ପୃକ୍ତ ଶ୍ରମିକଙ୍କ ନାମ ଠିକଣା ସମ୍ପର୍କରେ ଠିକ୍ ତଥ୍ୟ ମିଳିପାରିନାହିଁ।

## ଛାତ୍ରୀଙ୍କୁ ଆତ୍ମରକ୍ଷା ତାଲିମ


ଛାତ୍ରୀଙ୍କୁ ଆତ୍ମରକ୍ଷା ତାଲିମ ଦିଆଯାଉଛି।

କେନ୍ଦୁଝର, ୧୩।୨(ସ୍ୱ.ପ୍ର.)

ଦଧିବାବନ ଡିଗ୍ରୀ ମହାବିଦ୍ୟାଳୟ ତୁରୁମୁଙ୍ଗାରେ ଯୁକ୍ତ ୩ ଶ୍ରେଣୀର ଛାତ୍ରୀଙ୍କୁ ନେଇ ଆତ୍ମରକ୍ଷା ତାଲିମ ଦିଆଯାଇଛି। ଏ ନେଇ ଆୟୋଜିତ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ତ୍ରୈଲୋକ୍ୟ ପରିଡ଼ା ଉଦ୍‌ଘାଟନ କରିଥିଲେ। ଶିବିର ଜାନୁୟାରୀ ୨୮ରୁ ଆରମ୍ଭ ହୋଇଥିଲା। ଓଡ଼ିଆ ବିଭାଗ ଅଧ୍ୟାପକ ପଦ୍ମଲୋଚନ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ଅନସୂୟା ଦାଶ ଓ ମୟୂରାକ୍ଷୀ ମହାନ୍ତ ପ୍ରଶିକ୍ଷିକା ଭାବେ ଯୋଗ ଦେଇଥିଲେ। ଯୁକ୍ତ ୩ର ପ୍ରାୟ ସମସ୍ତ ଛାତ୍ରୀ ଶିବିରରେ ସାମିଲ ହୋଇଥିଲେ। ଏଥିରେ ଅଧ୍ୟାପକ ତ୍ରିନାଥ ମହାନ୍ତ, ଅଜୟ ବେହେରା, ଜଗଜ୍ଜନନୀ ଯେନା, ଲାଇବ୍ରେରିଆନ ତପସ୍ୱିନୀ ସାହୁ ସହଯୋଗ କରିଥିଲେ।

### ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

ରାଇସୁଆଁ, ୧୩।୨(ଡି.ଏନ.ଏ.)

କେନ୍ଦୁଝର ଜିଲା ସଦର ଥାନା ଅନ୍ତର୍ଗତ ସିଲିସୁଆଁ ରେଲୱେ ବ୍ରିଜ୍ ନିକଟରୁ ବୁଧବାର ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ଯୁବକ ଜଣଙ୍କ ହେଲେ ରାଇସୁଆଁ ଗ୍ରାମର ଶୁଭେନ୍ଦୁ ସାହୁ। ବ୍ରିଜ୍‌ରେ ଝୁଲନ୍ତା ଅବସ୍ଥାରେ ଥିବା ମୃତଦେହକୁ ଦେଖି ସ୍ଥାନୀୟ ଅଞ୍ଚଳର କେତେକ ଲୋକ ପୋଲିସକୁ ସୂଚନା ଦେଇଥିଲେ। ପରିପାର୍ଶ୍ୱିକ ଅବସ୍ଥା ଦେଖି ସ୍ଥାନୀୟ ଜନସାଧାରଣ କହିଛନ୍ତି ଯେ, ଏକ ହତ୍ୟାକାଣ୍ଡ ହୋଇପାରେ। ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି।

## ହୁଲି ଡଙ୍ଗା ସାହାଭରସା

ରାଇସୁଆଁ, ୧୩।୨(ଡି.ଏନ.ଏ.)

ନିର୍ବାଚନ ପାଖେଇ ଆସିଲାଣି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନାର ଲୋଭ ଦେଖାଇ ଲୋକଙ୍କୁ ଆକୃଷ୍ଟ କରିବାରେ ଲାଗିଛନ୍ତି। ନିର୍ବାଚନରେ ଭୋଟ ହାତେଇବାକୁ ପ୍ରୟାସ କରାଯାଉଥିବା ବେଳେ ଅଦ୍ୟାବଧି ଗାଁକୁ ପକ୍କା ରାସ୍ତା ନିର୍ମାଣ ହୋଇନି। କେନ୍ଦୁଝର ଜିଲାର ବହୁ ଅଞ୍ଚଳରେ ଭଲ ରାସ୍ତା ନାହିଁ। ଏପରି ଏକ ଘଟଣା କେନ୍ଦୁଝର ଜିଲା ବାଂଶପାଳ ବ୍ଲକର ଫୁଲଝର ପଞ୍ଚାୟତ କେନ୍ଦୁଘାଟି ଗ୍ରାମରେ ଦେଖିବାକୁ ମିଳିଛି। ୨ ଶହରୁ ଉର୍ଦ୍ଧ୍ୱ ପରିବାର ବାସ କରୁଥିବା ବେଳେ ଖରାଦିନେ ଲୋକେ ନଦୀରେ ଚାଲି ଚାଲି ଯାଉଛନ୍ତି। ବର୍ଷା ଦିନ ହେଲେ ଯାତାୟାତ ବନ୍ଦ ହୋଇଯାଉଛି। ଲୋକେ ହୁଲି ଡଙ୍ଗା ଦ୍ୱାରା ନଦୀ ପାର ହୋଇଥାନ୍ତି। ହୁଲି ଡଙ୍ଗାରେ ଯାତାୟାତ ସାହାଭରସା ହୋଇଛି। ଏ ନେଇ ୨୦୧୭ ଜୁଲାଇରେ ବୈତରଣୀ ନଦୀ ଉପରେ ଏକ ପୋଲ ନିର୍ମାଣ ପାଇଁ ଯୋଜନା ହେଇଥିଲା। ଉକ୍ତ ନଦୀରେ ପୋଲ ନିର୍ମାଣ ଆରମ୍ଭ ହୋଇନି। ଗ୍ରାମବାସୀଙ୍କ ପକ୍ଷରୁ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ପ୍ରଶାସନ ପକ୍ଷରୁ ଯଦି ବର୍ଷାଦିନ ପୂର୍ବରୁ ପୋଲ ନିର୍ମାଣ ନ ହୁଏ ଗ୍ରାମବାସୀ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି।

■ କଲେକ୍ଟୋରେଟ୍ କଲଚରାଲ କ୍ଲବ ବାର୍ଷିକ ଉତ୍ସବ

## ‘ବନ୍ଦ ଘଣ୍ଟାରେ ସମୟ’ ମଞ୍ଚସ୍ଥ

କେନ୍ଦୁଝର, ୧୩।୨(ସ୍ୱ.ପ୍ର.)


ନାଟକର ଏକ ଦୃଶ୍ୟ।

କେନ୍ଦୁଝର କଲେକ୍ଟୋରେଟ୍ କଲଚରାଲ କ୍ଲବର ବାର୍ଷିକ ଉତ୍ସବ ଉପଲକ୍ଷେ ମନସ୍ତାତ୍ତ୍ୱିକ ନାଟକ ‘ବନ୍ଦ ଘଣ୍ଟାରେ ସମୟ’ ମଞ୍ଚସ୍ଥ ହୋଇଛି। ବର୍ତ୍ତମାନ ସମୟରେ ଯେତେ ସମସ୍ୟା ଆସୁ ତାଙ୍କୁ ଧୈର୍ଯ୍ୟର ସହ ମୁକାବିଲା କରିପାରିଲେ ସମାଜରେ ତିଷ୍ଠି ପାରିବ, ଏହି ନାଟକର ସାରମର୍ମ। କାହାଣୀ ବିଷୟବସ୍ତୁ ହେଲା ଜଣେ ପ୍ରଫେସର କିପରି ବିଭିନ୍ନ ପ୍ରକାର ଘରୋଇ ଚାପ ସହିତ କାର୍ଯ୍ୟସ୍ଥଳର ବାହ୍ୟ ଚାପରେ ରହି ନିଜକୁ ପ୍ରତିକୂଳ ପରିସ୍ଥିତିକୁ ମୁକାବିଲା କରିପାରିଛନ୍ତି। ଏହି ସବୁ ସମସ୍ୟାକୁ ମୁକାବିଲା କରି ନ ପାରି ମାନସିକ ଚାପରେ ରହିଥିବା ପ୍ରଫେସରଙ୍କ ସାଂସାରିକ ଜୀବନ ପ୍ରତି ବିତୃଷ୍ଣା ଭାବ ଆସିଛି। ମାନସିକ ଚାପରେ ରହି ଅସ୍ୱାଭାବିକ ବ୍ୟବହାର ସମସ୍ତଙ୍କୁ ଦେଖାଇଛନ୍ତି। ଏପରିକି ନିଜ ସ୍ତ୍ରୀଙ୍କୁ ମଧ୍ୟ ଠିକ୍ ଭାବରେ ଚିହ୍ନି ପାରିନାହାନ୍ତି। ଭଲ କରିବା ପାଇଁ ପରିବାର ଲୋକ ଡାକ୍ତରୀ ଚିକିତ୍ସା କରିଥିଲେ। ଡାକ୍ତରଙ୍କୁ ମଧ୍ୟ ଚିକିତ୍ସାରେ ସହଯୋଗ କରି ନ ଥିଲେ। ୧୫ ବର୍ଷ ତଳୁ ହୃଦସ୍ପନ୍ଦନ ବନ୍ଦ ହୋଇଯାଇଛି। କାହିଁକି ପରୀକ୍ଷା କରୁଛ। ପିତେଇ (ଗୁଣିଆ) ଡକାଇ ଝଡାଫୁଙ୍କା କରିଥିଲେ। ଶେଷରେ ନିଜର ବିବେକକୁ ବୁଝି ପାରିଥିଲେ। ସକାଳ ହେବା ବେଳକୁ ସବୁ କିଛି ଠିକ ହୋଇଯାଇଥିଲା। ଅର୍ଥାତ ତାଙ୍କର ବନ୍ଦ ହୋଇଯାଇଥିବା ମନର ଘଣ୍ଟା ପୁଣି ଚାଲିଥିଲା। ସେ ସ୍ୱାଭାବିକ ବ୍ୟବହାର କରିଥିଲେ। ଆଜିକାର ସମାଜରେ ଦେଖାଦେଉଥିବା ସମସ୍ୟାକୁ ନେଇ ମଞ୍ଚସ୍ଥ ଏହି ନାଟକ ଦେଖିବାକୁ ଭିଡ ଜମିଥିଲା।

ସ୍ୱର୍ଗତ ଡ. ପଞ୍ଚାନନ ପାତ୍ରଙ୍କ ରଚିତ ଏବଂ ଲବ୍ଧପ୍ରତିଷ୍ଠିତ ନିର୍ଦ୍ଦେଶକ ବଟୁରାମ ଲାମାଙ୍କ ନିର୍ଦ୍ଦେଶିତ ଏହି ନାଟକରେ ‘ଅଜୟ’ ଭୂମିକାରେ ଲାମା, ‘ଅଜୟ’(ଖ) ଭୂମିକାରେ ରଶ୍ମିରଞ୍ଜନ, ‘ସୀମା’ ଭୂମିକାରେ ତପସ୍ୱିନୀ, ‘ବନା ମହାନ୍ତି’ ଭୂମିକାରେ ଗୌରାଙ୍ଗ, ‘ସୁନ୍ଦର’ ଭୂମିକାରେ ଶୁଭେନ୍ଦୁ (କଳମ୍ବସ), ‘ବିମଳ’ ଭୂମିକାରେ ଅନନ୍ତ, ‘ହରିପୁହାଣ’ ଭୂମିକାରେ ପୀତବାସ (ପିତେଇ), ‘ଡାକ୍ତର’ ଭୂମିକାରେ ଜିତେନ୍ଦ୍ର, ‘ଅରୁଣ’ ଭୂମିକାରେ ସନ୍ତୋଷ ଅଭିନୟ କରିଥିଲେ। କଳାକାରଙ୍କର ନିଖୁଣ ଅଭିନୟ ସମସ୍ତଙ୍କ ନୟନ, ମନ ଓ ପ୍ରାଣକୁ ଉଦବେଳନ କରିଥିଲା। ସୋମବାର ରାତିରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ଉତ୍ସବ ଓ ନାଟକ ଅନୁଷ୍ଠିତ ହୋଇଯାଇଛି। କ୍ଲବର ନିଜସ୍ୱ ପ୍ରେକ୍ଷାଳୟରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଆଶିଷ ଠାକରେ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ନୃସିଂହ ଚରଣ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଞ୍ଜୀବ ବାରିକ୍ ମଞ୍ଚ ସଞ୍ଚାଳନା କରିଥିଲେ। ଜିଲା ରାଜସ୍ୱ ଅମଲା ସଂଘ ସଭାପତି ଜୟଗୋବିନ୍ଦ ମିଶ୍ର, କଲଚରାଲ କ୍ଲବର ସମ୍ପାଦକ ରାଜ କିଶୋର ପଣ୍ଡ, ରାଜ୍ୟ ରାଜସ୍ୱ ଅମଲା ସଂଘର ଅଧ୍ୟକ୍ଷ ଦ୍ୱାରିକା ପ୍ରସାଦ ରଥ, ଜିଲା ରାଜସ୍ୱ ଅମଲା ସଂଘର ସାଧାରଣ ସମ୍ପାଦକ କୈଳାସ ଚନ୍ଦ୍ର ମଲ୍ଲିକ, କ୍ଲବର କୋଷାଧ୍ୟକ ସରୋଜ କୁମାର ସାହୁ, ସାଂସ୍କୃତିକ ସମ୍ପାଦକ ରଶ୍ମି ରଞ୍ଜନ ମହାନ୍ତି, ନାଟ୍ୟ ମହାବିଦ୍ୟାଳୟର ଅଧ୍ୟକ୍ଷ ସ୍ମୃତିରଞ୍ଜନ ଦାଶଙ୍କ ସମେତ କଳାକାର ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ବନ୍ଧୁଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।